ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୬/୨୦୨୩ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 16/2023 Page 20 ₹ 7.00
୫୦ଶ ଭାଗ ୨୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 23 ମୂଲ୍ୟ₹୭/-

# ମିଛର ମୁକାବିଲା କର: ନବୀନ

ବିରୋଧୀ ସବୁବେଳେ ମିଛ ପ୍ରଚାର କରିବେ । ସେମାନଙ୍କ ପାଖରେ କୌଣସି ପ୍ରସଙ୍ଗ ନାହିଁ। ଓଡ଼ିଶାର ବିକାଶ ଓ ରୂପାନ୍ତରଣ ବିରୋଧୀଙ୍କ ପାଇଁ ବଡ଼ ଝଟ୍‌କା ସଦୃଶ। ସେମାନେ ଅପପ୍ରଚାର ଚଳାଇବା ପାଇଁ ଚେଷ୍ଟା କରିବେ। ତୃଣମୂଳ ସ୍ତରରୁ ଏହାର ଦୃଢ଼ ମୁକାବିଲା କରିବାକୁ ହେବ । ସୋସିଆଲ ମିଡିଆରେ ଏହାକୁ ବିରୋଧ କରିବାକୁ ପଡ଼ିବ । ଶଙ୍ଖ ଭବନରେ ଶୁକ୍ରବାର ଅନୁଷ୍ଠିତ ବିଜୁ ଜନତା ଦଳ (ବିଜେଡି)ର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କର୍ମୀମାନଙ୍କୁ ଏହି ଆହ୍ୱାନ ଦେଇଛନ୍ତି । ୨୦୨୪ ନିର୍ବାଚନକୁ କିଛି ମାସ ବାକି ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଦଳୀୟ କର୍ମୀଙ୍କ ମନରେ ନୂଆ ଉତ୍ସାହ ଭରିଦେଇଛି ।

**ଭୁବନେଶ୍ୱର,୧୫।୧୨ (ଅନିଲ ଦାସ)**

ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର କାର୍ଯ୍ୟକାରିଣୀ ବୈଠକକୁ ସମ୍ବୋଧିତ କରି କହିଛନ୍ତି, ବିକାଶର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବାକୁ ହେବ। ଓଡ଼ିଶାବାସୀ ଜାଣିଛନ୍ତି, ହଜାରେ ମିଛ କେବେ ସତ ହେବନାହିଁ। ଘରେ ଘରେ ଶଙ୍ଖ ବାଜିବ। ସତ୍ୟର ବିଜୟ ହେବ। ବିକାଶର ବିଜୟ ହେବ ଏବଂ ଆମେ ନୂଆ ଓ ସଶକ୍ତ ଓଡ଼ିଶା ଗଢ଼ିବା। ସମସ୍ତେ କହୁଛନ୍ତି ବିଜେଡି ସବୁଠାରୁ ସଫଳ ଆଞ୍ଚଳିକ ଦଳ। କିନ୍ତୁ ମୁଁ ସବୁବେଳେ କହିଆସିଛି ଯେ ବିଜେଡି ହେଉଛି ଦେଶର ସବୁଠାରୁ ସଫଳ ସାମାଜିକ-ଅର୍ଥନୈତିକ ଆନ୍ଦୋଳନ। ଏହି ଦଳର ମୂଳମନ୍ତ୍ର ସେବା। ବିଜୁବାବୁଙ୍କ ଆଦର୍ଶରେ ସେବା ମନୋଭାବ ନେଇ କାମ କରିଚାଲିଛୁ। ଏଥିପାଇଁ ଓଡ଼ିଶାବାସୀ ଆଶୀର୍ବାଦ ଦେଇଛନ୍ତି। ଏହି ଆଶୀର୍ବାଦ ସହ ରହିଛି ବହୁତ ବଡ଼ ଦାୟିତ୍ୱ। ଏହି ଦାୟିତ୍ୱକୁ ଠିକ୍ ଭାବେ ପାଳନ କରିବା ପାଇଁ ତୃଣମୂଳ ସ୍ତରରୁ କର୍ମୀ ଓ ବିଭିନ୍ନ ସ୍ତରର ନେତାମାନେ ନିଷ୍ଠାର ସହ କାମ କରୁଛନ୍ତି। କେତେଜଣ ଲୋକ ପଚାରୁଛନ୍ତି, ଆପଣଙ୍କ ଦଳରେ ନିର୍ବାଚନ ପ୍ରସ୍ତୁତି କେମିତି ଚାଲିଛି। ମୁଁ କହିବାକୁ ଚାହେଁ ଯେ ନିର୍ବାଚନ ପ୍ରସ୍ତୁତି ନୁହେଁ, ଆମେ ଲୋକଙ୍କ କାମରେ ଓ ସେବାରେ ବିଶ୍ୱାସ କରୁ। ଇତିହାସ କେବେ ଏତେବଡ଼ ରୂପାନ୍ତରଣ ଦେଖି ନ ଥିଲା। ଆପଣମାନେ ହେଉଛନ୍ତି ରୂପାନ୍ତରଣର ଅଂଶ ଏବଂ ଏହାର ସାକ୍ଷୀ। ମଠ, ମନ୍ଦିର, ସ୍କୁଲ, କଲେଜ, ହସ୍ପିଟାଲ, ଜଳସେଚନ,ଗାଁ ଗାଁରେ ବ୍ୟାଙ୍କ ସୁବିଧା, ଲକ୍ଷ୍ମୀ ଯୋଜନା, ଜନଜାତି କଲ୍ୟାଣ ଆଦି ସବୁ କ୍ଷେତ୍ରରେ ଦେଶ ଦେଖୁଛି ଓଡ଼ିଶାର ରୂପାନ୍ତର। ଓଡ଼ିଶା ଦେଶର କ୍ରୀଡ଼ା କ୍ୟାପିଟାଲ ହେବା ସହ ପୁଞ୍ଜିନିବେଶ କ୍ଷେତ୍ରରେ ବିପୁଳ ସୁଯୋଗ, ଦକ୍ଷତା ବିକାଶ, ମହିଳା ଓ ଚାଷୀମାନଙ୍କ ସଶକ୍ତୀକରଣ ସବୁ କ୍ଷେତ୍ରରେ ଓଡ଼ିଶା ସାରା ଭାରତରେ ଆଜି ଉଦାହରଣ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାବାସୀ ଏତେବର୍ଷ ଧରି ଆମକୁ ସେବାର ସୁଯୋଗ ଦେଇଛନ୍ତି। ସେଥିପାଇଁ ଓଡ଼ିଶାବାସୀଙ୍କ ନିକଟରେ ମୁଁ ସବୁବେଳେ ଋଣୀ। ଦଳ ମହିଳା ସଶକ୍ତୀକରଣରେ ବିଶ୍ୱାସ କରେ। ସବୁବେଳେ ବିଜେଡି ମା'ମାନଙ୍କ କଲ୍ୟାଣକୁ ପ୍ରାଥମିକତା ଦେଇଆସିଛି। ତେଣୁ ବହୁ ସଂଖ୍ୟାରେ ମା'ମାନେ ଆଜି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପରିବର୍ଦ୍ଧିତ କାର୍ଯ୍ୟକାରିଣୀରେ ମୋଟ ମୋଟ୍ ୨୭ଟି ପ୍ରସ୍ତାବ ଆଗତ ହୋଇଥିଲା। ସେଥିରୁ ୧୧ଟି ରାଜନୈତିକ, ୧୬ଟି ଧନ୍ୟବାଦ ପ୍ରସ୍ତାବ ପାରିତ ହୋଇଛି। ସଂଘୀୟ ବ୍ୟବସ୍ଥାରେ ଓଡ଼ିଶା ଯେପରି ତା'ର ନ୍ୟାଯ୍ୟ ଦାବି ଯଥା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଏପରି କି ସ୍ପେଶାଲ ଫୋକସ ଷ୍ଟେଟ୍ ମାନ୍ୟତା ଦାବି ହାସଲ କରିବ ସେଥିପାଇଁ ଉଦ୍ୟମ ଜାରିରହିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହିତ ☞ପୃଷ୍ଠା-୨


ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି। ନିକଟରେ ଅଛନ୍ତି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

## ୨୦୨୪ରେ ଲଢ଼ିବେନି ପାଣ୍ଡିଆନ

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ୨୦୨୪ ନିର୍ବାଚନ ଲଢ଼ିବା ନେଇ ଲାଗିରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଆଗାମୀ ସାଧାରଣ ନିର୍ବାଚନରେ ସେ କେଉଁଠାରୁ ପ୍ରତିଦ୍ୱନ୍ଦ୍ୱିତା କରିବେନାହିଁ। ବିଜେଡି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ସେ ଏହା ସ୍ପଷ୍ଟ କରିଛନ୍ତି। ପାଣ୍ଡିଆନ ଗତ ଅକ୍ଟୋବର ୨୩ରେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ନଭେମ୍ବର ୨୭ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସେ ବିଜେଡିରେ ଯୋଗଦେଇଥିଲେ। ଯୋଗଦେବା ପରେ ପାଣ୍ଡିଆନ ୨୦୨୪ରେ ନିର୍ବାଚନ ଲଢ଼ିବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ଏପରିକି ସେ କେଉଁ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ତାକୁ ନେଇ ମଧ୍ୟ ବିଭିନ୍ନ ମହଲରେ କଳ୍ପନାଜଳ୍ପନା ଲାଗିରହିଥିଲା।

## ମୃତଙ୍କ ପରିବାରକୁ ୫୧.୩୭ କୋଟି ଦିଆଯାଇଛି

**ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣା**

**ନୂଆଦିଲ୍ଲୀ,୧୫।୧୨(ପି.ଟି.)**

ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ପରିବାର ଏବଂ ଆହତମାନଙ୍କୁ ରେଳ ମନ୍ତ୍ରଣାଳୟ ୫୧.୩୭ କୋଟି ଟଙ୍କା ସହାୟତା ତଥା କ୍ଷତିପୂରଣ ପ୍ରଦାନ କରିଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର ରାଜ୍ୟ ସଭାକୁ ସୂଚନା ଦେଇଛନ୍ତି। ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣାରେ ୨୯୬ ଜଣଙ୍କ ମୃତ୍ୟୁ ଘଟିବା ସହ ୧,୨୦୦ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ। ସେମାନଙ୍କ ପରିବାରକୁ କ୍ଷତିପୂରଣ ଦେବା ଲାଗି ରେଳ ମନ୍ତ୍ରଣାଳୟ ଯେଉଁ ଘୋଷଣା କରିଥିଲା ତାହା ଦିଆଗଲାଣି କି ବୋଲି ବିଜେଡି ଏମ୍‌ପି ସୁଲତା ଦେଓ ଏବଂ ନିରଞ୍ଜନ ବିଶି ପ୍ରଶ୍ନ କରିବାରୁ ଅଶ୍ୱିନୀ ଉପରୋକ୍ତ ଉତ୍ତର ରଖିଥିଲେ।

ଗତ ଜୁନ୍ ୨ରେ ବାଲେଶ୍ୱରର ବାହାନଗା ବଜାର ଷ୍ଟେଶନରେ ଏକ ମାଲଗାଡ଼ି ଅଟକିଥିବାବେଳେ ଏହାକୁ କରମଣ୍ଡଳ ଏକ୍ସପ୍ରେସ୍ ଧକ୍କା ଦେଇଥିଲା। ଉକ୍ତ ଟ୍ରେନ୍‌ର ଲାଇନ୍‌ଚ୍ୟୁତ ବଗିଗୁଡ଼ିକ ଅନ୍ୟ ଟ୍ରାକ୍‌ରେ ପଡ଼ିଥିବାବେଳେ ଯଶୱନ୍ତପୁର-ହାଓଡ଼ା ଏକ୍ସପ୍ରେସ୍ ତାକୁ ଧକ୍କା ଦେଇଥିଲା। ରେଳୱେ ନିରାପତ୍ତା କମିଶନ (ସିଆର୍‌ଏସ୍) ଘଟଣାର ନିରପେକ୍ଷ ☞ପୃଷ୍ଠା-୨

## ଜେନେରେଟର ଧୂଆଁ ନେଲା ୨ ଜୀବନ


ମାନପୁର ଗ୍ରାମ ବ୍ରାହ୍ମଣୀ ନଦୀ କୂଳରେ ଗଢ଼ି ଉଠିଥିବା ଇଟାଭାଟି ।

### ଇଟାଭାଟିରେ କାମ ସାରି ରାତିରେ ବନ୍ଦ ଘରେ ଶୋଇଥିଲେ

**ଢେଙ୍କାନାଳ,୧୫।୧୨ (ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଥାନା ମାନପୁର ଗ୍ରାମସ୍ଥିତ ବ୍ରାହ୍ମଣୀ ନଦୀ କୂଳରେ ଥିବା ଏକ ଇଟାଭାଟିରେ କାମ କରୁଥିବା ୨ଜଣ ଶ୍ରମିକଙ୍କ ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ଜେନେରେଟର ଧୂଆଁରେ ଶ୍ୱାସରୁଦ୍ଧ ହୋଇ ସେମାନଙ୍କ ମୃତ୍ୟୁ ହୋଇଥିବା ପୋଲିସ କହିଛି। ଗୁରୁତର ଜଣେ ଶ୍ରମିକଙ୍କୁ ପ୍ରଥମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ବ୍ରାହ୍ମଣୀ ନଦୀ କୂଳରେ ଏହି ଇଟାଭାଟି ବେଆଇନ ଭାବେ ଚାଲୁଥିବା ଅଞ୍ଚଳବାସୀ ଅଭିଯୋଗ କରୁଥିବା ବେଳେ ଓଡ଼ାପଡ଼ା ତହସିଲଦାର ଓ ରାଜସ୍ୱ କର୍ମଚାରୀ ଏ ବିଷୟରେ ଜାଣି ନ ଥିବା କହିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

ଘଟଣାରୁ ଜଣାପଡିଛି, ଅନୁଗୋଳ ଜିଲା ପାଲଲହଡ଼ା ଥାନା ଈଶ୍ୱରନଗର ଅଞ୍ଚଳର ବିକ୍ରମ କୁନ୍‌କୁଲଙ୍କ ପୁଅ ବିଶ୍ରା କୁନ୍‌କୁଲ(୧୯) ଓ ଶୁକଲାଲ ବାନାରାଙ୍କ ପୁଅ ରସାଇ ବାନରା(୧୯) ଏବଂ ଉକ୍ତ ଅଞ୍ଚଳର କାଣ୍ଡେ ବାନରା ମାନପୁର ଗ୍ରାମସ୍ଥିତ ଇଟା ଭାଟିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ରାତିରେ ସେମାନେ ଅନ୍ୟ ଶ୍ରମିକଙ୍କ ସହ ଇଟାଭାଟି ନିକଟରେ ଥିବା ଏକ ପକ୍କାଘରେ ଶୋଇଥିଲେ। ପ୍ରବଳ ଶୀତରୁ ରକ୍ଷା ପାଇବା ପାଇଁ ଘରର କବାଟ, ଝରକା ବନ୍ଦ କରି ଦେଇଥିବା ବେଳେ ଲାଇଟ୍ ଜଳାଇବାକୁ ଭିତରେ ☞ପୃଷ୍ଠା-୨

## ୫ ବର୍ଷ ବଢ଼ିଲା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅବଧି

**ଭୁବନେଶ୍ୱର,୧୫।୧୨ (ଅନିଲ ଦାସ)**

ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ଅବଧି ଆଉ ୫ ବର୍ଷ ବୃଦ୍ଧି କରାଯାଇଛି। ୨୦୨୪ ଜାନୁୟାରୀ ପହିଲାରୁ ୨୦୨୮ ଡିସେମ୍ବର ୩୧ ପର୍ଯ୍ୟନ୍ତ ରାଜ୍ୟ ସରକାର ଅବଧି ବଢ଼ାଇଛନ୍ତି। ୧୦ ଲକ୍ଷ ହିତାଧିକାରୀ ମାସକୁ ୫ କେଜି ଲେଖାଏ ମାଗଣା ଚାଉଳ ପାଇବେ। ଏଥିପାଇଁ ରାଜ୍ୟ ସରକାର ୧୨୫୦ କୋଟି ଟଙ୍କା ଖର୍ଚ୍ଚ ବହନ କରିବେ। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟର ୩ ଲକ୍ଷ ୧୪ ହଜାର ୯୨୩ ପରିବାରର ୯ ଲକ୍ଷ ୯୭ ହଜାର ୫୫ ଜଣ ବ୍ୟକ୍ତି ଅନ୍ତର୍ଭୁକ୍ତ ହୋଇଛନ୍ତି। ମାଗଣାରେ ମାସକୁ ୫ କେଜି ଲେଖାଏ ଚାଉଳ ହିତାଧିକାରୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ସମାବେଶୀ ବିକାଶ ଆଭିମୁଖ୍ୟ**

# ବେଙ୍ଗାଲୁରୁ କେକ୍ କ୍ୟାପିଟାଲ

## ୨୦୨୩ରେ ସ୍ୱିଗିରେ ବରାଦ ହୋଇଛି ୮୫ ଲକ୍ଷ

**ବେଙ୍ଗାଲୁରୁ, ୧୫।୧୨**

ବେଙ୍ଗାଲୁରୁବାସୀ ୨୦୨୩ରେ ଅନ୍‌ଲାଇନ ଫୁଡ୍ ଡେଲିଭରି ପ୍ଲାଟ୍‌ଫର୍ମ 'ସ୍ୱିଗି'ରେ ୮୫ ଲକ୍ଷ କେକ୍ ବରାଦ କରିଛନ୍ତି। ସେଥିମଧ୍ୟରୁ ଚକୋଲେଟ୍ ଫ୍ଲେଭର ଅଧିକ ପସନ୍ଦ କରାଯାଇଛି। ଏହି ସହରବାସୀଙ୍କ କେକ୍ ପ୍ରେମକୁ ଦୃଷ୍ଟିରେ ରଖି ସ୍ୱିଗି ତା'ର ୱେବ୍‌ସାଇଟ୍‌ରେ ଏକ ବ୍ଲଗ୍ ପୋଷ୍ଟ କରି ବେଙ୍ଗାଲୁରୁକୁ 'କେକ୍ କ୍ୟାପିଟାଲ' ଆଖ୍ୟା ଦେଇଛି। କେବଳ ଜନ୍ମଦିନ କି ବିବାହ ବାର୍ଷିକୀ ନୁହେଁ, ସବୁ ପ୍ରକାର ଆନନ୍ଦ ଉତ୍ସବକୁ ଏବେ କେକ୍ କାଟି ପାଳିବାର ଟ୍ରେଣ୍ଡ ସାରା ଦେଶରେ



ଦେଖିବାକୁ ମିଳୁଛି। ଏହାକୁ ଦୃଷ୍ଟିରେ ରଖି ବେକିଂ କମ୍ପାନୀଗୁଡ଼ିକ ଅନେକ ପ୍ରକାର ବିଷୟବସ୍ତୁ, ରଙ୍ଗ, ଆକୃତି, ସ୍ୱାଦ ଓ ମହକରେ ପ୍ରସ୍ତୁତ କରୁଛନ୍ତି ଭଳିକି ଭଳି କେକ୍। ଏହାକୁ ସ୍ୱିଗି ଭଳି ଅନ୍‌ଲାଇନ ଡେଲିଭରି ସଂସ୍ଥାଗୁଡ଼ିକ ଲୋକଙ୍କ ଘରେ ସୁଲଭ ମୂଲ୍ୟରେ ପହଞ୍ଚାଇପାରୁଥିବାରୁ ଏହି ବ୍ୟବସାୟ ସଫଳତାର ଶିଖର ଛୁଇଁପାରୁଛି। ବେଙ୍ଗାଲୁରୁରେ ଅନେକ କେକ୍ ପ୍ରସ୍ତୁତକାରୀ ସଂସ୍ଥା ଥିବାବେଳେ ନୂଆ ନୂଆ ସଂସ୍ଥା ଏହି ବ୍ୟବସାୟରେ ଯୋଡ଼ି ହେଉଛନ୍ତି। ପ୍ରତିବର୍ଷ ଲୋକଙ୍କ କେକ୍ ଚାହିଦା ବଢୁଥିବା ଲକ୍ଷ୍ୟ କରାଯାଉଛି ବୋଲି କହିଛନ୍ତି ବେଙ୍ଗାଲୁରୁର କେକ୍ ଶୋ ଅର୍ଗାନାଇଜର ଗୌତମ। ସ୍ୱିଗିର ତଥ୍ୟ ଅନୁଯାୟୀ ୨୦୨୩ ଭାଲେଣ୍ଟାଇନ୍ସ ଡେ'ରେ ଦେଶରେ ପ୍ରତି ମିନିଟ୍‌ରେ ୨୭୧ଟି କେକ୍ ବରାଦ କରାଯାଇଥିଲା। ଚଳିତବର୍ଷ ଜାନୁୟାରୀରୁ ନଭେମ୍ବର ମଧ୍ୟରେ ହୋଇଥିବା ବରାଦକୁ ନେଇ ସ୍ୱିଗି ତା'ର ରିପୋର୍ଟ ପ୍ରକାଶ କରିଛି। ତେବେ ନାଗପୁରର ଜଣେ ଗ୍ରାହକ ସ୍ୱିଗିରେ ଗୋଟିଏ ଦିନରେ ୯୨ଟି କେକ୍ ଅର୍ଡର କରିଛନ୍ତି।

ଅନ୍ୟପକ୍ଷରେ ୨୦୨୩ରେ ଅନ୍ୟାନ୍ୟ ଖାଦ୍ୟ ବ୍ୟଞ୍ଜନ ମଧ୍ୟରୁ ବିରିୟାନୀ ହେଉଛି ସର୍ବାଧିକ ବରାଦ ହୋଇଥିବା ଡିଶ୍। ସ୍ୱିଗିର ରିପୋର୍ଟ ଅନୁଯାୟୀ ବିରିୟାନୀ କ୍ରମାଗତ ୮ ବର୍ଷ ହେଲା ଅନ୍‌ଲାଇନ ଅର୍ଡର ହେବା ଖାଦ୍ୟ ମଧ୍ୟରେ ଶୀର୍ଷରେ ରହିଛି। ଏହି ବର୍ଷ ପ୍ରତି ୧ ☞ପୃଷ୍ଠା-୨



# ୧୫୯.୨୯ କୋଟିର ୪ ପ୍ରକଳ୍ପ | ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ




ଲିଙ୍ଗିପୁର ପଞ୍ଚାୟତରେ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର,୧୫।୧୨(ଅନିଲ ଦାସ/ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନମଣ୍ଡଳୀ ପାଇଁ ଶୁକ୍ରବାର ୧୫୯.୨୯ କୋଟି ଟଙ୍କା ବ୍ୟୟରେ ୪ଟି ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।। ଏହି ନିର୍ବାଚନମଣ୍ଡଳୀର ଲିଙ୍ଗିପୁର ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଉକ୍ତ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରକଳ୍ପଗୁଡ଼ିକ ମଧ୍ୟରେ ୭୭.୭୪ କୋଟି ଟଙ୍କା ବ୍ୟୟରେ ଧଉଳି ଓ ଟିକରପଡାଠାରେ ନଦୀଗର୍ଭ ଜଳାଶୟ ପ୍ରକଳ୍ପ, ୨୨ କୋଟି ଟଙ୍କା ବ୍ୟୟରେ ଲିଙ୍ଗିପୁର, ଇଟିପୁର ଓ ଟିକରପଡ଼ା ଗ୍ରାମପଞ୍ଚାୟତର ଦୟା ଡାହାଣ ପାର୍ଶ୍ୱ ନଦୀବନ୍ଧରେ ଦୁଇଥାକିଆ ରାସ୍ତା ନିର୍ମାଣ ପ୍ରକଳ୍ପ, ୪୨.୫୫ କୋଟି ଟଙ୍କା ବ୍ୟୟରେ ବାସୁଆଘାଇର କାମେନାଠାରେ ୬ ଗ୍ରାମପଞ୍ଚାୟତବାସୀଙ୍କ ପାଇଁ ବୃହତ୍ ପାଇପ ଜଳ ଯୋଗାଣ ପ୍ରକଳ୍ପ ଏବଂ ୧୭ କୋଟି ଟଙ୍କା ବ୍ୟୟରେ ଇଟିପୁର ଗ୍ରାମପଞ୍ଚାୟତରେ ଏକ ନୂତନ ୩୩/୧୧ କେଭି ବିଦ୍ୟୁତ୍ ସବ୍‌ଷ୍ଟେଶନ ନିର୍ମାଣ ପ୍ରକଳ୍ପ ରହିଛି। ଏସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏକାମ୍ର ନିର୍ବାଚନମଣ୍ଡଳୀର ଅଞ୍ଚଳବାସୀ ବହୁଳ ଭାବରେ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରି ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ଏକାମ୍ର ବିକାଶର ଅନ୍ୟ ଏକ ଫର୍ଦ୍ଦ ଯୋଡ଼ିହୋଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, କର୍ପୋରେଟର ମହାମାୟା ସ୍ୱାଇଁ, ଚନ୍ଦ୍ରଶେଖର ମଲ୍ଲିଆ, ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ, ଏକାମ୍ର ବିଜୁ ଛାତ୍ର ଜନତା ଦଳ ସଭାପତି ଚିନ୍ମୟନନ୍ଦ ବଡ଼ଜେନାଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

# ଭବିଷ୍ୟତ ଗଢ଼ୁଛି କେନ୍ଦ୍ରୀୟ ବିଦ୍ୟାଳୟ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୫।୧୨(ସୁନିତ୍ ମିଶ୍ର)

ଗତ ୬୦ ବର୍ଷ ଧରି ଗୁଣାତ୍ମକ ଶିକ୍ଷା ପ୍ରଦାନକରି ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ କରିବାରେ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ସଫଳ ହୋଇଛି। ଶିକ୍ଷା କ୍ଷେତ୍ରରେ ଏହି ବଟବୃକ୍ଷ ଭାରତର ବିକାଶର ଏକ ବଡ଼ ବାହକ ବୋଲି ଶୁକ୍ରବାର ନୂଆଦିଲ୍ଲୀଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ହୀରକ ଜୟନ୍ତୀ ସମାରୋହରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କେଭି ସଙ୍ଗଠନର ୬୦ ବର୍ଷ ପୂରଣ ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ବର୍ତ୍ତମାନ ଯେତେବେଳେ ବିକଶିତ ଭାରତର ଲକ୍ଷ୍ୟ ଦିଗରେ ଆମେ ଅଗ୍ରସର ହେଉଛେ, ଏହି ଲକ୍ଷ୍ୟକୁ ନେତୃତ୍ୱ କରିବା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ଭୂମିକା ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇପଡିଛି। ଆଧୁନିକ, ବହୁମୁଖୀ ଏବଂ ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁସାରେ ଶିକ୍ଷା ଓ ଜାତୀୟ ଶିକ୍ଷାନୀତିର କ୍ରିୟାନ୍ୱୟନ ମାଧ୍ୟମରେ କେନ୍ଦ୍ରୀୟ ସଙ୍ଗଠନର ପରିବାର ଭବିଷ୍ୟତ ଏବଂ ରାଷ୍ଟ୍ର ନିର୍ମାଣର ମାର୍ଗରେ ନିଜର କାର୍ଯ୍ୟ ଜାରି ରଖିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ସେହିପରି ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପିଏମ୍ ଜନମନ ଉପରେ ଆୟୋଜିତ ମନ୍ଥନ ଶିବିରକୁ ସମ୍ବୋଧିତକରି କେନ୍ଦ୍ରମନ୍ତ୍ରୀ କହିଛନ୍ତି, ମୋଦି ସରକାର ଜନଜାତି ସମୁଦାୟ, ବଞ୍ଚିତ ବର୍ଗ ଏବଂ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକଙ୍କ ବିକାଶକୁ ପ୍ରାଥମିକତା ଦେଉଛନ୍ତି। ଆମ ଜନଜାତି ସମୁଦାୟ ସମୃଦ୍ଧ ଓ ବିକଶିତ ହେଲେ ଭାରତ ସମୃଦ୍ଧ ଏବଂ ବିକଶିତ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭରସା ଅଛି। ୨୬.୫୦ ଲକ୍ଷ ଆପଦଗ୍ରସ୍ତ ଜନଜାତି ଗୋଷ୍ଠୀ(ପିଭିଜିଟି) ଜନଜାତିଙ୍କ ସମୃଦ୍ଧି ଏବଂ ବିକାଶ ପାଇଁ ଆମକୁ ପାନୀୟ ଜଳ, ବିଜୁଳି, ସ୍ୱାସ୍ଥ୍ୟ, ଶିକ୍ଷା, ଯୋଗାଯୋଗ ସ୍ଥାପନର ସାମଗ୍ରିକ ଢାଞ୍ଚାର ବିକାଶ ପାଇଁ ଆମକୁ ଅଧିକ ଚିନ୍ତା କରିବାକୁ ହେବ ବୋଲି ସେ କହିଛନ୍ତି।



ନୂଆଦିଲ୍ଲୀରେ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ହୀରକ ଜୟନ୍ତୀ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ।

# ଏକାଦଶାହରେ ପପୁଙ୍କୁ ଶ୍ରଦ୍ଧାଞ୍ଜଳି

ଅନୁଗୋଳ,୧୫।୧୨ (ଅମିତ ସାମଲ)

'ଧରିତ୍ରୀ'ର ଅନୁଗୋଳ ଜିଲା ବଆଁରପାଳ ପ୍ରତିନିଧି ଉପେନ୍ଦ୍ର କୁମାର ରାଉତ(ପପୁ)ଙ୍କ ଗତ ୫ ତାରିଖରେ ପରଲୋକ ହୋଇଥିଲା। ଶୁକ୍ରବାର ତାଙ୍କ ଏକାଦଶାହ କାର୍ଯ୍ୟ କୁଲାଡ ଛକ କଲ୍ୟାଣ ମଣ୍ଡପରେ ସମ୍ପନ୍ନ ହୋଇଛି। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶ୍ରମିକ ନେତା ଯୋଗଦେଇ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ୱର୍ଗତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏଥିସହ ତାଙ୍କ ପରିବାର ବର୍ଗଙ୍କୁ ଧୈର୍ଯ୍ୟ ଦେବାକୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି ସମୟରେ ପପୁଙ୍କ ମା' ସୁଫଳା ରାଉତ, ସ୍ତ୍ରୀ ଲୁସି ରାଉତ, ପୁଅ ପ୍ରତୀକ ରାଉତ, ଝିଅ ପଲ୍ଲବୀ ରାଉତ, ମଝିଆ ଭାଇ ଦୁଃଶାସନ ରାଉତ ଓ ସାନ ଭାଇ କ୍ଷୀତିଶ ରାଉତ ଉପସ୍ଥିତ ଥିଲେ।




# ଛାତ୍ରଙ୍କୁ ଛୁରି ଭୁସି ହତ୍ୟା: ୨ ଗିରଫ

ରାୟଗଡ଼ା,୧୫।୧୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରରେ ଶୁକ୍ରବାର ସକାଳ ପ୍ରାୟ ୧୧ଟାରେ ହତ୍ୟାକାଣ୍ଡ ଘଟିଛି। ଗୌତମନଗରଠାରେ ଅଟୋନୋମସ୍ କଲେଜ ଛାତ୍ର ପ୍ରମୋଦ କିଲାକା(୨୧)ଙ୍କୁ ୩ ଦୁର୍ବୃତ୍ତ ଛୁରି ଭୁସି ହତ୍ୟା କରିଛନ୍ତି। ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନେତୃତ୍ୱରେ ପୋଲିସ ଟିମ୍ ତଦନ୍ତ ଚଳାଇଛି। ଖିଲମିଶଗୁଡ଼ା ଗ୍ରାମରୁ ମୁଖ୍ୟ ଅଭିଯୁକ୍ତ ଦୀପନ ହିମିରିକା ଓ ଆର୍ଯ୍ୟା କଣ୍ଡାଗିରିଙ୍କୁ ଗିରଫ କରିଛି। ମୃତ ପ୍ରମୋଦ ହେଉଛନ୍ତି ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲାଙ୍କ ଭଣଜା। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଯୁକ୍ତ ୩ ଶେଷ ବର୍ଷର ଛାତ୍ର ପ୍ରମୋଦ ସକାଳୁ ଭଉଣୀକୁ ସ୍କୁଲରୁ ନେଇ ସ୍କୁଟିରେ ମାମୁଘରକୁ ଫେରୁଥିବାବେଳେ ଦୁର୍ବୃତ୍ତମାନେ ଅଟକାଇ ଧାରୁଆ ଅସ୍ତ୍ରରେ ପ୍ରମୋଦଙ୍କ ଉପରେ ଆକ୍ରମଣ କରିଥିଲେ। ସେଠାରେ ପଡ଼ିଥିବା ତାଙ୍କ ମୃତଦେହକୁ ପୋଲିସ ଜବତକରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଘଟଣାର କିଛି ସମୟ ମଧ୍ୟରେ ଗଙ୍ଗାଧର ପୁଆଲାଙ୍କ ସମେତ ପ୍ରମୋଦଙ୍କ ପରିବାରବର୍ଗ ସେଠାରେ ପହଞ୍ଚିଯାଇଥିଲେ। ଘଟଣାକୁ ଗୁରୁତର ସହ ନେଇ ଏସ୍‌ପିଙ୍କ ସମେତ ଏଏସ୍‌ପି ବିଷ୍ଣୁପ୍ରସାଦ ପାତ୍ର, ଅସିତ୍ ମହାନ୍ତି, ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି, ଆଇଆଇସି କେକେବିକେ କହଁର ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ତଦନ୍ତ ପରେ ପ୍ରକୃତ ରହସ୍ୟ ଉନ୍ମୋଚନ ହେବ ବୋଲି ପୋଲିସ କହିଛି। ଗଙ୍ଗାଧର ପୁଆଲାଙ୍କ ଭଳି ଜଣେ ହେଭିୱେଟ୍ ଯୁବନେତାଙ୍କ ଭଣଜା ଉପରେ ଆକ୍ରମଣ ପରେ ସହରରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ପ୍ରଧାନ ଶିକ୍ଷକଙ୍କ ମୃତଦେହ ଜବତ



ବଇଣ୍ଡା,୧୫।୧୨(ପରିକ୍ଷିତ ସାହୁ)

କିଶୋରନଗର ଥାନା ଡୁରୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଡଡା ଗ୍ରାମର ହୃଷୀକେଶ ସାହୁ (୪୮)ଙ୍କ ମୃତଦେହ ଶୁକ୍ରବାର କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରୁ ଜବତ ହୋଇଛି। ସେ ପୂର୍ବାହ୍ନ ୯ଟାରେ ଡୁରୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଆସିଥିଲେ। ହେଲେ ତାଙ୍କୁ ଅଚେତ ଅବସ୍ଥାରେ ସରକାରୀ କାର୍ଯ୍ୟାଳୟରୁ କେତେଜଣ ଶିକ୍ଷକ ଓ ଛାତ୍ରୀଛାତ୍ର, ଗ୍ରାମବାସୀ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ବିଦ୍ୟାଳୟରେ ଆତ୍ମହତ୍ୟା କରିଥିବା ପୋଲିସ କହିଛି।

# ଅତିରିକ୍ତ ଆଇଆଇସିଙ୍କ ପରଲୋକ

ଢେଙ୍କାନାଳ, ୧୫।୧୨ (ରତନ ନାୟାର)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନାର ଅତିରିକ୍ତ ଥାନା ଅଧିକାରୀ ଇନ୍ସପେକ୍ଟର ବୀର କିଶୋର ମଲ୍ଲିକ (୫୯)ଙ୍କ ଗୁରୁବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ। ଇନ୍ସପେକ୍ଟର ବୀର କିଶୋର ଗୁରୁବାର ଢେଙ୍କାନାଳ ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ କ୍ରାଇମ ମିଟିଂରେ ଯୋଗଦେଇଥିଲେ। ରାତିରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




GURUKRUPA EDUCATIONAL INSTITUTE, UMERKOTE
GURUKRUPA COLLEGE OF MEDICAL SCIENCE UMERKOTE

ଓଡ଼ିଶାର ଖବରକାଗଜ ମଧ୍ୟରେ ଦୀର୍ଘ ପାଞ୍ଚ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ନିରପେକ୍ଷ ଖବର ପ୍ରକାଶନ କରି ଅଶେଷ ଲୋକାଦୃତ ହୋଇଥିବା ଦୈନିକ ଖବରକାଗଜ 'ଧରିତ୍ରୀ'ର ୫୦ତମ ସ୍ୱନକ୍ଷତ୍ର ଦିବସ ତଥା ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ 'ଗୁରୁକୃପା ଶିକ୍ଷାନୁଷ୍ଠାନ', ଉମରକୋଟ (Gurukrupa Educational & Charitable Trust, Umerkote) ପରିବାର ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ଜ୍ଞାପନ କରୁଛୁ। ଆଶାକରୁ ଯେ 'ଧରିତ୍ରୀ' ଖବରକାଗଜ ଉତ୍ତର ଦଶନ୍ଧିଗୁଡ଼ିକରେ ମଧ୍ୟ ନିଜର ସଫଳ ଯାତ୍ରାର ଅବିରତ ଧାରା ମହାପ୍ରଭୁଙ୍କ କୃପାରୁ ଏହିପରି ଅଗ୍ରଣୀ ଭାବେ ପ୍ରବାହିତ ହୋଇ ଓଡ଼ିଆ ଓ ଓଡ଼ିଆଙ୍କ ପ୍ରଗତି ତଥା ଅସ୍ମିତା କ୍ଷେତ୍ରରେ ଏକ ପୂର୍ଣ୍ଣାଙ୍ଗ ବୁଦ୍ଧିମନ୍ତ ଭୂମିକାରେ ଅବତୀର୍ଣ୍ଣ ହେଉ ।

ଶ୍ରୀଯୁକ୍ତ ମନୋଜ କୁମାର ପାଢ଼ୀ
ସଭାପତି

ଶ୍ରୀମତୀ ସାଗରିକା ପଟ୍ଟନାୟକ
ସମ୍ପାଦିକା




JDM INTER DISTRICT COMPETITIONS (Any One)

| Group | Grade | Date | Item - I | Item - II | Item - III |
|---|---|---|---|---|---|
| A | Nursery - U.K.G | 24th Dec. 2023 | Fancy Dress | Rhymes (Eng. only) | ***** |
| B | Std. I & II | 24th Dec. 2023 | Poem Recitation (Eng. only) | Impersonation (Any Language) | ***** |
| C | Std. III - V | 24th Dec. 2023 | Speech (Eng. only) | Postermaking | Dance (Odia/Hindi Bhajan) |
| D | Std. VI - VIII | 24th Dec. 2023 | Extempore (Eng. only) | Song (Inspirational) | Dance (Folk) |
| E | Std. IX - XII | 24th Dec. 2023 | Debate (Eng. only) | Aptitude Test | Dance (Inspirational) |

A participant can participate in any one of the selected items from each group.
Registration FREE from 30th Nov 2023 to 20th Dec 2023.

Registrations can be done at school or through Online
https://forms.gle/ZzisDmwn93kYLN6a6 or SCAN the code
Additional information related to the competitions will be intimated through WHATSAPP.

Place of Registration :
SBD INTERNATIONAL SCHOOL
Affiliated to CBSE (DAY BOARDING)
Old Campus : Samaraipur, Beside NH-16, Bhadrak
New Campus : Gopabandhupur, Beside NH-16, Bhadrak

ADMISSION OPEN
NURSERY-II, XI
(Sci.,Comm. & Arts)
For NEW SESSION
2024-25

CONTACT US : 7855080800/7077710014/6300380363/9437147830/9040178872/9668886322
25% of seats reserved in Std. I as per R.T.E. norms

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୬/୨୦୨୩ | Bhubaneswar, Saturday, December 16/2023 | ପୃଷ୍ଠା-୧

# ଧୋନୀଙ୍କ ଜର୍ସି ନମ୍ବର-୭କୁ ଅବସର

**ନୂଆଦିଲ୍ଲୀ,୧୫।୧୨(ପି.ଟି.)**



ବିଶ୍ୱକପ୍ ବିଜୟୀ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ପ୍ରତି ସମ୍ମାନ ଜଣାଇବାକୁ ଯାଇ ତାଙ୍କ ୭ ନମ୍ବର ଜର୍ସିକୁ ଅବସର ଦେବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ନିଷ୍ପତ୍ତି ନେଇଛି। ଆଇକନିକ ଭାରତ ଅଧିନାୟକ ଶେଷ ଥର ପାଇଁ ୨୦୧୯ ବିଶ୍ୱକପରେ ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ଖେଳିଥିଲେ। ସେ ୨୦୨୦ ଅଗଷ୍ଟ ୧୫ରେ ଅବସର ଘୋଷଣା କରିଥିଲେ। ସେହି ଦିନଠାରୁ ଅନ୍ୟ କୌଣସି ଖେଳାଳି ନମ୍ବର-୭ ଜର୍ସି ବ୍ୟବହାର କରିନାହାନ୍ତି। ଏପରି କି ବ୍ୟାଟିଂ ଆଇକନ ସଚିନ ତେନ୍ଦୁଲକର ୨୦୧୩ରେ ଅବସର ନେବାପରଠାରୁ ତାଙ୍କ ଜର୍ସି ନମ୍ବର-୧୦କୁ କେହି ବ୍ୟବହାର କରିନାହାନ୍ତି। ୨୦୧୭ରେ ଶାର୍ଦ୍ଦୁଳ ଠାକୁର ଶ୍ରୀଲଙ୍କା ବିପକ୍ଷରେ ତାଙ୍କ ଅନ୍ତର୍ଜାତୀୟ ଦିନିକିଆ ପଦାର୍ପଣ ମ୍ୟାଚରେ ଜର୍ସି ନମ୍ବର-୧୦ ବ୍ୟବହାର କରିବାକୁ ବାଛିଥିଲେ। ମାତ୍ର ସୋସିଆଲ ମିଡିଆରେ ଏହାକୁ ନେଇ ବହୁ ଟ୍ରୋଲ୍ ହୋଇଥିଲା। ଏହାପରଠାରୁ ଜର୍ସି ନମ୍ବର-୧୦କୁ ବ୍ୟବହାର କରି କେହି ଖେଳିନାହାନ୍ତି। ଧୋନୀ ଜଣେ କିମ୍ବଦନ୍ତୀ ଖେଳାଳି । ଭାରତ ଏପରି କି ବିଶ୍ୱ କ୍ରିକେଟ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ତାଙ୍କର ଏହି ଅବଦାନ ପ୍ରତି ସମ୍ମାନ ଜଣାଇବାକୁ ଯାଇ ବିସିସିଆଇ ଗୁରୁବାର ୭ ନମ୍ବର ଜର୍ସିକୁ ଅବସର ଦେବାକୁ ନିଷ୍ପତ୍ତି ନେଇଥିବା ଏହାର ଉପସଭାପତି ରାଜୀବ ଶୁକ୍ଳା ପ୍ରକାଶ କରିଛନ୍ତି। ଜର୍ସିକୁ ଅବସର ଦେବା ପ୍ରଥା ଅନ୍ୟ ଖେଳରେ ମଧ୍ୟ ରହିଛି। ବାସ୍କେଟବଲ କିମ୍ବଦନ୍ତୀ ମାଇକେଲ ଜୋର୍ଡାନଙ୍କ ଅବସର ପରେ ଦି ଶିକାଗୋ ବୁଲ୍ସ ଟିମ୍ ତାଙ୍କ ଜର୍ସି ନମ୍ବର-୨୩କୁ ଅବ୍ୟାହତି ଦେଇଛି। ଭାରତୀୟ ଉଇକେଟକିପର ଦୀନେଶ କାର୍ତ୍ତିକ, ଯାହାଙ୍କର ଅନ୍ତର୍ଜାତୀୟ କ୍ୟାରିୟର ଧୋନୀଙ୍କ ସହିତ ମେଳ ରହିଛି, ସେ ପ୍ରଥମ ବ୍ୟକ୍ତି ଭାବେ ୨୦୨୦ରେ ବିଶ୍ୱକପ୍ ବିଜୟୀ ଅଧିନାୟକଙ୍କ ଅବସର ପରେ ଜର୍ସି ନମ୍ବର-୭କୁ ଅବ୍ୟାହତି ଦେବା ଲାଗି ବିସିସିଆଇ ନିକଟରେ ଦାବି କରିଥିଲେ।

# ଭାଜପା ବିଧାୟକଙ୍କୁ ୨୫ ବର୍ଷ ଜେଲ

## ନାବାଳିକା ବଳାତ୍କାର ମାମଲା

**ଲକ୍ଷ୍ନୌ,୧୫।୧୨**

ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗର ୯ ବର୍ଷ ପରେ ଉତ୍ତରପ୍ରଦେଶର ଭାଜପା ବିଧାୟକ ରାମଦୁଲାରେ ଗୋଣ୍ଡଙ୍କୁ ୨୫ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଏବେ ସେ ବିଧାନସଭା ସଭ୍ୟ ପଦ ହରାଇବାକୁ ଯାଉଛନ୍ତି। ୨୦୧୪ରେ ନାବାଳିକାଙ୍କୁ ବଳାତ୍କାର ହୋଇଥିଲା। ସୋନଭଦ୍ରା ଜିଲା ଦୁଦ୍ଧି ଆସନର ଆଦିବାସୀ ବିଧାୟକ ଗୋଣ୍ଡ ପୀଡ଼ିତାଙ୍କ ପରିବାର ଉପରେ ଚାପ ପକାଇବା ସହ ଧମକ ଦେଉଥିଲେ ବୋଲି ନାବାଳିକାଙ୍କ ଭାଇ କହିଛନ୍ତି। ଏମ୍‌ପି-ଏମ୍‌ଏଲ୍‌ଏ କୋର୍ଟ ଶୁକ୍ରବାର ଗୋଣ୍ଡଙ୍କୁ ୨୫ ବର୍ଷ ଜେଲଦଣ୍ଡ ଦେବା ସହ ୧୦ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି।

ଖବର ଅନୁଯାୟୀ ୨୦୧୪ରେ ଦୁଦ୍ଧି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଞ୍ଚାୟତରେ ଗୋଣ୍ଡଙ୍କ ସ୍ତ୍ରୀ ସରପଞ୍ଚ ଥିଲେ। ଗୋଣ୍ଡ ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ସେ ସ୍ତ୍ରୀଙ୍କ କ୍ଷମତାର ଉପଯୋଗ କରୁଥିଲେ। ୨୦୧୪ ନଭେମ୍ବର ୪ରେ ସେ ନାବାଳିକାଙ୍କୁ ବଳାତ୍କାର କରିଥିବା ନେଇ ମୟୋରପୁର ଥାନାରେ ଏତଲା ଦାଏର ହୋଇଥିଲା। ଗତବର୍ଷ ଗୋଣ୍ଡ ଭାଜପା ଟିକେଟରେ ଦୁଦ୍ଧି ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଫଳରେ ଉକ୍ତ ମାମଲାକୁ ସୋନଭଦ୍ରାର ଏମ୍‌ପି-ଏମ୍‌ଏଲ୍‌ଏ କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ପୋକ୍ସୋ ଆଇନ ଏବଂ ଆଇପିସିର ବିଭିନ୍ନ ଧାରାରେ ଉକ୍ତ ଅଦାଲତର ଅତିରିକ୍ତ ଜିଲା ଓ ଦୌରା ଜଜ୍ ଅହସାନ ଉଲ୍ଲାହ ଖାନ୍ ମଙ୍ଗଳବାର ଗୋଣ୍ଡଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଜରିମାନା ବାବଦରେ ଗୋଣ୍ଡ ଦେବାକୁ ଥିବା ୧୦ ଲକ୍ଷ ଟଙ୍କା ପୀଡ଼ିତାଙ୍କୁ ପ୍ରଦାନ କରାଯିବ ବୋଲି ସରକାରୀ ଓକିଲ ସତ୍ୟପ୍ରକାଶ ତ୍ରିପାଠୀ କହିଛନ୍ତି।



ରାମଦୁଲାରେ ଗୋଣ୍ଡ

# ଫେବୃୟାରୀ ୧୬ରୁ ଯୁକ୍ତ୨ ପରୀକ୍ଷା

## ଜାନୁୟାରୀ ୨ରୁ ପ୍ରାକ୍ଟିକାଲ

**ଭୁବନେଶ୍ୱର, ୧୫।୧୨**
**(ଅସମାପିକା ସାହୁ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଫେବୃୟାରୀ ୧୬ରୁ ଆରମ୍ଭ ହେବ। ଏହା ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଚାଲିବ। ଏନେଇ ଶୁକ୍ରବାର ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଥମେ ଅର୍ଥାତ୍ ଫେବୃୟାରୀ ୧୬ରୁ ବିଜ୍ଞାନ ପରୀକ୍ଷା, ୧୭ରୁ କଳା ଓ ବାଣିଜ୍ୟ ପରୀକ୍ଷା ଏବଂ ୧୯ ତାରିଖରୁ ଧନ୍ଦାମୂଳକ ପରୀକ୍ଷା ଆରମ୍ଭ ହେବ। ତେବେ ୩ ବିଭାଗର ପ୍ରଥମଦିନ ମାତୃଭାଷା ଓଡ଼ିଆ ବିଷୟରେ ପରୀକ୍ଷା ଥିବାବେଳେ ଧନ୍ଦାମୂଳକରେ ଇଂଲିଶ ରହିଛି। ସକାଳ ୧୦ଟାରେ ପରୀକ୍ଷା ଆରମ୍ଭ ହେବ। କିଛି ବିଷୟର ପରୀକ୍ଷା ଅବଧି ୩ଘଣ୍ଟା ଥିବାବେଳେ ଆଉ କିଛି ବିଷୟର ଅଢ଼େଇ ଘଣ୍ଟା ରହିଛି। ସେହିପରି ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ଆରମ୍ଭ ହେବାର ୩୦ମିନିଟ୍ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ପଡ଼ିବ। ୧୫ ମିନିଟ୍ ପୂର୍ବରୁ ପରୀକ୍ଷା ରୁମ୍ ବା ହଲ୍‌ରେ ବସିବାକୁ ପଡ଼ିବ। ଛାତ୍ରୀଛାତ୍ରଙ୍କୁ ଉତ୍ତର ଖାତା ୧୫ ମିନିଟ୍ ପୂର୍ବରୁ ଓ ପ୍ରଶ୍ନପତ୍ର ୫ ମିନିଟ୍ ପୂର୍ବରୁ ଦିଆଯିବ। ବାୟୋଲୋଜି ପରୀକ୍ଷାର୍ଥୀମାନେ ଗୋଟିଏ ସିଟିଂରେ ୨୦ମିନିଟ୍ ବ୍ୟବଧାନରେ ଦୁଇଟି ବିଷୟରେ ପରୀକ୍ଷା ଦେବେ। ଉଦ୍ଭିଦ ବିଜ୍ଞାନ(ସେକ୍ସନ-ଏ)ର ପ୍ରଶ୍ନପତ୍ର ୧୦ଟାରେ ଦିଆଯିବ। ଏହାର ଉତ୍ତର ଖାତା ସଂଗ୍ରହ କରାଯିବା ପରେ ୧୧ଟା ୫୦ରେ ପ୍ରାଣୀ ବିଜ୍ଞାନ(ସେକ୍ସନ-ବି) ପ୍ରଶ୍ନପତ୍ର ଦିଆଯିବ। ପୂରା ପରୀକ୍ଷା ସିସିଟିଭି ନଜରରେ ରହିବ। ସବୁ ପରୀକ୍ଷା ହଲ୍‌ରେ ସମସ୍ତ ସିସିଟିଭି ଯେଭଳି କାର୍ଯ୍ୟ କରୁଥିବ ସେଥିପ୍ରତି ଧ୍ୟାନ ଦେବା ପାଇଁ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟଙ୍କୁ କୁହାଯାଇଛି। ଅପରପକ୍ଷେ ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା ଜାନୁୟାରୀ ୨ରୁ ଆରମ୍ଭ ହୋଇ ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**
"ପାର୍ଲାମେଣ୍ଟରେ ସୁରକ୍ଷା ବିଭ୍ରାଟ ନେଇ ପ୍ରଶ୍ନ କଲେ ଏମ୍‌ପିମାନଙ୍କୁ ନିଲମ୍ବନ କରାଯାଉଛି। ଏହା କି ପ୍ରକାର ନ୍ୟାୟ।
– ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଚ୍ଛାକୁ ଏତେ**
**ମୁଦି ନାହିଁ ଗୋଡ଼ କଚାଡୁ କେତେ**
**ପିତଳ ଗୁଣାକୁ ନାକ ଟାଉଁ ଟାଉଁ**
**ସୁନାଗୁଣା ହେଲେ ହୁଅନ୍ତୁ କେତେ ?**

ଗୋଡ଼ରେ ମୁଦି ନ ଥାଇ ଗୋଡ଼ କଚାଡ଼ି ହେବାରେ ଲାଭ କିଛି ମିଳି ନ ଥାଏ। ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ଏପରି ଫୁଲାଣିଆ ଭାବଭଙ୍ଗୀ ଶୋଭା ପାଇ ନ ଥାଏ। ସାମାନ୍ୟ ଅଳଙ୍କାର ଟିକେ ପିନ୍ଧି ଅନ୍ୟ ଆଗରେ ଫୁଲେଇହୋଇ ନିଜର ଛଇ ଛଟକ ଦେଖେଇହେଉଥିବା ନାରୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ତୋରାଣି ସାଙ୍ଗକୁ ନଥାଏ ଲୁଣ**
**ମିଛେ ବୋଲୁଥାଏ ତିନି ତୁଉଣା।**

ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ବଡ଼ଲୋକିପଣିଆ ନିରର୍ଥକ। ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ଅସମର୍ଥ ହେଉଥିବା ବ୍ୟକ୍ତି ବାହାରେ ବୁଲି ନିଜର ପ୍ରୌଢ଼ି ପ୍ରକାଶ କରିବାରେ କୌଣସି ଯଥାର୍ଥତା ରହି ନ ଥାଏ। ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ ପକ୍ଷେ ଆତ୍ମବଡ଼ିମା ଶୋଭା ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ବାରମ୍ବାର ଲାଞ୍ଚ କାରବାର

## ଧରାପଡ଼ିଲେ ବ୍ଲକ ସହକାରୀ ଯନ୍ତ୍ରୀ, ଅତିରିକ୍ତ ମତ୍ସ୍ୟ ଅଧିକାରୀ

ସାଲେପୁର,୧୫।୧୨(ଅରବିନ୍ଦ ଭୂୟାଁ)

କଟକ ଜିଲା ସାଲେପୁର ବ୍ଲକରେ ବାରମ୍ବାର ଲାଞ୍ଚ କାରବାର ହେଉଥିବା ଅଭିଯୋଗ ହୋଇଛି। ଦେଢ଼ ମାସ ତଳେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଭିଜିଲାନ୍ସ ବିଭାଗ ସାଲେପୁର ପୂର୍ତ୍ତ ବିଭାଗ ଏସ୍‌ଡିଓ ଅର୍ଜୁନ ସାହୁଙ୍କୁ ଗିରଫ କରିଥିବାବେଳେ ଏବେ ଆଉ ଜଣେ ସହକାରୀ ଯନ୍ତ୍ରୀ ଗିରଫ ହୋଇଛନ୍ତି। ବ୍ଲକ ସମେତ ସାଲେପୁରର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଏଭଳି ଲାଞ୍ଚ କାରବାର ହେଉଥିବା ଅଭିଯୋଗ କରି ଭାଜପା ପକ୍ଷରୁ ପ୍ରତିବାଦ କରାଯାଇଛି।

ସାଲେପୁର ବ୍ଲକ ସହକାରୀ ଯନ୍ତ୍ରୀ ବିଭୁତି ଭୂଷଣ ନାୟକ ଜଣେ ଠିକାଦାରଙ୍କଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି। ସାଲେପୁର ବ୍ଲକ ଅନ୍ତର୍ଗତ ତରିତୋ ପଞ୍ଚାୟତର ଏକ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଇଥିଲା। ଉକ୍ତ କାର୍ଯ୍ୟର ବିଲ୍ କରାଇବା ପାଇଁ ଠିକାଦାର ଲୋଲୁପ କୁମାର ବିଶ୍ୱାଳ ବାରମ୍ବାର ସାଲେପୁର ବ୍ଲକ ସହକାରୀ ଯନ୍ତ୍ରୀ ବିଭୁତିଭୂଷଣ ନାୟକଙ୍କ ନିକଟକୁ ଯାଇଥିଲେ। ମାତ୍ର ଉପରୋକ୍ତ ଟଙ୍କା ମିଳିବା ପରେ ବିଲ୍ ପାସ୍ ହେବ ବୋଲି ନାୟକ କହିଥିଲେ।


ଗିରଫ ସହକାରୀ ଯନ୍ତ୍ରୀ ବିଭୁତି ଭୂଷଣ ନାୟକ

ଶେଷରେ କୌଣସି ଉପାୟ ନ ପାଇ ଠିକାଦାର ବିଶ୍ୱାଳ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ପୂର୍ବ ପ୍ରସ୍ତୁତି ମୁତାବକ ଠିକାଦାର ବିଶ୍ୱାଳ ଶୁକ୍ରବାର ଅପରାହ୍ନରେ ସହକାରୀ ଯନ୍ତ୍ରୀ ନାୟକଙ୍କୁ ତାଙ୍କ କାର୍ଯ୍ୟାଳୟରେ ଲାଞ୍ଚ ଟଙ୍କା ଦେଉଥିବାବେଳେ ଛପି ରହିଥିବା ଭିଜିଲାନ୍ସ ଟିମ୍ ନାୟକଙ୍କୁ ଗିରଫ କରିଛି। ଭିଜିଲାନ୍ସ ଡିଏସ୍‌ପି ସୁଶୀଲ ଏକାଙ୍କ ନେତୃତ୍ୱରେ ୭ ଜଣିଆ ଟିମ୍ ଏଥିରେ ସାମିଲ ହୋଇଥିଲା। ବ୍ଲକରେ ବାରମ୍ବାର ଏଭଳି ଲାଞ୍ଚ କାରବାର ଚାଲିଥିବା ଅଭିଯୋଗ କରି ଭାଜପା ନେତା ପ୍ରକାଶ ବେହେରାଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ଏହି ଘଟଣାର ତଦନ୍ତ କରାଯାଇ ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଯାଇଛି।

ସମ୍ବଲପୁର/ନାକଟିଦେଉଳ, ୧୫।୧୨
(ପ୍ରମୋଦ ବହିଦାର/ ବୈକୁଣ୍ଠ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅତିରିକ୍ତ ମତ୍ସ୍ୟ ଅଧିକାରୀ ସ୍ନେହଲତା ମହାନ୍ତି ଶୁକ୍ରବାର ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। କୁଣ୍ଡରେ କାର୍ପ ମାଛ ଯାଆଁଳ ଚାଷ ପାଇଁ ନେଇଥିବା ଋଣ ପରିଶୋଧ ପରେ ସବ୍‌ସିଡି ଅନୁମୋଦନ ଲାଗି ଅତିରିକ୍ତ ମତ୍ସ୍ୟ ଅଧିକାରୀ ମହାନ୍ତି ଉପରମୁଣ୍ଡା ମା' ସମଲେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଠାରୁ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ ଉକ୍ତ ମହିଳା ଗୋଷ୍ଠୀର କର୍ମକର୍ତ୍ତା ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଫଳରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଯୋଜନା ଅନୁସାରେ ଶୁକ୍ରବାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଅତିରିକ୍ତ ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କ ଦାବି ଅନୁସାରେ ଲାଞ୍ଚ ବାବଦକୁ ଭିଜିଲାନ୍ସ ବିଭାଗ ଦ୍ୱାରା ରାସାୟନିକ ପ୍ରଲେପଦିଆ ୨୦ ହଜାର ଟଙ୍କାର ଏକ ବ୍ଲାଙ୍କ ଚେକ୍ ପ୍ରଦାନ କରିଥିଲେ। ଏହି ସମୟରେ ପୂର୍ବରୁ ସେଠାରେ ସାଦା ପୋଷାକରେ ଛପିରହିଥିବା ଓଡ଼ିଶା ଭିଜିଲାନ୍ସ ବିଭାଗ ମହିଳା ଅଧିକାରୀମାନେ ଅତିରିକ୍ତ ମତ୍ସ୍ୟ ଅଧିକାରୀଙ୍କଠାରୁ ଉକ୍ତ ଚେକ୍ ସହ ତାଙ୍କ ନିକଟରେ ଥିବା ଋଣ ସମ୍ପର୍କିତ ସମସ୍ତ କାଗଜପତ୍ର ଜବତ କରିଥିଲେ। ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇ ସମ୍ବଲପୁର ଶାଖା କାର୍ଯ୍ୟାଳୟକୁ ଅଣାଯାଇଥିଲା। ଭିଜିଲାନ୍ସ ବିଭାଗ କର୍ମଚାରୀ ରେଢ଼ାଖୋଲସ୍ଥିତ ତାଙ୍କ ଭଡ଼ାଘର ଓ କାର୍ଯ୍ୟାଳୟରେ ଏକସମୟରେ ଚଢ଼ାଉ କରିଥିଲେ। ଏହାକୁ ନେଇ ସମ୍ବଲପୁର ଭିଜିଲାନ୍ସ ବିଭାଗ ପକ୍ଷରୁ କେସ୍ ନଂ.୩୧/୨୩ରେ ମାମଲା ରୁଜୁ କରାଯାଇ ମହାନ୍ତିଙ୍କୁ କୋର୍ଟ ଚାଲାଣ କରାଯାଇଛି।


ଗିରଫ ଅତିରିକ୍ତ ମତ୍ସ୍ୟ ଅଧିକାରୀ।

# ମେଡିକାଲ ଅଫିସର ପରୀକ୍ଷା ଫଳ ପ୍ରକାଶ, ୨୩୯୨ କୃତକାର୍ଯ୍ୟ

କଟକ,୧୫।୧୨
(ସୁପ୍ରିୟା ପ୍ରିୟଦର୍ଶିନୀ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ମେଡିକାଲ ଅଫିସର ପଦବୀ ପୂରଣ ପାଇଁ ହୋଇଥିବା ଲିଖିତ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ରାଜ୍ୟରେ ୨୩୯୨ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ସରକାରୀ ଡାକ୍ତରଖାନାରେ ମେଡିକାଲ ଅଫିସର ଭାବେ ନିଯୁକ୍ତି ପାଇବେ। ଅନ୍ୟପକ୍ଷରେ ୧୮୮ଜଣ ପରୀକ୍ଷାର୍ଥୀ ପ୍ରମାଣପତ୍ର ଯାଞ୍ଚବେଳେ ଅକୃତକାର୍ଯ୍ୟ ହୋଇଛନ୍ତି। ସେଥିମଧ୍ୟରୁ କେତେଜଣ ଯାଞ୍ଚ ସମୟରେ ଅନୁପସ୍ଥିତ ଥିବାବେଳେ ଆଉ କେତେଜଣ ଇଣ୍ଟର୍ନଶିପ କରି ନ ଥିବା ଓପିଏସ୍‌ସି ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ଗତ ଅକ୍ଟୋବର ୮ରେ ମେଡିକାଲ ଅଫିସର ପଦବୀ ପୂରଣ ପାଇଁ ମୁଖ୍ୟ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।


ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କୋମ୍ବିଂ ବେଳେ ଲ୍ୟାଣ୍ଡମାଇନ ନଷ୍ଟ କଲେ ବମ୍ ସ୍କ୍ୱାଡ୍

ବୌଦ୍ଧ/କନ୍ଧମାଳ,୧୫।୧୨ ( ଅଜିତ କୁମାର ବାରିକ/ ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଶଗଡା ଫାଣ୍ଡି ନଳିକୁପା ଗାଁ ନିକଟ ସୁବର୍ଣ୍ଣଗିରି ଓ ପେନାଜୋର ଜଙ୍ଗଲରେ ଗୁରୁବାର ମାଓବାଦୀ ଓ ଏସ୍‌ଓଜି ଯବାନଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ କାହାର କିଛି କ୍ଷତି ହୋଇ ନ ଥିଲା। ତେବେ ଏହି ଘଟଣା ପରେ ଉକ୍ତ ଜଙ୍ଗଲରେ ମାଓବାଦୀଙ୍କ ପକ୍ଷରୁ ଲ୍ୟାଣ୍ଡମାଇନ ବିଛା ଯାଇଥିବା ସୂଚନା ମିଳିବା ପରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ଶୁକ୍ରବାର କନ୍ଧମାଳ ପଟୁ ୭ ଟିମ୍ ଓ ବୌଦ୍ଧ ପଟୁ ୫ଟି ଟିମ୍ ଏହି ଅପରେଶନରେ ସାମିଲ ହୋଇଥଇଲେ। କୋମ୍ବିଂ ବେଳେ ମାଓବାଦୀମାନେ ଖଞ୍ଜି ଥିବା କିଛି ଲ୍ୟାଣ୍ଡ ମାଇନକୁ ବମ୍ ସ୍କ୍ୱାଡ୍ ନଷ୍ଟ କରିଦେଇଛନ୍ତି। ଘଟଣା ସ୍ଥଳରେ ଏସ୍‌ପି ରାଜ ପ୍ରସାଦ, ମନମୁଣ୍ଡା ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ ଓ ଅନ୍ୟ ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ପୋଲିସ ପକ୍ଷରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ ହୋଇଥିବା ନେଇ ଏସ୍‌ପି ରାଜ ପ୍ରସାଦ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜି ପ୍ରତିଯୋଗିତାରେ ସଫଳତା ଯୋଗୁ ମନକୁ ବୁଝାଇବାରେ ସମର୍ଥ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ, ଅନ୍ୟଥା କ୍ଷତିରେ ପଡ଼ିପାରନ୍ତି। ପରିବାରରେ ଅସୁସ୍ଥତାଜନିତ ମାନସିକ ସ୍ଥିତି ଭଲ ରହିବ ନାହିଁ।

**ବୃଷ**
ପରିସ୍ଥିତି ଭଲ ନ ଥିବା ହେତୁ ଭଲ କହିଲେ ମଧ୍ୟ ଅନ୍ୟମାନେ ଭୁଲ୍ ବୁଝିବେ। ବାହାର ଜାଗାରେ ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ବାରମ୍ବାର ବିଫଳତାଜନିତ କାର୍ଯ୍ୟହାନି କାରଣରୁ ମନରେ ଟେନ୍‌ସନ ଲାଗି ରହିବ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ।

**ମିଥୁନ**
ଆପଣଙ୍କୁ ବିଭିନ୍ନ ଧନ୍ଦା କରିବା ସକାଶେ ବନ୍ଧୁମାନେ ପ୍ରୋତ୍ସାହିତ କରିପାରନ୍ତି। ଜଣେ ସହକର୍ମୀ ଆଜି ମାର୍ଗଦର୍ଶକ ସାଜିବେ। ନିକଟସ୍ଥ ଜଣାଶୁଣା ବ୍ୟକ୍ତିମାନଙ୍କ ଦ୍ୱାରା ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ମାଲିମକଦ୍ଦମାରେ କାର୍ଯ୍ୟ ହାସଲ କରିନେବା ସକାଶେ ନୂତନ ଦିଗ ପ୍ରତି ଚିନ୍ତା କରିପାରନ୍ତି।

**କର୍କଟ**
ଆଜିର ଅସଜଡ଼ା ଘରର ଅକୁହାକଥା ଓ ଆର୍ଥିକ ସମସ୍ୟା ନେଇ ମନରେ ଦୁର୍ଭାବନା ସୃଷ୍ଟି ହେବ। ସାଧାରଣ କଥାକୁ ବଡ଼ କରି ସହକର୍ମୀ କଳହର ମାତ୍ରାକୁ ବଢ଼ାଇବେ। ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ସରକାରୀ ସ୍ତରରୁ ହଠାତ୍ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ।

**ସିଂହ**
ମନରେ ସାହସ ବାନ୍ଧି କୌଣସି କାମ ଆରମ୍ଭ କରିପାରିଲେ ଅବଶ୍ୟ ସଫଳତା ପାଇବେ। ଆଜି ଏକାସଙ୍ଗେ ବହୁତ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ବହୁତ ଦିନରୁ ହଜିଯାଇଥିବା କିମ୍ବା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ଘରେ ବନ୍ଧୁ ମିଳନ ଓ ନୂତନ ଅତିଥିଙ୍କ ଆଗମନ ଯୋଗୁ ହସଖୁସିର ସୁଅ ଛୁଟିବ।

**କନ୍ୟା**
ପ୍ରତ୍ୟେକ ପରିସ୍ଥିତିରେ ସମସ୍ୟା ଭିତର ଦେଇ ଗତି କରିବାକୁ ପଡ଼ିବ। ଟଙ୍କା ବାକି ରଖିଥିବା ଲୋକଟି ଘରେ ଟଙ୍କା ଦେଇଯାଇପାରେ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ସାଧାରଣ କଥାରେ ମତାନ୍ତରରୁ ବିତର୍କ ସୃଷ୍ଟି ହେବ। ଗୃହ ସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିବେ।

**ତୁଳା**
ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ ପରିବାର ଭିତରେ ଝଡ଼ ଉଠିପାରେ। ମାନସିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ରାଜନୈତିକ କ୍ଷେତ୍ର କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ବିଛା**
ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ। ପରିବହନ ଓ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ। ବିଭିନ୍ନ କୌଶଳ ଅବଲମ୍ବନ କରି କାମ ହାସଲ କରିବାରେ ସମର୍ଥ ହେବେ।

**ଧନୁ**
ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତରେ ଚଳିବା ପାଇଁ ବାଧ୍ୟ ହେବେ। ଆଶା କରିଥିବା ଜିନିଷଟିକୁ ପାଇଲେ ମଧ୍ୟ ମନକୁ ଖୁସି କରିପାରିବ ନାହିଁ। ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ନିଜ ନିଜର ସ୍ଥାନରେ ବେଶ୍ ଖୁସି ରହିବେ। ରାଜନୀତିରେ ଓ ସାଙ୍ଗଠନିକ କ୍ଷେତ୍ରରେ ବହୁତ ଜନ କଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହେବେ।

**ମକର**
ଯାହା କରିବା ସକାଶେ ମନସ୍ଥ କରିଛନ୍ତି ସେଥିପାଇଁ ବନ୍ଧୁଙ୍କ କଥାକୁ ପ୍ରାଧାନ୍ୟ ଦେଇ କାମକଲେ ବହୁତ ଭଲ ହେବ। ଏପରିକି ଘରୋଇ କଳହରୁ ମଧ୍ୟ ରକ୍ଷା ପାଇବା ସହ ସମସ୍ୟା ସମାଧାନ ହୋଇପାରିବ। ଶିଳ୍ପ, ବାଣିଜ୍ୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିପାରନ୍ତି, ଏଣୁ ସତର୍କ ରହିବା ଭଲ।

**କୁମ୍ଭ**
ଆଜିର ସବୁ କାମ ଘାତପ୍ରତିଘାତ ମଧ୍ୟ ଦେଇ ସମ୍ପନ୍ନ ହେବାର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ ସକାଶେ ମନ ବ୍ୟସ୍ତ ରହିବା ସାଙ୍ଗକୁ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବିଶେଷ କିଛି ଅସୁବିଧା ନ ଥିଲେ ସୁଦ୍ଧା ମାନସିକ ସ୍ତରରେ ଅଶାନ୍ତ ଅନୁଭବ କରିପାରନ୍ତି।

**ମୀନ**
ଆଜି କିଛି କରିବା ପୂର୍ବରୁ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲିମକଦ୍ଦମା, ସଂଗଠନ, ଲେଖାପଢ଼ା ଓ କାରବାରରେ ସମସ୍ୟା ଲାଗି ରହିବ। ସମସ୍ତ ପ୍ରକାର ସୁବିଧା ଥାଇ ମଧ୍ୟ କେତେକ କାମ ଅଧୁରା ରହିଯିବ। ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି କାମ କରିବା ଭଲ। କୌଣସି ବନ୍ଧୁଙ୍କ ସହ ସମ୍ପର୍କ ସ୍ଥାପନ ଆଗାମୀ ସମୟ ପାଇଁ କାମକୁ ଆସିପାରେ।

ଆଜି ଧନୁ ସଂକ୍ରାନ୍ତି, ପହିଲି ଭୋଗ ଆରମ୍ଭ, ଧନୁମୁଆଁ ଭୋଗ, ମାର୍ଗଶିର ଶୁକ୍ଳ ଚତୁର୍ଥୀ, ଶନିବାର, ଡିସେମ୍ବର ୧୬ ତାରିଖ, ରାଶି ନକ୍ଷତ୍ର–ଶ୍ରବଣା/ମକର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୪୪ ଗତେ ଘ.୦୮।୫୯ ମଧ୍ୟେ, ଘ.୧୨।୦୩ ଗତେ ଘ.୦୧।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୫୯ ଗତେ ଘ.୧୦।୨୦ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ମିଛର ମୁକାବିଲା ...

ମହାନଦୀ ଓ ପୋଲାଭରମ ପ୍ରସଙ୍ଗରେ କେନ୍ଦ୍ରର ନୀରବତା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଦାବି ପୂରଣ ପାଇଁ ଉଦ୍ୟମ ଜାରି ରହିବ ବୋଲି ଘୋଷଣା କରାଯାଇଛି। ଏଥିସହିତ କୋଇଲା ରୟାଲିଟି, ସେସ୍ ପ୍ରଦାନ କ୍ଷେତ୍ରରେ ଓଡ଼ିଶାର ଦାବି ପୂରଣ ସହିତ ଜାତୀୟ ରାଜପଥ ଓ ରେଳବାଇ କ୍ଷେତ୍ରରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବା, କେନ୍ଦୁପତ୍ର ଉପରୁ ଜିଏସ୍‌ଟି ହ୍ରାସ ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ନିଷ୍ପତ୍ତି ହୋଇଛି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବାକୁ ବୈଠକରେ ଆହ୍ୱାନ କରାଯାଇଛି। ଦଳର ସାଙ୍ଗଠନିକ ପ୍ରସ୍ତାବରେ ଦଳର କେନ୍ଦ୍ରୀୟ ନିଜସ୍ୱ କାର୍ଯ୍ୟାଳୟ ଶଙ୍ଖ ଭବନର ଠିକଣା ପରିବର୍ତ୍ତନ, ସାଙ୍ଗଠନିକ ନିର୍ବାଚନକୁ ଗୋଟିଏ ବର୍ଷ ଘୁଞ୍ଚାଇବା ତଥା ଆଗାମୀ ଦିନରେ ସାଙ୍ଗଠନିକ କାର୍ଯ୍ୟକ୍ରମ ପାଇଁ ସର୍ବସମ୍ମତ କ୍ରମେ ଆଗତ ହୋଇଥିବା ପ୍ରସ୍ତାବ ଆଲୋଚନା କରାଯାଇ ଗୃହୀତ ହୋଇଛି।

୨୦୦୦ ମସିହାରୁ ବିଭିନ୍ନ ନିର୍ବାଚନରେ ଲଗାତର ବିଜୟ ପାଇଁ ଓଡ଼ିଶାବାସୀଙ୍କୁ କୃତଜ୍ଞତା ଜଣାଇଛି ଦଳ। ଏହି ସଫଳତା ପାଇଁ ଦଳ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଛି। ଜଗନ୍ନାଥ ସଂସ୍କୃତି ଓ ଚେତନାର ପ୍ରଚାର ପ୍ରସାର ତଥା ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ସହ ରାଜ୍ୟର ବିଭିନ୍ନ ମନ୍ଦିରର ନବକଳେବର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ସାମାଜିକ ସୁରକ୍ଷା ଓ ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଭିତ୍ତିଭୂମିର ଦ୍ରୁତ ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ ପ୍ରସ୍ତାବ ପାରିତ ହୋଇଛି। ସେହିପରି ମହିଳା ଓ ଯୁବବର୍ଗଙ୍କୁ ସଶକ୍ତ କରିବା ପାଇଁ ତଥା ରାଜ୍ୟର ଦ୍ରୁତ ଶିଳ୍ପାୟନ ସହିତ ନିଯୁକ୍ତି ଓ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି, ପୁଞ୍ଜିନିବେଶରେ ଓଡ଼ିଶା ଲଗାତର ଭାବେ ଭାରତର ଶୀର୍ଷ ୩ଟି ରାଜ୍ୟ ଭିତରେ ରହିଥିବା ନେଇ ଧନ୍ୟବାଦ ପ୍ରସ୍ତାବ ପାରିତ ହୋଇଛି। ସେହିପରି ବୈଠକରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଏବଂ ଆଇଟି କ୍ଷେତ୍ରରେ ଦ୍ରୁତ ବିକାଶ କରି ଯୁବଶକ୍ତିର ଆକାଂକ୍ଷାକୁ ପୂରଣ କରିବା ପାଇଁ ରାଜ୍ୟ ସରକାର ନେଇଥିବା ବଳିଷ୍ଠ ପଦକ୍ଷେପକୁ କାର୍ଯ୍ୟକାରିଣୀରେ ପ୍ରଶଂସା କରାଯାଇଥିଲା। ଚାଷୀ ଓ ଚାଷର ଉନ୍ନତି ତଥା ଜଳସେଚନର ଅଭିବୃଦ୍ଧି ପ୍ରାଥମିକତା ଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦିଆଯାଇଛି। ଅନୁସୂଚିତ ଜାତି ଓ ଜନଜାତି ତଥା ପଛୁଆବର୍ଗ, ସଂଖ୍ୟାଲଘୁଙ୍କ ପାଇଁ ନବୀନ ସରକାର ନେଇଥିବା ପଦକ୍ଷେପ ଓ କାର୍ଯ୍ୟକ୍ରମ, ଟେକ୍ନୋଲୋଜିକୁ ଉପଯୋଗ କରି ୫–ଟି ରୂପାନ୍ତରଣରେ ଲୋକାଭିମୁଖୀ ପ୍ରଶାସନ ସହିତ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ରୂପାନ୍ତରଣ ପାଇଁ ପର୍ଯ୍ୟାପ୍ତ ଅର୍ଥ ମଞ୍ଜୁରୀ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଛି। ସାଙ୍ଗଠନିକ ପ୍ରସ୍ତାବରେ ଶଙ୍ଖ ଭବନରେ ପ୍ରତି ନିର୍ବାଚନମଣ୍ଡଳୀ ୱାରି ପ୍ରଶିକ୍ଷଣ ଓ ପରେ ଜୋନାଲ ପ୍ରଶିକ୍ଷଣ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ କାର୍ଯ୍ୟକ୍ରମ କରାଯିବାକୁ ପ୍ରସ୍ତାବ ପାରିତ ହୋଇଛି। ବିଜେଡିର ପ୍ରତିଷ୍ଠା ଦିବସ ପରେ ଗୋଟିଏ ପକ୍ଷରେ ପଞ୍ଚାୟତ ସ୍ତରୀୟ ସମ୍ମିଳନୀ ଏବଂ ଜାନୁୟାରୀ ୨୩ ନେତାଜୀ ଜୟନ୍ତୀଠାରୁ ବିଜୁ ଜୟନ୍ତୀ ମାର୍ଚ୍ଚ ୫ ଯାଏ ନବୀନ ସରକାରର ସଫଳତା ତଥା ବିକାଶର ଆଭିମୁଖ୍ୟ ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଅଭିଯାନ ଆରମ୍ଭ କରାଯିବା ନେଇ କାର୍ଯ୍ୟକାରିଣୀରେ ପ୍ରସ୍ତାବ ପାରିତ ହୋଇଛି। ଆମେ ଗଢ଼ିବା ନୂଆ ଓଡ଼ିଶା ଓ ସଶକ୍ତ ଓଡ଼ିଶା ଶପଥ ସହ ବୈଠକ ସମାପନ ହୋଇଥିଲା। ଶେଷରେ ଦଳର ବରିଷ୍ଠ ଉପସଭାପତି ଅନଙ୍ଗ ଉଦୟ ସିଂଦେଓ ଧନ୍ୟବାଦ ଦେଇଥିଲେ। ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀର ସମସ୍ତ ସଦସ୍ୟା, ସଦସ୍ୟଙ୍କ ସହ ସମସ୍ତ ବିଧାୟକ, ଏମ୍‌ପି, ରାଜ୍ୟ ଛାମୁଆ ସଙ୍ଗଠନର ସଭାପତି ପ୍ରମୁଖ ଯୋଗ ଦେଇଥିଲେ।

### ଜେନେରେଟର ଧୂଆଁ ...

ଥିବା ଏକ ଜେନେରେଟର ଲଗାଇଥିଲେ। ହେଲେ ଜେନେରେଟରରୁ ବାହାରୁଥିବା ଧୂଆଁରେ ୩ଜଣ ଶ୍ରମିକ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ଅନ୍ୟମାନେ ଘଟଣା ସମ୍ପର୍କରେ ଭାଟି ମାଲିକଙ୍କୁ ଫୋନରେ ଜଣାଇଥିଲେ। ଏହାପରେ ୨ ଶ୍ରମିକଙ୍କୁ ଏକ କମ୍ପାନୀ ଆମ୍ବୁଲାନ୍ସରେ ବଉଁରପାଲସ୍ଥିତ ଘରୋଇ ନର୍ସିଂହୋମକୁ ନିଆଯାଇଥିଲା। ସେଠାରେ ଡାକ୍ତର ଗୁରୁତର ଶ୍ରମିକ ବିଶ୍ରା ଓ ରସାଇଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଶ୍ରମିକ କାଣ୍ଡେ ବାନରାଙ୍କୁ ଭାଟି ମାଲିକଙ୍କ ପକ୍ଷରୁ ଏକ ଘରୋଇ ଗାଡିରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଖବରପାଇ କଣ୍ଟାବଣିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଅତିରିକ୍ତ ଶ୍ରମ ଅଧିକାରୀ ହଳଧର ବରାଳ କହିଛନ୍ତି, ଶ୍ରମ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ଆଇନ ମୁତାବକ କ୍ଷତିପୂରଣ ପ୍ରଦାନ କରାଯିବ। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଛନ୍ତି, ଜେନେରେଟର ଧୂଆଁରେ ଶ୍ୱାସରୁଦ୍ଧ ହୋଇ ୨ଜଣଙ୍କର ମୃତ୍ୟୁ ହୋଇଛି। ଜଣେ ଗୁରୁତର ଅଛନ୍ତି। କଣ୍ଟାବଣିଆ ଥାନାରେ ନଂ. ୬/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଇଟାଭାଟି ମାଲିକଙ୍କୁ ଠାବ କରାଯାଉଛି। ତହସିଲଦାରଙ୍କ ସହିତ ଆଲୋଚନା ପରେ ଭାଟି କାଗଜପତ୍ର ଯାଞ୍ଚ କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

### ମୃତକଙ୍କ ପରିବାରକୁ...

ତଦନ୍ତ କରି ରେଲୱେ ବୋର୍ଡକୁ ରିପୋର୍ଟ ଦେଇଥିଲା। ସିଗ୍‌ନାଲିଂରେ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଥିବା ଏଥିରେ ଦର୍ଶାଯାଇଥିଲା, ଯାହାକୁ ସୁଧାରି ହୋଇଥାନ୍ତା। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମାମଲାର ତଦନ୍ତ କରିବା ସହ ଗିରଫ ୩ ରେଲୱେ ଅଧିକାରୀଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି।

### ବେଙ୍ଗାଲୁରୁ କେକ୍ ...

ସେକେଣ୍ଡରେ ୨.୫ ପ୍ଲେଟ୍ ବିରିୟାନୀ ଅର୍ଡର ହୋଇଥିବା ସ୍ୱିଗି ତା'ର ବ୍ଲଗ୍‌ରେ ଦର୍ଶାଇଛି। ତେବେ ପ୍ରତି ୫.୫ ପ୍ଲେଟ୍ ଚିକେନ ବିରିୟାନୀ ତୁଳନାରେ ୧ ପ୍ଲେଟ୍ ଭେଜ୍ ବିରିୟାନୀ ବରାଦ ହୋଇଥିବା ଜଣାପଡ଼ିଛି। ସେହିପରି ପ୍ରତି ୬ ପ୍ଲେଟ୍ ମଧ୍ୟରୁ ଗୋଟିଏ ପ୍ଲେଟ୍ ବିରିୟାନୀ ହାଇଦ୍ରାବାଦରୁ ଅର୍ଡର ହୋଇଛି। ଅକ୍ଟୋବର ୧୪ରେ ଅନୁଷ୍ଠିତ ଭାରତ–ପାକିସ୍ତାନ ବିଶ୍ୱକପ୍ କ୍ରିକେଟ୍ ମ୍ୟାଚ୍ ବେଳେ ଭାରତୀୟମାନେ ପ୍ରତି ମିନିଟ୍‌ରେ ୫୦ ପ୍ଲେଟ୍ ବିରିୟାନୀ ଅର୍ଡର କରିଥିଲେ। ବିଶେଷକରି ଚଣ୍ଡୀଗଡ଼ର ଗୋଟିଏ ପରିବାର ଉକ୍ତଦିନ ଏକାଥରରେ ୭୦ ପ୍ଲେଟ୍ ବିରିୟାନୀ ସ୍ୱିଗି ମାଧ୍ୟମରେ ମଗାଇଥିଲେ।

### ୫ ବର୍ଷ ବଢ଼ିଲା ରାଜ୍ୟ ...

ପାଉଛନ୍ତି। ଯୋଜନାର ଅବଧି ଆଉ ୫ ବର୍ଷ ବଢ଼ିବା ଦ୍ୱାରା ହିତାଧିକାରୀମାନେ ୨୦୨୪ ଜାନୁୟାରୀ ୧ଠାରୁ ୨୦୨୮ ଡିସେମ୍ବର ୩୧ ପର୍ଯ୍ୟନ୍ତ ଏହି ସୁବିଧା ପାଇପାରିବେ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ୨୫୦ କୋଟି ଟଙ୍କା ହିସାବରେ ୫ ବର୍ଷରେ ୧୨୫୦ କୋଟି ଟଙ୍କା ନିଜ ପାଣ୍ଠିରୁ ଖର୍ଚ୍ଚ କରିବେ। ରାଜ୍ୟର ଜଣେ ବି ଗରିବ ଲୋକ ଯେପରି ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ନ ହୁଏ ସେଥିପ୍ରତି ଦୃଷ୍ଟି ରଖିବାକୁ ମୁଖ୍ୟମନ୍ତ୍ରୀ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି।

### ଫେବୃୟାରୀ ୧୬ରୁ...

୧୨ତାରିଖରେ ଶେଷ ହେବ। ଏଥିପାଇଁ ଅବଧି ୩/୨ଘଣ୍ଟା ରହିଛି। ଚଳିତବର୍ଷ ୩ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେବେ। ପରିଷଦର ସୂଚନାନୁସାରେ, ଗତବର୍ଷଠାରୁ ଏବର୍ଷ ୨୬,୬୫୫ ଅଧିକ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମ ପୂରଣ କରିଛନ୍ତି। ଚଳିତବର୍ଷ ମୋଟ ୩,୮୪,୫୯୭ଜଣ ଫର୍ମ ପୂରଣ କରିଥିବାବେଳେ ୩,୫୯,୦୩୯ଜଣ ରେଗୁଲାର ଓ ୨୫,୫୫୮ଜଣ ଏକ୍ସ–ରେଗୁଲାର ଛାତ୍ରୀଛାତ୍ର ରହିଛନ୍ତି। ସେହିଭଳି ଚଳିତବର୍ଷ କଳାରେ ମୋଟ ୨,୩୬,୪୨୫ଜଣ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ବେଳେ ବିଜ୍ଞାନରେ ୧,୧୬,୪୪୭, ବାଣିଜ୍ୟରେ ୨୫,୯୬୦ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫,୭୬୫ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ମୋଟ ୨,୦୬୫ଟି ଉଚ୍ଚ ମାଧ୍ୟମିକ ସ୍କୁଲ ରହିଛି। ପରୀକ୍ଷା ଶେଷ ହେବା ପରେ ମାର୍ଚ୍ଚ ଶେଷ ସପ୍ତାହ ସୁଦ୍ଧା ରେଜଲ୍ଟ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି। ଆବଶ୍ୟକ ପଡିଲେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ରେଜଲ୍ଟ ପ୍ରକାଶ କରାଯିବ। ଆସନ୍ତା ସାଧାରଣ ନିର୍ବାଚନ ପ୍ରକ୍ରିୟାକୁ ନଜର ଦେଇ ଏଭଳି ଶୀଘ୍ର ପରୀକ୍ଷା କରାଯାଉଛି। ନିର୍ବାଚନ ପାଇଁ ରାଜ୍ୟର ଅନେକ କଲେଜରେ ବିଭିନ୍ନ ବ୍ୟବସ୍ଥା କରାଯିବା ସହ ବହୁ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ନିର୍ବାଚନ ଦାୟିତ୍ୱରେ ସାମିଲ କରାଯିବ। ତେଣୁ ନିର୍ବାଚନ ପୂର୍ବରୁ ଯୁକ୍ତ୨ ପରୀକ୍ଷା ଶେଷ କରିବା ସହ ରେଜଲ୍ଟ ପ୍ରକାଶ କରିବାକୁ ପରିଷଦ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି।

# ୧୪୭ ଆସନରେ ମୁଖ୍ୟମନ୍ତ୍ରୀଙ୍କ ପଛରେ ଠିଆହେବି: କାର୍ତ୍ତିକ

## ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା ଓ ମୁଖ୍ୟମନ୍ତ୍ରୀ ନିକଟରେ କାର୍ଯ୍ୟ ମୋ ପାଇଁ ଆଶୀର୍ବାଦ

ଭୁବନେଶ୍ୱର ୧୫।୧୨(ଅନିଲ ଦାସ)



ମୋର କୌଣସି ପଦପଦବୀ ଆଶା ନାହିଁ, ଆଗାମୀ ନିର୍ବାଚନରେ କେଉଁଠାରୁ ପ୍ରତିଦ୍ୱନ୍ଦ୍ୱିତା କରିବି ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ରାଜ୍ୟର ୧୪୭ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ, ଅର୍ଥାତ୍ ମୁଖ୍ୟମନ୍ତ୍ରୀ ସମସ୍ତ ୧୪୭ ଆସନରେ ଠିଆ ହେବେ। ଆଉ ମୁଁ ମୁଖ୍ୟମନ୍ତ୍ରୀଙ୍କ ପଛରେ ୧୪୭ ନିର୍ବାଚନମଣ୍ଡଳୀରେ ଠିଆ ହେବି ବୋଲି କହିଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

ଭୁବନେଶ୍ୱରସ୍ଥିତ ବିଜେଡି ମୁଖ୍ୟାଳୟ 'ଶଙ୍ଖଭବନ'ରେ ଶୁକ୍ରବାର ଆୟୋଜିତ ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ପାଣ୍ଡିଆନ ଉପରୋକ୍ତ ବକ୍ତବ୍ୟ ଦେଇ ସର୍ବଭାରତୀୟ ପ୍ରଶାସନିକ ସେବାରୁ ସ୍ୱେଚ୍ଛାକୃତ ଅବସର ଓ ବିଜୁ ଜନତା ଦଳରେ ଯୋଗଦାନ ପ୍ରସଙ୍ଗରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। 'ମୁଁ ଦୁଇଟି ଆଶୀର୍ବାଦ ପାଇଛି। ଗୋଟିଏ ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା ଓ ଅନ୍ୟଟି ହେଉଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ କାର୍ଯ୍ୟ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଛି ଓ ତାଙ୍କ ପ୍ରତି ମୁଁ ସମ୍ପୂର୍ଣ୍ଣ ସମର୍ପିତ। ମୁଁ ମୋର ଭବିଷ୍ୟତ ମହାପ୍ରଭୁ ଜଗନ୍ନାଥ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସମର୍ପଣ କରି ଦେଇଛି' ବୋଲି ପାଣ୍ଡିଆନ ଦଳର କର୍ମୀ ଓ କର୍ମକର୍ତ୍ତାଙ୍କ ସମ୍ମୁଖରେ କହିଛନ୍ତି।

ଚାକିରିରୁ ସ୍ୱେଚ୍ଛାକୃତ ଅବସର ପରେ ଅନେକେ ତାଙ୍କ ସମ୍ପର୍କରେ ଅତ୍ୟଧିକ ଉତ୍ସୁକତା ପ୍ରକାଶ କରିଛନ୍ତି। ସେ ନିର୍ବାଚନ ଲଢ଼ିବେ କି ନାହିଁ, ଯଦି ଲଢ଼ିବେ କେଉଁଠୁ ଲଢ଼ିବେ ତାକୁ ନେଇ ଚର୍ଚ୍ଚା ହେଉଛି। ତାଙ୍କୁ ମଧ୍ୟ ଅନେକେ ଏ ସମ୍ପର୍କରେ ପଚାରିଛନ୍ତି। ଦଳରେ ତାଙ୍କୁ କି ପଦ ମିଳିବ ତାକୁ ନେଇ ମଧ୍ୟ ଅନେକ ଆଲୋଚନା ଚାଲିଛି। କେହି କେହି ତାଙ୍କୁ ବିଭିନ୍ନ ନିର୍ବାଚନମଣ୍ଡଳୀରୁ ଲଢ଼ିବା ନିମନ୍ତେ ପ୍ରସ୍ତାବ ମଧ୍ୟ ଦେଇଛନ୍ତି। ଏ ସମ୍ପର୍କରେ ବିନମ୍ର ଭାବେ ଉତ୍ତର ଦେଇ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି, 'ମୁଖ୍ୟମନ୍ତ୍ରୀଙ୍କ ନିକଟରେ କାମ କରିବାକୁ ସୌଭାଗ୍ୟ ମନେକରୁଛି। ବିଜୁ ଜନତା ଦଳକୁ ଅଧିକ ସୁଦୃଢ଼ କରି ରାଜ୍ୟର ବିକାଶକୁ ଶୀର୍ଷରେ ପହଞ୍ଚାଇବାକୁ କାର୍ଯ୍ୟ କରିବି। ଏହି ପରିବାରରେ ମୁଁ ଓଡ଼ିଶା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ କାର୍ଯ୍ୟ କରିବାର ପ୍ରତ୍ୟକ୍ଷ ସୁଯୋଗ ପାଇଛି। ଦଳର ଲକ୍ଷଲକ୍ଷ କର୍ମୀଙ୍କ ପାଇଁ କାମ କରିବାକୁ କେବେ ସୁଯୋଗ ମିଳି ନ ଥିଲା, ଏବେ ତାହା ମୋତେ ମିଳିଛି। ଏବେ ସରକାର ଓ ଲୋକଙ୍କ ସେବାରେ ଯେଉଁ ରୂପାନ୍ତରୀକରଣ ଆସିଛି, ତାହା ସୁଉଚ୍ଚ ହେବାର ପ୍ରତିଶ୍ରୁତି ଦେଉଛି।'

# ଭବିଷ୍ୟତ ଆବଶ୍ୟକତା ଅନୁସାରେ ଡିଜିଟାଲ ଆପ୍ରେଣ୍ଟିସ୍‌ର ରୂପରେଖ ପ୍ରସ୍ତୁତ କରିବା: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୫।୧୨(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶୁକ୍ରବାର ନୂଆଦିଲ୍ଲୀ ଠାରେ ସୂଚନା ପ୍ରଯୁକ୍ତିବିଦ୍ୟା ଆଧାରିତ କମ୍ପାନୀ କଗ୍‌ନିଜାଣ୍ଟର ସିଇଓ ରବି କୁମାର ଏବଂ ନାସ୍‌କମ୍‌ର ଚେୟାରମ୍ୟାନ ରାଜେଶ ନାମ୍ବିଆର୍ ଭେଟିଛନ୍ତି। ଏହି ଅବସରରେ ସେମାନେ ଡିଜିଟାଲ ପରିସଂସ୍ଥାନରେ ଯୁବପିଢ଼ିଙ୍କ ପାଇଁ ସୁଯୋଗ ତିଆରି କରିବା ସହ ପରିବର୍ତ୍ତିତ ଦୁନିଆରେ ଟେକ୍ନୋଲୋଜିର ଉପଯୋଗ ଓ ପ୍ରୋତ୍ସାହନ ବିଷୟରେ କଥା ହୋଇଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଭାରତ ଯୁବଶକ୍ତିର ଦେଶ। ଯୁବଶକ୍ତି ଯେତେ ସଶକ୍ତ ହେବେ ଦେଶର ସେତେ ବିକାଶ ହେବ। ପ୍ରତିଭାବାନ୍ ଯୁବଶକ୍ତିଙ୍କ ଦକ୍ଷତା ଆବଶ୍ୟକତାକୁ ପୂରଣ କରାଯାଉଛି। ସେମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ଦିଗରେ ସବୁପ୍ରକାର ପଦକ୍ଷେପ ନିଆଯାଉଛି। ଯୁବଶକ୍ତିଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ସେମାନଙ୍କୁ ସ୍କିଲିଂ, ରି-ସ୍କିଲିଂ ଏବଂ ଅପ୍ ସ୍କିଲ ମାଧ୍ୟମରେ ୨୦୪୭ ସୁଦ୍ଧା ବିକଶିତ ଭାରତର କଳ୍ପନାକୁ ସାକାର କରିବା ଦିଗରେ



ସୂଚନା ପ୍ରଯୁକ୍ତିବିଦ୍ୟା ଆଧାରିତ କମ୍ପାନୀ କଗ୍‌ନିଜାଣ୍ଟର ସିଇଓ ରବି କୁମାରଙ୍କ ସହ କରମର୍ଦ୍ଦନ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଆମେ ପ୍ରଚେଷ୍ଟା କରିବା ଆବଶ୍ୟକ। ଶିଳ୍ପର ଆବଶ୍ୟକତା ଓ ଭବିଷ୍ୟତଭିତ୍ତିକ ମାନବ ସମ୍ବଳ ପ୍ରସ୍ତୁତ କରିବା ପାଇଁ ଏନ୍‌ଏସ୍‌ଡିସି ସହ ସହଯୋଗୀ ହୋଇ ଏକ ଡିଜିଟାଲ ଆପ୍ରେଣ୍ଟିସ୍ ରୂପରେଖ ପ୍ରସ୍ତୁତ କରିବାକୁ କଗ୍‌ନିଜାଣ୍ଟ ଓ ନାସ୍‌କମ୍‌କୁ କେନ୍ଦ୍ରମନ୍ତ୍ରୀ ପ୍ରୋତ୍ସାହିତ କରିଛନ୍ତି। ସେ କହିଛନ୍ତି, ନିକଟରେ ଜାତୀୟ ଆପ୍ରେଣ୍ଟିସ୍‌ଶିପ୍ ପ୍ରୋତ୍ସାହନ ଯୋଜନା (ଏନ୍‌ଏପିଏସ୍)ରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ବା ଡିବିଟିର ଶୁଭାରମ୍ଭ ମଧ୍ୟ ହୋଇଛି। ପ୍ରଧାନମନ୍ତ୍ରୀ କ୍ଷମତାକୁ ଆସିବା ପରେ ନଗଦ ଅର୍ଥକୁ ଲାଭାର୍ଥୀଙ୍କ ସିଧାସଳଖ ବ୍ୟାଙ୍କ ଖାତାରେ ଦେବା ପାଇଁ ଯୋଜନା ହୋଇଛି। ଏହି ଯୋଜନା ଆମର ଯୁବବର୍ଗଙ୍କ ପାଇଁ ଆପ୍ରେଣ୍ଟିସ୍‌ଶିପ୍ ପ୍ରଶିକ୍ଷଣ ପ୍ରଦାନ କରିବା ସହ ଷ୍ଟାଇପେଣ୍ଡ ବିତରଣରେ ସ୍ୱଚ୍ଛତା ବା ପାରଦର୍ଶୀକୁ ସୁନିଶ୍ଚିତ କରିଛି। ଅପରପକ୍ଷରେ ଟେକ୍ନୋଲୋଜି ଓ ଡିଜିଟାଲୀକରଣ ଆମ ଦୈନନ୍ଦିନ ଜୀବନର ଗୋଟିଏ ମାଧ୍ୟମ ହୋଇଛି ବୋଲି ସେ କହିଛନ୍ତି।

# ବି. ରାଧିକା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ ଅଧ୍ୟକ୍ଷ

ଭୁବନେଶ୍ୱର,୧୫।୧୨(ଅନିଲ ଦାସ)

**ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ**



ରାଜ୍ୟ ସରକାର ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ଶୁକ୍ରବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ କେନ୍ଦ୍ରୀୟ ଡେପୁଟେଶନରୁ ଫେରିଥିବା ୧୯୮୯ ବ୍ୟାଚ୍ ଆଇପିଏସ୍ ଅଫିସର ବି.ରାଧିକାଙ୍କୁ ରାଜ୍ୟ ସରକାର ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ଏଥିସହିତ ରାଜ୍ୟ ସରକାର ତାଙ୍କୁ ଓଡ଼ିଶା ରାଜ୍ୟ ଫୋରେନ୍ସିକ ସାଇନ୍ସ ଲାବୋରେଟୋରି ନିର୍ଦ୍ଦେଶକ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ସେଣ୍ଟ୍ରାଲ ରେଞ୍ଜ ଆଇଜି ତଥା ୨୦୦୪ ବ୍ୟାଚ୍ ଆଇପିଏସ୍ ଅଫିସର ଆଶିଷ କୁମାର ସିଂ ଅତିରିକ୍ତ ଭାବେ ରାଜ୍ୟ ଫୋରେନ୍ସିକ ସାଇନ୍ସ ଲାବୋରେଟୋରି ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଛନ୍ତି। ଏଥିସହିତ ରାଜ୍ୟ ସରକାର ତାଙ୍କୁ ଓଡ଼ିଶା ରାଜ୍ୟ ପୋଲିସ ହାଉସିଂ ୱେଲ୍‌ଫେୟାର କର୍ପୋରେଶନର ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ସେ ନିଜର ପୂର୍ବଦାୟିତ୍ୱ ସହ ଏହି ନୂଆ ଦାୟିତ୍ୱ ତୁଲାଇବେ। ସିଇଓ ଭାବେ ସେ ପୋଲିସ ହାଉସିଂ ୱେଲ୍‌ଫେୟାର କର୍ପୋରେଶନର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ(ସିଏମ୍‌ଡି)ଙ୍କୁ ରିପୋର୍ଟ କରିବେ। ସେହିପରି ୨୦୦୧ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀରେ ଆଇଜିପି(ଟ୍ରେନିଂ) ଥିବା ଏସ୍. ସାଇନିଙ୍କୁ କ୍ରାଇମ୍ ଏଗ୍‌ନେଷ୍ଟ ୱିମେନ୍ ଆଣ୍ଡ ଚାଇଲ୍ଡ ୱିଙ୍ଗ(ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ)ର ଆଇଜି ଭାବେ ନିଯୁକ୍ତି ଦିଆଯାଇଛି।

# ବିଦେଶୀ ମଦ ବଟ୍‌ଲିଂ ଫ୍ୟାକ୍ଟ୍ରିରେ ଆୟକର ଚଢ଼ାଉ

କାମାକ୍ଷାନଗର,୧୫।୧୨(ଅମଜାଦ ଖାନ)



ଶକ୍ତି ମଲଟେୟାର ଆଣ୍ଡ ଲିମୋନେଡ ପ୍ରାଇଭେଟ ଲିମିଟେଡ୍

ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ମାଛିଆ ଗାଁଠାରେ ଥିବା ବିଦେଶୀ ମଦ ବଟ୍‌ଲିଂ ଫ୍ୟାକ୍ଟ୍ରି ଶକ୍ତି ମଲଟେୟାର ଆଣ୍ଡ ଲିମୋନେଡ ପ୍ରାଇଭେଟ ଲିମିଟେଡ୍‌ରେ ଶୁକ୍ରବାର ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଆୟକର ବିଭାଗର ୨ଟି ଟିମ୍ ଏହି ଚଢ଼ାଉ କରିଥିବା ବେଳେ ଏହା ପଛର କାରଣ କ'ଣ ତାହା ଜଣାପଡ଼ି ନାହିଁ। ସେହିପରି ଚଢ଼ାଉ ବେଳେ କ'ଣ ସବୁ ଜବତ କରାଯାଇଛି ସେ ସମ୍ପର୍କରେ ମଧ୍ୟ ଅଧିକାରୀମାନେ ମୁହଁ ଖୋଲୁନାହାନ୍ତି। ତେବେ ବଲାଙ୍ଗୀର ଓ ବୌଦ୍ଧ ଡିଷ୍ଟିଲାରି ପ୍ରାଇଭେଟ ଲିମିଟେଡ୍‌ରେ ଚଢ଼ାଉ ଏବଂ ବହୁ କୋଟି ଟଙ୍କା ଜବତ ଘଟଣା ସହିତ ଏହି ଚଢ଼ାଉର କିଛି ସମ୍ପୃକ୍ତି ରହିଥିବା ସାଧାରଣରେ ସନ୍ଦେହ କରାଯାଉଛି। ସେହିପରି କମ୍ପାନୀ ଟିକସ ଫାଙ୍କିଥିବା କଥା ମଧ୍ୟ ଆଲୋଚନା ହେଉଛି। ପ୍ରକାଶ ଯେ, ଶକ୍ତି ମଲଟେୟାର ଆଣ୍ଡ ଲିମୋନେଡ୍ କମ୍ପାନୀ ୨୦୧୨ରୁ ଏଠାରେ ଆଲକୋହଲ ଓ ନନ୍ ଆଲକୋହଲ ପାନୀୟ ପ୍ରସ୍ତୁତି କାର୍ଯ୍ୟ କରିଆସୁଛି। କମ୍ପାନୀ ସରକାରୀ ସ୍ତରରେ ମୁଖ୍ୟତଃ ୪ଟି କାର୍ଯ୍ୟ ବ୍ଲେଣ୍ଡିଂ, ବଟଲିଂ, ଡିଷ୍ଟ୍ରିବ୍ୟୁଶନ ଏବଂ ସେଲିଂ ପାଇଁ ଅନୁମତି ପାଇଛି। ତେବେ ସମ୍ପୃକ୍ତ କମ୍ପାନୀ ଦୀର୍ଘଦିନ ହେବ ପ୍ରଡକ୍ଟ ତିଆରି କ୍ଷେତ୍ରରେ ଟିକସ ଫାଙ୍କି ଆସୁଥିବା କୁହାଯାଉଛି। ଖବର ଲେଖାହେବା ପର୍ଯ୍ୟନ୍ତ ଫ୍ୟାକ୍ଟ୍ରିରେ ଚଢ଼ାଉ ଜାରି ରହିଛି।

# ଜାନୁୟାରୀ ପହିଲାରୁ ନୂଆ ଗାଡ଼ିରେ ଲାଗିବ ଭିଏଲ୍‌ଟିଡି

ଭୁବନେଶ୍ୱର,୧୫।୧୨(ସୁନିତ୍ ମିଶ୍ର)

୨୦୨୪ ଜାନୁୟାରୀ ପହିଲାରୁ ପଞ୍ଜୀକରଣ ହେବାକୁ ଥିବା ନୂଆ ଗାଡ଼ିରେ ଲାଗିବ ଭେଇକିଲ୍ ଲୋକେଶନ୍ ଟ୍ରାକିଂ ଡିଭାଇସ୍ (ଭିଏଲ୍‌ଟିଡି)। ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ୩୧।୧୨।୨୦୨୩ ବା ତା' ପୂର୍ବରୁ ପଞ୍ଜୀକୃତ ହୋଇଥିବା ଗାଡ଼ିଗୁଡ଼ିକରେ ଆସନ୍ତା ବର୍ଷ ଜୁନ୍ ୩୦ ସୁଦ୍ଧା ଭିଏଲ୍‌ଟିଡି ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱରଠାରେ ଶୁକ୍ରବାର ଭିଏଲ୍‌ଟିଡି କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର ଉଦ୍‌ଘାଟିତ ହୋଇଛି। ପରିବହନ ମନ୍ତ୍ରୀ ଟୁକୁନୀ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଏହି କଣ୍ଟ୍ରୋଲ ସେଣ୍ଟର ୨୪ ଘଣ୍ଟା କାମ କରିବ। ୨ ଓ ୩ ଚକିଆ ଗାଡ଼ିକୁ ଛାଡ଼ି ରାଜ୍ୟର ସବୁ ଯାତ୍ରୀବାହୀ, ମାଲବୁହା ଗାଡ଼ି ଓ ଆମ୍ବୁଲାନ୍ସ ଉପରେ ଏହି ସେଣ୍ଟର ନଜର ରଖିବ। ଗାଡ଼ି ଷ୍ଟାର୍ଟ ହେବାଠାରୁ ଆରମ୍ଭକରି କେତେ ବେଗରେ ଚାଲୁଛି, କେଉଁଠି ରହିଲା, କୁଆଡ଼େ ଗଲା, ଗାଡ଼ିରେ କିଛି ସମସ୍ୟା ଉପୁଜିଲା କି, ସେହିପରି କୌଣସି ବିପଦ ଆଶଙ୍କା କରି ଯାତ୍ରୀ ଏମର୍ଜେନ୍ସି ବଟନ୍ ଦବାଇଲେ ଗାଡ଼ି ସମ୍ପର୍କିତ ୪୦ ପ୍ରକାର ସୂଚନା କଣ୍ଟ୍ରୋଲ ସେଣ୍ଟରକୁ ଆସିବ। ଏହାସହ ଗାଡ଼ିର ମାଲିକ, ଏମର୍ଜେନ୍ସି ରେସ୍‌ପନ୍ସ ସପୋର୍ଟ ସିଷ୍ଟମ, ନିକଟସ୍ଥ ଥାନା, ରକ୍ଷକ ଓ ଟ୍ରମା ସେଣ୍ଟରକୁ ବି ଖବର ପହଞ୍ଚିବ। ଫଳରେ ତତ୍କାଳ ସାହାଯ୍ୟ ଯୋଗାଇ ଦିଆଯାଇପାରିବା ବ୍ୟବସ୍ଥା ରହିଛି। ଏଥିରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭିଏଲ୍‌ଟିଡିକୁ ଟ୍ୟାମ୍ପର କରାଯାଇପାରିବ ନାହିଁ। ମୋବାଇଲ ନେଟ୍‌ୱର୍କ ନ ଥିବା ଅଞ୍ଚଳରେ ବି ଏହି ଡିଭାଇସ୍ ଗାଡ଼ିର ଗତିବିଧିକୁ ରେକର୍ଡ କରି ରଖିବ। ନେଟ୍‌ୱର୍କ ଅଞ୍ଚଳକୁ ଆସିବା ମାତ୍ରେ କମାଣ୍ଡ ସେଣ୍ଟରକୁ ତଥ୍ୟ ପ୍ରେରଣ କରିବ। ୨୦୧୨ ଦିଲ୍ଲୀ ନିର୍ଭୟା ଘଟଣା ପରେ କେନ୍ଦ୍ର ସରକାର ନିର୍ଭୟା ପାଣ୍ଠିରୁ ରାଜ୍ୟକୁ ଅର୍ଥ ଯୋଗାଇଦେଇଥିଲେ। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ଭିଏଲ୍‌ଟିଡି ନିୟମ ଲାଗୁ ହୋଇପାରିନାହିଁ। ଇତିମଧ୍ୟରେ ପରିବହନ ବିଭାଗ ୪ଥର ବିଜ୍ଞପ୍ତି ବଦଳାଇ ସାରିଲାଣି। ବର୍ତ୍ତମାନ କମାଣ୍ଡ ସେଣ୍ଟର ଉଦ୍‌ଘାଟନ ହୋଇଥିବା ବେଳେ ଭିଏଲ୍‌ଟିଡି ପାଇଁ ପୁଣି ନୂଆ ବିଜ୍ଞପ୍ତି ଜାରି ହୋଇଛି। ୨୦୨୪ ଜାନୁୟାରୀ ପହିଲାରୁ ପଞ୍ଜୀକରଣ ହେବାକୁ ଥିବା ସବୁ ନୂଆ ଗାଡ଼ିରେ ଓ ଜୁନ୍ ୩୦ ସୁଦ୍ଧା ପୁରୁଣା ଗାଡ଼ିରେ ଭିଏଲ୍‌ଟିଡି ଲଗାଇବାକୁ ନିର୍ଦ୍ଦେଶ ରହିଛି। ରାଜ୍ୟରେ ଗାଡ଼ି ଚୋରି ସାଙ୍ଗକୁ ବେପରୁଆ ଗାଡ଼ି ଚାଳନା ବି ବଢ଼ି ଚାଲିଛି।

# 'ରାଜ୍ୟ ନେତୃତ୍ୱ ଯୁବପିଢ଼ିଙ୍କ ହାତରେ'



ନୂଆ-ଓ ଉତ୍ସବ ମଞ୍ଚରେ ରାଜ୍ୟ କ୍ରୀଡ଼ାମନ୍ତ୍ରୀଙ୍କ ସମେତ ଜିଲାର ବିଧାୟକ ଓ ଜିଲାପାଳ ଉପସ୍ଥିତ ଅଛନ୍ତି।

ଅନୁଗୋଳ, ୧୫।୧୨
(ଅମିତ କୁମାର ସାମଲ)

## ଅନୁଗୋଳରେ ନୂଆ-ଓ ଉତ୍ସବ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ଜନ କଲ୍ୟାଣ ଯୋଜନା ପ୍ରଣୟନ କରୁଛନ୍ତି। ଅନୁଗୋଳ ଜିଲାର ଯୁବତୀଯୁବକମାନଙ୍କ ଶିକ୍ଷା ସମେତ କ୍ରୀଡ଼ା ଓ ସାଂସ୍କୃତିକ ବିକାଶ ପାଇଁ ନୂଆ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଏହି ନୂଆ-ଓ ଉତ୍ସବ ପାଳନ କରାଯାଉଛି। ତେଣୁ ରାଜ୍ୟ ନେତୃତ୍ୱ ଓ ବିକାଶ ଓଡ଼ିଶାର ନେତୃତ୍ୱ ଯୁବପିଢ଼ିଙ୍କ ହାତରେ। ଅନୁଗୋଳସ୍ଥିତ ବିଜୁ ମୈଦାନ ଠାରେ ଶୁକ୍ରବାର ରାଜ୍ୟ ସରକାରଙ୍କ ନୂଆ ଓଡ଼ିଶା, ଯୁବ ଓଡ଼ିଶା, ନବୀନ ଓଡ଼ିଶା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଏହା କହିଛନ୍ତି।

ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ପାଲଲହଡା ବିଧାୟକ ମୁକେଶ କୁମାର ପାଲ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଅନୁଗୋଳ ଜିଲାର ବିକାଶ ଓ ଯୁବବର୍ଗ, ଛାତ୍ରୀଛାତ୍ରମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ବହୁ ପଦକ୍ଷେପ ନେଉଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ କୁନା ବିହାରୀ ଦାସ, କ୍ରୀଡ଼ା ଓ ଯୁବ ସେବା ବିଭାଗ ସ୍ୱତନ୍ତ୍ର ସଚିବ ଅରବିନ୍ଦ ଅଗ୍ରୱାଲା ଉପସ୍ଥିତ ଥିଲେ। ଜିଲାର ପ୍ରତ୍ୟେକ ମହାବିଦ୍ୟାଳୟରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଓଲିଉଡ କଣ୍ଠଶିଳ୍ପୀ ନାଭ୍ୟା ଯାୟତି, କଣ୍ଠଶିଳ୍ପୀ ସ୍ୱୟମ୍ ପାଢ଼ି, ଜୁନିୟର ପପୁ ଓ ବଲିଉଡ ରାପର ଆର୍‌ସିଆର୍ ଯୋଗଦେଇ ଯୁବଗୋଷ୍ଠୀଙ୍କୁ ବେଶ୍ ଝୁମାଇଥିଲେ। ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଅଧ୍ୟକ୍ଷା ଅଧ୍ୟକ୍ଷ, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଜିଲାରୁ ମୋଟ ୧୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ରାଜ୍ୟସ୍ତରରୁ ଆସିଥିବା ବିଭିନ୍ନ ଅଧିକାରୀ, ଜିଲାର ସମସ୍ତ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶୁଭମ୍ କୁମାର ଓ ସୁଶ୍ରୀ ଶତାବ୍ଦୀ ସୂର୍ଯ୍ୟସ୍ନାତା ମଞ୍ଚ ପରିଚାଳନା କରିଥିଲେ।



ଅନ୍ତରାତ୍ମାରେ ଯଦି ବିକୃତି ଥାଏ- ତେବେ ଶରୀରରେ ନିଶ୍ଚୟ ବ୍ୟାଧି ଦେଖାଯିବ। କାରଣ- ମନର ପାପ ହେଲା ଦୈହିକ ପାପର ପ୍ରଚ୍ଛନ୍ନ କାରଣ। ସେହିପରି-ମଣିଷର ସାମାଜିକ ଜୀବନରେ ଦାରିଦ୍ର୍ୟ ଓ ଦୁର୍ଭୋଗ ବାରମ୍ବାର ଫେରି ଆସୁଥିବ -ଯେତେଦିନ ପର୍ଯ୍ୟନ୍ତ ଗୋଟାଏ ଜାତିର ମନ ଅହଂକାରର ଅଧୀନସ୍ଥ ହୋଇ ରହିଥିବ। -ଶ୍ରୀଅରବିନ୍ଦ



# ସମାବେଶୀ ବିକାଶ ଆଭିମୁଖ୍ୟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଓଡ଼ିଶାର ବାବୁମାନେ ନିବେଶ ପାଇଁ ନୂତନ ବିକଳ୍ପ ଖୋଜିବାକୁ ଚେଷ୍ଟା କରୁଛନ୍ତି । ରାଜ୍ୟରେ ବନ୍ଦ ହୋଇପଡ଼ିଥିବା ଅନେକ ଶିଳ୍ପକୁ ଚଳାଇ ସଫଳତା ହାସଲ କରିବାକୁ ବାବୁମାନେ ଆଗଭର ହେବା ଭଳି ମନେହେଉଛି। ଦୀର୍ଘଦିନ ବନ୍ଦ ହୋଇପଡ଼ିଥିବା ଟେକ୍ସଟାଇଲ ସଂସ୍ଥାକୁ ୱେଲସ୍ପନ ଗ୍ରୁପ ହାତକୁ ନେବାର ଘୋଷଣା କରାଯାଇଛି। ଇଣ୍ଟିଗ୍ରେଟେଡ ଟେକ୍ସଟାଇଲ ଏବଂ ଲଜିଷ୍ଟିକ ସୁବିଧା ପାଇଁ ୱେଲସ୍ପନ ଲିଭିଂର ୩୫୦ ଏକର ସରକାରୀ ଜମି ଅଧିଗ୍ରହଣକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ଅନୁମୋଦନ କରିଛନ୍ତି। ଏହି ପଦକ୍ଷେପ ରାଜ୍ୟର ସମାବେଶୀ ବିକାଶର ଦୃଷ୍ଟିକୋଣକୁ ପ୍ରକାଶ କରେ। ଆଶା କରାଯାଉଛି, ଏଥିରେ ୨୦,୦୦୦ରୁ ଅଧିକ ଲୋକଙ୍କୁ ରୋଜଗାର ମିଳିବ। ପୁନଶ୍ଚ ଦୀର୍ଘଦିନ ଧରି ବନ୍ଦ ହୋଇ ରହିଥିବା ଏକ ପେପର ମିଲ୍‌ର ପୁନରୁଦ୍ଧାର ଲକ୍ଷ୍ୟ ମଧ୍ୟ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କ ସକ୍ରିୟ ଆଭିମୁଖ୍ୟକୁ ଦର୍ଶାଉଛି । ଏହି ସଂସ୍ଥା ପାଇଁ ଉପଯୁକ୍ତ ନିବେଶକ ଚିହ୍ନଟ କରିବାକୁ ଶିଳ୍ପ ବିଭାଗକୁ ଦାୟିତ୍ୱ ଦେଇଛନ୍ତି। ନିଷ୍କ୍ରିୟ ସମ୍ପତ୍ତିକୁ ନୂତନ ଜୀବନ ଓ ଶକ୍ତି ଦେଇ ପୁନଃ ଉତ୍ପାଦନଭିତ୍ତିକ ଅର୍ଥନୀତିକୁ ଆଗକୁ ବଢ଼ାଇବା ଏବଂ ସ୍ଥାନୀୟ ଶ୍ରମଶକ୍ତି ଲାଗି ସୁଯୋଗ ସୃଷ୍ଟି କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ସରକାର ସଙ୍କେତ ଦେଉଛନ୍ତି। ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା ଏବଂ ସେହି ବିଭାଗର ଅନେକ ବରିଷ୍ଠ ବାବୁ ବିଭିନ୍ନ ଶିଳ୍ପ ସଙ୍ଗଠନର କରିଡରରେ ବୁଲୁଥିବା ଜଣାପଡ଼ିଛି। ଏହା ସେମାନଙ୍କ ପାଇଁ ବହୁତ ଉପଯୋଗୀ ସାବ୍ୟସ୍ତ ହୋଇଛି। ପ୍ରମୁଖ ଶିଳ୍ପ ସଂସ୍ଥା ଏଫ୍ଆଇସିସିଆଇର ମୁଖ୍ୟ ଶିଳ୍ପପତି ଶୁଭ୍ରକାନ୍ତ ପଣ୍ଡା ଓଡ଼ିଶାର ହୋଇଥିବାରୁ ତାଙ୍କର ଉପସ୍ଥିତି ସେମାନଙ୍କ ଲକ୍ଷ୍ୟ ହାସଲ ପାଇଁ ଉପଯୋଗୀ ହୋଇଆସିଛି। ଆଶା କରାଯାଏ, ସେମାନଙ୍କ ମିଳିତ ସକ୍ରିୟ ପ୍ରୟାସ ବିଭିନ୍ନ ଚ୍ୟାଲେଞ୍ଜକୁ ସୁଯୋଗରେ ପରିଣତ କରିବ, ଯାହା ରାଜ୍ୟ ପାଇଁ ଉଜ୍ଜ୍ୱଳ ଆର୍ଥିକ ଭବିଷ୍ୟତ ଆଣିପାରିବ।

### କିଏ ହେବେ ଅର୍ଥ ଆୟୋଗ ମୁଖ୍ୟ

ଫାଇନାନ୍ସ କମିଶନ ବା ଅର୍ଥ ଆୟୋଗର ଅଧ୍ୟକ୍ଷ ପଦ ପାଇଁ ପୂର୍ବତନ କେନ୍ଦ୍ର ଅର୍ଥ ସଚିବ (ବ୍ୟୟ) ତଥା ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ରତନ ପି. ୱାଟାଲଙ୍କ ନାମ ଜୋର୍ ଧରିଥିବା ଗୁଞ୍ଜରଣରୁ ଜଣାପଡୁଛି। ଏନ୍. କେ. ସିଂଙ୍କ ନେତୃତ୍ୱରେ ୧୫ ତମ ଅର୍ଥ ଆୟୋଗ ଗତ ମାସରେ ଏହାର କାର୍ଯ୍ୟକାଳ ଶେଷ କରିଥିଲା। ଏନ୍.କେ.ସିଂଙ୍କ ପରେ ୱାଟାଲ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀର ଉତ୍ତରାଧିକାରୀ ଭାବେ କ୍ଷମତା କେନ୍ଦ୍ରର ପସନ୍ଦ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ନିଶ୍ଚିତ ଭାବରେ ତାଙ୍କର ଦକ୍ଷତା ଓ ଅଭିଜ୍ଞତାର ବିକଳ୍ପ ନାହିଁ। ତେଲଙ୍ଗାନା କ୍ୟାଡରର ଏହି ଅବସରପ୍ରାପ୍ତ ୧୯୭୮ ବ୍ୟାଚ୍ ଆଇଏଏସ୍ ଅଧିକାରୀଙ୍କର ବହୁ ଅଭିଜ୍ଞତା ରହିଛି ଏବଂ ବର୍ତ୍ତମାନ ନ୍ୟୁୟର୍କସ୍ଥିତ ଏକ ବିଶ୍ୱସ୍ତରୀୟ ଅଣ-ଲାଭକାରୀ ସଂଗଠନ ଟିବି ଆଲାଏନ୍ସର ନିର୍ଦ୍ଦେଶକ ବୋର୍ଡରେ କାର୍ଯ୍ୟ କରୁଛନ୍ତି। ଉଲ୍ଲେଖନୀୟ ଯେ, ସେ ମୋଦି ସରକାରରେ ନିଜର ବିଶ୍ୱସ୍ତତା ବଜାୟ ରଖିଛନ୍ତି ଓ ପ୍ରମୁଖ ପ୍ରସଙ୍ଗରେ ତାଙ୍କ ଅଭିଜ୍ଞତାର ଯୋଗଦାନ ରହିଆସିଛି। କେନ୍ଦ୍ର ଅର୍ଥ ସଚିବ ଭାବରେ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସେ ଅକ୍ଟୋବର ୨୦୨୧ ପର୍ଯ୍ୟନ୍ତ ନୀତି ଆୟୋଗରେ ସାମାଜିକ କ୍ଷେତ୍ର ପାଇଁ ମୁଖ୍ୟ ଉପଦେଷ୍ଟା ଭାବରେ କାର୍ଯ୍ୟ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ପୁନରୁତ୍ଥାନରେ ସେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଯଦି ସେ ଅର୍ଥ ଆୟୋଗର ଗୁରୁତ୍ୱପୂର୍ଣ୍ଣ ପଦବୀ ପାଆନ୍ତି, ତେବେ ତାଙ୍କ ପ୍ରଦର୍ଶିତ ନେତୃତ୍ୱ ଏବଂ ନିରନ୍ତର ପ୍ରଭାବ ଏକ ମହତ୍ତ୍ୱପୂର୍ଣ୍ଣ ଆର୍ଥିକ ନୀତି ନିଶ୍ଚିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

### ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପଦକ୍ଷେପ

ନିକଟରେ ଚର୍ଚ୍ଚ ଅଫ୍ ନର୍ଥ ଇଣ୍ଡିଆ(ସିଏନ୍ଆଇ)ର ଫରେନ କଣ୍ଟ୍ରିବ୍ୟୁଶନ ଆକ୍ଟ (ଏଫ୍ସିଆର୍ଏ) ଲାଇସେନ୍ସ ରଦ୍ଦ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ (ଏମ୍ଏଚ୍ଏ) ନିଷ୍ପତ୍ତି ନେଇଛି। ସାମ୍ପ୍ରତିକ ସମୟରେ ଏହା ସଂଖ୍ୟାଲଘୁଙ୍କ କାର୍ଯ୍ୟ ପ୍ରସଙ୍ଗରେ ଜଟିଳତା ବୃଦ୍ଧି କରିଛି। ଏହି ପଦକ୍ଷେପ ଏଫ୍ସିଆର୍ଏ ନିୟମ ଉଲ୍ଲଂଘନ କରୁଥିବା ଏନ୍ଜିଓମାନଙ୍କ ପ୍ରତି ଏକ ବଡ଼ କାର୍ଯ୍ୟାନୁଷ୍ଠାନ। କେବଳ ଏହି ଘଟଣା ନୁହେଁ, ଅତୀତରେ ମଧ୍ୟ ଅକ୍ସଫାମ୍ ଇଣ୍ଡିଆ, ସେଣ୍ଟର ଫର୍ ପଲିସି ରିସର୍ଚ୍ଚ (ସିପିଆର୍) ଏବଂ କେୟାର ଇଣ୍ଡିଆ ଭଳି ଜଣାଶୁଣା ସଂସ୍ଥା ସମେତ ଅନେକ ଏନ୍ଜିଓ ସମାନ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଛନ୍ତି। ସୂତ୍ରରୁ ଜଣାପଡ଼ିଛି, ଯେଉଁ ସଂସ୍ଥାଗୁଡ଼ିକ ନିୟମ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବାବୁମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଆସୁଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ଲାଇସେନ୍ସ ନବୀକରଣ ନ ହେବା ପର୍ଯ୍ୟନ୍ତ ସିଏନ୍ଆଇ କୌଣସି ବୈଦେଶିକ ପାଣ୍ଠି ଗ୍ରହଣ କିମ୍ବା ଉପଯୋଗ କରିପାରିବ ନାହିଁ। ଏହି ପଦକ୍ଷେପ ଏଫ୍ସିଆର୍ଏ ନିୟମାବଳୀକୁ କାର୍ଯ୍ୟକାରୀ କରିବାର ପ୍ରତିବଦ୍ଧତାକୁ ସୂଚିତ କରେ, ଯାହା ବିଦେଶୀ ପାଣ୍ଠିର ଅପବ୍ୟବହାର କିମ୍ବା ବିନିଯୋଗକୁ ରୋକିବା ପାଇଁ ଉଦ୍ଦିଷ୍ଟ। ପ୍ରକାଶଯୋଗ୍ୟ ଯେ, ସାମ୍ପ୍ରଦାୟିକ ବିବିଧତା ଏବଂ ଐତିହାସିକ ତିକ୍ତତା ପାଇଁ ଜଣାଶୁଣା ମଣିପୁରରେ ଏବେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଅନେକ ଚର୍ଚ୍ଚ ପୋଡ଼ି ଓ ହତ୍ୟା ଘଟିଛି। ଏହି ପୃଷ୍ଠଭୂମିରେ ଉକ୍ତ ପଦକ୍ଷେପକୁ ରାଜ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ପ୍ରତି କେନ୍ଦ୍ରର ରହିଥିବା ଅବିଶ୍ୱାସର ସଙ୍କେତ ବୋଲି ବିଚାର କରାଯାଇପାରେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସକ୍ରିୟ ଅଧିକାରୀମାନେ ବିଶ୍ୱାସ କରନ୍ତି ଯେ, ଉତ୍ତରଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

Email: dilipcherian@gmail.com

# ଜନସେବାର ପରିଭାଷା



ଛାୟାକାନ୍ତ ଷଡ଼ଙ୍ଗୀ

ସମ୍ପ୍ରତି କିଛି ଧନାଢ଼୍ୟ ବ୍ୟକ୍ତି ଜନସେବା କରିବା ନାମରେ ଦାତବ୍ୟ ଅନୁଷ୍ଠାନ ସ୍ଥାପନ କରୁଛନ୍ତି ଓ ଜନମଙ୍ଗଳ କାର୍ଯ୍ୟ ମଧ୍ୟ କରୁଛନ୍ତି। ମାତ୍ର ଏମାନଙ୍କ ମଧ୍ୟରେ ଅଛନ୍ତି ଦୁଇଟି ଗୋଷ୍ଠୀ। ଗୋଟିଏ ଗୋଷ୍ଠୀ ବ୍ୟବସାୟ କରି ପ୍ରଭୂତ ଅର୍ଥ ଉପାର୍ଜନ କରନ୍ତି ଓ ତାକୁ ଜନସେବାରେ ବିନିଯୋଗ କରୁଛନ୍ତି। ରକ୍‌ଫେଲର ଫାଉଣ୍ଡେଶନ୍ , ଇନ୍‌ଫୋସିସ୍ ଫାଉଣ୍ଡେଶନ୍, ବଫେଟ୍ ଫାଉଣ୍ଡେଶନ୍ ଇତ୍ୟାଦି ଏହି ଶ୍ରେଣୀୟ। ପୁନଶ୍ଚ କେହି କେହି ନିଜ ନାମକୁ ଲୁକ୍କାୟିତ ରଖି ଜନମଙ୍ଗଳ କାର୍ଯ୍ୟ କରିଥାନ୍ତି, ଯଦିଓ ସେମାନଙ୍କ ସଂଖ୍ୟା କମ୍। ଆତ୍ମପ୍ରଚାର କରିବାକୁ ସେମାନେ ଚାହାନ୍ତି ନାହିଁ। ଅପରପକ୍ଷରେ ଆଉ ଗୋଟିଏ ଗୋଷ୍ଠୀ ଅଛନ୍ତି ଯେଉଁମାନେ ଜନମଙ୍ଗଳ କାର୍ଯ୍ୟ ମାଧ୍ୟମରେ ନିଜର ବ୍ୟବସାୟର ଉନ୍ନତି ସାଧନ କରିଥାନ୍ତି। ଜନସେବା ସେମାନଙ୍କ ଲକ୍ଷ୍ୟ ନ ଥାଏ, ତାହା ଭୌତିକ ଲକ୍ଷ୍ୟ ପ୍ରାପ୍ତିର ଏକ ମାଧ୍ୟମ ହୋଇଥାଏ। ବିଶିଷ୍ଟ ଲେଖିକା ସୁଧା ମୂର୍ତ୍ତି ଏହି ଦୁଇଟି ଦୃଷ୍ଟିଭଙ୍ଗୀକୁ ଗୋଟିଏ ପରିବାରର ବାପ ଓ ପୁଅ ମଧ୍ୟରେ ଆବିଷ୍କାର କରି ଉପସ୍ଥାପନ କରିଛନ୍ତି ଏକ ଆଲେଖ୍ୟ, 'ଜନସେବାର ବ୍ୟବସାୟ'।

ହରିଲାଲ୍ ଜୈନ ଥିଲେ ଜଣେ ସଫଳ ବ୍ୟବସାୟୀ ତଥା ଫାର୍ମାସିଷ୍ଟ। କଠିନ ପରିଶ୍ରମ ଓ ସାଧୁତା ବଳରେ ସେ ଏକ କମ୍ପାନୀ ପ୍ରତିଷ୍ଠା କଲେ। ସ୍ୱଭାବତଃ ସେ ଥିଲେ ଦୟାର୍ଦ୍ର ଓ ପରୋପକାରୀ। ସେତେବେଳକୁ ସୁଧା ମୂର୍ତ୍ତି ଇନ୍‌ଫୋସିସ୍ ଫାଉଣ୍ଡେଶନ୍ ଗଢ଼ିସାରି ବିଭିନ୍ନ ସ୍ଥାନରେ ଜନହିତକର କାର୍ଯ୍ୟ କରୁଥାନ୍ତି। ଦିନେ ହରିଲାଲ୍ ଆସି ସୁଧା ମୂର୍ତ୍ତିଙ୍କୁ କହିଲେ, ''ମହାଶୟା! ମୁଁ ପ୍ରଭୂତ ଅର୍ଥ ଉପାର୍ଜନ କରୁଛି। ମୋ ପୁଅ ବିଦେଶରେ ପଢୁଛି। ମୁଁ ସମାଜ ପାଇଁ କିଛି କରିବାକୁ ଚାହେଁ। ମାତ୍ର ସମୟ ପାଉନାହିଁ। ଗାଁ ଓ ବସ୍ତିଗୁଡ଼ିକରେ ଆପଣ କରୁଥିବା ଜନହିତକର କାର୍ଯ୍ୟ ମୋତେ ପ୍ରଭାବିତ ଓ ପ୍ରେରିତ କରିଛି। ମୁଁ ଆପଣଙ୍କୁ ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ମୌଳିକ ଔଷଧ ଗରିବ ଲୋକମାନଙ୍କ ମଧ୍ୟରେ ଆପଣଙ୍କ ଅନୁଷ୍ଠାନ ମାଧ୍ୟମରେ ବଣ୍ଟନ କରିବାକୁ ଚାହେଁ। ଆପଣ ଏହି କାର୍ଯ୍ୟ ପାଇଁ ଜଣେ ଡାକ୍ତର ମଧ୍ୟ ନିଯୁକ୍ତି କରିପାରନ୍ତି। ସେହି ଖର୍ଚ୍ଚ ମଧ୍ୟ ମୁଁ ବହନ କରିବି।'' ହରିଲାଲ୍‌ଙ୍କ ଏହି ପ୍ରସ୍ତାବକୁ ଆନନ୍ଦରେ ଗ୍ରହଣ କଲେ ସୁଧା ମୂର୍ତ୍ତି। ସେ କହିଲେ, ''ଆମ ଡାକ୍ତର ଅଛନ୍ତି। ସେ ଆବଶ୍ୟକ ଔଷଧର ଏକ ତାଲିକା ପ୍ରସ୍ତୁତ କରିବେ। ମୁଁ ପ୍ରତିମାସ ତାଲିକାଟିକୁ ଆପଣଙ୍କ ନିକଟକୁ ପଠାଇବି ଓ ଆପଣ ତା'ଅନୁସାରେ ଔଷଧ ଦେବେ।''ହରିଲାଲ୍ କହିଲେ, ଆପଣଙ୍କ ଆସିବା ଆବଶ୍ୟକ ନାହିଁ, ଔଷଧ ପଠାଇବା ଦାୟିତ୍ୱ ମୋର। ପୁନଶ୍ଚ ଗୋଟିଏ ସର୍ତ୍ତ ହେଉଛି ଆପଣ ମୋର



ନାମ ଓ କମ୍ପାନୀର ନାମକୁ ଲୁକ୍କାୟିତ ରଖିବେ। ଆତ୍ମପ୍ରଚାର କରିବା ମୋର ଉଦ୍ଦେଶ୍ୟ ନୁହେଁ। ଏହି ବୁଝାମଣା ଅନୁସାରେ ହରିଲାଲ୍ ଆବଶ୍ୟକ ଔଷଧ ଯୋଗାଇଲେ ଓ ତାହା ସୁଧା ମୂର୍ତ୍ତିଙ୍କ ଫାଉଣ୍ଡେଶନ୍ ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହଞ୍ଚିଲା।

ହଠାତ୍ ହରିଲାଲ୍‌ଙ୍କ ମୃତ୍ୟୁ ହେଲା। କିଛି ଦିନ ଅନ୍ତେ ସୁଧା ମୂର୍ତ୍ତି ତାଙ୍କ ଅଫିସକୁ ଆସି ଜାଣିଲେ ଜଣେ ଯୁବକ ବସିଛନ୍ତି। ସେ ଥିଲେ ଆମେରିକା ଫେରନ୍ତା ଏମ୍‌ବିଏ ପଢ଼ିଥିବା ହରିଲାଲଙ୍କ ପୁଅ ସାକେତ୍। ବାପାଙ୍କ ମୃତ୍ୟୁ ପରେ ସେ କମ୍ପାନୀର ବ୍ୟବସାୟକୁ ସମ୍ଭାଳୁଥାନ୍ତି। ପୂର୍ବଭଳି ହରିଲାଲଙ୍କ କମ୍ପାନୀରୁ ଔଷଧ ଆସୁଥାଏ। ମାତ୍ର ତାଙ୍କ ମୃତ୍ୟୁର ତିନିମାସ ପରେ ଔଷଧ ଯୋଗାଣ ବନ୍ଦ ହୁଅନ୍ତେ ଦିନେ ସୁଧା ମୂର୍ତ୍ତି କାରଣ ଜାଣିବାକୁ ଅଫିସକୁ ଫୋନ୍ କଲେ। ତାଙ୍କୁ ପରଦିନ ସକାଳ ୯ଟା ବେଳେ ସାକ୍ଷାତ କରିବାକୁ କୁହାଗଲା। ସୁଧା ମୂର୍ତ୍ତି ଠିକ୍ ସମୟରେ ପହଞ୍ଚିଲେ। ଦେଖିଲେ, ଏକ ସୁସଜ୍ଜିତ ପୁଷ୍ପଶୋଭିତ କର୍ପୋରେଟ୍ ଅଫିସ। ସାକେତ୍ ସାହେବଙ୍କ ପ୍ରକୋଷ୍ଠକୁ ପ୍ରବେଶ କରିବାକୁ ଉଦ୍ୟତ ହୁଅନ୍ତେ ଅଭ୍ୟର୍ଥନାକାରୀ ତାଙ୍କୁ ଅଟକାଇଦେଲେ। ବାବୁ ବ୍ୟସ୍ତ ଥିବାରୁ କିଛି ସମୟ ଅପେକ୍ଷା କରିବାକୁ ତାଙ୍କୁ କୁହାଗଲା। ଶେଷରେ ସାକ୍ଷାତ ହେଲା। ସାକେତ୍‌ବାବୁ କହିଲେ, ''ମୋ ବାପା ନିଜ ନାମକୁ ଗୁପ୍ତ ରଖି ଆପଣଙ୍କୁ ପ୍ରଭୂତ ମୂଲ୍ୟର ଔଷଧ ଦାନ କରିଛନ୍ତି। ମୁଁ ଭାବୁଛି ଏହା ଥିଲା ତାଙ୍କର ଏକ ଭୁଲ୍ ନିଷ୍ପତ୍ତି। ମୁଁ ଆପଣଙ୍କ ସହ ପୂର୍ବ ସମ୍ପର୍କକୁ ଅବ୍ୟାହତ ରଖିବାକୁ ଚାହେଁ, ମାତ୍ର ଏକ ନୂଆ ସର୍ତ୍ତରେ। ତାହାହେଲା- ଆପଣ ଯେଉଁ ସ୍ୱାସ୍ଥ୍ୟ ଶିବିର କରୁଛନ୍ତି ସେଠାରେ ଆମ କମ୍ପାନୀର ନାମ ପ୍ରଦର୍ଶିତ ହେବ। ପୂର୍ବଭଳି ଆମ କର୍ମଚାରୀ ଔଷଧ ନେଇ ଆପଣଙ୍କ ପାଖରେ ପହଞ୍ଚାଇବେ ନାହିଁ। ଏଥିପାଇଁ ଆପଣ କର୍ମଚାରୀ ପଠାଇବେ। ଆପଣଙ୍କ ଆବଶ୍ୟକତା ଅନୁସାରେ ଆମେ ଔଷଧ ଦେବୁନାହିଁ। ଯେଉଁ ଔଷଧ ବଳକା ଥିବ ସେତକ ଆମେ ଦେଇପାରିବୁ। ଆପଣ ଆମର ଏହି ଅବଦାନ ସମ୍ପର୍କରେ ବିଭିନ୍ନ ସଭାସମିତିରେ କହିବେ। ଜନସେବା ହେଉଛି ବ୍ୟବସାୟକୁ ସମୃଦ୍ଧ କରିବାର ଏକ ମାଧ୍ୟମ।'' ସୁଧା ମୂର୍ତ୍ତି ତାଙ୍କୁ ଧନ୍ୟବାଦ ଦେଇ କହିଲେ, ''ମୁଁ ଆପଣଙ୍କ ଏହି ସର୍ତ୍ତକୁ ରକ୍ଷା କରିପାରୁନାହିଁ। ଆମେ ଆପଣଙ୍କ ବଳକା ଔଷଧକୁ ବ୍ୟବହାର କରିବାକୁ ବଳକା ରୋଗ ପାଇବୁ କେଉଁଠୁ? ଜନସେବା ଓ ବ୍ୟବସାୟକୁ ମିଶାଇବା ଠିକ୍ ନୁହେଁ।'' ଏତିକି କହି ସେ ବିଦାୟ ନେଲେ। ସେହିଦିନଠାରୁ ସେ ସାକେତ୍‌ବାବୁଙ୍କ କମ୍ପାନୀ ସହ ସମ୍ପର୍କ ଛିନ୍ନ କଲେ।

ଆଜିକାଲି ବହୁ ଧନାଢ଼୍ୟ ବ୍ୟକ୍ତି ଟ୍ରଷ୍ଟ ଫାଉଣ୍ଡେଶନ୍ ଆଦି ଜନସେବା କରିବା ନାମରେ ଗଠନ କରୁଛନ୍ତି। ସାକେତ୍‌ବାବୁଙ୍କ ଭଳି ସେମାନଙ୍କ ଲକ୍ଷ୍ୟ ହେଉଛି କିଛି ଜନସେବା କରି ଖ୍ୟାତି ସାଉଁଟିବା ଓ ଜନସେବା ନାମରେ ବ୍ୟବସାୟକୁ ସମୃଦ୍ଧ କରିବା। ମାତ୍ର ପ୍ରକୃତ ଜନସେବା କରିବାକୁ ଚାହିଁଲେ ଲାଭ କ୍ଷତିର ବଚାର କରାଯାଏ ନାହିଁ। ଜନସାଧାରଣଙ୍କ ଆବଶ୍ୟକତାକୁ ବିଚାର ନ କରି ନିଜ ବ୍ୟବହାରରେ ଆସୁ ନ ଥିବା ଉଦ୍‌ବୃତ୍ତ ସାମଗ୍ରୀକୁ ଦାନ କରିବା ଜନସେବା ନୁହେଁ। ଜନସେବା ହେଉଛି ଏକ ନିଃସ୍ୱାର୍ଥ ଯଜ୍ଞ, ଯେଉଁଥିରେ ପ୍ରକାଶ ପାଏ ଦାତାର ସମ୍ବେଦନା ଏବଂ ନ ଥାଏ ଖ୍ୟାତି ସାଉଁଟିବାର ଓ ସ୍ୱାର୍ଥ ହାସଲ କରିବାର ଅଭିଳାଷ। ଏହିଭଳି ଏକ ଉଦାହରଣ ରହିଛି ମଧ୍ୟପ୍ରାଚ୍ୟର ଏକ କାହାଣୀରେ। ଗୋଟିଏ ଗାଁରେ ଥିଲେ ଜଣେ ବ୍ୟକ୍ତି, ଯାହାଙ୍କୁ ସମଗ୍ର ଗ୍ରାମବାସୀ ତାଙ୍କ କାର୍ପଣ୍ୟ ପାଇଁ ଘୃଣା କରୁଥିଲେ। ଅପରପକ୍ଷରେ ଥାଏ ଜଣେ ଗରିବ ମୋଚି, ଯିଏ ଗାଁରେ ଗରିବମାନଙ୍କୁ ସାହାଯ୍ୟ କରେ ଓ ଜନହିତକର କାର୍ଯ୍ୟ କରେ। ଜଣେ ବଦାନ୍ୟ ବ୍ୟକ୍ତିଭାବରେ ସେ ପ୍ରଶଂସିତ ହୁଏ। ହଠାତ୍ ଗାଁର ସେହି କୃପଣ ବିଦିତ ଧନୀ ବ୍ୟକ୍ତିର ମୃତ୍ୟୁ ହେଲା। ତା'ର ମୃତ୍ୟୁରେ ଗାଁର କେହି ବ୍ୟଥିତ ହେଲେ ନାହିଁ। ମାତ୍ର ମୋଚିଟି ବହୁ କାନ୍ଦିଥିଲା। ତା'ପରେ ଗାଁର ସବୁ ଜନହିତକର କାର୍ଯ୍ୟ ବନ୍ଦ ହୋଇଗଲା। ଦିନେ ଗାଁ ଲୋକେ ତାକୁ ପଚାରିଲେ, ''ତୁମେ ହଠାତ୍ ଜନସେବା ବନ୍ଦ କଲ ଓ ଜଣେ କୃପଣ ବ୍ୟକ୍ତିର ମୃତ୍ୟୁରେ କାନ୍ଦୁଛ। ତୁମ ଚରିତ୍ରରେ ହଠାତ୍ ଏ ପରିବର୍ତ୍ତନର କାରଣ କଣ?'' ମୋଚିର ଉତ୍ତର ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଥିଲା। ସେ କହିଲା, ''ମୁଁ ଯେଉଁ ଜନହିତକର କାର୍ଯ୍ୟ କରୁଥିଲି ସେ ସବୁର ଅର୍ଥ ଯୋଗାଇ ଦେଉଥିଲେ ସେହି କୃପଣ ଭାବରେ ବିଦିତ ଧନୀ ବ୍ୟକ୍ତି। ସେ ଚାଲିଗଲା ପରେ ମୁଁ ଭାଙ୍ଗିପଡ଼ିଛି। ସେ ଚାହୁଁ ନ ଥିଲେ ତାଙ୍କ କୃତିତ୍ୱ ପ୍ରଚାର କରିବା ପାଇଁ ବା ଖ୍ୟାତି ସାଉଁଟିବା ପାଇଁ। ସମ୍ପୂର୍ଣ୍ଣ ଅନ୍ତରାଳରେ ରହି ସମାଜର ମଙ୍ଗଳ କରିବା ଥିଲା ତାଙ୍କର ଇଚ୍ଛା''। ସେଦିନ ସ୍ତବ୍ଧ ହୋଇଥିଲେ ସମଗ୍ର ଗ୍ରାମବାସୀ ଓ ବୁଝିଥିଲେ ଜନସେବାର ପ୍ରକୃତ ପରିଭାଷା। ଆଜି ସମୟ ବଦଳିଯାଇଛି। ଜନସେବାର ଅଭିନୟ ମାଧ୍ୟମରେ ଚାଲିଛି ପ୍ରଭୂତ ଧନ ଓ ପ୍ରଶଂସା ଉପାର୍ଜନ।

ମୋ: ୯୪୩୭୩୨୯୨୬୩

# ନର୍କରେ ଯାହାର ଜୀବିକା



ପଞ୍ଚାନନ ଅଗ୍ରୱାଲା

ସ୍ୱଚ୍ଛ ଭାରତ ଅଭିଯାନରେ କେବଳ ପରିମଳ ଉପରେ ଧ୍ୟାନ ନ ଦେଇ ମାନବୀୟ ସମ୍ମାନ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ହେବ। ଭାରତୀୟ ବିକାଶ ପ୍ରକ୍ରିୟାରେ ହାତରେ ମଇଳା ସଫା କରିବା ପ୍ରଥା ହେଉଛି ଏକ କଳଙ୍କ। ସ୍ୱାଧୀନତାର ୭୬ ବର୍ଷ ପରେ ମଧ୍ୟ ଏହା ଏକ ଜାତୀୟ ଲଜ୍ଜା ହୋଇ ରହିଛି। ହଜାର ହଜାର ସଂଖ୍ୟାରେ ଏହି କାର୍ଯ୍ୟ କରୁଥିବା ପରିବାର ଆଜି ମଧ୍ୟ ସାମାଜିକ ଦୃଷ୍ଟିକୋଣରୁ ଅମାନବୀୟ ଜୀବନ ଯାପନ କରୁଛନ୍ତି। ସଭ୍ୟ ସମାଜରେ ଏହାକୁ ଅନେକ କାଳଧରି ଏକ ଅମାନବୀୟ କାର୍ଯ୍ୟ ଭାବରେ ସ୍ୱୀକାର କରାଯାଇଛି। ୧୯୧୭ରେ ମହାତ୍ମା ଗାନ୍ଧୀ ସାବରମତୀ ଆଶ୍ରମର ଅନ୍ତେବାସୀମାନେ ପାଇଖାନା ନିଜେ ସଫା କରିବା ଉପରେ ଗୁରୁତ୍ୱ ଦେଇଥିଲେ। ୧୯୪୮ ମସିହାରେ ମହାରାଷ୍ଟ୍ର ହରିଜନ ସେବକ ସଂଘ ମଇଳା ସଫା କରିବା ପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରି ଏହା ବିଲୋପ କରିବା ଲାଗି ଦାବି କରିଥିଲେ।

୨୦୦୫ ଜାନୁୟାରୀରେ ଉଚ୍ଚତମ ନ୍ୟାୟାଳୟରେ ସଫେଇ କର୍ମଚାରୀ ଆନ୍ଦୋଳନ ଦ୍ୱାରା କରାଯାଇଥିବା ଏକ ମାମଲା ଦାୟର ହୋଇଥିଲା। ସେଥିରୁ ଜଣାପଡ଼ିଥିଲା ଯେ, ଭାରତରେ ମଇଳା ବୋହୁଥିବା ବ୍ୟକ୍ତିମାନଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହା ପରେ ସତ୍ୟପାଠ ଦେବାଲାଗି ଉଚ୍ଚତମ ନ୍ୟାୟାଳୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଥିଲେ। ଯଦି ମଇଳା ବୋହିବା ପ୍ରଥା ଜାରିଥିବା ଦେଖାଯାଏ ତେବେ ସେମାନଙ୍କ ନିଯୁକ୍ତି ଓ ଥଇଥାନ ସକାଶେ ସମୟାବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

୧୯୮୩ ଆଇନରେ ମେହେନ୍ତର ପ୍ରଥାକୁ ବୃହତ୍ତର ଦୃଷ୍ଟିକୋଣରୁ ଦେଖିବାପାଇଁ ପ୍ରୟାସ କରାଯାଇଥିଲା। କିନ୍ତୁ ସରକାର ଦୀର୍ଘ ବର୍ଷ ପରେ ମଧ୍ୟ ଏହି ଆଇନକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିପାରିନାହାନ୍ତି ଏବଂ ହଜାର ହଜାର ଲୋକ ବର୍ତ୍ତମାନ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସାମାଜିକ ଶୋଷଣ ଓ ଅତ୍ୟାଚାର ବ୍ୟତୀତ ମଇଳା ସଫା କରୁଥିବା ଲୋକ ଅନ୍ୟକେତେକ ସ୍ୱାସ୍ଥ୍ୟଗତ ସମସ୍ୟାର ମଧ୍ୟ ସମ୍ମୁଖୀନ ହୋଇଥାନ୍ତି। ସୁପ୍ରିମ କୋର୍ଟରେ ଶ୍ରୀ ନାରାୟଣ ଯେଉଁ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି ତଦନୁଯାୟୀ ବିପଦ ରହିଛି ମିଥେନ ଓ ହାଇଡ୍ରୋଜେନ ସଲ୍‌ଫାଇଡ୍ ଭଳି ବିପଦସଙ୍କୁଳ ବାଷ୍ପରେ। ପ୍ରଶ୍ୱାସରେ ଏହାକୁ ନେବାଦ୍ୱାରା ମୃତ୍ୟୁ ହୋଇଥାଏ। ଅଷ୍ଟିଓ ଆର୍ଥ୍ରାଇଟିସ, ହେପାଟାଇଟିସ, ଲେପଟୋସ୍ପିରୋସିସ ଏବଂ ଚର୍ମରୋଗ ଓ ଶ୍ୱାସରୋଗ ଆଦି ଦେଖାଦିଏ।

୨୦୧୨ ମାର୍ଚ୍ଚ ୧୨ରେ ତତ୍କାଳୀନ ରାଷ୍ଟ୍ରପତି ପ୍ରତିଭା ପାଟିଲ ସଂସଦରେ ଉଦ୍‌ବୋଧନ ଦେଇ ସାମାଜିକ ନ୍ୟାୟ ପ୍ରତିଷ୍ଠା ପ୍ରତିଶ୍ରୁତି ଦେଇଥିଲେ ଏବଂ କହିଥିଲେ ଯେ ମଇଳା ବୋହିବା ପ୍ରଥା ବିଲୋପ ପାଇଁ ସରକାର ନୂତନ ଆଇନ ସଂସଦରେ ଉପସ୍ଥାପନ କରିବେ। ଏଥିରେ ସେମାନଙ୍କୁ ଉପଯୁକ୍ତ ଥଇଥାନ ପାଇଁ ମଧ୍ୟ ବ୍ୟବସ୍ଥା ହେବ, ଯଦ୍ୱାରା ସେମାନେ ସମ୍ମାନଜନକ ଜୀବନଯାପନ କରିପାରିବେ।

କର୍ଣ୍ଣାଟକରେ ୧୯୭୦ ଠାରୁ ମଇଳା ବୋହିବା ପ୍ରଥା ବିଲୋପ କରାଯାଇଥିଲେ ମଧ୍ୟ ୮୦୦୦ ଲୋକ ଏବେ ମଇଳା ବୋହିବା କାର୍ଯ୍ୟରେ ନିୟୋଜିତ ଅଛନ୍ତି ବୋଲି ଏନ୍.ଏଚ୍.ଆର୍.ସି. ରିପୋର୍ଟରେ



କୁହାଯାଇଛି। ୨୦୧୧ର ସରକାରୀ ହିସାବ ମୁତାବକ ୨୦୦୭ରେ ମଇଳା ବୋହୁଥିବା ବ୍ୟକ୍ତିମାନଙ୍କ ଥଇଥାନ ପାଇଁ କାର୍ଯ୍ୟକାରୀ ହୋଇଥିବା ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ ଅଧୀନରେ ଥଇଥାନ ସକାଶେ ୧, ୧୮, ୪୭୪ ଲୋକଙ୍କୁ ଚିହ୍ନଟ କରାଯାଇଥିଲା। ୨୦୧୧ ଜନଗଣନାରେ ଦର୍ଶାଯାଇଛି ଯେ, ୨୬ ଲକ୍ଷରୁ ଊର୍ଦ୍ଧ୍ୱ ପରିବାରରେ ଅପରିଷ୍କାର ପାଇଖାନା ରହିଛି, ଯାହାକୁ ହାତରେ ସଫା କରାଯାଉଛି।

ବିଭିନ୍ନ ବୈଷୟିକ ଜ୍ଞାନକୌଶଳ ସୁବିଧା ଥିବା ସତ୍ତ୍ୱେ ମଇଳା ଟାଙ୍କିରେ ମେଶିନର ବ୍ୟବହାର ପ୍ରାୟ କମ୍ ହେଉଛି। ୨୦୨୧ ସୁଦ୍ଧା ଦେଶରେ ଶୁଷ୍କ ଶୌଚାଳୟ ସଂଖ୍ୟା ୨୬ ଲକ୍ଷ ରହିଛି। ପ୍ରାୟ ୧୪ ଲକ୍ଷ ଶୌଚାଳୟର ଅବଶିଷ୍ଟ ଖୋଲା ନାଳରେ ପ୍ରବାହିତ କରାଯାଇଛି। ଆଠଲକ୍ଷରୁ ଅଧିକ ଶୌଚାଳୟର ମଳ ସଫେଇ କର୍ମଚାରୀମାନେ ହାତରେ କରୁଛନ୍ତି। ମଇଳା ସଫା କରିବାକୁ ୧.୨୫ଲକ୍ଷ କୋଟି ଟଙ୍କା ନ୍ୟାଶନାଲ ଆକ୍‌ଶନ ପ୍ଲାନ ତିଆରି କରାଗଲା। ୨୦୨୨ର ଶୀତକାଳୀନ ଅଧିବେଶନରେ ସଂସଦରେ ସାମାଜିକ ନ୍ୟାୟ ମନ୍ତ୍ରୀ ରାମଦାସ ଅଠୱାଲେ କହିଥିଲେ, ଗତ ୩ବର୍ଷ ମଧ୍ୟରେ ସେପ୍ଟିକ୍ ଟାଙ୍କି, ନାଳ ସଫା କରିବାରେ ୨୩୩ ମୃତ୍ୟୁ ହୋଇଥିଲା। ବିଗତ ୨୦ବର୍ଷ ମଧ୍ୟରେ ସ୍ୱେରେଜ ଟାଙ୍କି ସଫା କରିବାରେ ୯୮୯ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ତାମିଲନାଡୁରେ ୨୧୩, ଗୁଜରାଟରେ ୧୫୩, ଉତ୍ତର ପ୍ରଦେଶରେ ୧୦୪, ଦିଲ୍ଲୀରେ ୯୮, କର୍ଣ୍ଣାଟକରେ ୮୪ ଏବଂ ହରିୟାଣାରେ ୭୩ଜଣ ସଫେଇ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଗତ ଜୁଲାଇ ମାସରେ କଟକ ବକ୍ସିବଜାର ନିକଟ ବାରପଥର ଅଞ୍ଚଳରେ ଥିବା ମୁକୁଳା ଡ୍ରେନ୍‌ରେ ନରସିଂହା ସଫେଇ କାର୍ଯ୍ୟ କରୁଥିଲାବେଳେ ସେଥିରେ ଖସିପଡ଼ି ତାଙ୍କର ମୃତ୍ୟୁ ଘଟିଥିଲା। ଏକ ଘରୋଇ ସଂସ୍ଥା ତାଙ୍କୁ ସଫେଇ ପାଇଁ ନିୟୋଜିତ କରିଥିଲା। ଏଭଳି ଘଟଣାମାନ ପୂର୍ବରୁ ମଧ୍ୟ ହୋଇଥିବା ଶୁଣାଯାଏ। ହାତରେ ମଇଳା ସଫା କରୁଥିବା ଲୋକମାନେ ଆଜି ବି ତିରସ୍କୃତ ଜୀବନ ବିତାଉଛନ୍ତି। ସେମାନଙ୍କ ମୃତ୍ୟୁରେ ନା ଶୋକସଭା ହେଉଛି ନା କ୍ୟାଣ୍ଡଲ ଯାତ୍ରା ବାହାରୁଛି। ବହୁ ସମୟରେ କେବଳ ତାଙ୍କ ପାଇଁ ଭୋଟ କାଙ୍ଗାଳମାନେ କୁମ୍ଭୀର କାନ୍ଦଣା କାନ୍ଦିଥାନ୍ତି।

ଗତ କିଛିମାସ ତଳେ ଭୁବନେଶ୍ୱରର ଶିଶୁପାଳଗଡ଼ଠାରେ ସେପ୍ଟିକ୍ ଟାଙ୍କି ସଫା କରିବାବେଳେ ଶ୍ୱାସରୁଦ୍ଧ ହୋଇ ୨ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ସଫେଇ କର୍ମଚାରୀମାନଙ୍କୁ ଗ୍ୟାସ୍ ଟେଷ୍ଟର, ଦୂଷିତ ଗ୍ୟାସ୍‌କୁ ବାହାରେ ଫିଙ୍ଗା ଯିବାପାଇଁ ବ୍ଲୋୟର, ଟର୍ଚ୍ଚ, ଚଷମା, ମାସ୍କ, ହେଲ୍‌ମେଟ, ଗ୍ଲୋଭ୍‌ସ ଆଦି ଉପକରଣମାନ ଉପଲବ୍ଧ କରାଯାଇଥାଏ ; ତାହା କିନ୍ତୁ କାର୍ଯ୍ୟକାରୀ ହେଉନାହିଁ। ଉପଯୁକ୍ତ ପ୍ରଶିକ୍ଷଣ ନ ଦିଆଯାଇ ସାମାନ୍ୟ ଟଙ୍କାର ପ୍ରଲୋଭନ ଦେଖାଇ ସଫେଇ କାର୍ଯ୍ୟରେ ଲଗାଯାଉଛି। ବାବା ସାହେବ ଆମ୍ବେଦ୍‌କରଙ୍କ ମତରେ ଜାତିବାଦ ବ୍ୟବସ୍ଥାର ଶୃଙ୍ଖଳାକୁ ଭାଙ୍ଗି ପରସ୍ପର ପ୍ରତି ଆସ୍ଥା ଓ ବିଶ୍ୱାସଭାଜନ ହେଲେ ଯାଇ ଦେଶ ସମୃଦ୍ଧ ହେବ। କିନ୍ତୁ ଏହାର ବାସ୍ତବତା ପରିଲକ୍ଷିତ ହେଉନାହିଁ। କଟକର ନରସିଂହାଙ୍କ ଭଳି ଅନେକ ସଫେଇ କର୍ମୀଙ୍କ ମୃତ୍ୟୁ ହେଉଛି, ତା'ର ହିସାବ ଦେଶର ନଗରପାଳିକାମାନେ ଦେଇପାରିବେ କି?

**ରାଧିକା ଟାୱାର, ଟଙ୍କପାଣି ରୋଡ୍, ଭୁବନେଶ୍ୱର**

**ମୋ:୯୭୭୭୭୪୪୦୭୧**

## ଏଇ ଭାରତରେ

କଦଳୀ ଚାଷରେ ଲାଭ ନାହିଁ ବୋଲି ଯେଉଁମାନେ କୁହନ୍ତି ସେମାନେ କେରଳର ବିନୋଦ ଶହଦେବନ ନାୟରଙ୍କ ଚାଷ ପଦ୍ଧତିକୁ ଅନୁକରଣ କରିବା ଦରକାର। ବିନୋଦ ୫୦୦କିସମର କଦଳୀ ଚାଷ କରି ସେଥିରୁ ମାସକୁ ୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। କେବଳ ଏତିକି ନୁହେଁ ସେ ୫୦୦ ପ୍ରକାର କଦଳୀ ଚାରା ମଧ୍ୟ ଲୋକଙ୍କୁ ମାଗଣାରେ ବାଣ୍ଟୁଛନ୍ତି। ବିନୋଦ ରହନ୍ତି ଥିରୁଭାନନ୍ତପୁରମରେ। ତାଙ୍କୁ ବୟସ ଏବେ ୬୩। ସେ ପଦାର୍ଥ ବିଜ୍ଞାନରେ ଡିଗ୍ରୀ ହାସଲ କରିବା ପରେ କୋଚିରେ ୱେବ୍ ଡିଜାଇନ ଫାର୍ମ ଆରମ୍ଭ କରିଥିଲେ। ତାଙ୍କ ମା'ଙ୍କର ଦେହାନ୍ତ ପରେ ସେ ଘରକୁ ଫେରିଆସି କଦଳୀ ଚାଷ ଆରମ୍ଭ କଲେ। ଲୋକେ ତାଙ୍କୁ 'ବାନାନା ମ୍ୟାନ୍' ବୋଲି ସମ୍ବୋଧନ କରୁଛନ୍ତି। ବିଶ୍ୱରେ ୧,୦୦୦ ପ୍ରକାର କଦଳୀ ଥିବାବେଳେ ବିନୋଦ ୫୦୦ ପ୍ରକାର କଦଳୀ ଚାଷ କରିବା ଏକ ବିରଳ ସଫଳତା। ଏଥିରେ ବହୁ ବିଦେଶୀ କିସମର କଦଳୀ ଅଛି। ଚାଷ ପାଇଁ ବିନୋଦ ମାଲେସିଆ, ଆଫ୍ରିକା, ଅଷ୍ଟ୍ରେଲିଆ, ହୋଣ୍ଡୁରାସ ଆଦି ଦେଶ ଭ୍ରମଣ କରିଛନ୍ତି। ଉତ୍ପାଦିତ କଦଳୀକୁ ସେ ହୋଲସେଲ ମାର୍କେଟରେ ବିକ୍ରି କରନ୍ତି। ବିନୋଦ କଦଳୀ ଚାଷ ସମ୍ପର୍କରେ ଲୋକଙ୍କୁ ମାଗଣାରେ ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ଡିସେମ୍ବର ୧୯୭୪

- ଶୀତ ପ୍ରବାହ ଯୋଗୁ ବିହାରରେ ୩୨ ମୃତ।
- କେରଳରେ 'ଦ ସେଣ୍ଟର ଅଫ୍ ଇଣ୍ଡିଆନ କମ୍ୟୁନିଷ୍ଟ' ନାମରେ ଏକ ନୂତନ ଦଳ ଗଠନ।
- ଦୀର୍ଘ ୫୧ ବର୍ଷର ଉଦ୍ୟମ ପରେ 'ଆକ୍ରମଣ'ର ସଜ୍ଞା ଜାତିସଂଘ ସାଧାରଣ ପରିଷଦରେ ଗୃହୀତ।

## ଚିରନ୍ତନୀ

ଶକତିର ସେବୀ ସୁଦ୍ଧା ଶୁଣିପାରେ ଯୁକତିର ବାଣୀ
ବଦଳାଇ ପାରେ ହୃଦ ମଥା ତାର ଲୋଡ଼ା ନାହିଁ ହାଣି
ମାଲିକ ଶ୍ରମିକ ପ୍ରଜା ନିଷ୍ପେସିତ ଦୀନ ଧନବାନ
ବିନା ରକ୍ତେ ସମ୍ଭବଇ ସକଳ ଭେଦର ଅବସାନ!
-(ଜାଗ ଜାଗ ଗାନ୍ଧୀ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | | 4 | 8 | |
| 4 | | 9 | | | | | | |
| | 8 | | | 6 | | | 1 | |
| | 4 | 3 | | | | 9 | | |
| | | 7 | | 3 | | | | 8 |
| | | | | | | | 5 | 6 |
| | | | | | | 2 | | |
| 1 | | | 4 | | 8 | | 9 | 7 |
| 5 | | | | | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 7 | 3 | 4 | 1 | 6 | 5 | 2 |
| 4 | 1 | 2 | 6 | 8 | 5 | 7 | 9 | 3 |
| 5 | 6 | 3 | 2 | 7 | 9 | 4 | 1 | 8 |
| 2 | 7 | 5 | 8 | 3 | 6 | 9 | 4 | 1 |
| 8 | 9 | 1 | 7 | 5 | 4 | 3 | 2 | 6 |
| 3 | 4 | 6 | 1 | 9 | 2 | 5 | 8 | 7 |
| 1 | 3 | 4 | 9 | 6 | 8 | 2 | 7 | 5 |
| 6 | 2 | 9 | 5 | 1 | 7 | 8 | 3 | 4 |
| 7 | 5 | 8 | 4 | 2 | 3 | 1 | 6 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କଳୁଷିତ ରାଜନୀତି ଲୋପ ହେଉ

ମହାଶୟ,

ହତ୍ୟା, ମହିଳା ବିରୋଧୀ ଅପରାଧ ଭଳି ବିଭିନ୍ନ ମାମଲାରେ ଜଡ଼ିତ ଥିବା ସାଂସଦ ଓ ବିଧାୟକମାନଙ୍କ ପାଇଁ ରାଜନୀତି କଳୁଷିତ ହେଉଥିବାରୁ ଜନତା ସ୍ୱଚ୍ଛ ରାଜନୀତିର ସ୍ୱାଦ ଚାଖିପାରୁ ନାହାନ୍ତି। ଆଜିର ରାଜନୀତିରେ କ୍ରମବର୍ଦ୍ଧିଷ୍ଣୁ ଅପରାଧୀକରଣ ଯୋଗୁ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଭୁଶୁଡ଼ି ପଡୁଛି। ଯଦ୍ୱାରା ସ୍ୱଚ୍ଛ ଶାସନ ବ୍ୟବସ୍ଥାରୁ ସମସ୍ତ ନାଗରିକ ଉପକୃତ ହୋଇପାରୁନାହାନ୍ତି। ସେଥିପାଇଁ ସାଂସଦ ଓ ବିଧାୟକଙ୍କ ବିରୋଧରେ ଥିବା ଆପରାଧିକ ମାମଲାର ଶୀଘ୍ର ଫଏସଲା କରିବାକୁ ଉଚ୍ଚ ନ୍ୟାୟାଳୟଗୁଡିକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ, ଏଭଳି ମାମଲାରେ ନିମ୍ନ ଅଦାଲତଗୁଡ଼ିକୁ ଏକ ପ୍ରକାର ମାର୍ଗଦର୍ଶିକା ଜାରି କରିବା କଷ୍ଟକର ବୋଲି ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ତେବେ ବର୍ତ୍ତମାନର ସ୍ଥିତି ଅନୁଧ୍ୟାନ କଲେ ଏହା ବିଫଳ ହେବା ଏକ ପ୍ରକାର ନିଶ୍ଚିତ। ଅବଶ୍ୟ ସାଂସଦ ଓ ବିଧାୟକମାନଙ୍କ ନାମରେ ଥିବା ଆପରାଧିକ ମାମଲାର ବିଚାରକୁ ତ୍ୱରାନ୍ୱିତ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି, ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସ୍ୱାଗତଯୋଗ୍ୟ। କିନ୍ତୁ ବର୍ତ୍ତମାନର ପରିସ୍ଥିତିକୁ ଦେଖିଲେ ଏ ବ୍ୟବସ୍ଥା ବିଫଳ ହେଉଥିବାରୁ ଜନତା ସଚେତନ ହେବା ଜରୁରୀ ହୋଇପଡ଼ିଛି। ବିଶେଷ କରି କଳୁଷିତ ରାଜନୈତିକ ଦଳ ଓ ରାଜନେତାଙ୍କୁ ଜନତା ନିର୍ବାଚିତ ନ କଲେ ରାଜନୀତିର ଅବସ୍ଥା ନିଶ୍ଚୟ ସୁଧୁରିବ।

**-ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ

# ପଛକୁ ଫେରିଚାହୁଁଛନ୍ତି ଜୟନ୍ତ

**ପୁରୀ ୧୫।୧୨ (ଅଜିତ୍ ମହାନ୍ତି)**

ପୁରୀ ଜିଲାରେ ୬ ବିଧାନସଭା ନିର୍ବାଚନମଣ୍ଡଳୀ- ପିପିଲି, ସତ୍ୟବାଦୀ, ପୁରୀ, ବ୍ରହ୍ମଗିରି, ନିମାପଡ଼ା ଏବଂ କାକଟପୁର। ତନ୍ମଧ୍ୟରୁ ୩୨ ୱାର୍ଡ ଓ ୨୨ ପଞ୍ଚାୟତକୁ ନେଇ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ। ସାଧାରଣ ନିର୍ବାଚନ ହେଉ ଅବା ପଞ୍ଚାୟତ ସବୁ ସମୟରେ ଏଠାରେ ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଦେଖିବାକୁ ମିଳିଥାଏ। କିନ୍ତୁ ଏବେ ଆଲୋଚନା ହେଲାଣି ୨୦୨୪ରେ ଭାଜପା ଓ ବିଜେଡି ମଧ୍ୟରେ ମୁଖ୍ୟତଃ କଡ଼ା ଟକ୍କର ହେବ।

ବିଜେଡି ଗଡ଼ କୁହାଯାଉଥିବା ପୁରୀ ସଦର ନିର୍ବାଚନମଣ୍ଡଳୀରେ ଗତ ନିର୍ବାଚନରେ ପଦ୍ମ ଫୁଟିଥିଲା। ପୁରୀର ଦିବଂଗତ ଟାଣୁଆ ନେତା ମହେଶ୍ୱର ମହାନ୍ତିଙ୍କୁ ପରାସ୍ତ କରି ବିଜେଡିରୁ ଭାଜପାକୁ ଯାଇଥିବା ଜୟନ୍ତ ଷଡ଼ଙ୍ଗୀ ବିଜୟୀ ହୋଇଥିଲେ। ଏକଦା ସେ ମହେଶ୍ୱରଙ୍କ ଅନୁଗତ ଥିଲେ। ପୁରୀରେ ପ୍ରଥମଥର ପାଇଁ ଭାଜପା ତା'ର ଖାତା ଖୋଲିବାରେ ସଫଳ ହୋଇଥିବା ନେଇ ସେତେବେଳେ


ଜୟନ୍ତ ଷଡ଼ଙ୍ଗୀ


ସୁନୀଲ ମହାନ୍ତି


ଶୁଭାଶିଷ ଖୁଣ୍ଟିଆ


ଦିବାକର ପାତ୍ର

ଜୋର ଚର୍ଚ୍ଚା ହୋଇଥିଲା। ଜୟନ୍ତଙ୍କ ରାଜନୀତିଜୀବନକୁ ଯଦି ଦେଖାଯାଏ ସେ ୧୯୮୫ରେ ଜନତା ଦଳରେ ଯୋଗଦେଇଥିଲେ। ଜନତା ଦଳ ସମର୍ଥନରେ ୧୯୯୨ରେ ପୁରୀ ମ୍ୟୁନିସିପାଲିଟିରୁ କାଉନସିଲର ହୋଇଥିଲେ। ୧୯୯୭ରେ ଜନତା ଦଳ ଓ ୨୦୦୩ରେ ବିଜୁ ଜନତା ଦଳ ସମର୍ଥନରେ କାଉନସିଲର ହୋଇଥିଲେ। ୨୦୧୩ରେ ବିଜେଡି କାଉନସିଲର ଭାବେ ନିର୍ବାଚିତ ହେବା ସହ ୨୦୧୩-୨୦୧୮ ପୁରୀ ମ୍ୟୁନିସିପାଲିଟି ଚେୟାରମ୍ୟାନ୍ ହୋଇଥିଲେ। ତେବେ ୨୦୧୯ରେ ସେ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ହେଲେ ସେ ପୁରୀବାସୀଙ୍କୁ ଯେଉଁସବୁ ଆଶା ଦେଇଥିଲେ ସେସବୁ କରିବାରେ ବିଫଳ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଲୋକେ କୁହାକୁହି ହେଉଛନ୍ତି। ଏପରିକି ପରିକ୍ରମା ପ୍ରକଳ୍ପ ହେଉ ବା ଅନ୍ୟାନ୍ୟ କାର୍ଯ୍ୟ, ଷଡ଼ଙ୍ଗୀ ଲୋକଙ୍କୁ ସହଯୋଗ କରିବା ପରିବର୍ତ୍ତେ ନୀରବ ରହି ସରକାରଙ୍କୁ ସମର୍ଥନ କରୁଥିବା ଅଭିଯୋଗ ହେଇଆସୁଛି। ଏଥିପାଇଁ ଭାଜପା ଭିତରେ ତାଙ୍କୁ ବିରୋଧ କରାଯାଉଥିବା ଦେଖାଯାଉଛି। ଏସବୁ ଦେଖି କେତେକେ କହୁଛନ୍ତି ତାଙ୍କୁ ଆଗକୁ ହୁଏତ ଦଳୀୟ ଟିକେଟ ମିଳିପାରେ ; ଆଉ କିଛି ଟିକେଟ ମିଳିବା କଷ୍ଟକର ବୋଲି କହୁଛନ୍ତି। ଏମିତି ବି ଚର୍ଚ୍ଚା ହେଉଛି ଷଡ଼ଙ୍ଗୀ ଭାଜପା ଛାଡ଼ି ପୁଣି ନିଜ ପୁରୁଣା ଦଳ ବିଜେଡିକୁ ଫେରିଯାଇପାରନ୍ତି। ଥୋକେ କହିଲେଣି ପାଗ ଦେଖି ସେ ପୁରୀ ନିର୍ବାଚନମଣ୍ଡଳୀ ଛାଡ଼ି ଅନ୍ୟତ୍ର ଯାଇପାରନ୍ତି।

ଅପରପକ୍ଷରେ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ୧୯୯୫ରୁ ଜନତା ଦଳ ଓ ୧୯୯୭ରୁ ୨୦୧୯ ଯାଏ ବିଜୁ ଜନତା ଦଳରୁ ପାଞ୍ଚଥର ବିଧାୟକ ହୋଇଥିବା ମହେଶ୍ୱର ବିଭିନ୍ନ ବିଭାଗର ମନ୍ତ୍ରୀ ଓ ବାଚସ୍ପତି ଭଳି ପଦବୀରେ ଆସୀନ ହୋଇଥିଲେ। ତାଙ୍କ ଦେହାନ୍ତ ପରେ ବିଜେଡିର ପ୍ରାର୍ଥୀ ଖୋଜାଚାଲିଛି। ଯାହା ଆଲୋଚନା ହୁଏ, ୨୦୧୯ ସାଧାରଣ ନିର୍ବାଚନରେ ମହେଶ୍ୱର ପରାଜୟ ବରଣ କରିବା ପରେ ସେ ତାଙ୍କର ପୁଅ ସୁନୀଲଙ୍କୁ ସକ୍ରିୟ ରାଜନୀତିକୁ ଆଣିଥିଲେ। ୨୦୨୪ ନିର୍ବାଚନ ପାଇଁ ସୁନୀଲ ବିଜେଡିରୁ ଆଶାୟୀ ଥିବା ବେଳେ ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଥିବା ଦିବାକର ପାତ୍ର (ବାବୁ) ମଧ୍ୟ ଟିକେଟ ପାଇବା ପାଇଁ ଚେଷ୍ଟା ଚଳାଇଛନ୍ତି। ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆ (ଲକି) ମଧ୍ୟ ଟିକେଟ ଆଶାୟୀ ଥିବା ସାଧାରଣରେ ଆଲୋଚନା ହେଉଛି।

କଂଗ୍ରେସ କଥା ଦେଖିଲେ କେତେକ ବରିଷ୍ଠ ଓ ଯୁବ ନେତା ଟିକେଟ ଯୋଗାଡ଼ରେ ଲାଗିପଡ଼ିଛନ୍ତି। ୨୦୧୯ ନିର୍ବାଚନ ପାଇଁ ଅନେକ ଆଶାୟୀଙ୍କୁ ବାଦ୍ ଦେଇ ଅରୋ ପ୍ରସାଦ ମିଶ୍ର ନିର୍ବାଚନ ଟିକେଟ ହାତେଇଥିଲେ। ପରବର୍ତ୍ତୀ ସମୟରେ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସର ଗୋଷ୍ଠୀକନ୍ଦଳ ପୁରୀ କଂଗ୍ରେସ ରାଜନୀତିକୁ ଅସ୍ଥିର କରିଥିଲା। ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଉମାବଲ୍ଲଭ ରଥ ବିଭିନ୍ନ ବୈଠକ କରି ଲୋକଙ୍କ ନିକଟତର ହେବାକୁ ଚାହୁଁଥିବା ବେଳେ ଯୁବ କଂଗ୍ରେସରୁ ଏକାଧିକ ଆଶାୟୀ ଥିବା ଆଲୋଚନା ହେଉଛି।। ୨୦୨୪ ସାଧାରଣ ନିର୍ବାଚନ ପାଇଁ ଆମ୍ ଆଦ୍‌ମୀ ପାର୍ଟି ଅଧିକ ସକ୍ରିୟ ହେଉଥିବା ଦେଖାଯାଉଛି। ରାଜନୈତିକ ବିଶ୍ଳେଷକଙ୍କ ମତରେ ବିଜେଡି-ଭାଜପା ନିର୍ବାଚନୀ ମଇଦାନକୁ ପ୍ରସ୍ତୁତ ହୋଇ ଓହ୍ଲାଇବା ଦେଖାଯାଉଛି।



ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣି ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟ ଛକ ନିକଟରେ ଭାଜପା ପକ୍ଷରୁ ଶୁକ୍ରବାର ପ୍ରତିବାଦ ସଭା କରାଯାଉଛି।

# କ୍ରୀଡ଼ାର ରାଜନୀତୀକରଣ କରା ନ ଯାଉ: ବାହିନୀପତି

**କୋରାପୁଟ,୧୫।୧୨ (ଅମିତାଭ ବେହେରା)**

କୋରାପୁଟ ପୋଲିସ ପଡିଆରେ ଶୁକ୍ରବାର ଆୟୋଜିତ ନୂଆ -ଓ କାର୍ଯ୍ୟକ୍ରମ ଦ୍ୱାରା କରାଯାଉଥିବା କ୍ରୀଡ଼ା ଉତ୍ସବରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗଣମାଧ୍ୟମକୁ ନିଜର ପତିକ୍ରିୟା ଦେଇ କହିଥିଲେ, ଶିକ୍ଷା ସହ କ୍ରୀଡ଼ାର ଆବଶ୍ୟକତା ରହିଛି। କ୍ରୀଡ଼ା ଶାରୀରିକ ଓ ମାନସିକସ୍ତରରେ ସୁସ୍ଥ ରଖିଥାଏ। କିନ୍ତୁ ଏହାକୁ ନେଇ ରାଜନୀତି କରା ନ ଯାଉ। ଏହି କ୍ରୀଡ଼ା ପ୍ରତିବର୍ଷ କରାଯାଉ, ଖାଲି ନିର୍ବାଚନ ପାଇଁ କରା ନ ଯାଉ ଏବଂ ନିର୍ବାଚନ ପରେ ବନ୍ଦ ନ ହେଉ। ବିଜୁ ବାହିନୀ କରି ୧୦୦ କୋଟି ଖର୍ଚ୍ଚ କରି ପରେ ବନ୍ଦ


କ୍ରୀଡ଼ା ଉତ୍ସବରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ଅନ୍ୟମାନେ।

କରିଦେଲେ। ସେହିଭଳି ଏହାକୁ ବନ୍ଦ ନ କରନ୍ତୁ, ସ୍ୱାସ୍ଥ୍ୟ ଠିକ୍ ରହିଲେ ଗୁଣାତ୍ମକ ଶିକ୍ଷାର ବିକାଶ ହେବ। ଏଥିପାଇଁ ଭଲ ଦରମା ଦେଇ ଉତ୍ତମ ଶିକ୍ଷକ ରହିବା ଆବଶ୍ୟକ। ଭଲ ଶିକ୍ଷକ ରହିଲେ ଶିକ୍ଷାଦାନ ଠିକ୍ ହେବ। ଫଳରେ ରାଜ୍ୟ ଓ ଦେଶର ଉନ୍ନତି ଘଟିବ। ବର୍ତ୍ତମାନ ଶିକ୍ଷାର ଭିତ୍ତିଭୂମି ଠିକ୍ ନ ଥିବା ବେଳେ ଅଧିକାଂଶ ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି। ସେହିଭଳି କଲେଜରେ ଅଧ୍ୟାପକ ପଦବୀ ଖାଲି ପଡିଛି। ମେଡିକାଲରେ ଡାକ୍ତର ନାହାନ୍ତି। ଭାଷାଭିତ୍ତିକ ଶିକ୍ଷକ ନିଯୁକ୍ତି ହେବା ଦରକାର। ରାଜ୍ୟ ସରକାର ଜିଲାରୁ ପ୍ରତିବର୍ଷ ୫ ହଜାର କୋଟିରୁ ଉର୍ଦ୍ଧ୍ୱ ରୟାଲଟି ନେଉଥିବା ବେଳେ ଜିଲାକୁ ମାତ୍ର ୧୨ ଶହ କୋଟି ଦେଉଛନ୍ତି। ଜିଲାର ଉନ୍ନତି ପାଇଁ ଚିନ୍ତା କରୁନାହାନ୍ତି। ଅବିଭକ୍ତ କୋରାପୁଟ ଜିଲାରେ ଗୋଟିଏ ମାତ୍ର ବିଏଡ୍ କଲେଜ। ହେଲେ ୩ ବର୍ଷ ହେବ ଅଧ୍ୟାପକ ନିଯୁକ୍ତି କରା ନ ଯିବାରୁ କେନ୍ଦ୍ର ସରକାର ଅନୁମତି ଦେଲେ ନାହିଁ। ଫଳରେ ଅନେକ ହଜାର ଛାତ୍ରୀଛାତ୍ର ନାମ ଲେଖାଇ ପାରୁନାହାନ୍ତି। ସେହିଭଳି କୋରାପୁଟ ହକି ଗ୍ରାଉଣ୍ଡ ବସ୍‌ଷ୍ଟାଣ୍ଡକୁ ଦେଇଦେଲେ। ଏଥିଯୋଗୁ ଖେଳାଳିଙ୍କ ମଧ୍ୟରେ ନୈରାଶ୍ୟ ଭାବ ଦେଖାଦେଇଛି। ଜିଲାରୁ ହକି ଖେଳ ହଜିଯାଉଛି। ଏଣୁ ଯୁବ ଓଡିଶା କ୍ରୀଡା ଉତ୍ସବ ପ୍ରତିବର୍ଷ କରାଯାଉ ବୋଲି ଦାବି କରିଛନ୍ତି।

## ରାଉରକେଲା କଂଗ୍ରେସର ମିଶ୍ରଣପର୍ବ

**ରାଉରକେଲା,୧୫।୧୨ (ସଙ୍ଗୀତା ଜେନା)**

ରାଉରକେଲା ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଶୁକ୍ରବାର ମିଶ୍ରଣପର୍ବ ଅନୁଷ୍ଠିତ ହୋଇଛି। ସଭାପତି ରଶ୍ମିରଞ୍ଜନ ପାଢ଼ୀଙ୍କ ନେତୃତ୍ୱ ଓ ଯୁବନେତା ପ୍ରଫୁଲ କଂସାରୀଙ୍କ ଆବାହକତ୍ୱରେ ୨୨ଜଣ ଯୁବନେତା କଂଗ୍ରେସର ପ୍ରାଥମିକ ସଦସ୍ୟତା ଗ୍ରହଣ କରିଥିଲେ। ସଭାପତି ପାଢ଼ୀ ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ରାମାନନ୍ଦ ଶ୍ରୀଚନ୍ଦନ, ସାବିର ହୁସେନ୍, ଉମେଶ ଶରଣ, ତୁଳସୀ ନାଗ ଏବଂ ରାଜେନ୍ଦ୍ର ତନ୍ତୀ ଉପସ୍ଥିତ ରହିଥିଲେ।

## ରାଜନୀତିରେ ଚର୍ଚ୍ଚିତ ଗାଁ

# ପୁନଙ୍ଗ ଦେଇଛି ୪ ବିଧାୟକ

**ଜଗତ୍‌ସିଂହପୁର, ୧୫।୧୨ (ପ୍ରମୋଦ କୁମାର ନାୟକ)**

ଓଡ଼ିଶାର ଏଭଳି ଏକ ଗାଁ ଅଛି ଯେଉଁଠି ଜଣେ କି ଦୁଇ ଜଣ ନୁହନ୍ତି, ଚାରି ଜଣ ବିଧାୟକ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ସେମାନଙ୍କ ମଧ୍ୟରେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ରାଜନେତା ତଥା ଜାତୀୟ କବି ବୀରକିଶୋର ଦାସଙ୍କ ନାମ ସର୍ବାଗ୍ରେ ଆସିବ। ବୀରକିଶୋର ୨୩।୧୧।୧୮୯୬ରେ ଜଗତ୍‌ସିଂହପୁର ସହର ଉପକଣ୍ଠ ପୁନଙ୍ଗ ଗ୍ରାମରେ ଜନ୍ମ ଗ୍ରହଣ କରି କଟକ ପ୍ୟାରୀମୋହନ ଏକାଡେମୀରେ ଅଧ୍ୟୟନ କରିଥିଲେ। ବିଶେଷକରି ଦେଶାତ୍ମବୋଧକ କବିତା ରଚନାକରି ପରାଧୀନ ଭାରତରେ ନୂଆ ଜାଗରଣ ସୃଷ୍ଟି କରିବାରେ ସେ ଜଣେ ଅଗ୍ରଣୀ ଯୋଦ୍ଧା ସାଜିଥିଲେ। ୧୯୫୯ ଉପନିର୍ବାଚନରେ ଜଗତ୍‌ସିଂହପୁର ବିଧାନସଭା ଆସନରୁ ସେ କଂଗ୍ରେସ ଟିକେଟ୍‌ରେ ବିଜୟୀ ହୋଇଥିଲେ। ୨୮।୪।୧୯୭୩ରେ ତାଙ୍କର ପରଲୋକ ଘଟିଥିଲା।

ପ୍ରିୟନାଥ ଦେଙ୍କ ତ୍ୟାଗପୂର୍ଣ୍ଣ ଜୀବନ ମଧ୍ୟ କିଛି କମ୍ ନ ଥିଲା। ୨।୧୧।୧୯୨୨ରେ ପୁନଙ୍ଗରେ ଜନ୍ମଗ୍ରହଣ କରିଥିଲେ। କଲେଜରେ ପଢୁଥିବାବେଳେ ଅର୍ଥାତ୍ ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ ଜେଲ ଯାଇଥିଲେ। ୧୯୫୫ରେ ସୋସିଆଲିଷ୍ଟ ପାର୍ଟି ପକ୍ଷରୁ ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ହାରିଯାଇଥିଲେ। କିନ୍ତୁ ୧୯୬୧ ମଧ୍ୟବର୍ତ୍ତୀ ନିର୍ବାଚନରେ କଂଗ୍ରେସ ଟିକେଟ୍‌ରେ ଜଗତ୍‌ସିଂହପୁର ବିଧାନସଭା


ବୀରକିଶୋର ଦାଶ


କୃଷ୍ଣ ମଲ୍ଲିକ


ପ୍ରିୟନାଥ ଦେ


ସମୀର ଦେ

ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ଓଡ଼ିଶା ବିଧାନସଭାକୁ ଯାଇଥିଲେ।

କୃଷ୍ଣ ମଲ୍ଲିକ ୧୯୮୦ ବିଧାନସଭା ନିର୍ବାଚନରେ କଂଗ୍ରେସ ଟିକେଟରେ ଜଗତ୍‌ସିଂହପୁର ଆସନରୁ ବିଧାୟକ ହୋଇଥିଲେ। ସେ ମଧ୍ୟ ଏହି ଗାଁର। ସମୀର ଦେ ପୁନଙ୍ଗରେ ଜନ୍ମଗ୍ରହଣ କରିଥିଲେ। ହେଲେ ସେ କଟକ ବିଧାନସଭା ଆସନରୁ ଭାଜପା ଟିକେଟରେ ୩ ଥର ବିଧାୟକ ସହ ମନ୍ତ୍ରୀ ହେବାର ଗୌରବ ହାସଲ କରିଥିଲେ।

ଗୋଟିଏ ଗାଁରୁ ୪ ବିଧାୟକ ହେବା ଗୌରବର କଥା। ପୁନଙ୍ଗର ଶରତ ପାତ୍ର ଓ ରଜନୀକାନ୍ତ ଚୌଧୁରୀ ପ୍ରମୁଖ କହିଛନ୍ତି, ସେତେବେଳେ ଜାତୀୟ କବିଙ୍କ ନୀତି, ଆଦର୍ଶ, ବ୍ୟକ୍ତିତ୍ୱ ଓ ସମାଜ ପ୍ରତି ଥିବା ତ୍ୟାଗ ମନୋଭାବ ତାଙ୍କୁ ସଂକୀର୍ଣ୍ଣ ରାଜନୀତିଠାରୁ ଉର୍ଦ୍ଧ୍ୱକୁ ନେଇ ଯାଇଥିଲା। ୧୯୫୯ରେ ବିଧାୟକ ନୀଳମଣି ପ୍ରଧାନଙ୍କ ବିୟୋଗ ପରେ ଜଗତ୍‌ସିଂହପୁର ବିଧାନସଭା ଆସନରେ ଉପନିର୍ବାଚନ ହୋଇଥିଲା। ଏଥିରେ କଂଗ୍ରେସ ଟିକେଟରେ ପ୍ରାର୍ଥୀ ହୋଇ ବୀରକିଶୋର ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ପ୍ରଜା ସୋସାଲିଷ୍ଟ ପାର୍ଟିର ତୁଙ୍ଗନେତା ଲୋକନାଥ ରାୟଙ୍କୁ ପରାସ୍ତକରି ୧୩।୨।୧୯୫୯ରେ ବିଧାୟକ ହୋଇଥିଲେ।

ଏହାପର ନିର୍ବାଚନରେ ଲୋକେ ତାଙ୍କ ପ୍ରାର୍ଥିତ୍ୱ ଦାବି କରିଥିଲେ। କିନ୍ତୁ ସେ କହିଥିଲେ ତାଙ୍କ ପାଖରେ ଧନ କି ବାହୁ ବଳ ନାହିଁ। ଟିକେଟ ମିଳିବ ନାହିଁ। ପୁଣି ପ୍ରାର୍ଥୀ ହୋଇ ରାସ୍ତା, ଘାଟ, ସ୍କୁଲ, କୂଅ, ପୋଖରୀ, ବନ୍ଧବାଡ଼, ଡାକ୍ତରଖାନା ଓ ଚାକିରି ଆଦି କରାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସରକାରକୁ ଗଲେ ତାହା ପୂରଣ କରିବେ ବୋଲି କହିଥିଲେ। କିନ୍ତୁ କାଣିଚାଏ କରିପାରିଲେ ନାହିଁ। ପୁଣି ଯାଇ ଲୋକଙ୍କୁ କ'ଣ କହିବେ ବୋଲି ପାଲଟା ପ୍ରଶ୍ନ କରିଥିଲେ। ତେଣୁ ମିଥ୍ୟାବାଦୀ ତାଲିକାରେ ତାଙ୍କ ନାମ ଲେଖାଇବା ପାଇଁ ସେ ଚାହାନ୍ତି ନାହିଁ ବୋଲି ପୁନଃ ପ୍ରାର୍ଥୀ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ।

ପ୍ରିୟନାଥ ଦେ ମଧ୍ୟ ଆର୍ଥିକସ୍ତରରେ ସୁଦୃଢ଼ ନ ଥିଲେ ମଧ୍ୟ ଦେଶ ଭକ୍ତିରେ ଆଗରେ ଥିଲେ। ପୁନଙ୍ଗରେ ଭିଟାମାଟି ଥିଲେ ସୁଦ୍ଧା ପୂର୍ବପରି ସରଳ, ନିରାଡ଼ମ୍ବର ଜୀବନ ଅତିବାହିତ କରିଥିଲେ, ଯେଉଁ କାରଣରୁ ସେ ତାଙ୍କ ଜୀବନର ଶେଷ ସମୟରେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିଲେ। କୃଷ୍ଣ ମଲ୍ଲିକ ଜଣେ ଭଦ୍ର ଓ ସରଳ ବ୍ୟକ୍ତି। ନିର୍ବାଚନ ସମୟରେ ସାଇକେଲ କିମ୍ବା ପାଦରେ ଚାଲି ପ୍ରଚାର କରୁଥିଲେ। ବିଧାୟକ ହୋଇଥିଲେ ମଧ୍ୟ ନିଜ ଆର୍ଥିକ ସ୍ଥିତିରେ କୌଣସି ଉନ୍ନତି ଆଣିପାରି ନ ଥିଲେ। ଇତିମଧ୍ୟରେ ସେ ୯୦ ବର୍ଷରେ ପଦାର୍ପଣ କଲେଣି।


**ରାଷ୍ଟ୍ରୀୟ ବିତ୍ତୀୟ ରିପୋର୍ଟିଂ ପ୍ରାଧିକରଣ**
**୭ମ-୮ମ ମହଲା, ହିନ୍ଦୁସ୍ତାନ ଟାଇମ୍ସ ହାଉସ୍, ୧୮-୨୦ କେ.ଜି. ମାର୍ଗ, ନୂଆଦିଲ୍ଲୀ - ୧୧୦୦୦୧**

ଏନ୍‌ଏଫ୍‌ଆର୍‌ଏ ଏହାର ତା୨୩।୧୧।୨୦୨୩ରିଖର ଖାଲି ପଦବୀ ପରିପତ୍ର ମାଧ୍ୟମରେ ଏନ୍‌ଏଫ୍‌ଆର୍‌ଏରେ ନିମ୍ନଲିଖିତ ପଦବୀଗୁଡ଼ିକରେ ନିଯୁକ୍ତି ପାଇଁ ଅଖିଳ ଭାରତୀୟ କିମ୍ବା କେନ୍ଦ୍ରୀୟ ସିଭିଲ ସେବା ଅଧିକାରୀ / ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଅଧିକାରୀ/ ଆର୍‌ବିଆଇ ଅଧିକାରୀ/ସର୍ବସାଧାରଣ କ୍ଷେତ୍ରୀୟ ବ୍ୟାଙ୍କ/ସରକାରୀ ଆର୍ଥିକ ଅନୁଷ୍ଠାନ/ ନିୟାମକ ସଂସ୍ଥା/ସର୍ବସାଧରଣ କ୍ଷେତ୍ରୀୟ ଉଦ୍ୟୋଗ/ସ୍ୱୟଂଶାସିତ ଏବଂ ବୈଧାନିକ ସଂସ୍ଥା/ଅନ୍ୟାନ୍ୟ ସରକାରୀ ଅନୁଷ୍ଠାନର ଅଧିକାରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି ।

i. ମୁଖ୍ୟ ମହାପ୍ରବନ୍ଧକ - (୦୨ ପଦବୀ)
ii. ମହାପ୍ରବନ୍ଧକ - (୦୩ ପଦବୀ)
iii. ଉପ ମହାପ୍ରବନ୍ଧକ - (୦୨ ପଦବୀ)
iv. ସହାୟକ ମହାପ୍ରବନ୍ଧକ - (୦୧ ପଦବୀ)
v. ପ୍ରବନ୍ଧକ - (୦୨ ପଦବୀ)
vi. ସହାୟକ ପ୍ରବନ୍ଧକ - (୦୧ ପଦବୀ)

ୱେବ୍‌ସାଇଟ୍: www.nfra.gov.inରେ ପ୍ରଦତ୍ତ ବିବରଣୀ ଅନୁଯାୟୀ ଉପରୋକ୍ତ ପଦବୀଗୁଡ଼ିକ ଡେପୁଟେଶନ/ସ୍ୱଳ୍ପ-କାଳୀନ ଚୁକ୍ତି ଭିତ୍ତିରେ ହେବ । ଆଗ୍ରହୀ ଏବଂ ଯୋଗ୍ୟ ଅଧିକାରୀମାନେ ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ଏହି ବିଜ୍ଞାପନ ପ୍ରକାଶନ ତାରିଖଠାରୁ ୬୦ ଦିନ କିମ୍ବା ତାହା ପୂର୍ବ ସୁଦ୍ଧା ଉପଯୁକ୍ତ ମାଧ୍ୟମରେ ନିର୍ଦ୍ଧାରିତ ଫର୍ମାଟ୍‌ରେ ଆବେଦନ କରିପାରିବେ ।

cbc 07122/12/0001/2324



**Shree Jagannath Temple Office, Puri**
**Quotation Call Notice No. 15655 Dt.13.12.2023**
"For Supplying, Installation, Testing & Commissioning of WLAN along with Operation and maintenance at four numbers of Guest House of SJTA, Puri".
Visit Website: **www.shreejagannatha.in**.
Last date: 26.12.2023 by 4.00 P.M.
**Sd./- Administrator**
**Shri Jagannath Temple, Puri**



**REQUIRES RMO**
Jagannath Hospital, Sahid Nagar, Bhubaneswar urgently requires RMO (Ayush / Dental). Atleast one year experience is appreciated. Candidates may send their resume through email before 17th December 2023.
**jagannathhospital@yahoo.com**
**WhatsApp : 8093091310**



**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥର ସ୍କ୍ରାପ୍ ବିକ୍ରୟ**

ନଂ.: ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌୦ଏସ୍‌ଏଏଲ୍‌ଇ(ଡିଏସ୍‌ପିଏଲ୍)/୪/୨୦୨୩-ଏସ୍‌ଏଏଲ୍‌ଇ/୪ ତାରିଖ: ୧୪।୧୨।୨୦୨୩

**ଜାନୁୟାରୀ, ଫେବୃୟାରୀ, ମାର୍ଚ୍ଚ-୨୦୨୪**
**ମାସ ପାଇଁ ଇ-ନିଲାମ କାର୍ଯ୍ୟକ୍ରମ ୪ର୍ଥ ତ୍ରୈମାସ ୨୦୨୩-୨୪**

| ମାସ | ଡିଭିଜନ ଏବଂ ଡିପୋ | | | | |
|---|---|---|---|---|---|
| | ଆଦ୍ରା ଡିଭିଜନ | ଖଡ଼ଗପୁର ଡିପୋ | ଚକ୍ରଧରପୁର ଡିଭିଜନ | ଖଡ଼ଗପୁର ଡିଭିଜନ | ରାଞ୍ଚି ଡିଭିଜନ |
| ଜାନୁୟାରୀ ୨୦୨୪ | ୦୧.୦୧.୨୦୨୪ | ୦୨.୦୧.୨୦୨୪ | ୦୩.୦୧.୨୦୨୪ | ୦୪.୦୧.୨୦୨୪ | ୦୫.୦୧.୨୦୨୪ |
| | ୦୮.୦୧.୨୦୨୪ | ୦୯.୦୧.୨୦୨୪ | ୧୦.୦୧.୨୦୨୪ | ୧୧.୦୧.୨୦୨୪ | ୧୨.୦୧.୨୦୨୪ |
| | ୨୨.୦୧.୨୦୨୪ | ୧୬.୦୧.୨୦୨୪ | ୧୭.୦୧.୨୦୨୪ | ୧୮.୦୧.୨୦୨୪ | ୧୯.୦୧.୨୦୨୪ |
| | ୨୯.୦୧.୨୦୨୪ | ୩୦.୦୧.୨୦୨୪ | ୨୪.୦୧.୨୦୨୪ | ୨୫.୦୧.୨୦୨୪ | ୩୧.୦୧.୨୦୨୪ |
| ଫେବୃୟାରୀ ୨୦୨୪ | ୦୫.୦୨.୨୦୨୪ | ୦୬.୦୨.୨୦୨୪ | ୦୭.୦୨.୨୦୨୪ | ୦୧.୦୨.୨୦୨୪ | ୦୨.୦୨.୨୦୨୪ |
| | ୧୨.୦୨.୨୦୨୪ | ୧୩.୦୨.୨୦୨୪ | ୧୪.୦୨.୨୦୨୪ | ୦୮.୦୨.୨୦୨୪ | ୦୯.୦୨.୨୦୨୪ |
| | ୧୯.୦୨.୨୦୨୪ | ୨୦.୦୨.୨୦୨୪ | ୨୧.୦୨.୨୦୨୪ | ୧୫.୦୨.୨୦୨୪ | ୧୬.୦୨.୨୦୨୪ |
| | ୨୬.୦୨.୨୦୨୪ | ୨୭.୦୨.୨୦୨୪ | ୨୮.୦୨.୨୦୨୪ | ୨୨.୦୨.୨୦୨୪ | ୨୩.୦୨.୨୦୨୪ |
| ମାର୍ଚ୍ଚ ୨୦୨୪ | ୦୪.୦୩.୨୦୨୪ | ୦୫.୦୩.୨୦୨୪ | ୦୬.୦୩.୨୦୨୪ | ୦୭.୦୩.୨୦୨୪ | ୦୧.୦୩.୨୦୨୪ |
| | ୧୧.୦୩.୨୦୨୪ | ୧୨.୦୩.୨୦୨୪ | ୧୩.୦୩.୨୦୨୪ | ୧୪.୦୩.୨୦୨୪ | ୦୮.୦୩.୨୦୨୪ |
| | ୧୮.୦୩.୨୦୨୪ | ୧୯.୦୩.୨୦୨୪ | ୨୦.୦୩.୨୦୨୪ | ୨୧.୦୩.୨୦୨୪ | ୧୫.୦୩.୨୦୨୪ |
| | ୨୯.୦୩.୨୦୨୪ | ୨୬.୦୩.୨୦୨୪ | ୨୭.୦୩.୨୦୨୪ | ୨୮.୦୩.୨୦୨୪ | ୨୨.୦୩.୨୦୨୪ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ପାଇଁ ଦୟାକରି ୱେବ୍‌ସାଇଟ୍: **www.ireps.gov.in/e-Auction** ପରିଦର୍ଶନ କରନ୍ତୁ ।
(PR-922) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ



**REQUIRED**
**PRODUCT MANAGER**
**DEVI CROPSCIENCE PVT. LTD.**
Corporate Office: 'Devi House', 281-4, Sivagangai Main Road, Gomathipuram, Madurai – 625 020 Tamilnadu
DEVI देवी
A leading Agrochemical Manufacturing and Exporting Company with its Flagship product & Brand Leader BOOM FLOWER (New Generation Plant Growth Regulator & Now CIB/Govt. Approved) and also dealing with quality Biostimulants, Biological Pesticides, Bio Fertilizers having branches all over India are recruiting the following position in their marketing expansion program.
**PRODUCT MANAGER**
**Cuttack H.Q.**
Candidate should be minimum B.Sc (Agri) having around 10-12 years experience in Marketing & Product Development with reputed Agricultural inputs marketing company. Should have handled sales promotion & marketing in entire Odisha State. Fluency in English is preferred. Salary commensurate with experience and qualification.
Please send your resume on the email or WhatsApp number.
Email: pune@devicropscience.com
akroy@devicropscience.com
**Whatsapp: 9547209142**



**Office of the Executive Engineer**
**Road Construction Department, Road Division, Garhwa**
e-Procurement Notice
For National Competitive Bidding (Short Term Tender)
e-Tender Reference No. : RCD/GARHWA/**1272**/2023-24
Date:- 15.12.2023

| | | |
|---|---|---|
| 1. | Name of the work | **Improvement of Riding Quality work of Chiniya-Ranpura-Khuthwa More road (Total Length - 32.925 km.) under Road Division, Garhwa** |
| 2a. | Approximate Value of Work | Rs. **21,81,19,850.00** (Rupees Twenty One crore Eighty One Lakh Nineteen thousand Eight hundred Fifty) only. |
| b. | Bid Security* | Rs. **21,82,000.00** (Rupees Twenty One Lac Eighty Two Thousand) only. |
| 3. | Time of Completion | 05 (Five) Months. |
| 4. | Last date/Time for receipt of bids | 08-01-2024, 12.00 Noon |
| 5. | Date of Publication of Tender on website | 26-12-2023, 10.30 A.M. |
| 6. | Name & address of office Inviting tender | Executive Engineer, RCD, Road Division, Garhwa Pin Code - 822114 |
| 7. | Contact no. of Procurement officer | **06561-295161** |
| 8. | Helpline number of e-Procurement cell | **0651-2401010** |

Note :- The Bid Amount & Bid security will be decrease or increase.
*Further details can be seen on website* http://jharkhandtenders.gov.in
UCAN registration is mandatory for the bidders who are already registered in appropriate class with road construction department Govt. of Jharkhand.
**Executive Engineer,**
**Road Construction Department,**
**Road Division, Garhwa**
PR 313595 Road (23-24)_D



**ODISHA ELECTRICITY REGULATORY COMMISSION**
Plot No. 4, Chunukoli, Saileshree Vihar, Chandrasekharpur, Bhubaneswar-751021
Website : www.orierc.org

**PUBLIC NOTICE**
**Case No.121 of 2023**
**In the matter: An application of TPSODL for approval of Open Access Charges for FY 2024-25.**

M/s. TP Southern Odisha Distribution Ltd.(TPSODL) has filed an application for approval of Open Access Charges for the Financial Year 2024-25 under Section 42 the Electricity Act, 2003 and in accordance with OERC(Terms and Conditions of Intra-State Open Access) Regulations, 2020 applicable to open access customers for use of intra-State transmission/ distribution system.

The copy of the aforesaid application may be downloaded from the Commission's website (www.orierc.org)/ TPSODL's website www.tpsouthernodisha.com or it may be obtained from the Office of the Commission by paying photo copy charges of Rs.25/-(Rupees twenty five) only. The Commission has decided to dispose of the matter through a public hearing along with the ARR & RST application of the applicant for FY 2024-25 in Case No.119 of 2023 and the date & place of hearing which shall be communicated latter on.

Interested Persons/ Institutions/ Organizations may file their views/suggestions/ objections supported by affidavit before the Commission on or before **16.01.2024** serving copy to the applicant TPSODL. TPSODL is directed to file its rejoinder to the objection/suggestions of the Respondents by 25.01.2024 with a copy to the Respondents.

**Dated: :16.12.2023** **By Order of the Commission**
**Sd/-**
**Secretary**



**ପୂର୍ବ ତଟ ରେଳପଥ**
ସଂ.Comml/SBP/E-auction/Catg./23/27
ତା.07.12.2023ରିଖ

**କ୍ରମ ସଂ.1:** ସମ୍ପତ୍ତିର ବିବରଣୀ : **05** ବର୍ଷ ନିମନ୍ତେ ମହାସମୁନ୍ଦ 'D'ବର୍ଗ (MSMD)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଗ ଦୋକାନ (ଜେନେରାଲ ମାଇନର ୟୁନିଟ୍-ଅଣସଂରକ୍ଷିତ)ବ୍ୟବସ୍ଥା । ଷ୍ଟେସନ: ମହାସମୁନ୍ଦ (MSMD) ।

**କ୍ରମ ସଂ.2:** ସମ୍ପତ୍ତିର ବିବରଣୀ : **05** ବର୍ଷ ନିମନ୍ତେ ରେଢ଼ାଖୋଲ ଷ୍ଟେସନ 'D'ବର୍ଗ (RAIR)/ ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଗ ଦୋକାନ (ଷ୍ଟେଶାଲ ମାଇନର ୟୁନିଟ୍-ଅନ୍ୟାନ୍ୟ ପଛୁଆ ବର୍ଗ/ମହିଳା) ବ୍ୟବସ୍ଥା । ଷ୍ଟେସନ: ରେଢ଼ାଖୋଲ (RAIR) ।

**କ୍ରମ ସଂ.3:** ସମ୍ପତ୍ତିର ବିବରଣୀ : **05** ବର୍ଷ ନିମନ୍ତେ ବଲାଙ୍ଗୀର ଷ୍ଟେସନର ପରିଚାଳନ କ୍ଷେତ୍ର ଠାରେ ରେଳ କୋଚ୍ ରେଷ୍ଟୁରାଣ୍ଟର ସ୍ଥାପନ, ପରିଚାଳନ ଏବଂ ପ୍ରବନ୍ଧନ ବ୍ୟବସ୍ଥା । ଷ୍ଟେସନ: ବଲାଙ୍ଗୀର (BLGR) ।

**କ୍ରମ ସଂ.4:** ସମ୍ପତ୍ତିର ବିବରଣୀ : **08** ବର୍ଷ ନିମନ୍ତେ ଟିଟିଲାଗଡ଼ ଷ୍ଟେସନର ପରିଚାଳନ କ୍ଷେତ୍ର ଠାରେ ରେଳ କୋଚ୍ ରେଷ୍ଟୁରାଣ୍ଟର ସ୍ଥାପନ, ପରିଚାଳନ ଏବଂ ପ୍ରବନ୍ଧନ ବ୍ୟବସ୍ଥା । ଷ୍ଟେସନ : ଟିଟିଲାଗଡ଼ (TIG) ।

**କ୍ରମ ସଂ.5:** ସମ୍ପତ୍ତିର ବିବରଣୀ : **08** ବର୍ଷ ନିମନ୍ତେ ମୁନିଗୁଡ଼ା ଷ୍ଟେସନର ପରିଚାଳନ କ୍ଷେତ୍ର ଠାରେ ରେଳ କୋଚ୍ ରେଷ୍ଟୁରାଣ୍ଟର ସ୍ଥାପନ, ପରିଚାଳନ ଏବଂ ପ୍ରବନ୍ଧନ ବ୍ୟବସ୍ଥା । ଷ୍ଟେସନ : ମୁନିଗୁଡ଼ା (MNGD) ।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ: ତା.**22.12.2023** ରିଖ **1100** ଘଟିକା (କ୍ରମ ସଂ.1 ଏବଂ 2 ପାଇଁ), ତା.**19.12.2023** ରିଖ **1200** ଘଟିକା (କ୍ରମ ସଂ.3 ପାଇଁ) ଏବଂ ତା.**22.12.2023** ରିଖ **1200** ଘଟିକା (କ୍ରମ ସଂ.4 ଏବଂ 5 ପାଇଁ), ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.**22.12.2023** ରିଖ **1140** ଘଟିକା (କ୍ରମ ସଂ.1 ଏବଂ 2 ପାଇଁ), ତା.**19.12.2023** ରିଖ **1230** ଘଟିକା (କ୍ରମ ସଂ.3 ପାଇଁ) ଏବଂ ତା.**22.12.2023** ରିଖ **1240** ଘଟିକା (କ୍ରମ ସଂ.4 ଏବଂ 5 ପାଇଁ) ।

ବିସ୍ତୃତ ବିବରଣୀ: **www.ireps.gov.in** ରେ ଉପଲବ୍ଧ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ସମ୍ବଲପୁର
PR-884/O/23-24



**ଏସ୍.ଇ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି.), ଦ.ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ୍ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ. ଏବଂ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: ଟେଣ୍ଡର ବିଜ୍ଞପ୍ତି ନଂ.** (୧) ସିକେପି-ସାଉଥ୍-୨୩-୨୪-୪୨, ତାରିଖ: ୧୪।୧୨।୨୦୨୩; ବାଂଶପାଣି- ଡିଭିଜନାଲ ଇଞ୍ଜିନିୟର (ସାଉଥ୍), ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ବିଦ୍ୟମାନ ୬'' ଡାୟା ସି.ଆଇ. ର' ୱାଟର ପାଇପକୁ ୮'' ଡାୟା ଡି.ଆଇ. ପାଇପର ୪୩୦୦ମି ଲମ୍ବା ୱାଟର ସପ୍ଲାଏ ସିଷ୍ଟମ୍ ଦ୍ୱାରା ବଦଳାଇବା । ₹୧,୨୮,୬୭,୩୬୩.୫୯; ₹୨,୧୪,୩୦୦/-। (୨) ସିକେପି-ସାଉଥ୍-୨୩-୨୪-୪୩, ତାରିଖ: ୧୪।୧୨।୨୦୨୩; ଡିଭିଜନାଲ ଇଞ୍ଜିନିୟର (ସାଉଥ୍), ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ପଦାପାହାଡ଼-ବାଂଶପାଣି ସେକ୍ସନ ମଧ୍ୟରେ ୫୨୦୦ ଗୋଟି. ପିଏସ୍‌ସି ସ୍ଲିପର୍ସର କାଜୁଆଲ୍ ନବୀକରଣ । ₹୪୩,୯୭,୪୭୪.୭୦; ₹୮୮,୦୦୦/-। (୩) ସିକେପି-ସେଣ୍ଟ୍ରାଲ-୨୩-୨୪-୩୯, ତାରିଖ: ୧୪।୧୨।୨୦୨୩; (i) ବିମଲାଗଡ଼ - ସି ଆଣ୍ଡ ଡବ୍ଲ୍ୟୁ ଷ୍ଟୋର୍ ତଥା ଷ୍ଟାଫ୍ ରୁମ୍ ସହିତ ରୋଲିଂ ଇନ୍ ଏକ୍ସାମିନେଶନ୍ ସୁବିଧାର ବ୍ୟବସ୍ଥା (ii) ରିଲେ ରୁମ୍ ପାଇଁ ଇଞ୍ଜିନିୟରିଂ କାର୍ଯ୍ୟ - ୩.୬x୩.୧ ବର୍ଗମି, ଆଇପିଏସ୍ ରୁମ୍-୨.୫x୩.୧ ବର୍ଗମି ଏବଂ ବ୍ୟାଟେରି ରୁମ୍ - ୧.୮x୩.୧ ବର୍ଗମି (କାର୍ଯ୍ୟ ଠିକା); ₹୪୫,୭୮,୯୩୯.୯୭; ₹୯୧,୬୦୦/-। (୪) ସିକେପି-ସେଣ୍ଟ୍ରାଲ-୨୩-୨୪-୪୦, ତାରିଖ: ୧୪।୧୨।୨୦୨୩; ଆସିଷ୍ଟାଣ୍ଟ ଡିଭିଜନାଲ ଇଞ୍ଜିନିୟର/ୱେଷ୍ଟ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ସେସ୍ ମରାମତି (କାର୍ଯ୍ୟ ଠିକା); ₹୧,୩୨,୦୭, ୯୦୫/-; ₹୨,୧୬,୦୦୦/-। **ଟେଣ୍ଡର ଫର୍ମ ମୂଲ୍ୟ: ପ୍ରତ୍ୟେକ ପାଇଁ ୦.୦୦ । ଖୋଲାଯିବା ତାରିଖ:** କ୍ର.ସଂ. ୧ ଓ ୨ ପାଇଁ ତା୧୨।୦୧।୨୦୨୪ରିଖ ଏବଂ କ୍ର.ସଂ .୩ ଓ ୪ ପାଇଁ ତା୧୬।୦୧।୨୦୨୪ରିଖ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। **(PR-924)**

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଏକାମ୍ର ସ୍ପୋର୍ଟ୍ସ ଲିଟରେଚର ଫେଷ୍ଟିଭାଲ, ଟେନିସ୍ ସେଣ୍ଟର ଅଡିଟୋରିୟମ, କଳିଙ୍ଗ ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା।
- ସୋସାଇଟି ଫର୍ ନେଚର ଏଜୁକେଶନ ଆଣ୍ଡ ହେଲ୍‌ଥ ପକ୍ଷରୁ 'ମିଟ୍ ଅନ୍ ରେଷ୍ଟୋରେଟିଭ୍ ଜଷ୍ଟିସ୍ ଫର୍ ମିଡିଆ ପର୍ସନ୍ସ' କାର୍ଯ୍ୟକ୍ରମ, କେଶରୀ ହୋଟେଲ, ପୂର୍ବାହ୍ନ ୧୦ଟା।
- ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଜାତୀୟ ହସ୍ତଶିଳ୍ପ ମେଳା, ତୋଷାଳି, ଜନତା ମଇଦାନ, ଅପରାହ୍ନ ୨ଟା ୩୦।
- ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ବିଦ୍ୟାଳୟ ପରିସର, ଅପରାହ୍ନ ୫ଟା।
- ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ଉତ୍ତରୁ ଓଡ଼ିଶୀ କାର୍ଯ୍ୟକ୍ରମ,ପାନ୍ଥନିବାସ କନ୍‌ଫରେନ୍ସ ହଲ୍, ଅପରାହ୍ନ ୫ଟା।
- ଗୀତିକବି ମନୋଜ ମହାନ୍ତିଙ୍କ ତ୍ରୟୋଦଶ ଗୀତିକବିତା ପୁସ୍ତକ' ପ୍ରଜାପତିର ସ୍ୱପ୍ନ'ର ଲୋକାର୍ପଣ ଉତ୍ସବ ଓ ସଙ୍ଗୀତ ସନ୍ଧ୍ୟା, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୫ଟା ୩୦।
- ଶିବ୍ ମ୍ୟୁଜିକ୍ ରୁମ୍ ପକ୍ଷରୁ ପ୍ରତିଧ୍ୱନି କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ହାବିଲ୍‌ଦାର ଆଣ୍ଡ ସିପାହି ଆସୋସିଏଶନର ୪୪ତମ ବାର୍ଷିକୋତ୍ସବ, ଓଏସ୍‌ଏପି ୭ମ ବାଟାଲିଅନ କ୍ୟାଣ୍ଟିନ ଗ୍ରାଉଣ୍ଡ, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଇନ୍‌ଫର୍‌ମେଶନ ସାଇନ୍ସ ପକ୍ଷରୁ ଉମଙ୍ଗ କାର୍ଯ୍ୟକ୍ରମ, ବକ୍ରେଶ୍ୱର ପଡ଼ିଆ, ଭିଙ୍ଗାରପୁର, ପୂର୍ବାହ୍ନ ୧୦ଟା।

**କଟକ**

- ରେଭେନ୍‌ଶା ବାଳିକା ବିଦ୍ୟାଳୟର ୧୫୦ତମ ବାର୍ଷିକ ଉତ୍ସବ, ବିଦ୍ୟାଳୟ ପରିସର, ମଧ୍ୟାହ୍ନ ୧୨ଟା।

**ବଡ଼ମ୍ବା**

- ଭୀମ ଭୋଇ ଭିନ୍ନକ୍ଷମ ଶିବିର, ବ୍ଲକ କାର୍ଯ୍ୟାଳୟ ପରିସର, ସକାଳ ୮ଟା।
- ମୋହନ ସୁବୁଦ୍ଧି ମହାବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, କଲେଜ ଖେଳପଡ଼ିଆ, ସକାଳ ୯ଟା।
- ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଶୁଭାରମ୍ଭ, ଶଙ୍ଖାମେରୀ ସପ୍ତେଶ୍ୱର ଦେବ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।

# ନୂଆବର୍ଷରୁ ଶ୍ରୀମନ୍ଦିରରେ ପ୍ଲାଷ୍ଟିକ୍, ପଲିଥିନ୍ ମନା

**ପୁରୀ, ୧୫।୧୨(ଅଜିତ୍ ମହାନ୍ତି)**



## ନିର୍ଦ୍ଦେଶ ଜାରିକଲେ ମୁଖ୍ୟ ପ୍ରଶାସକ

ଶ୍ରୀମନ୍ଦିରକୁ ପଲିଥିନ ଓ ପ୍ଲାଷ୍ଟିକମୁକ୍ତ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଶୁକ୍ରବାର ଏକ ବିଜ୍ଞପ୍ତି ମାଧ୍ୟମରେ ନିର୍ଦ୍ଦେଶ ଜାରି କରିଛନ୍ତି। ମୁଖ୍ୟ ପ୍ରଶାସକ ଦାସ ବିଜ୍ଞପ୍ତିରେ ଦର୍ଶାଇଛନ୍ତି ଯେ, ନୂଆବର୍ଷରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିରରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ବନ୍ଦ କରିବା ପାଇଁ ଏକ ଡ୍ରାଇଭ ଆରମ୍ଭ କରାଯାଇଛି। ଏ ନେଇ ସମସ୍ତ ନିଯୋଗ ଏବଂ ତୀର୍ଥଯାତ୍ରୀଙ୍କୁ ପଲିଥିନ ବ୍ୟାଗରେ ଭୋଗ ଓ ଫୁଲ ନ ଆଣିବାକୁ କିମ୍ବା ନ ନେବାକୁ ଅନୁରୋଧ କରାଯାଉଛି। ବିକଳ୍ପ ସାମଗ୍ରୀ ଭାବେ କାଠ, ବାଉଁଶ, ପତ୍ର, ବାଡ଼ି କିମ୍ବା ଅନ୍ୟାନ୍ୟ ଶାକାହାରୀ ସାମଗ୍ରୀରେ ନିର୍ମିତ କାଗଜ, ସୂତାବ୍ୟାଗ କିମ୍ବା ଟାଙ୍ଗୁଡ଼ି ବ୍ୟବହାର କରିପାରିବେ। ତୀର୍ଥଯାତ୍ରୀ ଏବଂ ସେବାୟତଙ୍କ ମଧ୍ୟରେ ଏହି ସଚେତନତା ବିସ୍ତାର କରିବାରେ ସମସ୍ତେ ସହଯୋଗ କରିବା। ଶ୍ରୀମନ୍ଦିର ଓ ପୁରୀ ସହରକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଦାସ ଆହ୍ୱାନ ଦେଇଛନ୍ତି।

ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ଡିସେମ୍ବର ୩୧ ତାରିଖଠାରୁ ଚାରୋଟି ଦ୍ୱାରରେ ପଲିଥିନ୍ ଓ ପ୍ଲାଷ୍ଟିକ ବାରଣ କରାଯିବ। ବିକଳ୍ପ ବ୍ୟବସ୍ଥା ପାଇଁ ବିଭିନ୍ନ ଏସ୍‌ଏସ୍‌ଜି ଗ୍ରୁପ୍ ଓ କୁମ୍ଭକାରମାନଙ୍କୁ ପାରିଶ୍ରମିକ ଦେଇ ମାଟିପାତ୍ର, ଭୋଗେଇ ଆଦି ନିର୍ମାଣ କରିବା ନେଇ ଆଲୋଚନା ହୋଇଥିଲା। ଏକ ଅନୁଷ୍ଠାନ ଆସି ଖୋଟରେ ନିର୍ମିତ ଏକ ସାମଗ୍ରୀ ଦେବା ସମ୍ପର୍କରେ ଆଲୋଚନା କରିଛି। ଟିକେ ଦର ଅଧିକ ରହୁଛି। ତେଣୁ କିପରି ସବ୍‌ସିଡିରେ ମିଳିବ ସେ ନେଇ ପରିଚାଳନା କମିଟିରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ସେହିପରି ପୁରୀବାସୀ ମହାପ୍ରସାଦ ନେବାପାଇଁ ନିଜଘରୁ ଟିଫିନ୍ ଆଣିବା ସହ ବହିରାଗତ ଭକ୍ତମାନେ ମାଟିପାତ୍ରରେ ମହାପ୍ରସାଦ ନେବାକୁ ମହାପାତ୍ର କହିଛନ୍ତି। ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି, ଏନେଇ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରାଯାଇଥିଲା। ଶ୍ରୀମନ୍ଦିରରେ କର୍ତ୍ତବ୍ୟରତ ଜେଟିପିମାନେ ପଲିଥିନ ଓ ପ୍ଲାଷ୍ଟିକ ଯାଞ୍ଚ କରି ଜବତ କରିବେ ଓ ପୌରସଂସ୍ଥାକୁ ଦାୟିତ୍ୱ ଦେଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପର୍ଯ୍ୟଟନ ପରିବହନରେ ଆଉ ୧୦ ଗାଡ଼ି ସାମିଲ



ନୂତନ ଗାଡିଗୁଡିକୁ ଓଟିଡିସିଠାରେ ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି ଓ ଅନ୍ୟମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**ଭୁବନେଶ୍ୱର,୧୫।୧୨ (ଶର୍ମିଷ୍ଠା ପାଣିଗ୍ରାହୀ)**

## ଓଟିଡିସିର ଗାଡ଼ି ସଂଖ୍ୟା ୩୨କୁ ବୃଦ୍ଧି

ରାଜ୍ୟରେ ପର୍ଯ୍ୟଟକଙ୍କୁ ଯାତ୍ରାକାଳୀନ ନୂତନ ଅନୁଭୂତି ଦେବାକୁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ଆଉ ୧୦ ଗାଡିକୁ ସାମିଲ କରାଯାଇଛି। ଏଥିରେ ୪ଟି ଇନୋଭା କ୍ରେଷ୍ଟା, ୪ଟି ସ୍ୱିଫ୍ଟ ଡିଜାୟାର-ସିଡାନ୍ ଏବଂ ୨ଟି ଟେମ୍ପୋ ଟ୍ରାଭେଲର ରହିଛି। ଏଥିସହ ଦୁଇଟି ଭଲ୍‌ଭୋ ବସ୍ ଓ ଲକ୍ସୁରି କୋଚ୍ ଥିବା ୨ଟି ଅନ୍ୟ ଗାଡ଼ି ମଧ୍ୟ ଆଗାମୀ ମାସରେ ସାମିଲ କରାଯିବାର ଯୋଜନା ରହିଛି । ଏଥିରେ ଅତ୍ୟାଧୁନିକ ଓ ପରିବେଶ ଅନୁକୂଳ ସୁବିଧା ଉପଲବ୍ଧ ରହିଛି। ଏହାଦ୍ୱାରା ନିରନ୍ତର ପର୍ଯ୍ୟଟନ ସୁବିଧା ଉପଲବ୍ଧ ହୋଇପାରିବ ଏବଂ ପର୍ଯ୍ୟଟକମାନେ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସାଂସ୍କୃତିକ ବୈଭବକୁ ଉପଭୋଗ କରିପାରିବେ। ଶୁକ୍ରବାର ଓଟିଡିସି ମୁଖ୍ୟାଳୟଠାର ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଓଟିଡିସି ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି, ପରିଚାଳନା ନିର୍ଦ୍ଦେଶକ ସଚିନ୍ ରାମଚନ୍ଦ୍ର ଯାଦବ, ଜେନେରାଲ୍ ମ୍ୟାନେଜର ଡ. ଲଲାଟେନ୍ଦୁ ସାହୁ ପ୍ରମୁଖ ପତାକା ଦେଖାଇ ଏସବୁ ଗାଡିକୁ ପର୍ଯ୍ୟଟକଙ୍କ ସେବାରେ ସାମିଲ କରିଥିଲେ। ୨୦୨୨-୨୩ ଆର୍ଥିକ ବର୍ଷରେ ଓଟିଡିସିର ପର୍ଯ୍ୟଟନ ପରିବହନ କ୍ଷେତ୍ରରେ ୧.୯୪ କୋଟି ଟଙ୍କା ଲାଭାଂଶ ମିଳିଥିବାବେଳେ ଏହି ନୂତନ ଗାଡ଼ିଗୁଡ଼ିକ ସାମିଲ ହେବା ପରେ ଆସନ୍ତା ଆର୍ଥିକ ବର୍ଷରେ ୩.୧୦ କୋଟି ଟଙ୍କା ଲାଭାଂଶ ବୃଦ୍ଧି ହେବ ବୋଲି ନିଗମ ପକ୍ଷରୁ ଆକଳନ କରାଯାଇଛି । ଏହି ଗାଡ଼ିକୁ ମିଶାଇ ଓଟିଡିସିର ସମୁଦାୟ ଗାଡ଼ି ସଂଖ୍ୟା ୩୨କୁ ବୃଦ୍ଧି ପାଇଛି ।

# ଅର୍ଚ୍ଚନା ନାଗଙ୍କୁ ଧମକ ଅଭିଯୋଗ



**ଭୁବନେଶ୍ୱର,୧୫।୧୨ (ସତ୍ୟଜିତ୍ ରାଉତ)**

ବହୁଚର୍ଚ୍ଚିତ ହନିଟ୍ରାପ୍ ଓ ବେଆଇନ ଅର୍ଥ କାରବାର ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ଅର୍ଚ୍ଚନା ନାଗ ନିକଟରେ ମୁକୁଳିଛନ୍ତି। ତେବେ ତାଙ୍କୁ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ଶୁକ୍ରବାର ଗଣାମାଧ୍ୟମ ଜରିଆରେ ଅର୍ଚ୍ଚନା କହିଛନ୍ତି, ସେ ସକାଳେ ପରୀକ୍ଷା ଦେବାକୁ ଲ' କଲେଜ ଆସୁଥିବାବେଳେ ଦୁଇଜଣ ତାଙ୍କୁ ଧମକ ଦେଇଥିଲେ। ତାଙ୍କୁ ମିଛ କେସ୍‌ରେ ଫସେଇବା ସହ ପରିବାର ଲୋକଙ୍କ ଜୀବନ ନେଇଯିବାକୁ ମଧ୍ୟ କହିଥିଲେ। ମହିଳାଙ୍କୁ ଅସମ୍ମାନ ଠିକ୍ ନୁହେଁ। ମୁଁ ଡରିଯିବା ପିଲା ନୁହେଁ। ସମୟ ଆସିଲେ ସବୁ କହିବି ବୋଲି ଅର୍ଚ୍ଚନା କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ୨ଟି ମାମଲାରେ ତାଙ୍କୁ ଜାମିନ ମିଳିଥିବାବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ହୋଇଥିବା ବେଆଇନ ଅର୍ଥ କାରବାର ମାମଲାରେ ଗତ ଡିସେମ୍ବର ୪ରେ ଅର୍ଚ୍ଚନାଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ଏହାପରେ ଡିସେମ୍ବର ୧୨ରେ ଅର୍ଚ୍ଚନା ଜେଲରୁ ବାହାରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସନ୍ତୋଷ



@ ଗୋକୁଳ



@ ସତ୍ୟବ୍ରତ



@ ଚନ୍ଦ୍ରକାନ୍ତ



@ ଶିବାଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# କଳା, ସଂସ୍କୃତି ଓ ଐତିହ୍ୟର ଉତ୍ସବ 'ତୋଷାଳୀ'

**ଭୁବନେଶ୍ୱର,୧୫।୧୨ (ଶର୍ମିଷ୍ଠା ପାଣିଗ୍ରାହୀ)**

## ୧୮ତମ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା ଆରମ୍ଭ



ମେଳା ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ରୀତା ସାହୁ, ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

ଭାରତର ସାଂସ୍କୃତିକ ଐତିହ୍ୟର ବିବିଧତା ଅନନ୍ୟ। ବିଭିନ୍ନ ସଂସ୍କୃତିର ମିଶ୍ରଣ ଆମ ଭାରତୀୟ ସଂସ୍କୃତିକୁ ସମୃଦ୍ଧ କରିଛି। ଆମର ଚିତ୍ର, ମୂର୍ତ୍ତି, ସ୍ଥାପତ୍ୟ, ହସ୍ତତନ୍ତ, ହସ୍ତଶିଳ୍ପ, ସଙ୍ଗୀତ ଏବଂ ନୃତ୍ୟ ଆମ ମହାନ୍ ସାଂସ୍କୃତିକ ଐତିହ୍ୟର ପ୍ରତିଫଳନ। କଳା, ସଂସ୍କୃତି ଓ ହସ୍ତଶିଳ୍ପର ଉତ୍ସବ ହେଉଛି ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା। ଆମ ରାଜ୍ୟର ସାଂସ୍କୃତିକ ଗୌରବର ଏହା ପ୍ରତୀକ ପାଲଟିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶୁକ୍ରବାର ସ୍ଥାନୀୟ ଜନତା ମଇଦାନଠାରେ ୧୮ତମ ଜାତୀୟ ହସ୍ତଶିଳ୍ପ ମେଳାକୁ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରି ସେ କହିଛନ୍ତି, ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବୁଣାକାର, କାରିଗର ଓ ଶିଳ୍ପୀମାନଙ୍କର ମିଳନ ମାଧ୍ୟମରେ ଏହି ମେଳା ଜାତୀୟ ଏକତାର ପ୍ରକୃତ ପରିଚୟ ପାଲଟିଛି। ଆମ ପାରମ୍ପରିକ ହସ୍ତଶିଳ୍ପର ସ୍ଥାୟୀ ଉତ୍ତରାଧିକାରର ପ୍ରମାଣ ଏହି ମେଳାରେ ଦେଖିବାକୁ ମିଳୁଛି। ଏହି ମେଳା ଆଗାମୀ ବର୍ଷରେ ମଧ୍ୟ ସଫଳତା ହାସଲ କରିବା ସହ କଳା ଓ ସଂସ୍କୃତିର ଏହି ଉତ୍ସବ ଆମ କାରିଗରଙ୍କ ପାଇଁ ପ୍ରେରଣା, ସୃଜନଶୀଳତା ଏବଂ ଅର୍ଥନୈତିକ ସଶକ୍ତୀକରଣର ଉତ୍ସ ହୋଇ ରହିଥାଉ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ହସ୍ତତନ୍ତ,ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ରୀତା ସାହୁ, ସାମାଜିକ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ, ପଦ୍ମବିଭୂଷଣ ସୁଦର୍ଶନ ସାହୁ, ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଶିଳ୍ପୀମାନଙ୍କୁ ଅର୍ଥରାଶି ସହ ପୁରସ୍କୃତ କରାଯାଇଥିଲା। ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଚଳିତ ବର୍ଷର ଥିମ୍ ଆଦିବାସୀ ଶିଳ୍ପ ଓ ରାଜ୍ୟର ବୁଣାକାର ଏବଂ ଜିଆଇ ଉତ୍ପାଦ ରହିଛି। ଏହି ମେଳାରେ ସାରା ଦେଶରେ ବିଭିନ୍ନ ରାଜ୍ୟର କାରିଗରମାନେ ଯୋଗ ଦେଇଛନ୍ତି। ୫୦୦ରୁ ଊର୍ଦ୍ଧ୍ୱ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ଷ୍ଟଲ୍ ସ୍ଥାନ ପାଇଛି। ଚଳିତବର୍ଷ ଫୁଡ୍ କୋର୍ଟରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପରିବେଷଣ ହେବା ସହିତ ବିଭିନ୍ନ ରାଜ୍ୟର ସୁସ୍ୱାଦୁ ଖାଦ୍ୟର ଆସର ଜମିବ। ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ସାଢେ ୨ଟାରୁ ସାଢେ ୯ଟା ପର୍ଯ୍ୟନ୍ତ ଖୋଲା ରହିବ। ହସ୍ତତନ୍ତ,ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଏହି ମେଳା ଆୟୋଜନ କରାଯାଇଛି।



ଅତିଥି ଓ ଗ୍ରାହକମାନେ ତୋଷାଳୀ ମେଳାକୁ ବୁଲି ଦେଖିବା ସହ କାରିଗରଙ୍କଠାରୁ ପଚାରି ବୁଝୁଛନ୍ତି।



ମେଳାରେ ଆକର୍ଷଣ ସାଜିଥିବା ପାଭିଲିୟନ।

# ଅବସରପ୍ରାପ୍ତ ଯବାନଙ୍କୁ ୩ବର୍ଷ ଜେଲ

**ନିମାପଡ଼ା,୧୫।୧୨(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)**

## ଜାଲ୍ ପ୍ରମାଣପତ୍ରରେ ସିଆର୍‌ପିଏଫ୍‌ରେ ଚାକିରି ମାମଲା

ଜାଲ୍ ପ୍ରମାଣପତ୍ର ଦେଇ ସିଆର୍‌ପିଏଫ୍‌ରେ ଚାକିରି କରିଥିବା ମାମଲାରେ ଜଣେ ଅବସରପ୍ରାପ୍ତ ଯବାନଙ୍କୁ ଦୋଷୀ ସାବ୍ୟସ୍ତ କରି ନିମାପଡ଼ା ପ୍ରଥମ ଶ୍ରେଣୀ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ବ୍ରଜେଶ ମିଶ୍ର ସଶ୍ରମ କାରାଦଣ୍ଡ ସହ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଶୁକ୍ରବାର ଏହି ମାମଲାର ରାୟ ପ୍ରକାଶ ପାଇଛି। କୋର୍ଟ ସମସ୍ତ ସାକ୍ଷୀ ଓ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ୩ବର୍ଷ ଜେଲ ଏବଂ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଜାଲ୍ ପ୍ରମାଣପତ୍ର ବଳରେ ଭାରତ ସରକାରଙ୍କ ଅଧୀନରେ ଚାକିରି କରି ଅର୍ଥ ଆତ୍ମସାତ୍ କରିଥିବା ପ୍ରମାଣିତ ହୋଇଛି ବୋଲି ଅଦାଲତ ରାୟରେ ପ୍ରକାଶ କରିଛନ୍ତି।

କୋର୍ଟ ବିବରଣୀ ଅନୁଯାୟୀ, ନିମାପଡ଼ା ଥାନା ଅଧୀନ ବିଜିପୁର ଗ୍ରାମର ସ୍ୱର୍ଗତ ପ୍ରମୋଦ ବେହୁରାଙ୍କ ପୁଅ ଅଶୋକ ବେହୁରା ଓରଫ ଚଗଲି ନିକଟସ୍ଥ ଦିଘାଳୋସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚବିଦ୍ୟାଳୟରେ ସୁଧୀର ବେହୁରା ନାମରେ ଏକ ଜାଲ ପ୍ରମାଣପତ୍ର ହାସଲ କରି ସିଆର୍‌ପିଏଫ୍‌ରେ ଚାକିରି କରିଥିଲେ। ଘଟଣା ସମ୍ପର୍କରେ ବିଜିପୁର ଗ୍ରାମର କୈଳାସ ଚନ୍ଦ୍ର ମହାନ୍ତି ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାରକରି ଜିଆର୍ କେସ୍ ନମ୍ବର ୨୯୦/୯୭ ଓ ନିମାପଡ଼ା ଥାନା କେସ୍ ନମ୍ବର ୭୯/୯୭ ମାମଲା ରୁଜୁ କରି ତତ୍କାଳୀନ ଥାନା ଭାରପ୍ରାପ୍ତ ଅଧିକାରୀ ମାଧବ ଚନ୍ଦ୍ର ସାହୁ ଘଟଣାର ତଦନ୍ତ କରିଥିଲେ। ଏଭଳି ନାମଧାରୀ କୌଣସି ଛାତ୍ର ଏଠାରେ ପଢୁ ନ ଥିବା ତଦନ୍ତ ସମୟରେ ବିଦ୍ୟାଳୟ ରେକର୍ଡ ଯାଞ୍ଚରୁ ଜଣାପଡିଥିଲା। ନିମାପଡ଼ା ଉଚ୍ଚ ବିଦ୍ୟାଳୟରେ ଅଭିଯୁକ୍ତ ପାଠ ପଢ଼ିଥିବା ଜାଣିବାକୁ ମିଳିଥିଲା। ଅଶୋକ ବେହୁରା ଓରଫ ଚଗଲି ଓରଫ ସୁଧୀର ବେହୁରା ୨ଜଣ ନୁହନ୍ତି ବରଂ ଜଣେ ବୋଲି ତଦନ୍ତକାରୀ ଅଧିକାରୀ ଜାଣିବାକୁ ପାଇଥିଲେ। ଅଭିଯୁକ୍ତଙ୍କୁ ୪୧୯, ୪୨୦, ୪୬୮ ଦଫାରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ନିମାପଡ଼ା ପ୍ରଥମ ଶ୍ରେଣୀ ଜୁଡ଼ିସିଆଲ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଏହାର ଶୁଣାଣି ସରି ରାୟ ପ୍ରକାଶ ପାଇଛି। ଉକ୍ତ ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ବ୍ରହ୍ମାନନ୍ଦ ପ୍ରଧାନ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୩୪ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ

ବାରଙ୍ଗ,୧୫।୧୨(ଲିଙ୍ଗରାଜ ରାଉତ): ଭୁବନେଶ୍ୱର ଅବକାରୀ ବିଭାଗ ଶୁକ୍ରବାର ନନ୍ଦନକାନନ ଛକରେ ଚଢ଼ାଉ କରି ୩୪ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦକା ଥାନା ଅଧୀନ କୃଷ୍ଣନଗର ଅଞ୍ଚଳର ଅଚ୍ୟୁତା ନନ୍ଦ ପରିଡ଼ା (୪୧)। ସୂଚନା ମୁତାବକ, ଅବକାରୀ ବିଭାଗ ଏହି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ନନ୍ଦନକାନ ଛକରେ ଚଢ଼ାଉ କରି ଅଚ୍ୟୁତାନନ୍ଦଙ୍କୁ ଧରବା ସହ ବ୍ରାଉନ୍‌ସୁଗାର ଜବତ କରିଥିଲେ। ସେ ଏକ ଦୋକାନରେ ଦୀର୍ଘଦିନ ହେବ ବ୍ରାଉନସୁଗାର ବିକ୍ରି କରିଆସୁଥିବା ଜଣାପଡ଼ିଛି।

### ‘ଏକତ୍ରିତ ହୋଇ ସଙ୍ଗଠନ ମଜଭୁତ କର’

ବାଲିଅନ୍ତା,୧୫।୧୨(ନୀଳମାଧବ ସାହୁ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଅଲାରପୁର ସାଇମନ୍ଦିର ନିକଟରେ ଶୁକ୍ରବାର ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତ୍ରୀ ଝିଲି ସାମନ୍ତରାୟଙ୍କ ଆହ୍ୱାନରେ ଆୟୋଜିତ ଏହି ବନ୍ଧୁମିଳନ ଉତ୍ସବରେ ୮୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ଏଥିରେ ଅତିଥିଭାବେ ‘ଅଜିତା’ର ସଭାନେତ୍ରୀ ମୌସୁମୀ ମହାପାତ୍ର ଯୋଗଦେଇ ମହିଳାମାନେ ଏକତ୍ରିତ ହୋଇ ସଙ୍ଗଠନକୁ ମଜଭୁତ କରିବା ସହ ବିକାଶ ଦିଗରେ ଅଗ୍ରସର ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ବେହେରା, ସିଦ୍ଧେଶ୍ୱର ନାଥ, ସଞ୍ଜୟ କୁମାର ତ୍ରିପାଠୀ, ସୌମ୍ୟରଞ୍ଜନ ଦାସ, ସଞ୍ଜୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

### ‘ନୂଆ-ଓ’ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବାରଙ୍ଗ,୧୫।୧୨(ଲିଙ୍ଗରାଜ ରାଉତ): ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜ ପକ୍ଷରୁ ଶୁକ୍ରବାର ‘ନୂଆ-ଓ’ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଅଭିନେତ୍ରୀ ଶୀତଳ ପାତ୍ର, କୁଞ୍ଜବିହାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ କୁମାର ସ୍ୱାଇଁ, ଭୁବନେଶ୍ୱର ମହାନଗର ନିଗମର ୧ନଂ. ୱାର୍ଡ କର୍ପୋରେଟର ମିହିର ରାଉତ, ୱାର୍ଡ ନଂ.୨ କର୍ପୋରେଟର ସୁଶ୍ରୀ ମୋନାଲିସା ବେହେରା ଉପସ୍ଥିତ ଥିଲେ। କଲେଜ ଅଧ୍ୟକ୍ଷ ପ୍ରଶାନ୍ତ ରାଉତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ସାହୁଙ୍କ ସଂଯୋଜନାରେ ସଭା କାର୍ଯ୍ୟ ପରିଚାଳନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାଂସ୍କୃତିକ, କ୍ରୀଡା ଓ ସାମାଜିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଶେଷରେ ଅଧ୍ୟାପିକା ଗାର୍ଗୀ ବାନାର୍ଜୀ ଧନ୍ୟବାଦ ଦେଇଥିଲେ।

### ଓୟୁଟିଆର୍‌ରେ ଓସିଏସ୍ ଏକ ଦିବସ ବିସ୍ତାରିତ ଲେକ୍ଚର ସିରିଜ

ଭୁବନେଶ୍ୱର, ୧୫।୧୨(ଅନୁରାଧା ମହାରଣା)- ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର୍)ର ସ୍କୁଲ ଅଫ୍ ବେସିକ୍ ସାଇନ୍ସ ଆଣ୍ଡ ହ୍ୟୁମାନିଟିସ୍ ଚତୁର୍ଥ ଓସିଏସ୍ ଏକ ଦିବସ ବିସ୍ତାରିତ ଲେକ୍ଚର୍ ସିରିଜ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ମହେନ୍ଦ୍ର କୁମାର ରାଉତଙ୍କ ୧୦୦ତମ ଜନ୍ମଦିନ ଅବସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଫେସର ପି.ଆର୍. ଭାଭିଆ, ପ୍ରଫେସର ହିମାଂଶୁ ଶେଖର ବିଶ୍ୱାଳ, ପ୍ରଫେସର ଏ. ଆର୍. କାପଡି, ଦୀପ୍ତିମାନ ଏବଂ ପ୍ରଫେସର ନିଗମାନନ୍ଦ ଦାସ ଯୋଗଦେଇ ରସାୟନ ବିଜ୍ଞାନରେ ବିଶ୍ୱ ଅନୁସନ୍ଧାନ ଧାରା ଉପରେ ଆଲୋଚନା କରିଥିଲେ। ଏଥିସହ ପ୍ରଫେସର ରୀତା ଦାସ, ପ୍ରଫେସର ଏସ୍. ସାମଲ , ପ୍ରଫେସର ଅଜୟ କୁମାର ନାୟକ ଏବଂ ପ୍ରଫେସର ସ୍ମୃତି ଦାସ ଙ୍କ ସହ ପ୍ରଫେସର ଫାଲ୍‌ଗୁନୀ ବଳିଆରସିଂହ ଉପସ୍ଥିତ ଥିଲେ। ସ୍କୁଲ ଅଫ୍ ବେସିକ୍ ସାଇନ୍ସ ଏଣ୍ଡ ହ୍ୟୁମାନିଟିସ୍‌ର ମୁଖ୍ୟ ପ୍ରଫେସର ବିଜ୍ଞାନ ରଞ୍ଜନ ଦାସଙ୍କ ବିଶିଷ୍ଟ ଉପସ୍ଥିତିରେ ପ୍ରଫେସର ଏ.ଏନ୍. ଆଚାର୍ଯ୍ୟ, ଏକାଡେମିକ୍ ଆଫେୟାରର ଡିନ୍ ତଥା ଓସିଏସ୍‌ର ସମ୍ମାନିତ ପ୍ରେସିଡେଣ୍ଟ ପ୍ରଫେସର ରୂପଶ୍ରୀ ରାଗିଣୀ ଦାସ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଗୋଡାଇ କାମୁଡୁଛନ୍ତି କୁକୁର

ଭୁବନେଶ୍ୱର, ୧୫।୧୨ (ବନ୍ଦନା ସେଠୀ)

**କ୍ୟାପିଟାଲ ହସ୍ପିଟାଲକୁ ଦିନକୁ ଆସୁଛନ୍ତି ୭୦ ରୋଗୀ**



ରାଜଧାନୀ ରାସ୍ତାଘାଟରେ ବୁଲା କୁକୁର ରାଜ୍ ଚଳାଇଛନ୍ତି। ଗଳିକନ୍ଦିରୁ ରାଜରାସ୍ତାରାରେ ସେମାନଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ଗାଡ଼ି ଚାଳକ ହୁଅନ୍ତୁ ଅବା ପଥଚାରୀ, ଏପରିକି ଛୋଟ ପିଲାଙ୍କୁ ମଧ୍ୟ ଏମାନେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ହଠାତ୍ ଚଳନ୍ତା ଗାଡ଼ି ଆଗକୁ ଆସି ଯାଉଥିବାରୁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ମହିଳା ଓ ଶିଶୁଙ୍କୁ ଦେଖିଲେ କୁକୁର ବେଶି ଆକ୍ରମଣାତ୍ମକ ହୋଇପଡୁଛନ୍ତି। ଗତ କିଛିଦିନ ହେବ ରାଜଧାନୀରେ କୁକୁର ଉପଦ୍ରବ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ଫଳରେ ଘରୁ ବାହାରିଲେ ଡର ଲାଗୁଛି। କେବଳ କ୍ୟାପିଟାଲ ହସ୍ପିଟାଲକୁ ଦୈନିକ ୬୦ରୁ ୭୦ କୁକୁର କାମୁଡ଼ା ରୋଗୀ ଆସିଥିବା ନେଇ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି। ୧ମାସ ପୂର୍ବରୁ ଏହି ସଂଖ୍ୟା ୩୦ରୁ ୩୫ ମଧ୍ୟରେ ରହିଥିବାବେଳେ ଏବେ ତାହା କ୍ରମାଗତ ଭାବେ ବଢି ଚାଲିଛି। ପ୍ରାୟ ୩ଶହ ରୋଗୀ ଏବେ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଛନ୍ତି। ସହରର ବିଭିନ୍ନ ଅଞ୍ଚଳ ସମେତ ଡାକ୍ତରଖାନା ପରିସରରେ ମଧ୍ୟ ବିଲେଇ, କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ତେବେ ଖୁବ୍‌ଶୀଘ୍ର ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଡା. ସାହୁ କହିଛନ୍ତି।

**ଖାଦ୍ୟାଭାବରୁ ହିଂସ୍ର ହେଉଛନ୍ତି କୁକୁର: ପ୍ରାଣୀପ୍ରେମୀ**

ଖାଦ୍ୟାଭାବରୁ କୁକୁରମାନେ ଅଧିକ ହିଂସ୍ର ହୋଇ ପଡୁଥିବା ପ୍ରାଣୀପ୍ରେମୀମାନେ ମତ ରଖିଛନ୍ତି। ପୂର୍ବରୁ ଡଷ୍ଟବିନ୍ କିମ୍ବା ବାହାରେ ପଡୁଥିବା ଆବର୍ଜନାରୁ ଖାଦ୍ୟ ସଂଗ୍ରହ କରୁଥିଲେ। ମାତ୍ର ଭୁବନେଶ୍ୱର ଏବେ ଡଷ୍ଟବିନ୍ ମୁକ୍ତ ସହର ହେବା ପରଠାରୁ ସେମାନଙ୍କ ପାଇଁ ଖାଦ୍ୟାଭାବ ଦେଖାଦେଇଛି। ତେଣୁ ଧିରେଧିରେ ସେମାନେ ହିଂସ୍ର ହୋଇ ପଡୁଛନ୍ତି।

**ହାଇକୋର୍ଟଙ୍କ ରୋକ୍‌ରୁ ଅସ୍ତ୍ରୋପଚାର ବନ୍ଦ**

ଗୋଟେପଟେ କୁକୁରମାନେ ହିଂସ୍ର ହୋଇ ପଡୁଥିବାବେଳେ ହାଇକୋର୍ଟ ରାଜ୍ୟରେ ଆନିମଲ ବାର୍ଥ କଣ୍ଟ୍ରୋଲ (ଏବିସି) କାର୍ଯ୍ୟକ୍ରମ ଉପରେ ରୋକ୍ ଲଗାଇଛନ୍ତି। ଫଳରେ କୁକୁରଙ୍କ ସଂଖ୍ୟା କ୍ରମାଗତ ଭାବେ ବଢି ଚାଲିଛି। ପ୍ରଥମେ ଚଳିତ ବର୍ଷ ଅଗଷ୍ଟ ୩୧ଯାଏ ଏବିସି ଉପରେ ରୋକ୍ ଲଗାଯାଇଥିଲା। ଏ ସମୟରେ ରାଜ୍ୟରେ କୌଣସି ପ୍ରକାରର ଏବିସି କାର୍ଯ୍ୟକ୍ରମ ହୋଇପାରିବ ନାହିଁ ବୋଲି ଏକ ମାମଲାର ଶୁଣାଣି କରି ହାଇକୋର୍ଟ ଏଭଳି ଆଦେଶ ଦେଇଥିଲେ। ଫଳରେ ଜୁଲାଇ ୧୦ରୁ ଏହି କାର୍ଯ୍ୟକ୍ରମ ବନ୍ଦ ରହିଛି। ତେବେ ଏଯାବତ୍ କେସ୍‌ର ଫଇସଲା ହୋଇ ପାରୁ ନ ଥିବାରୁ କୁକୁରଙ୍କ ଅସ୍ତ୍ରୋପଚାର ବନ୍ଦ ରହିଛି। ବିଏମ୍‌ସି ସୂଚନା ମୁତାବକ, ବର୍ଷକୁ ୨ହଜାରରୁ ଊର୍ଦ୍ଧ୍ୱ କୁକୁର ଛୁଆ ଜନ୍ମ ହେଉଛନ୍ତି। ଏକ ଆକଳନ ଅନୁଯାୟୀ ଏବେ ସହରରେ ୬୦ହଜାରରୁ ଊର୍ଦ୍ଧ୍ୱ କୁକୁର ରହିଛନ୍ତି। ବିଏମ୍‌ସି ପୂର୍ବରୁ ଦିନକୁ ୨୦ରୁ ୨୫ଟି ହିସାବରେ ମାସକୁ ୫ରୁ ୬ଶହ କୁକୁରଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରୁଥିବାବେଳେ ଏବେ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବନ୍ଦ ରହିଛି।

**କୁକୁର ହସ୍ପିଟାଲ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ**

ବିଏମ୍‌ସିର ଡେପୁଟି କମିଶନର ରମେଶ ଜେନା କହିଛନ୍ତି, ହାଇକୋର୍ଟରେ କେସ୍ ଚାଲିଛି। ଆଉ ୮/୧୦ ଦିନ ମଧ୍ୟରେ କେସ୍‌ର ଶୁଣାଣି ହୋଇପାରେ। ତା’ ପରେ ଏବିସି କାର୍ଯ୍ୟକ୍ରମ ପୁଣି ଥରେ ଆରମ୍ଭ ହେବାର ସମ୍ଭାବନା ରହିଛି। ସେହିପରି ମଞ୍ଚେଶ୍ୱରରେ ଥିବା ବିଏମ୍‌ସିର ୱାର୍କିଂ ଓମେନ୍ ହଷ୍ଟେଲକୁ ବିଏମ୍‌ସି ଅସ୍ଥାୟୀ ଭାବେ କୁକୁର ହସ୍ପିଟାଲ କରିବାକୁ ଲକ୍ଷ୍ୟ ରଖିଛି। ଏନେଇ ସମସ୍ତ ପ୍ରକ୍ରିୟା ସରିଥିବାବେଳେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୩ମହଲା ବିଶିଷ୍ଟ ହସ୍ପିଟାଲରେ କୁକୁରଙ୍କ ଅସ୍ତ୍ରୋପଚର ଏବଂ ଅନ୍ୟ ଚିକିତ୍ସା କରାଯିବ। ନୂତନ ହସ୍ପିଟାଲ କାର୍ଯ୍ୟକ୍ଷମ ହେବାପରେ ଦିନକୁ ୧୫୦ କୁକୁରଙ୍କ ଅସ୍ତ୍ରୋପଚାର କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ସେହିପରି ନୂତନ ହସ୍ପିଟାଲ ହେବା ପରେ ପ୍ରତି ୱାର୍ଡରୁ କୁକୁରଙ୍କୁ ଆଣି ଅସ୍ତ୍ରୋପଚାର କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ନମିତା ଅଗ୍ରୱାଲ ପାଇବେ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା ସମ୍ମାନ

ପୁରୀ,୧୫।୧୨(ଅଜିତ୍ ମହାନ୍ତି)

ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପୁରୀର ଦ୍ୱାଦଶ ବାର୍ଷିକ ଉତ୍ସବ ଆସନ୍ତା ୧୭ ତାରିଖରେ ହୋଟେଲ ହଲିଡେ ରିସର୍ଟରେ ପାଳନ କରାଯିବ। ଗଜପତି ମହାରାଜା ଦିବ୍ୟସିଂହ ଦେବ ଉଦ୍‌ଘାଟକ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥି ଏବଂ ଆମେରିକାସ୍ଥିତ ଡ. ଦାଶ ଫାଉଣ୍ଡେଶନ୍‌ର ଅଧ୍ୟକ୍ଷ ଡ. ଶିତିକଣ୍ଠ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ଏହି ଅବସରରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ନମିତା ଅଗ୍ରୱାଲଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା ସମ୍ମାନ, ବିଶିଷ୍ଟ ଗବେଷିକା ଡ. ତୁଳସୀ ଓଝାଙ୍କୁ ଜାତୀୟ ସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ଗବେଷକ ସମ୍ମାନ, କଥାବାଚକ ଶ୍ରୀଜଗନ୍ନାଥ ଚେତନାର ଅନନ୍ୟ ପ୍ରଚାରକ ପ୍ରାଧ୍ୟାପକ ଶୁକଦେବ ମହାନ୍ତିଙ୍କୁ ଜାତୀୟ ସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରଚାରକ ସମ୍ମାନ, ଭୁବନେଶ୍ୱରସ୍ଥ ଆର୍.ସି.ଏମ୍. ଶ୍ରୀଜଗନ୍ନାଥ ମନ୍ଦିର ଏବଂ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଚିଙ୍କିଲିର ଚକାଦେବ ଶ୍ରୀଜଗନ୍ନାଥ ମନ୍ଦିରକୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ସଙ୍ଗଠକ ସମ୍ମାନ ପ୍ରଦାନ କରାଯିବ। ଏ ସମ୍ପର୍କରେ ଅନୁଷ୍ଠାନର ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି।



କଳିଙ୍ଗାୟନ ତୌର୍ଯ୍ୟତ୍ରିକମ୍ ଅନୁଷ୍ଠାନ ପକ୍ଷରୁ ଉତ୍କଳ ରଙ୍ଗମଞ୍ଚଠାରେ ଚାଲିଥିବା ଭରତ ମୁନି ମହୋତ୍ସବର ଶୁକ୍ରବାର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ କୁଚିପୁଡ଼ି ଓ ଭାରତନାଟ୍ୟମ୍ ବିଦୂଷୀ ପଦ୍ମଭୂଷଣ ସ୍ୱପ୍ନା ସୁନ୍ଦରୀଙ୍କୁ ‘ଭରତ ମୁନି ସମ୍ମାନ’ରେ ସମ୍ମାନିତ କରୁଛନ୍ତି।

# ସ୍ୱପ୍ନା ସୁନ୍ଦରୀଙ୍କୁ ‘ଭରତ ମୁନି ସମ୍ମାନ’

ଭୁବନେଶ୍ୱର,୧୫।୧୨ (ଶର୍ମିଷ୍ଠା ପାଣିଗ୍ରାହୀ)

କଳିଙ୍ଗାୟନ ତୌର୍ଯ୍ୟତ୍ରିକମ୍ ଅନୁଷ୍ଠାନ ପକ୍ଷରୁ ଉତ୍କଳ ରଙ୍ଗମଞ୍ଚଠାରେ ଚାଲିଥିବା ଭରତ ମୁନି ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ କୁଚିପୁଡ଼ି ଓ ଭାରତନାଟ୍ୟମ୍ ବିଦୂଷୀ ପଦ୍ମଭୂଷଣ ସ୍ୱପ୍ନା ସୁନ୍ଦରୀଙ୍କୁ ଭରତ ମୁନି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କୂଟନୀତିଜ୍ଞ ଜିତେନ୍ଦ୍ର ନାଥ ମିଶ୍ର, କଥାକାର ଡ. ଗୌରହରି ଦାସ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ପ୍ରସ୍ତୁତିରେ କେରଳର ମୋହିନୀୟାଟ୍ଟମ ଶାସ୍ତ୍ରୀୟ ନୃତ୍ୟରେ ଗଣପତି ସ୍ତୁତି ଉପସ୍ଥାପିତ ହୋଇଥିଲା। ଏହା ପରେ ଗୌତମ ବୁଦ୍ଧଙ୍କ ପତ୍ନୀ ଯଶୋଧାରାଙ୍କ ଅଭିମାନ ଆଧାରରେ ପ୍ରସ୍ତୁତ ନୃତ୍ୟ ରଚନାକୁ ନିଖୁଣ ଭାବେ ବାଢ଼ି ଦେଇଥିଲେ ନୃତ୍ୟାଙ୍ଗନା ମାଧବୀ ଚନ୍ଦ୍ରନ। ରାଗ ସିନ୍ଧୁ ଭୈରବୀ ଆଧାରିତ କାଳୀ ଉପାସନାର ଚିତ୍ରକୁ ଉପସ୍ଥାପନା କରିଥିଲେ ଶିଳ୍ପୀ ମାଧବୀ। ମୋହିନୀୟାଟ୍ଟମର ଅନ୍ତିମ ପରିବେଷଣରେ ଶ୍ରୀଜୟଦେବ କୃତ ଗୀତଗୋବିନ୍ଦର ଅଷ୍ଟପଦୀ ମାଧବ ସ ବିରହେ ତବ ଦୀନା ମଞ୍ଚସ୍ଥ ହୋଇଥିଲା। ଦ୍ୱିତୀୟ ଚରଣରେ କଥକ ଶିଳ୍ପୀ ଡ. ଆରତୀ ସିଂ ଓ କମଳା ସଙ୍ଗୀତ ମହାବିଦ୍ୟାଳୟ, ରାୟପୁରର ନୃତ୍ୟାଙ୍ଗନା ଶାସ୍ତ୍ରୀୟ କଥକନୃତ୍ୟରେ ‘ଶିବ ପଞ୍ଚାକ୍ଷର’ ପରଷି ଦେଇଥିଲେ। ପରେ ଶୁଦ୍ଧନୃତ୍ୟ ଧମାର ଓ ମୋଗଲ ଶାସନ ପୃଷ୍ଠପୋଷକତାରେ ପ୍ରସ୍ତୁତ ‘ଠୁମ୍‌ରୀ’ର ନୃତ୍ୟାୟନ ଦର୍ଶକଙ୍କୁ ମୁଗ୍ଧ କରିଥିଲା। କଥକର ଅନ୍ତିମ ପ୍ରସ୍ତୁତିରେ ରହିଥିଲା ‘ତରାନା’। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ପୁଷ୍ପିତା ମିଶ୍ର ଧନ୍ୟବାଦ ଜଣାଇଥିଲେ। ତ୍ରଷ୍ଟି ଅଂଶୁମାନ ମିଶ୍ର, ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ, ଆଦ୍ୟାଶା ମିଶ୍ର, ସମୀକ୍ଷା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ନୃତ୍ୟଶିଳ୍ପୀ ମାଧବୀ ଚନ୍ଦ୍ରନ ମୋହିନୀୟାଟ୍ଟମ ନୃତ୍ୟ ପରିବେଷଣ କରୁଛନ୍ତି।

### ଦୁଇ ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ

**ବଡ଼ବିଲ ମ୍ୟୁନିସିପାଲିଟି ଆକାଉଣ୍ଟରୁ ୨.୪୫ କୋଟି ହଡ଼ପ ମାମଲା**

ଭୁବନେଶ୍ୱର,୧୫।୧୨ (ସତ୍ୟଜିତ୍ ରାଉତ)

କେନ୍ଦୁଝର ଜିଲା ବଡ଼ବିଲ ମ୍ୟୁନିସିପାଲିଟିରେ ଅଫିସିଆଲ ଆକାଉଣ୍ଟରୁ ୨.୪୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ୭ ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ବାଲେଶ୍ୱର ଜିଲା ଓପିଆଇଡି କୋର୍ଟ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ର ଏହି ମାମଲାରେ ଶୁକ୍ରବାର ରାୟ ପ୍ରକାଶ କରି ଅଭିଯୁକ୍ତଦ୍ୱୟଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ଶୁଣାଇଛନ୍ତି। ଦୋଷୀସାବ୍ୟସ୍ତ ଅଭିଯୁକ୍ତଦ୍ୱୟ ହେଲେ ଛତିଶଗଡ଼ ରାୟପୁରର ସୈଦ ଶାହବାଜ୍ ନକ୍‌ଭି ଓ ପଶ୍ଚିମବଙ୍ଗର ସୁବାସ ଘିସିଂ ଗିରି। ତେବେ ଜେଲଦଣ୍ଡ ସହ ଉଭୟଙ୍କୁ ୨.୫ ଲକ୍ଷ ଲେଖାଏ ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଦୋଷୀଦ୍ୱୟ ୨୭ ମାସ ଲେଖାଏ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଇଓଡବ୍ଲ୍ୟୁ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

ମାମଲାର ବିବରଣୀ ଅନୁଯାୟୀ, ବ୍ୟାଙ୍କ ଅଫ୍ ବରୋଦାରେ ବଡ଼ବିଲ୍ ମ୍ୟୁନିସିପାଲିଟିର ଅଫିସିଆଲ୍ ଆକାଉଣ୍ଟ ରହିଛି। ଉକ୍ତ ଆକାଉଣ୍ଟରୁ ସୈଦ ଶାହବାଜ୍ ଓ ସୁବାସ ଟଙ୍କା ହଡ଼ପ କରିବାକୁ ଷଡ଼ଯନ୍ତ୍ର କରିଥିଲେ। ୨୦୨୨ ମାର୍ଚ୍ଚ ୧୬ ଓ ୨୧ରେ ସେମାନେ ୪ଟିନକଲି ଚେକ୍‌ଦ୍ୱାରା ୨ କୋଟି ୪୫ ଲକ୍ଷ ୬୦ ହଜାର ୮୦୦ ଟଙ୍କା ଉଠାଇ ନେଇଥିଲେ। ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ଅଭିଯୋଗ ଆଧାରରେ ୨୦୨୨ ମାର୍ଚ୍ଚ ୨୩ରେ ଇଓଡବ୍ଲ୍ୟୁ ମାମଲା (ନଂ.୭/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ରବିବାର କିସ୍ ଅଭିଭାବକ ସମ୍ମିଳନୀ

**ଏକତ୍ର ହେବେ ୧ଲକ୍ଷରୁ ଊର୍ଦ୍ଧ୍ୱ ଜନଜାତି ଅଭିଭାବକ, ଛାତ୍ରୀଛାତ୍ର**



ଭୁବନେଶ୍ୱର, ୧୫।୧୨(ଅସମାପିକା ସାହୁ)

କିସ୍‌ର ଅଭିଭାବକ ସମ୍ମିଳନୀ ରବିବାର ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ପ୍ରାୟ ଦେଢ଼ ଲକ୍ଷ ଅଭିଭାବକ ଓ ପୁରାତନ ଛାତ୍ରୀଛାତ୍ର ଯୋଗଦେବେ। ଏଥିପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପ୍ରକାର ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ଅଭିଭାବକମାନେ କିସ୍‌ରେ ପହଞ୍ଚିବା ପରେ ସେମାନଙ୍କ ରହିବା ଓ ଖାଇବା ଆଦି କିଭଳି ଭଲ ଭାବରେ ହୋଇପାରିବ ସେ ବିଷୟରେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଏଥିପାଇଁ ଶୁକ୍ରବାର ସାମନ୍ତ କିସ୍ କର୍ତ୍ତୃପକ୍ଷଙ୍କ ସହ ସମୀକ୍ଷା ବୈଠକ କରି କାର୍ଯ୍ୟକ୍ରମ ଆୟୋଜନ ସ୍ଥଳ ଓ ସମସ୍ତ ସ୍ଥାନ ବୁଲି ଦେଖିଥିଲେ। ଏହି ସମ୍ମିଳନୀରେ ଓଡ଼ିଶାର ୩୦ଜିଲା ତଥା ରାଜ୍ୟ ବାହାରୁ କିସ୍‌ର ୩୦ ହଜାର ଜନଜାତି ଛାତ୍ରୀଛାତ୍ରଙ୍କ ୬୦ହଜାର ମାଆବାପା, ୨୦ହଜାର ପୁରାତନ ଛାତ୍ରୀଛାତ୍ର ଯୋଗଦେବେ। ଏମାନଙ୍କୁ ମିଶାଇ କିସ୍‌ରେ ଦେଢ଼ଲକ୍ଷ ଜନଜାତିଙ୍କ ସମାଗମ ହେବ। ଇତିମଧ୍ୟରେ ଦୂରଦୂରାନ୍ତରୁ ଅଭିଭାବକମାନେ କିସ୍‌ରେ ପହଞ୍ଚିବାରେ ଲାଗିଛନ୍ତି। ସେମାନଙ୍କୁ ସହଯୋଗ କରିବାକୁ କିସ୍ ପରିସରରେ ଜିଲାୱାରି ଷ୍ଟଲ୍‌ମାନ ଖୋଲାଯାଇଛି। ରବିବାର ସକାଳୁ ରାତି ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଲାଗି ରହିବ। ଅଭିଭାବକ ସମ୍ମିଳନୀରେ ଜନଜାତି ମାଆବାପାମାନଙ୍କୁ ସେମାନଙ୍କ ପାରମ୍ପରିକ ପୋଷାକରେ ଦେଖିବାକୁ ମିଳିବା ସହ ବିଭିନ୍ନ ଜନଜାତିର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

### ‘ବିଜ୍ଞାନ ହିଁ ବିଶ୍ୱ ପ୍ରଗତିର ମୁଖ୍ୟ ଆଧାର’

**ଉତ୍କଳ ବିଶ୍ୱବିଦ୍ୟାଳୟରେ ‘ନୂଆ-ଓ’ କାର୍ଯ୍ୟକ୍ରମ**

ଭୁବନେଶ୍ୱର, ୧୫।୧୨(ଅସମାପିକା ସାହୁ)

ଯୁବପିଢ଼ିଙ୍କୁ ସଙ୍ଗଠିତ କରିବା ଓ ସେମାନଙ୍କ ସଶକ୍ତୀକରଣ ଦିଗରେ ଓଡ଼ିଶା ସରକାରଙ୍କ ଦ୍ୱାରା ନିଆଯାଇଥିବା ‘ନୂତନ ଉନ୍ନତ ଅଭିଳାଷ ଓଡ଼ିଶା’ ବା ‘ନୂଆ-ଓ’ କାର୍ଯ୍ୟକ୍ରମ ଶୁକ୍ରବାର ଉତ୍କଳ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହୋଇଛି। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ଦିଗ୍‌ଦର୍ଶନ ଏବଂ କୁଳସଚିବ ଡ. କାହ୍ନୁଚରଣ ଧୀରଙ୍କ ମାର୍ଗଦର୍ଶନରେ ସାଂସ୍କୃତିକ, ସାମାଜିକ ଓ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହି ଅବସରରେ ବିଶିଷ୍ଟ ବୈଜ୍ଞାନିକ ଚନ୍ଦ୍ର କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଜ୍ଞାନ ହିଁ ବିଶ୍ୱ ପ୍ରଗତିର ମୁଖ୍ୟ ଆଧାର ପାଲଟିଛି ବୋଲି ପ୍ରକାଶ କରିଥିଲେ। ୨୦ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଓଡ଼ିଆ ବକ୍ତୃତା ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେପଟେ ସରୋଜକାନ୍ତ କରଙ୍କ ତତ୍ତ୍ୱାବଧନାରେ ଶୁକ୍ରବାରଠାରୁ ଚାଲିଥିବା ଯୋଗ ଶିବିର ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ।

### ବିପିୟୁଟିର ରିସର୍ଚ୍ଚ କନ୍‌କ୍ଲେଭ ଉଦ୍‌ଯାପିତ

ଭୁବନେଶ୍ୱର, ୧୫।୧୨(ଅନୁରାଧା ମହାରଣା)

ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ବିପିୟୁଟି) ଭୁବନେଶ୍ୱର ପକ୍ଷରୁ ଟ୍ରାଇଡେଣ୍ଟ ଏକାଡେମି ଅଫ୍ କ୍ରିଏଟିଭି ଟେକ୍ନୋଲୋଜି ଏବଂ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇନ୍‌ଫରମେଶନ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜେମେଷ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ୍ଏସ୍)ରେ ରିସର୍ଚ୍ଚ କନ୍‌କ୍ଲେଭ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଏହାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ନାଇଜରର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର ନାଥ ଘୋଷ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ ଓ ଅଧ୍ୟକ୍ଷ ପ୍ରଫେସର ଡା. ମିହିର ରଞ୍ଜନ ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଫେସର ପି.କେ. ମହାନ୍ତି ଓ ପ୍ରଫେସର ଆର୍. ଏନ୍. ସୁବୁଦ୍ଧି ଉପସ୍ଥିତ ଥିଲେ। ଡେପୁଟି ରେଜିଷ୍ଟ୍ରାର ଡା. ଶୁଭେନ୍ଦୁ ରଥ ଧନ୍ୟବାଦ ଅର୍ପଣ କରିଥିଲେ।




ବିପିୟୁଟି ରିସର୍ଚ୍ଚ କନ୍‌କ୍ଲେଭ୍‌ରେ ଉପସ୍ଥିତ ଅତିଥିମାନେ।

# ‘ଖେଳ ମାଧ୍ୟମରେ ଜଣେ ଶୃଙ୍ଖଳିତ ନାଗରିକ ହୁଏ’

**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡ଼ା**

ଭୁବନେଶ୍ୱର, ୧୫।୧୨(ଅସମାପିକା ସାହୁ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଷଷ୍ଠତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବରେ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀର ନିର୍ଦ୍ଦେଶିକା ଏସ୍ . ସାଇନି ଯୋଗଦେଇ କହିଥିଲେ, ଖେଳ ଦ୍ୱାରା କେବଳ ଜଣେ ଶୃଙ୍ଖଳିତ ନାଗରିକ ହୁଏ ନାହିଁ, ବରଂ ଶୃଙ୍ଖଳା, ଧୈର୍ଯ୍ୟ ଓ ସାଧନାର ପଥରେ ଅଗ୍ରସର ହୁଏ। ସମସ୍ତେ କେବଳ ସଫଳ ହୋଇଗଲେ ହେବନାହିଁ। ସଫଳତା-ବିଫଳତା ଉଭୟକୁ ମୁକାବିଲା କରିବା ପାଇଁ ମାନସିକ ଏବଂ ଶାରୀରିକ ଶକ୍ତି ଖେଳ ହିଁ ଯୋଗାଇଥାଏ। ତେଣୁ କ୍ରୀଡ଼ା ପ୍ରତ୍ୟେକ ବିଦ୍ୟାର୍ଥୀ ଜୀବନରେ ଏକ ପ୍ରମୁଖ ଅଙ୍ଗ ହେବା ଉଚିତ ବୋଲି ସେ କହିଥିଲେ। ସେ ୧୯୩୬ ମସିହାରେ ବର୍ଲିନ୍‌ରେ ଅନୁଷ୍ଠିତ ଅଲିମ୍ପିକ୍‌ର ୨ଜଣ ଲଙ୍ଗଜମ୍ପ ପ୍ରତିଦ୍ୱନ୍ଦ୍ୱୀଙ୍କ କାହାଣୀ କହି ଛାତ୍ରୀ ଓ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରୁ କ୍ରୀଡ଼ାକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରିଥିବା ଛାତ୍ରୀମାନଙ୍କୁ ପ୍ରଶଂସା କରିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ୟାମଳୀ ମହାପାତ୍ର, ସିଡିସି ଏବଂ ଆଇକ୍ୟୁଏସି ମୁଖ୍ୟ ପ୍ରଫେସର ସସ୍ମିତା ମହାନ୍ତି ଛାତ୍ରୀଙ୍କ କ୍ରୀଡ଼ାଭିତ୍ତିକ ଅଗ୍ରଗତି ଉପରେ କହିଥିଲେ। କ୍ରୀଡ଼ା ପରିଷଦର ନିର୍ଦ୍ଦେଶିକା ପ୍ରଫେସର ଜ୍ୟୋତିର୍ମୟୀ ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଡ. କଲ୍ୟାଣୀ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ଲୋକ ସମ୍ପର୍କ ଅଧିକାରୀ ଡ. ମାନସ କୁମାର ବେହେରା, କ୍ରୀଡ଼ା ପରିଷଦର ଉପସଭାପତି ଡ. ପ୍ରକାଶ ପରିଚ୍ଛା, ଉପ କୁଳସଚିବ ଡ . ଦିଲୀପ କୁମାର ବିଶି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, ଓଡ଼ିଶାର ୨୦ଟି ମହାବିଦ୍ୟାଳୟରୁ ଆସିଥିବା ଛାତ୍ରୀ, ପ୍ରଶିକ୍ଷକ ଓ କ୍ରୀଡ଼ାବିତ୍ ପ୍ରମୁଖ ଉପସ୍ଥିତ ଥିଲେ।




ଉଦ୍‌ଘାଟନୀ ଉତ୍ସବରେ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀର ନିର୍ଦ୍ଦେଶିକା ଏସ୍ . ସାଇନିଙ୍କ ସହ ଅନ୍ୟ ଅତିଥିମାନେ।

# ଠେଲା ହେଉଛି ଜନନୀ ଆମ୍ବୁଲାନ୍ସ

**ଗୋପ, ୧୫।୧୨ (ଭାରତୀ ଭୂଷଣ ଉପାଧ୍ୟାୟ):**

ଗୋପ କୁଶୁପୁରୁଠାରେ ଶୁକ୍ରବାର ପୂର୍ବାହ୍ନରେ ଜିଲାସ୍ତରୀୟ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ନେଇ ବୈଠକ ହେଉଥିବାବେଳେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଆମ୍ବୁଲାନ୍ସକୁ ଠେଲାଯାଉଥିବା ଦେଖିବାକୁ ମିଳିଛି। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦୁଇଟି ଆମ୍ବୁଲାନ୍ସ କିଛିଦିନ ଧରି ଅଚଳ ଥିବାବେଳେ ଜନନୀ ଆମ୍ବୁଲାନ୍ସ ଠେଲା ହେବା ଘଟଣା ସରକାରଙ୍କ ସ୍ୱାସ୍ଥ୍ୟସେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକାଶ ଯେ, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଏହା ଅଧୀନରେ ଥିବା ୮ଟି ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଗର୍ଭବତୀ ମହିଳାଙ୍କ ପାଇଁ ଜନନୀ ଆମ୍ବୁଲାନ୍ସ ଗୋଟିଏ ରହିଥିବାବେଳେ ଆଉ ୪ଟି ୧୦୮ ଆମ୍ବୁଲାନ୍ସ ଉପଲବ୍ଧ ଅଛି। ମାତ୍ର ବିଭିନ୍ନ ସମୟରେ ଓ ବିଭିନ୍ନ ସ୍ଥାନରେ ଏହିସବୁ ଆମ୍ବୁଲାନ୍ସ ଅଚଳ ହୋଇପଡିବା ଓ ଠେଲା ହେଉଥିବା ଦେଖିବାକୁ ମିଳୁଛି। ଏପରି ଅବ୍ୟବସ୍ଥା ଲାଗି ରହିଥିବାବେଳେ ଶୁକ୍ରବାର ଆମ୍ବୁଲାନ୍ସ ଗାଡ଼ିଗୁଡ଼ିକ ଦାୟିତ୍ୱରେ କ୍ଲଷ୍ଟର ଅଧିକାରୀ ବିଶ୍ୱରଞ୍ଜନ ସ୍ୱାଇଁ, ଜେନେରାଲ ହେଡ୍ ଚିତ୍ତରଞ୍ଜନ ଦାଶ, ଆମ୍ବୁଲାନ୍ସ ମରାମତି ଦାୟିତ୍ୱ ରହିଥିବା ଅଧିକାରୀ ସନ୍ତୋଷ କୁମାର ପଣ୍ଡା ବୈଠକ କରିବା ଘଟଣା ସମସ୍ତଙ୍କୁ ମଧ ଚକିତ କରିଛି। ବୈଠକରେ ଯୋଗଦାନ କରିଥିବା ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ସେମାନଙ୍କ



ଶୁକ୍ରବାର ରାସ୍ତାମଝିରେ ଆମ୍ବୁଲାନ୍ସ ଖରାପ ହୋଇଯିବାରୁ ଲୋକେ ଠେଲୁଛନ୍ତି ।

## ଦୁଇ ୧୦୮ ଆମ୍ବୁଲାନ୍ସ ଅଚଳ, ରୋଗୀ ହଇରାଣ

ବିଭିନ୍ନ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେବାକୁ ଅନୁରୋଧ କରିବା ସହ ଆମ୍ବୁଲାନ୍ସ ମରାମତି କରାଯାଉ ନାହିଁ ବୋଲି ଅଭିଯୋଗ କରିଛନ୍ତି। ଆମ୍ବୁଲାନ୍ସ ମରାମତି ହେଉ ନ ହେବାରୁ ରୋଗୀମାନେ ଭୟଭୀତ ଅବସ୍ଥାରେ ଯାଉଥିବା ନେଇ ଅଭିଯୋଗ ଆସିଛି। ଗାଡ଼ିଗୁଡ଼ିକ ଠିକ୍ ଥିବା ଜିଲା ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ଦେବା ପଛରେ କି ରହସ୍ୟ ଲୁଚି ରହିଛି ତାହା ପ୍ରଶ୍ନ ପାଲଟିଛି। ଏପରି ଅଭିଯୋଗ ସମ୍ପର୍କରେ କ୍ଲଷ୍ଟର ଅଧିକାରୀ ବିଶ୍ୱରଞ୍ଜନ ସ୍ୱାଇଁଙ୍କୁ ପଚାରିବାରେ କହିଛନ୍ତି, ମୁଁ ବୈଠକ ଡାକି ଗାଡ଼ି ମରାମତି ଓ କର୍ମଚାରୀଙ୍କ ସମସ୍ୟା ସହିତ ଅନ୍ୟାନ୍ୟ ଦାବି ଉପରେ ଆଲୋଚନା କରିଛି। ତୁରନ୍ତ ଏଥିପ୍ରତି ଗୁରୁତ୍ୱ ଦେବି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୫।୧୨।୨୦୨୩

| | |
|---|---|
| ୩,୫୬,୩୦୦ ଟଙ୍କା | |
| ସୁନା | ୦୧.୭୫୦ ଗ୍ରାମ୍ |
| ରୁପା | ୦୫.୧୦୦ ଗ୍ରାମ୍ |

## ସଂକ୍ଷେପରେ

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

**ଅସ୍ତରଙ୍ଗ, ୧୫।୧୨ (ପ୍ରଦୀପ୍ତ କୁମାର ଦୀକ୍ଷିତ):** ଅସ୍ତରଙ୍ଗ ବ୍ଲକ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ୍ ୟୁଥ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ଆରମ୍ଭ ହୋଇଛି। ଶୁକ୍ରବାର କଲେଜ ଅଧ୍ୟକ୍ଷ ପ୍ରଶାନ୍ତକୁମାର ନାୟକ ଫିତାକାଟି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନୋଡାଲ ଅଧିକାରୀ ପ୍ରଶାନ୍ତ ବିଶ୍ୱାଳ, ବିଭାଗୀୟ ଅଧିକାରୀ ବୁଦ୍ଧଦେବ ଜେନା, ପ୍ରଗତି ମହାନ୍ତି, ଲକ୍ଷ୍ମୀନାରାୟଣ ଦୀକ୍ଷିତଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କଲେଜ ପରିସର, ମା'ଉକୁଳେଇ ପୀଠ ଓ କୁହୁଡ଼ି ଲବଣ ସତ୍ୟାଗ୍ରହ ସ୍ମୃତିପୀଠ ସଫେଇ କରାଯାଇଥିଲା। ବିଭାଗୀୟ ଅଧିକାରୀ ପ୍ରକାଶ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରିକେଟ ମ୍ୟାଚ ହୋଇଥିଲା।

### ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା

**ଗୋପ, ୧୫।୧୨ (ଭାରତୀ ଭୂଷଣ ଉପାଧ୍ୟାୟ):** ନିଜକୁ ଶୃଙ୍ଖଳିତ କରିବା ଓ ଶିକ୍ଷା ସହ କ୍ରୀଡ଼ାକୁ ଗୁରୁତ୍ୱ ଦେବାକୁ ହେଲେ ନିଜ ସହିତ ନିଜେ ଲଢିବାକୁ ପଡ଼ିବ ବୋଲି ଶୁକ୍ରବାର ଗୋପ ବାଲିପଡ଼ିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ସମାରୋହ ଉଦ୍‌ଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି



ଭାବେ ଯୋଗଦେଇ ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ କୁମାର ମହାନ୍ତି କହିଛନ୍ତି। କ୍ରୀଡ଼ା ସମାରୋହକୁ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରି ଛାତ୍ରୀ ଛାତ୍ରମାନେ ପାଠପଢ଼ା ସହ କ୍ରୀଡ଼ାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ। ପ୍ରଧାନ ଆଚାର୍ଯ୍ୟ ତୋଫାନ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅକ୍ଷୟ କୁମାର ଶତପଥୀ, ପୂର୍ବତନ ସମିତି ସଭ୍ୟ କରୁଣାକର ସାହୁ, ଇନ୍ଦ୍ରଜିତ ମହାନ୍ତି, ସଙ୍କୁଳ ପ୍ରମୁଖ ବାବୁଲି ମହାପାତ୍ର, ବିଦ୍ୟାଳୟ ସଭାପତି ଦାମୋଦର ପାଢ଼ୀ, ସଙ୍କୁଳ ସଂଯୋଜକ ସଞ୍ଜୟ କୁମାର ପ୍ରଧାନ ଯୋଗଦେଇଥିଲେ। ୪୫ ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟ ସମ୍ପାଦକ ସତ୍ୟନାରାୟଣ ସେନାପତି, କମ୍ବୁପାଣି ମଲ୍ଲିକ୍ ଓ ମନୋରଞ୍ଜନ ପଟ୍ଟନାୟକ, ବବିତା ପ୍ରଧାନ, ସ୍ମିତାରେଖା ଜେନା, ଦିଲୀପ ଭୋଇ, ତୃପ୍ତିମୟୀ ସାହୁ, ଅନନ୍ୟା ପ୍ରିୟଦର୍ଶିନୀ, ବନିତା ଦେଈ, ଦେବାଶିଷ ଦୀକ୍ଷିତ, ରଶ୍ମିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।



ବିଭିନ୍ନ ପ୍ରସଙ୍ଗ ନେଇ ପୁରୀ ଜିଲା ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଶୁକ୍ରବାର ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

# ଚାଷୀଙ୍କ ଜମିଜମା ସମସ୍ୟା ଶୀଘ୍ର ସମାଧାନ ହେବ: ପିନାକୀ

**ପୁରୀ, ୧୫।୧୨ (ଅଜିତ୍ ମହାନ୍ତି)**

## ଜିଲା ପ୍ରଶାସନ ସହ ଏମ୍‌ପିଙ୍କ ଆଲୋଚନା

ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀର ୫ଟି ମୌଜା ସମେତ ବ୍ରହ୍ମଗିରି, ସତ୍ୟବାଦୀ ଓ କଣାସ ଅଞ୍ଚଳରେ ଚାଷୀଙ୍କ ଜମିଜମା ସମସ୍ୟା ଶୀଘ୍ର ସମାଧାନ ହେବ। ଚାଷୀ ପ୍ରତିନିଧିଙ୍କ ସହ ଆଲୋଚନା ପରେ ପୁରୀ ଏମ୍‌ପି ପିନାକୀ ମିଶ୍ର ଏହି ପ୍ରତିଶ୍ରୁତି ଦେଇଛନ୍ତି। ବିଜୁ ଯୁବ ଜନତା ଦଳର ଉପସଭାପତି ଶୁଭାଶିଷ୍ ଖୁଣ୍ଟିଆଙ୍କ ନେତୃତ୍ୱରେ ଏବଂ ଏମ୍‌ପି ପିନାକୀ ମିଶ୍ରଙ୍କ ପୌରୋହିତ୍ୟରେ ଶୁକ୍ରବାର ଜିଲା ରାଜସ୍ୱ ଅଧିକାରୀଙ୍କ କାର୍ଯ୍ୟାଳୟରେ ବହୁଦିନ ଧରି ପଡ଼ିରହିଥିବା ଜମି ଜାଗାଜନିତ ସମସ୍ୟା ବାବଦରେ ଆଲୋଚନା କରାଯାଇଥିଲା। ଶହେ ବର୍ଷରୁ ଅଧିକ ସମୟ ଧରି ଦଖଲରେ ଥିବା ଲୋକଙ୍କ ଜମି ଜାଗା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ରେକର୍ଡ଼ଭୁକ୍ତ ହୋଇଯାଇଛି। ସେହି ଜମି ଜାଗା କେମିତି ସେମାନେ ପ୍ରଜାସତ୍ୱ ଅଧିକାରୀ ହୋଇପାରିବେ ସେହି ବିଷୟରେ ଦାବି ଉପସ୍ଥାପନ କରିବା ସହିତ ବରିଷ୍ଠ ଅଧିକାରୀଙ୍କ ଆଲୋଚନା କରାଯାଇଥିଲା। ପ୍ରଜାସତ୍ୱ ଅଧିକାର ପାଇ ନ ଥିବା ଯୋଗୁ ପୁରୀ ସଦର ଅଞ୍ଚଳ ବ୍ୟତୀତ ଓଡ଼ିଶାର ୮୦ ହଜାରରୁ ଊର୍ଦ୍ଧ୍ୱ ଲୋକେ ଏହି ସମସ୍ୟା ଯୋଗୁ ସେମାନେ ଜମି ଜାଗା ବିକ୍ରି କରବା, ବ୍ୟାଙ୍କ ଋଣ କିମ୍ବା ବନ୍ଧକ ରଖିବାରେ ଅକ୍ଷମ ହେଉଛନ୍ତି। ତେଣୁ ତାର ତୁରନ୍ତ ସମାଧାନ ପାଇଁ ୟୁନିଫର୍ମ ପଲିସି ମାଧ୍ୟମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ)ଙ୍କ ମାଧ୍ୟମରେ ସରକାରଙ୍କୁ ନିବେଦନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ପ୍ରତିନିଧି ମଣ୍ଡଳୀ ସହ ପୁରୀ ଏମ୍‌ପି, ଅତିରିକ୍ତ ଜିଲାପାଳ(ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଓ ଶୁଭାଶିଷ ଖୁଣ୍ଟିଆ ଆଲୋଚନା କରିଥିଲେ। ପୁରୀ ନିର୍ବାଚନ ମଣ୍ଡଳୀ, ସଂସଦୀୟ କ୍ଷେତ୍ର ବିଶେଷ କରି ପୁରୀ ବ୍ରହ୍ମଗିରି, କଣାସ, ସତ୍ୟବାଦୀ ଆଦି ଅଞ୍ଚଳରେ ଦୀର୍ଘ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଜମି ଜମା ସମସ୍ୟା ରହିଛି। ଯାହାକୁ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଓ ସରକାରଙ୍କ ସହ ମିଶି ସମାଧାନ କରିବାକୁ ଉଦ୍ୟମ କରାଯିବ। ସେହିପରି ଶ୍ରୀ ପରିକ୍ରମା ଲୋକାର୍ପଣ ଉତ୍ସବ ସମ୍ପର୍କରେ ସୂଚନା ଦେଇ ଏମ୍‌ପି ମିଶ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହା ଡ୍ରିମ୍ ପ୍ରୋଜେକ୍ଟ। ମୁଖ୍ୟମନ୍ତ୍ରୀ ନିଜେ ଲୋକାର୍ପଣ ଉତ୍ସବରେ ଯୋଗ ଦେବେ। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କ୍ରମାଗତ ଭାବେ ସପ୍ତାହରେ ତିନି ଥର ବଡ଼ି ଭୋରରୁ ଆସି ପ୍ରକଳ୍ପର ସମୀକ୍ଷା କରିଛନ୍ତି। ପୁରୀ ପାଇଁ ଆସନ୍ତା ଜାନୁୟାରୀ ୧୭ ତାରିଖ ଏକ ଖୁସିର ଦିନ ବୋଲି ସେ କହିଛନ୍ତି।

# ପ୍ରତିଭା ଚୟନର ନୂଆ ପରିଭାଷା 'ଯୁବ ଓଡ଼ିଶା ନବୀନ ଓଡ଼ିଶା'



କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

**ପୁରୀ, ୧୫।୧୨ (ଅଜିତ ମହାନ୍ତି):**

ପ୍ରତ୍ୟେକ ପିଲାଙ୍କ ମଧ୍ୟରେ ପ୍ରତିଭା ରହିଛି। ଏହାର ପରିପ୍ରକାଶ ଯୁବ ଓଡ଼ିଶା ନବୀନ ଓଡ଼ିଶାର ଉଦ୍ଦେଶ୍ୟ ବୋଲି ଜିଲା ପରିଷଦର ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ କହିଛନ୍ତି। ଶୁକ୍ରବାର ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ପରିସରରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିଭା ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱାଇଁ ଯୋଗଦେଇ ସରକାରଙ୍କ ଏହି ଅଭିନବ ଯୋଜନା ମାଧ୍ୟମରେ ପ୍ରତ୍ୟେକ ପିଲା ନିଜ ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ବୋଲି କହିଥିଲେ। ମହାବିଦ୍ୟାଳୟର ଡିନ୍ ଡା. ସବିତା ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିବା ସହ ଏହି ଯୋଜନା ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାକୁ ସଶକ୍ତ କରିବ ବୋଲି କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ନୋଡାଲ ଅଫିସର ସୁବ୍ରତ ଜୟସିଂ, ଭାଇସ ପ୍ରିନ୍ସିପାଲ ପ୍ରଫେସର ଲଲାଟେନ୍ଦୁ ସ୍ୱାଇଁ ପ୍ରମୁଖ ଯୋଗଦେଇ ଡାକ୍ତରୀ ଅଧ୍ୟୟନ ସହ ନିଜ ଲୁକ୍କାୟିତ ପ୍ରତିଭାର ବିକାଶରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ସହାୟକ ହୋଇପାରିବ ବୋଲି କହିଥିଲେ। ସହକାରୀ ପ୍ରାଧ୍ୟାପକ ସଙ୍ଗୀତା ଦାସ ଧନ୍ୟବାଦ ଦେଇଥିଲେ। ସୁପରିଣ୍ଟେଣ୍ଡେଣ୍ଟ ଡା. କୌଶିକ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଫେସର ରାମଚନ୍ଦ୍ର ଗିରି, ଆରତି ବେହେରା, ଅନୀଲ କୁମାର ସାହୁ, ଡା. ଶାନ୍ତନୁ କୁମାର ପାଢୀ, ଡା. ମାୟାଧର ପଣ୍ଡା, ଡା. ଦେବାଶିଷ ପଣ୍ଡିତ, ଡା. ଦେବଜ୍ୟୋତି ମହାପାତ୍ର, ଡା. ଅଭିଷେକ ପଣ୍ଡା, ଅଜୟ କୁମାର ଜେନା, ରାଜକିଶୋର ରଥ, କଳ୍ପତରୁ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ପରେ ଅତିଥିମାନେ ମହାବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ପାର୍ଶ୍ୱବର୍ତ୍ତୀ ଗ୍ରାମରେ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା, ସାମାଜିକ ଦକ୍ଷତା ଇତ୍ୟାଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

## ନମିତା ଅଗ୍ରୱାଲ ପାଇବେ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା ସମ୍ମାନ

**ପୁରୀ, ୧୫।୧୨ (ଅଜିତ୍ ମହାନ୍ତି):**

ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀର ଦ୍ୱାଦଶ ବାର୍ଷିକ ଉତ୍ସବ ଆସନ୍ତା ୧୭ ତାରିଖରେ ହୋଟେଲ ହଲିଡେ ରିସର୍ଟରେ ପାଳନ କରାଯିବ। ଉତ୍ସବରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଉଦ୍‌ଘାଟକ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥି ଏବଂ ଆମେରିକାସ୍ଥିତ ଡ. ଦାଶ ଫାଉଣ୍ଡେଶନ୍‌ର ଅଧ୍ୟକ୍ଷ ଡ. ଶିତିକଣ୍ଠ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ଏହି ଅବସରରେ ସ୍ୱନାମଧନ୍ୟା କଣ୍ଠଶିଳ୍ପୀ ନମିତା ଅଗ୍ରୱାଲଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା ସମ୍ମାନ, ବିଶିଷ୍ଟ ଗବେଷିକା ଡ. ତୁଳସୀ ଓଝାଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ଗବେଷକ ସମ୍ମାନ, ଶ୍ରୀଜଗନ୍ନାଥ ଚେତନାର ଅନନ୍ୟ ପ୍ରଚାରକ ପ୍ରାଧ୍ୟାପକ ଶୁକଦେବ ମହାନ୍ତିଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରଚାରକ ସମ୍ମାନ, ଭୁବନେଶ୍ୱରସ୍ଥ ଆର୍.ସି.ଏମ୍. ଶ୍ରୀଜଗନ୍ନାଥ ମନ୍ଦିର ଏବଂ ଚିଲିକିର ଚକାଦେବ ଶ୍ରୀଜଗନ୍ନାଥ ମନ୍ଦିରକୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ସଙ୍ଗଠକ ସମ୍ମାନ ପ୍ରଦାନ କରାଯିବ। ଉତ୍ସବରେ ପ୍ରତିଷ୍ଠାନର ମୁଖପତ୍ର ଶ୍ରୀଜଗନ୍ନାଥ ଚେତନା-୧୩ ଓ ଶ୍ରୀମନ୍ଦିରର ବିଜେ ପ୍ରତିମା ପୁସ୍ତକ ଲୋକାର୍ପଣ ହେବ। ଉତ୍ସବରେ ଦେଶ ବିଦେଶରେ ଥିବା ଶତାଧିକ ସଦସ୍ୟା ସଦସ୍ୟ ଯୋଗଦେବେ ବୋଲି ଅନୁଷ୍ଠାନର ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି।

# କଲ୍ୟାଣପୁର କଲେଜରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ଡେଲାଙ୍ଗ, ୧୫।୧୨ (ରଶ୍ମୀରଞ୍ଜନ ପ୍ରଧାନ):**

କଲ୍ୟାଣପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସ୍ନାତକ ମହାବିଦ୍ୟାଳୟରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଡ. ତୃପ୍ତିମୟୀ ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ବ୍ଲକ ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଜିଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ, ସ୍ଥାନୀୟ ସରପଞ୍ଚ ଗୋବର୍ଦ୍ଧନ ସେଠୀ, ସମିତି ସଭ୍ୟ ଶୁଶାନ୍ତ ଦାସ, ନରେନ୍ଦ୍ର ପ୍ରଧାନ, ନୋଡାଲ ଅଫିସର ଅଧ୍ୟାପକ କୈଳାସଚନ୍ଦ୍ର ଦାଶ, ଅଧ୍ୟାପକ ନିରଦ ସାମନ୍ତରାୟ, ଦିଲ୍ଲିପ ରଥ, ଶିକ୍ଷାବିତ୍ ଚକ୍ରଧର ପ୍ରଧାନ, ସମ୍ପଦ ପ୍ରଧାନ, ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରଜକିଶୋର ସାହୁ, ଅଧ୍ୟାପକ ଲକ୍ଷ୍ମୀଧର ବଳ, ସର୍ବେଶ୍ୱର ତ୍ରିପାଠୀ, ତୁଷାର ପଟ୍ଟନାୟକ, ବିଶ୍ୱଜିତ୍ ମହାପାତ୍ର, ସମ୍ପାଦକ ପ୍ରଦୀପ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ପାଠପଢ଼ା ସହିତ କ୍ରୀଡ଼ା, କଳା, ସଂସ୍କୃତି ଓ ସମାଜସେବାରେ ଭାଗନେଇ ଭବିଷ୍ୟତ ଉଜ୍ଜଳମୟ କରିବା ପାଇଁ ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସ୍ୱଚ୍ଛତା, ପ୍ଲାଷ୍ଟିକ୍ ମୁକ୍ତ, ନିଶା ନିବାରଣ, ସଡକସୁରକ୍ଷା, ଶିକ୍ଷା, ଶିଶୁ ଶ୍ରମିକ ନିରାକରଣ, ନାରୀ ନିର୍ଯାତନା, ବାଲ୍ୟ ବିବାହ ଦୂରୀକରଣ ଦିଗରେ ଛାତ୍ରୀଛାତ୍ର ସଚେତନତା ବାର୍ତ୍ତା ବାଣ୍ଟିବେ। ଲୋକନାଥ ମିଶ୍ର, କୈଳାସ ଚନ୍ଦ୍ର ସାହୁ, ବିଷ୍ଣୁପ୍ରିୟା ଦେଈ, ଡ. ଅନିତା କୁମାରୀ ମିଶ୍ର, ତୁହିନାଂଶୁ ନାୟକ, ପ୍ରତାପ ବରାଳ, ସଞ୍ଜୟ ଦଳେଇ, ଆଦିତ୍ୟ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଶ୍ରୀମଦ୍ ଭାଗବତ ଶୃଙ୍ଖଳିତ ସମାଜ ଗଠନର ମାର୍ଗ

**ପିପିଲି, ୧୫।୧୨ (ପ୍ରଭାତ ମହାପାତ୍ର)**

ପିପିଲି ବଜାର ଅଧୀନ ପ୍ରସିଦ୍ଧ ଶ୍ରୀପତିତପାବନ ଦେବ ମନ୍ଦିର ପ୍ରାଙ୍ଗଣରେ ୭ ଦିନ ବ୍ୟାପୀ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ ସପ୍ତାହ ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ସନ୍ଧ୍ୟାରେ ଓଡ଼ିଶାର ସ୍ୱନାମଧନ୍ୟ ଭାଗବତକାର ଡ. ପ୍ରଫୁଲ୍ଲ ମିଶ୍ର ଯୋଗଦେଇ ଶ୍ରୀମଦ୍ ଭାଗବତ ସମାଜରୁ କଳୁଷତା ଓ ଅନାଚାରକୁ ଦୂର କରି ଶୃଙ୍ଖଳିତ ସମାଜ ଗଠନ ପାଇଁ ଏକମାତ୍ର ମାର୍ଗ। ତେଣୁ ଏହାର ବହୁଳ ପ୍ରଚାର ପ୍ରସାର ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଭାଗବତ ସପ୍ତାହ ବୁଧବାର ଶ୍ରୀ ସଙ୍କଟମୋଚନ ମନ୍ଦିର, ମେଲଣ ପଡ଼ିଆ ସଂଲଗ୍ନ କଚେରି ପୁଷ୍କରିଣୀଠାରୁ କଳସଧାରୀ ପୂଜାର୍ଚ୍ଚନା କରି ପତିତପାବନ ମନ୍ଦିରରେ ସ୍ଥାପିତ ଯଜ୍ଞ ଓ ପୂଜା ମଣ୍ଡପ ପର୍ଯ୍ୟନ୍ତ ଘଣ୍ଟ, ଶଙ୍ଖ, କାହାଳୀ ଓ ବାଦ୍ୟ ଧ୍ୱନିରେ ହରିବୋଲ ହୁଳହୁଳି ସହିତ ପୂର୍ଣ୍ଣକୁମ୍ଭ ସ୍ଥାପନ କରାଯାଇଥିଲା। ରାଧାକୃଷ୍ଣ ଯୁଗଳ ମୃଣ୍ମୟୀ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ବ୍ରାହ୍ମଣ ମଣ୍ଡଳୀଙ୍କ ଦ୍ୱାରା ଯଜ୍ଞାନୁଷ୍ଠାନର ଶୁଭ ମାଙ୍ଗଳିକ କରାଯାଇଥିଲା। ପ୍ରତ୍ୟହ ପ୍ରାତଃ ସମୟରେ ସୂର୍ଯ୍ୟ ପୂଜା, ଆଳତି, ପାରାୟଣ ଓ ଯଜ୍ଞ ଆହୁତି ଚାଲୁ ରହିବ। ସନ୍ଧ୍ୟାବେଳେ ଓଡ଼ିଶାର ସୁନାମଧନ୍ୟ ବକ୍ତାମାନେ ଭାଗବତ କଥା ପ୍ରବଚନ ଶୁଣାଇବେ। ସାତ ଦିନରେ ଶ୍ରୀକୃଷ୍ଣ ଜନ୍ମ ପ୍ରସଙ୍ଗଠାରୁ ବାଲ୍ୟଲୀଳା, ଜୀବନ ମୃତ୍ୟୁ ରହସ୍ୟ ଏବଂ ଜୀବନର ସର୍ବୋତ୍ତମ ମୁକ୍ତିର ମାର୍ଗ ସମାଧାନ- ଏକାଦଶ ସ୍କନ୍ଧର ସାରଗର୍ଭକ ଆଲୋଚନା କରାଯିବ। ପଣ୍ଡିତ ନାରାୟଣ ଦାଶ ରଥଶର୍ମାଙ୍କ ପୌରୋହିତ୍ୟରେ ସମସ୍ତ ଆଧାତ୍ମିକ ଅନୁଷ୍ଠାନ ପରିଚାଳିତ ହେବ। ସ୍ୱନାମଧନ୍ୟ ପ୍ରବଚକ ପଣ୍ଡିତ ସୁବୋଧ ପଣ୍ଡା, ଡ. ପ୍ରଫୁଲ୍ଲ ମିଶ୍ର, ପଣ୍ଡିତ ବ୍ରଜ ମହାନ୍ତି, ଶ୍ରୀଯୁକ୍ତ ବାସୁଦେବ ସାହୁ, ସର୍ବେଶ୍ୱର ମିଶ୍ର ପ୍ରମୁଖ ସାତ ଦିନ ଧରି ପ୍ରବଚନ ଦେବେ। ଚଳିତବର୍ଷ ଶ୍ରୀ ଅକ୍ଷୟ ଦେଓ କର୍ତ୍ତା ଭାବରେ ଦାୟିତ୍ୱ ସମ୍ପାଦନ କରିବେ। ଆବାହକ ପ୍ରଭାତ ମହାପାତ୍ରଙ୍କ ସହିତ ମହେନ୍ଦ୍ର ମହାପାତ୍ର, ବବୁଲ ମହାପାତ୍ର, ବୃନ୍ଦାବନ ପ୍ରଧାନ, ରବି ସିଂ, ସୁକାନ୍ତ ସାହୁ, ରୂପେଶ ଅଗ୍ରୱାଲ, ନବଘନ ବେହେରା, ଚନ୍ଦନ ଦାସ ପ୍ରମୁଖ ଏହି କଥା ପ୍ରବଚନରେ ସହଯୋଗ କରୁଛନ୍ତି। ୨୦ ତାରିଖରେ ପୂର୍ଣ୍ଣାହୁତି କରାଯାଇ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହେବ ବୋଲି କର୍ମକର୍ତ୍ତା କହିଛନ୍ତି।

# ନୂତନ ବ୍ରିଜ୍ ନିର୍ମାଣ ଦାବିରେ ଭାଜପା କର୍ମୀଙ୍କ ରାସ୍ତାରୋକୋ

**ନିମାପଡ଼ା, ୧୫।୧୨ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ):**

ସ୍ଥାନୀୟ ଦୋଳବେଦି ଛକସ୍ଥିତ ପୁରାତନ କୁଶଭଦ୍ରା ନଦୀ ବ୍ରିଜ୍ ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବାରୁ ନୂତନ ବ୍ରିଜ୍ ନିର୍ମାଣ ସହ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱ ପ୍ରଶସ୍ତୀକରଣ କରାଯିବା ଦାବିରେ ନିମାପଡ଼ା ଭାଜପା ପକ୍ଷରୁ ଶତାଧିକ ଦଳୀୟ କର୍ମୀ ଶୁକ୍ରବାର ସ୍ଥାନୀୟ ଜୟଗୁରୁ ଆଶ୍ରମ ଛକ ନିକଟରେ ଘଣ୍ଟିକିଆ ରାସ୍ତାରୋକୋ କରିଥିଲେ। ଭାଜପା ନେତ୍ରୀ ପ୍ରଭାତୀ ପରିଡା, ମିନଲତା ମହାନ୍ତି, ତିଲୋତ୍ତମା ବାରିକ, ନଗର ମଣ୍ଡଳ ସଭାପତି ନିରଞ୍ଜନ ନାୟକ, ସନ୍ତୋଷ ପରିଡ଼ା, ବିଜୟ ପ୍ରଧାନ, ଶ୍ୟାମସୁନ୍ଦର ନାୟକ, ରାହୁଲ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ପୂର୍ବାହ୍ନ ୯ଟାରୁ ୧୦ଟା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଆନ୍ଦୋଳନକାରୀମାନେ ରାଜ୍ୟ ସରକାର ଓ ସ୍ଥାନୀୟ ବିଧାୟକଙ୍କୁ ତୀବ୍ର ସମାଲୋଚନା କରି ସ୍ଲୋଗାନ ଦେଇଥିଲେ। ପ୍ରଶାସନ ଏ ଦିଗରେ ପଦକ୍ଷେପ ତୁରନ୍ତ ଗ୍ରହଣ ନ କଲେ ଆଗାମୀ ଦିନରେ ଗଣ ଅନ୍ଦୋଳନ କରାଯିବ ବୋଲି ପରିଡା କହିଛନ୍ତି। ଏହି ଆନ୍ଦୋଳନ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା।




ଭାଜପା କର୍ମୀମାନେ ଜୟଗୁରୁ ଆଶ୍ରମ ଛକଠାରେ ରାସ୍ତାରୋକୋ କରିଛନ୍ତି।

# ହୀରକ ଜୟନ୍ତୀ ସମାରୋହ ପାଇଁ ସଜେଇ ହେଉଛି ନିମାପଡ଼ା କଲେଜ

**ନିମାପଡ଼ା, ୧୫।୧୨ (ବିଚିତ୍ରାନନ୍ଦ ସାହୁ):**

ବହୁ ପୁରାତନ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ୬୦ ବର୍ଷ ପୂର୍ତ୍ତି ଅବସରରେ ପାଳନ ହେବ ହୀରକ ଜୟନ୍ତୀ ଉତ୍ସବ। ଚଳିତ ମାସ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ମହାସମାରୋହରେ ଏହି ସମାରୋହ ଆୟୋଜନ କରାଯିବ। ଏଥିପାଇଁ କଲେଜ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। କଲେଜ ଏବେ ନବବଧୂ ଭଳି ସଜେଇ ହେବାରେ ଲାଗିଛି। ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ଏବେ କଲେଜରେ ଏକ ପ୍ରକାର ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ଏହି ସମାରୋହ ପାଇଁ କଲେଜ ପରିସରରେ ଆକର୍ଷଣୀୟ ହୀରକ ଜୟନ୍ତୀ ଲୋଗୋ ବିଧାୟକ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଉତ୍ସବ ଅବସରରେ କଲେଜ ପକ୍ଷରୁ ଏକ ସ୍ମରଣିକା ପ୍ରକାଶନ ପାଇଁ ଗତ ୧୨ ତାରିଖଠାରୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା, ସାଂସ୍କୃତିକ ଓ ସାପ୍ତାହିକ କାର୍ଯ୍ୟକ୍ରମ ଚାଲିଛି। ହୀରକ ଜୟନ୍ତୀ ସମାରୋହରେ ଅତିଥି ଭାବେ ରାଜ୍ୟପାଳ ରଘୁବର ଦାସ, ମନ୍ତ୍ରୀ ତୁଷାରକାନ୍ତି ବେହେରା, ଅତନୁ ସବ୍ୟସାଚୀ ନାୟକ, ପ୍ରୀତିରଞ୍ଜନ ଘଡ଼େଇ, ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଆକାଶ ଦାସନାୟକ, ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କ ସମେତ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ସବ ଅବସରରେ ମେଗା ସମ୍ବର୍ଦ୍ଧନା ସମାରୋହ, ପୁରସ୍କାର ବିତରଣ ଉତ୍ସବ, ପ୍ରତିଭା ସମ୍ମାନ ପ୍ରଦାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଓଡ଼ିଶାର ଖ୍ୟାତନାମା ନୃତ୍ୟ ସଙ୍ଗୀତ ଶିଳ୍ପୀଙ୍କ ପକ୍ଷରୁ ଆକର୍ଷଣୀୟ ନୃତ୍ୟ ସଙ୍ଗୀତ, ସାଂସ୍କୃତିକ ଧମାକା ପରିବେଷିତ ହେବ ବୋଲି ଏକ ଖବରଦାତା ସମ୍ମିଳନୀରେ କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ ଜଗତ ପ୍ରସାଦ ସବୁତ, ଅଧ୍ୟକ୍ଷା ପୁଷ୍ପିତା ରାଜଗୁରୁ, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଦୀପ ଦାଶ, ରବୀନ୍ଦ୍ରନାଥ ପାଢ଼ୀ ପ୍ରମୁଖ ସୂଚନା ଦେଇଛନ୍ତି। ଏହି ଉତ୍ସବକୁ ସଫଳ କରିବାକୁ କଲେଜ ଆଲୁମ୍ନି ଆସୋସିଏଶନର ସମସ୍ତ ପୁରାତନ ଛାତ୍ରୀଛାତ୍ର, ନିମାପଡ଼ାବାସୀ, ଗଣମାଧ୍ୟମ ପ୍ରତିନିଧିଙ୍କୁ କଲେଜ ଓ ଆଲୁମ୍ନି ଆସୋସିଏଶନ ପକ୍ଷରୁ ନିବେଦନ କରାଯାଇଛି।



ହୀରକ ଜୟନ୍ତୀ ସମାରୋହର ଲୋଗୋ ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥି, କଲେଜ କର୍ତ୍ତୃପକ୍ଷ ଏବଂ ଛାତ୍ରୀଛାତ୍ରମାନେ ।

## ସଂକ୍ଷେପରେ

### ବାଇକ ଧକ୍କାରେ ଜଣେ ମୃତ

ମଙ୍ଗୁଳି-ଜଗତପୁର,୧୫ା୧୨(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ ବିଶ୍ୱନାହାକାଣୀ–ଚାରିବାଟିଆ ରାସ୍ତାର କମଙ୍ଗ ଗ୍ରାମ ନିକଟରେ ଦୁଇଟି ବାଇକ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ଜଗତପୁର ଥାନା ଅଧୀନ ଖଇରା ଗ୍ରାମର ଜଶ ରାଉତ ବାଇକରେ ମହିଷାଲଣ୍ଡା ଅଭିମୁଖେ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଚୌଦ୍ୱାର ଥାନା ବ୍ରହ୍ମପୁର ଗ୍ରାମର ସେକ୍ ଇସାନ୍ ଅନ୍ୟଏକ ବାଇକ୍‌ରେ ଆସୁଥିବାବେଳେ ଦୁର୍ଘଟଣା ଘଟିଥିଲା। ଏଥିରେ ଉଭୟଙ୍କୁ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଉଭୟଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେକ୍ ଇସାନ୍‌ଙ୍କ ମୃତ୍ୟୁ ଘଟିଛି।

### ପୂର୍ବତନ ସରପଞ୍ଚଙ୍କ ଘରୁ ଟଙ୍କା ଲୁଟ

କଟକ ସଦର,୧୫ା୧୨(ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନା ଅନ୍ତର୍ଗତ ବୋଧପୁର ଗ୍ରାମରେ ପୂର୍ବତନ ସରପଞ୍ଚ ହରି ଗୋଚ୍ଛାୟତଙ୍କ ଘରୁ ଗୁରୁବାର ରାତିରେ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ସକାଳେ ପୋଲିସ, ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୋଲିସ ସୂତ୍ରରୁ ପ୍ରକାଶ, ଗୁରୁବାର ରାତି ପ୍ରାୟ ୧୦ଟା ଗୃହ ମାଲିକ ପରିସ୍ରା ଯିବା ପାଇଁ ଗ୍ରୀଲ୍ ଖୋଲି ବାହାରକୁ ଆସିଥିଲେ। ଏହି ସମୟରେ ଘର ପାଖରେ ଜଗି ରହିଥିବା ୩ ଯୁବକ ହଠାତ୍ ଘରର ମାଲିକ ଓ ରୋଷେୟାଙ୍କୁ ବାନ୍ଧି ପକାଇଥିଲେ। ପରେ ଆଲମାରୀ ଭାଙ୍ଗି ୬ ଲକ୍ଷ ଟଙ୍କା, ଇନଭର୍ଟର ଓ ବ୍ୟାଟେରି ଲୁଟି ନେଇ ପଳାଇ ଯାଇଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୨୯୭/୨୩) ରୁଜୁ ହୋଇଛି।

### ପୋଖରୀରୁ ହରିଣ ଉଦ୍ଧାର

ନିଆଳି, ୧୫ା୧୨(ସୁକାନ୍ତ କୁମାର ସିଂହ)

ନିଆଳି ଥାନା ଅନ୍ତର୍ଗତ ବାହାରଣା ଗ୍ରାମର ପୋଖରୀରୁ ଏକ ହରିଣକୁ ଗ୍ରାମବାସୀ ଉଦ୍ଧାର କରିଛନ୍ତି। ବାହାରଣା ଗ୍ରାମର ସୁଧୀର କୁମାର ଦାସ ସକାଳେ ବାରିପଟକୁ ଯାଇଥିବାବେଳେ ହରିଣକୁ ଦେଖିବାକୁ ପାଇଥିଲେ। ଏହାପରେ ହରିଣକୁ ଉଦ୍ଧାର କରିବା ପାଇଁ ଗ୍ରାମବାସୀ ଉଦ୍ୟମ କରିଥିଲେ। ଏହି ସମୟରେ ହରିଣ ଏକ ପୋଖରୀରେ ପଡିଯାଇଥିଲା। ଗ୍ରାମବାସୀ ତାହାକୁ ଉଦ୍ଧାର କରି ଫୁଲନଖରାସ୍ଥିତ ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ହରିଣଟି ନିକଟସ୍ଥ ଭଅଁରା ଜଙ୍ଗଲରୁ ଆସିଥିବା ଅନୁମାନ କରାଯାଉଛି। ଏ ସମ୍ପର୍କରେ ପରିବେଶବିତ୍ ତଥା ଓଡ଼ିଶା ବାୟାଚଢେଇ ସୁରକ୍ଷା ଅଭିଯାନର ଆବାହକ ପୀତାମ୍ବର ରାଉତ କହିଛନ୍ତି, ଜଙ୍ଗଲ ଅବକ୍ଷୟ ସାଙ୍ଗକୁ ଖାଦ୍ୟ ଏବଂ ପାଣିର ଅଭାବ ଯୋଗୁ ଜଙ୍ଗଲୀ ଜନ୍ତୁ ଗ୍ରାମାଞ୍ଚଳ ମୁହାଁ ହେଉଛନ୍ତି। ସେମାନଙ୍କ ପାଇଁ ଜଙ୍ଗଲରେ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରାଯାଉ।

### ଖବରଦାତା ବନବିହାରୀ ମହାନ୍ତି ସମ୍ମାନ ପାଇବେ ସୁକେଶ ବେହେରା

କଟକ,୧୫ା୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ଚଳିତବର୍ଷର ମର୍ଯ୍ୟାଦାଜନକ ଖବରଦାତା ବନବିହାରୀ ମହାନ୍ତି ସ୍ମୃତି ସମ୍ମାନ ପାଇବେ ଖବରଦାତା ସୁକେଶ ବେହେରା। ବନବିହାରୀ ମହାନ୍ତି ଫାଉଣ୍ଡେଶନ ଓ ପ୍ରେସ୍ କ୍ଲବ ପକ୍ଷରୁ ଏନେଇ ଶୁକ୍ରବାର ଘୋଷଣା କରାଯାଇଛି। ବେହେରା ୧୨ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ରାଜ୍ୟର ବିଭିନ୍ନ ପ୍ରମୁଖ ଖବରକାଗଜରେ ସ୍ୱଚ୍ଛ, ନିରପେକ୍ଷ ତଥା ମୂଲ୍ୟବୋଧଭିତ୍ତିକ ଖବର ପରିବେଷଣ କରିଆସିଛନ୍ତି। ସାମ୍ବାଦିକତା ପ୍ରତି ବୃତ୍ତିଗତ ନିଷ୍ଠା ଓ ଅଙ୍ଗୀକାରବଦ୍ଧତା ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ ଲାଗି ଫାଉଣ୍ଡେଶନର ଚୟନ କମିଟି ପକ୍ଷରୁ ଆୟୋଜିତ ଏକ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୮ତାରିଖ ସନ୍ଧ୍ୟାରେ ଚୌଧୁରୀବଜାରସ୍ଥିତ ପ୍ରେସ କ୍ଲବ ସମ୍ମିଳନୀ କକ୍ଷରେ ଫାଉଣ୍ଡେଶନ ଓ କଟକ ପ୍ରେସ କ୍ଲବ୍ ଆନୁକୂଲ୍ୟରେ ଏକ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ବେହେରାଙ୍କୁ ସମ୍ମାନିତ କରାଯିବ ବୋଲି ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି ଲକି ପ୍ରଜ୍ଞା ପ୍ରତିଷ୍ଠିତ ମହାନ୍ତି, ଟ୍ରଷ୍ଟି ତଥା ଖବରଦାତା ଆଲୋକ ନାୟକ ଓ ପ୍ରଦୀପ ସାହୁ ଜଣାଇଛନ୍ତି।

# ସିଏମ୍‌ସିର ଚଢ଼ାଉ, ୧୫ ମାଂସ ଦୋକାନ ସିଲ୍

କଟକ,୧୫ା୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ହାଇକୋର୍ଟଙ୍କ ତାଗିଦ ପରେ କଟକ ମହାନଗର ନିଗମ (ସିଏମ୍‌ସି)ର ଚେତା ପଶିଛି। ଫଳରେ ସହରର ରାସ୍ତାପାର୍ଶ୍ୱରେ ଥିବା ବେଆଇନ ମାଂସ ଦୋକାନରେ ଶୁକ୍ରବାରଠାରୁ ଚଢ଼ାଉ ଆରମ୍ଭ ହୋଇଛି। ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ବେଆଇନ ଭାବେ ଗଢିଉଠିଥିବା ଦୋକାନଗୁଡ଼ିକୁ ଭାଙ୍ଗି ଦିଆଯିବା ସହ ଛେଳି ମାଂସ ଜବତ କରାଯାଇଛି।

ସହରରେ ମ୍ୟୁନିସିପାଲିଟି ଆକ୍ଟ ମୁତାବକ ମାଂସ ବେପାର ହେଉ ବୋଲି ହାଇକୋର୍ଟ ବହୁ ଆଗରୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହାକୁ କାର୍ଯ୍ୟକାରୀ କରା ନ ଯିବାରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ହାଇକୋର୍ଟ ସିଏମ୍‌ସି ଡେପୁଟି କମିଶନର ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ହାଜର ହୋଇ ସତ୍ୟପାଠ ଦାଖଲ କରିବାକୁ ବୁଧବାର ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ସିଏମ୍‌ସି ଡେପୁଟି କମିଶନର ବ୍ୟକ୍ତିଗତ ଭାବେ ହାଇକୋର୍ଟରେ ହାଜର ହୋଇ ତ୍ରୁଟି ସୁଧାରିବା ପାଇଁ ସତ୍ୟପାଠ ଦାଖଲ କରିଥିଲେ। ଏହାପରେ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତିଙ୍କ ନେତୃତ୍ୱରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ଏବଂ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଶୁକ୍ରବାର ମିଳିତ ଭାବେ ବାଦାମବାଡିଠାରୁ ବିଭିନ୍ନ ସ୍ଥାନରେ ଥିବା ଅଧିକାଂଶ ମାଂସ ଦୋକାନରେ ଚଢ଼ାଉ କରିଥିଲା। ସେଥିମଧ୍ୟରୁ ୧୫ଟି ଦୋକାନ ସିଲ୍ କରାଯାଇଛି। ସେଠାରୁ କଞ୍ଚାମାଂସ, ଚାପଡ, କାଠଗଣ୍ଡି ଜବତ କରାଯିବା ସହ ବ୍ୟବସାୟୀଙ୍କଠାରୁ ୯ ହଜାର ଟଙ୍କା ଜରିମାନା ଆଦାୟ କାରାଯାଇଛି।


ସିଏମ୍‌ସି ପକ୍ଷରୁ ମାଂସ ଦୋକାନରେ ଚଢ଼ାଉ କରାଯାଉଛି।

**ହାଇକୋର୍ଟଙ୍କ ତାଗିଦ୍ ପରେ ଚେତା ପଶିଲା**

ଏନେଇ ସିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଛି। ସପ୍ତାହର ୩ ଦିନ ଅର୍ଥାତ୍ ବୁଧବାର, ଶୁକ୍ରବାର ଓ ରବିବାର ସହରରେ ଥିବା ମାଂସ ଦୋକାନରେ ଚଢାଉ କରାଯିବ। ମାଂସ କାଟିବା ପାଇଁ ସହରରେ ୫ଟି କିଲିଖାନା ରହିଛି। ବ୍ୟବସାୟୀମାନେ ସେଠାରେ ମାଂସ ବିକ୍ରି କରିପାରିବେ। ଏହାବ୍ୟତୀତ ଖୋଲାଖୋଲି ମଟନ କାଟିପାରିବେ ନାହିଁ ବୋଲି ସିଏମ୍‌ସି ପକ୍ଷରୁ ବ୍ୟବସାୟୀଙ୍କୁ କଡ଼ା ତାଗିଦ କରାଯାଇଛି। ଅପରପକ୍ଷରେ ଆବଶ୍ୟକ ମୁତାବକ କଂସେଇଖାନା ନ ଥିବାରୁ ବ୍ୟବସାୟୀମାନେ ରାସ୍ତାପାର୍ଶ୍ୱରେ ମାଂସ ବିକ୍ରି କରିବାକୁ ବାଧ ହେଉଛନ୍ତି। ତୁରନ୍ତ ନୂତନ କଂସେଇଖାନା ନିର୍ମାଣ ପାଇଁ ସେମାନେ ଦାବି କରିଛନ୍ତି।

# ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ



ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମଙ୍ଗୁଳି-ଜଗତପୁର/କଟକ,୧୫ା୧୨ (ମାନସ ସାମଲ/ସୁପ୍ରିୟା ପ୍ରିୟଦର୍ଶିନୀ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ଅଧୀନ ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କଲେଜର ପ୍ରତିଷ୍ଠାତା ଅଜୟ କୁମାର ଦେ, ସମ୍ମାନିତ ଅତିଥି ଭାବେ ଗରୁଡ଼ଗାଁ ସରପଞ୍ଚ ଦୀପ୍ତିମୟୀ ବେହେରା, ପୂର୍ବତନ ସରପଞ୍ଚ ସୁବୋଧ କୁମାର ସାମଲ, ସଫା ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, କରଞ୍ଜି ସରପଞ୍ଚ ମହେଶ୍ୱର ମହାନ୍ତ, ସମିତି ସଭ୍ୟ ଜିତେନ୍ଦ୍ର ବଦ୍ରା, ଜିଲା ପରିଷଦ ସଦସ୍ୟ ବିଶ୍ୱଜିତ ପ୍ରଧାନ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସାମାଜିକ କର୍ମୀ ଗଙ୍ଗାଧର ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିବା ସହ ବର୍ତ୍ତମାନ ପରିସ୍ଥିତିରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ୧୦ ଦିନ ବ୍ୟାପୀ ବିଭିନ୍ନ କ୍ରୀଡା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ କରାଯିବ।

କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା କଲେଜରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷା ଡ. ସାଗରିକା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଡା. ରବିରଞ୍ଜନ ସାହୁ ଯୋଗଦେଇ କହିଥିଲେ, ଏଭଳି କାର୍ଯ୍ୟକ୍ରମ ଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶରେ ସହାୟକ ହୋଇଥାଏ। ଏଥିରେ ନୋଡାଲ ଅଫିସର ଡ. ପ୍ରମୋଦିନୀ ସାହୁ ଯୋଗଦେଇ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ରାଜଶ୍ରୀ ମିଶ୍ର, ବିଜୟଲକ୍ଷ୍ମୀ ପ୍ରଧାନ, ମଞ୍ଜୁସ୍ମିତା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୋଡାଲ ଅଫିସର ଡ. ଅଶ୍ରୁତା ଜେନା ଧନ୍ୟବାଦ ଦେଇଥିଲେ।



କଟକ ଖ୍ରୀଷ୍ଟ କଲେଜରେ ଖ୍ରୀଷ୍ଟମାସ କ୍ୟାରୋଲ ପାଳନ ଉପଲକ୍ଷେ ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥିବୃନ୍ଦ।

# ଖ୍ରୀଷ୍ଟମାସ୍ କ୍ୟାରୋଲ ଉତ୍ସବ

କଟକ,୧୫ା୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ଯିଶୁଖ୍ରୀଷ୍ଟଙ୍କ ଜନ୍ମୋତ୍ସବ ଉପଲକ୍ଷେ କଟକ ଖ୍ରୀଷ୍ଟ କଲେଜରେ ଖ୍ରୀଷ୍ଟମାସ କ୍ୟାରୋଲ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। କଲେଜ ପରିଚାଳନା ସମିତି ସମ୍ପାଦକ ବିକାଶ ଚନ୍ଦ୍ର ରାଉତ ଉଦ୍‌ଘାଟନୀ ପ୍ରାର୍ଥନା ଉତ୍ସର୍ଗ କରିଥିବାବେଳେ ଅଧ୍ୟକ୍ଷା ମଧୁମିତା ପାତ୍ର ସ୍ୱାଗତ ଭାଷଣ ଓ ବିନୀତା ନନ୍ଦ କ୍ୟାରୋଲ୍ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ବିଜେଡି ସାଧାରଣ ସମ୍ପାଦକ ତଥା ଅଭିନେତା ଅରିନ୍ଦମ ରାୟ ଯୋଗଦେଇ କ୍ୟାରୋଲ ଉତ୍ସବ ଓ ଖ୍ରୀଷ୍ଟ କଲେଜର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପରିଚାଳନା ସମିତି ସଭାପତି ଅନୁପମ ପାତ୍ର କ୍ୟାରୋଲ ଉତ୍ସବର ସ୍ୱତନ୍ତ୍ରତା ବିଷୟରେ ସୂଚନା ଦେଇଥିଲେ। ଶିବ ସାମନ୍ତରାୟ ବାଇବଲ ଗ୍ରନ୍ଥର ନିର୍ବାଚିତ ଅଂଶ ପାଠ କରିବା ପରେ ପାଷ୍ଟର ରେଭ୍. ତୁଷାରକାନ୍ତ ବେହେରା ପରମେଶ୍ୱରଙ୍କ ବାର୍ତ୍ତା ପ୍ରଦାନ କରିଥିଲେ। ଅଧ୍ୟାପିକା ରିଙ୍କୁ ମହାପାତ୍ର କାର୍ଯ୍ୟକ୍ରମରେ ଉପସ୍ଥାପନା କରିଥିବାବେଳେ ଡ. ଦୈତାରି ଶୁକ୍ଳା ଧନ୍ୟବାଦ ଦେଇଥିଲେ। ଡ. ଜିତା ରାୟଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଉତ୍ସବରେ ପରିଚାଳନା ସମିତିର ସଭ୍ୟ ବିଧାନ ଚନ୍ଦ୍ର ରାଉତ, ଶୁଭାଶିଷ ସାହୁ, ଚନ୍ଦନ ଦାସ, ସୌମେନ୍ଦ୍ର ଦାସ, ଅଧ୍ୟାପକ ସୁମନ ରଏ, ଡ. ଦେବଯାନୀ ଦାଶ, ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ, ଅଧ୍ୟାପକ ସୁବ୍ରତ ବଳ, ପ୍ରାଧ୍ୟାପକ ଶୋଭନ ପଣ୍ଡା, ଡ. ବିଜୟ ଭୂଷଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ନିର୍ବାଚନ ପୂର୍ବରୁ ପଟ୍ଟା, ଘର ଯୋଗାଇ ଦିଆଯାଉ

କଟକ,୧୫ା୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଆସନ୍ତା ନିର୍ବାଚନ ପୂର୍ବରୁ କଟକ ସହରର ବସ୍ତି ବାସିନ୍ଦାଙ୍କୁ ପଟ୍ଟା ଓ ଘର ଯୋଗାଇ ଦେବାକୁ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ଦାବି କରିଛି। ସହରରେ ଥିବା ବିଭିନ୍ନ ବସ୍ତିର ପ୍ରତିନିଧିମାନେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ମଞ୍ଚର ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ବସ୍ତିନେତା ଦୀପକ ଦାସ, ସୁକାନ୍ତ ନାୟକ, ବିଷ୍ଣୁ ନାୟକ, ବସନ୍ତ ନାୟକ, ଏନ୍. ରଜ୍ଜୁ, ଶିବ ବେହେରା, ଲକ୍ଷ୍ମୀ ସିଂ ଓ ସାବିତ୍ରୀ ହେମ୍ବ୍ରମ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ। ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ମିଥ୍ୟା ପ୍ରଚାର କରୁଛନ୍ତି। ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ କରାଯାଇ ମୌଳିକ ଅଧିକାରକୁ ଛଡାଇ ନିଆଯାଉଛି ବୋଲି ଖଗେଶ୍ୱର କହିଛନ୍ତି। ସିଏମ୍‌ସି ତାଲିକାଭୁକ୍ତ ନ ଥିବା ବସ୍ତିଗୁଡିକୁ ତାଲିକାଭୁକ୍ତ କରି ଲୋକଙ୍କୁ ଥଇଥାନ ସହ ପଟ୍ଟା ଦେବା, ବାଲିସାହି ଓ ଜଗତପୁରକୁ ବିସ୍ଥାପିତ ହୋଇଥିବା ବସ୍ତିବାସିନ୍ଦାଙ୍କୁ ପଟ୍ଟା ଦେବା, ବସ୍ତିବାସିନ୍ଦାଙ୍କ ପ୍ରତ୍ୟେକ ପରିବାରକୁ ୪୫୦ ସ୍କୋୟାର ଫୁଟ୍ ଜାଗା ଭଳି ୮ ଦଫା ଦାବି ପୂରଣ ପାଇଁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

# ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ଚୌଦ୍ୱାର,୧୫ା୧୨(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କଳିଙ୍ଗ ନୋଡ଼ାଲ ବିଦ୍ୟାପୀଠରେ ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ଟେଟ୍ରାହେଡେନ୍ କଲେଜ ଅଧ୍ୟକ୍ଷ ତ୍ରିଦେବ ବେହେରା, ଅତିରିକ୍ତ ଶିକ୍ଷାଧିକାରିଣୀ ଦୀପ୍ତିମୟୀ ଶୁଭଦର୍ଶିନୀ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସରୋଜିନୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରଦର୍ଶନୀରେ ଜିଲାର ୧୪ଟି ବ୍ଲକ୍ ଏବଂ ଦୁଇଟି ପୌରାଞ୍ଚଳରୁ ମୋଟ ୭୫ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ସରୋଜିନୀ ସାହୁ, ଲକ୍ଷହୀରା ଲାବନ୍ୟବତୀ ସାହୁ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସନ୍ତୋଷ ରାଉତ, ସୋନାମିକା ରାୟ, ଚକ୍ରଧର ବେହେରା ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଗୌତମ କୁମାର ଆଚାର୍ଯ୍ୟ ଓ ଅକ୍ଷୟ କୁମାର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅକ୍ଷୟ କୁମାର ଷଡ଼ଙ୍ଗୀ, ମେଘମାଳା ବିଶ୍ୱାଳ, ମମତା ସାହୁ ସହଯୋଗ କରିଥିଲେ।



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପନୀ ସମାରୋହରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ପରମହଂସ-ଗୋବିନ୍ଦପୁର ସେତୁ ଅନ୍ଧକାର

କଟକ ସଦର,୧୫ା୧୨(ସୁଶାନ୍ତ କୁମାର ଜେନା)

**ଘଟୁଛି ଦୁର୍ଘଟଣା, ବଢୁଛି ଅସାମାଜିକ କାର୍ଯ୍ୟ**

କଟକ ସଦର ବ୍ଲକ ଅନ୍ତର୍ଗତ କାଠଯୋଡ଼ି ନଦୀ ଉପର ପରମହଂସ-ଗୋବିନ୍ଦପୁର ସେତୁ ରାତି ହେଲେ ଅନ୍ଧକାର ରହୁଛି। ଏଥିଯୋଗୁ ଦୁର୍ଘଟଣା ଘଟିବା ସହ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଗୁରୁବାର ରାତିରେ ଉକ୍ତ ସେତୁ ଅନ୍ଧକାର ଥିବାବେଳେ ଲୋକମାନେ ଭିଡ ଜମାଇଥିଲେ। ଏହି ସମୟରେ ଏକ ସ୍କୁଟିରେ ଆସୁଥିବା ଗଡିରାଉତପାଟଣା(ଡିହସାହି)ର ବାଦଲ ଦାସ ନାମକ ଯୁବକ ଭାରସାମ୍ୟ ହରାଇ ୨ ଜଣ ଲୋକଙ୍କୁ ଧକ୍କା ଦେଇ ପଡିଯାଇଥିଲେ। ଖବରପାଇ କନ୍ଦରପୁର ଓ ୪୨ ମୌଜା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ ଜଣ ଆହତଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ବିଳମ୍ବିତ ରାତିରେ ସେତୁ ବାଡା ଉପରେ ବହୁ ଲୋକ ବସି ରହୁଥିବାରୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ତେଣୁ ସେତୁ ଉପରୁ ଭିଡ କମାଇବା ସହ ପୋଲିସ ପାଟ୍ରୋଲିଂ କରିବା ପାଇଁ ସ୍ଥାନୀୟ ଲୋକଙ୍କ ପକ୍ଷରୁ କନ୍ଦରପୁର ଥାନାଧିକାରୀ ବିପିନ ବିହାରୀ ହୋତା ଓ ୪୨ ମୌଜା ଥାନାଧିକାରୀ ଗିରିଶ ଚନ୍ଦ୍ର ମହାରଣାଙ୍କ ନିକଟରେ ଦାବି କରାଯାଇଥିଲା। ଏହାଛଡା ସେତୁ ଉପରେ ଆଲୋକ ବ୍ୟବସ୍ଥା କରିବା ପାଇଁ ଦାବି ହୋଇଥିଲା।

### ଗାଡ଼ିଚାଳକଙ୍କୁ ସଚେତନ କଲେ ଛାତ୍ରୀଛାତ୍ର

ଖୁଣ୍ଟୁଣୀ,୧୫ା୧୨ (ସଚ୍ଚିଦାନନ୍ଦ ପଣ୍ଡା)

**ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ**

ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରବିନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ଶତାଧିକ ଛାତ୍ରୀଛାତ୍ର ପୂର୍ବାହ୍ନ ୧୧ଟାରେ କଲେଜଠାରୁ ଶୋଭାଯାତ୍ରାରେ ବାହାରି ଖୁଣ୍ଟୁଣୀ ଥାନା ଛକଠାରେ ପହଞ୍ଚିଥିଲେ। ସେଠାରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଖୁଣ୍ଟୁଣୀ ଥାନାର ଭାରପ୍ରାପ୍ତ ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଡ. ମନୋରଞ୍ଜନ ମହାନ୍ତି ଓ ନୃସିଂହ ଚରଣ ସାହୁ ଯୋଗଦେଇ ସଡ଼କ ସୁରକ୍ଷା ଜୀବନ ରକ୍ଷା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଛାତ୍ରୀଛାତ୍ରମାନେ ଚାଳକଙ୍କୁ ଗୋଲାପ ଫୁଲ ଓ ଚକୋଲେଟ୍ ଦେଇ ଗାଡି ଚଲାଇବାବେଳେ ହେଲ୍‌ମେଟ୍ ପିନ୍ଧିବା, ସିଟ୍‌ବେଲ୍ଟ ବାନ୍ଧିବା ଆଦି ବିଷୟରେ ସଚେତନ କରାଇଥିଲେ। ଅଧ୍ୟାପକ ପବିତ୍ର ମୋହନ ଦାଶ, ରତ୍ନପ୍ରଭା ଯତି, ବଜ୍ରଭୂଷଣ ପାତ୍ର, ସୁଧାକର ମାଳିଆ, ଚକ୍ରଧର ସାହୁ, ଅନିରୁଦ୍ଧ ପତ୍ରୀ, ଶିଶିର ଦାସ, ସୁରେନ୍ଦ୍ର ସେନାପତି, ବିକଳ ଚନ୍ଦ୍ର ଗୋଚ୍ଛାୟତ ଓ ଚିତ୍ତରଞ୍ଜନ ଦାଶଙ୍କ ସମେତ କଲେଜର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ଅଧ୍ୟାପକ ସୁରେନ୍ଦ୍ର କୁମାର ପେଣ୍ଠୋଇ ଧନ୍ୟବାଦ ଦେଇଥିଲେ।

# 'କ୍ରୀଡ଼ା ପିଲାଙ୍କ ଶରୀର, ମନକୁ ସୁସ୍ଥ ରଖେ'



ବାର୍ଷିକ କ୍ରୀଡ଼ା ଉତ୍ସବରେ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ସହ ଅନ୍ୟମାନେ।

କଟକ,୧୫ା୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

**ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ**

କଟକସ୍ଥିତ ପି.ଏମ୍.ଶ୍ରୀ. କେନ୍ଦ୍ରୀୟ ବିଦ୍ୟାଳୟ-୧ର ୪୩ତମ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଆନନ୍ଦ ବଲ୍ଲଭ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ କହିଥିଲେ, କ୍ରୀଡା ପିଲାମାନଙ୍କ ଶରୀର ଓ ମନକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଏଥିରେ ସମ୍ମାନିତ ଅତିଥି ଭାବେ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଆନନ୍ଦ ବଲ୍ଲଭ ପାଣ୍ଡେଙ୍କୁ ସିଡିଏ ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ମହାସଚିବ ଉତ୍କଳ ଭୂଷଣ ରାଉତରାୟ, ଉପାଧ୍ୟକ୍ଷ ନକୁଳ ଚନ୍ଦ୍ର ମହାରଣାଙ୍କ କଳାକୃତି, ଶ୍ରୀଜଗନ୍ନାଥଙ୍କ ପଟ୍ଟଚିତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଅତିଥିମାନେ ଚଳିତବର୍ଷର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ସୁବ୍ରତ କୁମାର ସାମଲ କାର୍ଯ୍ୟକ୍ରମ ପରିଚାଳନା ଓ ପ୍ରଧାନ ଶିକ୍ଷକ ପ୍ରହ୍ଲାଦ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବାୟୋଚାର ଏବଂ ଜୈବ ସମ୍ବଳ ସମ୍ବନ୍ଧୀୟ ଜାତୀୟ କର୍ମଶାଳା

ଭୁବନେଶ୍ୱର,୧୫।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ସିଏସ୍ଆଇଆର୍-ଆଇଏମ୍ଏମ୍ଟି, ଭୁବନେଶ୍ୱର ପକ୍ଷରୁ ହୀରକ ଜୟନ୍ତୀ ବର୍ଷ ପାଳନ ଅବସରରେ ବାୟୋଚାର ଓ ବାୟୋ ରିସୋର୍ସ ଉପରେ ୨ ଦିନିଆ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଇବିବିଏନ୍, ଜିଆଇଜେଡ୍, ବାୟୋଚାର୍ କ୍ରୁସେଡର ସହଯୋଗରେ ଏହି କର୍ମଶାଳା ଆୟୋଜନ କରାଯାଇଛି। ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଯୋଗ ଦେଇଥିଲେ। ସିଏସ୍ଆଇଆର୍-ଆଇଏମ୍ଏମ୍ଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ସମଗ୍ର ଭାରତରେ ଥିବା ବିଭିନ୍ନ ସଂଗଠନର ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ। କେନ୍ଦ୍ର ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ବାୟୋଚାର ବ୍ୟବହାର ଉପରେ ନିକଟରେ ଟାସ୍କଫୋର୍ସ ଗଠନ ସମ୍ପର୍କରେ ଡ. ନାରାୟଣ ସୂଚନା ଦେଇଛନ୍ତି। ସେ ଭାରତର ଏବଂ କାର୍ବନ ନିରପେକ୍ଷ ଭାରତ ଦିଗରେ ଗବେଷଣା ଓ ବିକାଶର ପରିସର ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟ ବୈଜ୍ଞାନିକ ଡ. ଏନ୍. କେ. ଧଳ ଓ ସିଏସ୍ଆଇଆର୍-ଆଇଏମ୍ଏମ୍ଟି ସିଆର୍ଟିଡିଏଚ୍ ସଂଯୋଜକ ଡ. ଯତେନ୍ଦ୍ର ସିଂହ ଚୌଧୁରୀ ସେମାନଙ୍କ ମତାମତ ରଖିଥିଲେ। ଆଇବିଏନ୍ର କ୍ଷୀତିଜ ଉର୍ସ, ବାୟୋଚାର କ୍ରୁସେଡର ଆର୍. କେ. ମେହେଟ୍ଟା ବାୟୋଚାର ଏବଂ ଜୈବ ସମ୍ବଳ ବିଷୟବସ୍ତୁ ଉପରେ ସେମାନଙ୍କର କାର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ବାୟୋଚାର ଉତ୍ପାଦନର ଟ୍ରେଞ୍ଚ, ଡ୍ରମ୍ ଏବଂ ନିରନ୍ତର ରୋଟାରି ପାଇରୋଲିସିସ୍ ପ୍ରଣାଳୀ ଭଳି ବିଭିନ୍ନ ପଦ୍ଧତି ମଧ୍ୟ ଅଂଶଗ୍ରହଣକାରୀମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଏହି କର୍ମଶାଳାରେ ମୁଖ୍ୟତଃ ଷ୍ଟାର୍ଟଅପ୍, ଏନ୍ଜିଓ ଏବଂ ଉଦ୍ୟୋଗ ଜଗତରୁ ଓଡ଼ିଶା ଓ ଭାରତର ୧୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

### ଅଟୋର ଗଞ୍ଜେଇ ବେପାର, ମହିଳାଙ୍କ ସମେତ ୨ ଗିରଫ

ଭୁବନେଶ୍ୱର,୧୫।୧୨(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ନିଶା କାରବାର ବଢ଼ିବାରେ ଲାଗିଛି। ନିଶା ବେପାରୀମାନେ ଧରା ନ ପଡିବା ଲାଗି କେତେବେଳେ ମହିଳା ବା ଯୁବତୀ ମାନଙ୍କୁ ମୋହରା କରି ନିଶାବେପାର କାରବାର ଚଲାଇଛନ୍ତି। ଗୁରୁବାର ରାତିରେ ଭରତପୁର ଥାନା ପୋଲିସ ଘଟିକିଆ ରାସ୍ତାରେ ଥିବା ଏକ ମେଡିକାଲ ସମ୍ମୁଖରୁ ଜଣେ ମହିଳାଙ୍କ ସମେତ ୨ ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସାଲିଆସାହିରେ ରହୁଥିବା କନ୍ଧମାଳ ଜିଲା ଟିକାବାଲି ଥାନା ଅଞ୍ଚଳର ଚୁମୁକିଲତା ମଲ୍ଲିକ ଓ ସୋନୁ ଦିଗଲ। ସେମାନଙ୍କ ନିକଟରୁ ନିଶାବେପାରରେ ବ୍ୟବହୃତ ଏକ ଅଟୋ ସହ ୮ କିଲୋ ୪୦୦ ଗ୍ରାମ ଗଞ୍ଜେଇ ଜବତକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଅଭିଯୁକ୍ତ ୨ଜଣ ଗୋଟିଏ ଅଞ୍ଚଳର ହୋଇଥିବାରୁ କନ୍ଧମାଳ ଅଞ୍ଚଳରୁ ବେଆଇନ ଗଞ୍ଜେଇ ସଂଗ୍ରହକରି ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ବେପାର କରୁଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ।

# ଟେଲିଗ୍ରାମ ଜରିଆରେ ୮.୩୨ ଲକ୍ଷ ଠକେଇ, ୨ ଗିରଫ

## ୭୫ ହଜାର ଟଙ୍କା, ପାସ୍‌ବୁକ୍, ଏଟିଏମ୍ ଜବତ

ଭୁବନେଶ୍ୱର,୧୫।୧୨(ସୂର୍ଯ୍ୟକାନ୍ତ ବେହେରା)

ଟେଲିଗ୍ରାମ ଜରିଆରେ ଜଣେ ବ୍ୟକ୍ତିଙ୍କଠାରୁ ୮ ଲକ୍ଷ ୩୨ ହଜାର ଟଙ୍କା ଠକିବା ଅଭିଯୋଗରେ ଭୁବନେଶ୍ୱର ସାଇବର ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲଣ କରିଛି। ସେମାନେ ହେଲେ ବଲାଙ୍ଗୀରର ସୂର୍ଯ୍ୟକାନ୍ତ ଦାସ ଓ ବାଲେଶ୍ୱରର ଜ୍ୟୋତି ରଞ୍ଜନ ନାୟକ। ଉଭୟଙ୍କଠାରୁ ୭୫ ହଜାର ନଗଦ ଟଙ୍କା,୩ ମୋବାଇଲ, ୪ ଟି ପାସବୁକ, ୮ ଚେକ ବୁକ ଓ ଏଟିଏମ ଜବତ କରାଯାଇଛି। ସେହିପରି ଅଭିଯୁକ୍ତଙ୍କ ଆକାଉଣ୍ଟରେ ଥିବା ୧ ଲକ୍ଷ ୬୫ ହଜାର ଫ୍ରିଜ୍ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରୀ






ଗିରଫ ଦୁଇ ଅଭିଯୁକ୍ତ ଓ ଜବତ ହୋଇଥିବା ଟଙ୍କା, ଏଟିଏମ୍ କାର୍ଡ ଏବଂ ବିଭିନ୍ନ ପାଶ୍‌ବୁକ୍।

ସୁମିତ ସାହୁ ନୌକରୀ ଡଟ୍ କମ୍‌ରେ ନାମ ରେଜିଷ୍ଟ୍ରେଶନ କରିଥିଲେ। ଏଥିରୁ ତଥ୍ୟ ସଂଗ୍ରହ କରିବା ପରେ ସାଇବର ଠକମାନେ ହ୍ୱାଟ୍‌ସଆପ୍‌କୁ ଗତ ସେପ୍ଟେମ୍ବରରେ ଏକ ମେସେଜ ପଠାଇ ମୀରା ଭେଡିୟମ ଟେକ୍ନୋଲୋଜି ନାମରେ ପାର୍ଟ ଟାଇମ୍ ଚାକିରୀ ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଠକମାନେ ତାଙ୍କୁ ଟେଲିଗ୍ରାମରେ ଯୋଡି ହେବାକୁ କହିଥିଲେ। ଏହାପରେ ଟେଲିଗ୍ରାମରେ ତାଙ୍କୁ ଗୋଟେ ସଂସ୍ଥା ବିଭିନ୍ନ କମ୍ପାନୀର ଫିଡ୍‌ବ୍ୟାକ ଦେଲେ ଟଙ୍କା ମିଳିବ ବୋଲି କହିବା ସହ କମ୍ ଟଙ୍କା ବିନିଯୋଗ କଲେ ଅଧିକ ଅର୍ଥ ପାଇବାର ଲୋଭ ଦେଖାଇଥିଲେ। ଠକଙ୍କ ଜାଲରେ ପଡି ସୁମିତ ବିଭିନ୍ନ ପର୍ଯ୍ୟାୟରେ ୮.୩୨ ଲକ୍ଷ ଟଙ୍କା ଦେଇଥିଲେ। ହେଲେ କୌଣସି ଅର୍ଥ ଫେରି ନ ପାଇବାକୁ ସୁମିତ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ।

# କ୍ୟୁଆର୍ କୋଡ୍ ଲଗାଇ ଟଙ୍କା ହଡ଼ପ

ଭୁବନେଶ୍ୱର,୧୫।୧୨(ସୂର୍ଯ୍ୟକାନ୍ତ ବେହେରା)

ବର୍ତ୍ତମାନ ସମୟରେ ଡିଜିଟାଲ ପେମେଣ୍ଟ ଉପରେ ଅଧିକାଂଶ ନିର୍ଭର କରୁଛନ୍ତି। ଯେକୌଣସି ଜିନିଷ କିଣିଲେ ଫୋନ୍ ପେ' ଓ ଗୁଗଲ ପେ' ଭଳି ବିଭିନ୍ନ ଡିଜିଟାଲ ପେମେଣ୍ଟ ଆପ୍ ଦ୍ୱାରା ଟଙ୍କା ଦେଉଛନ୍ତି । ଛୋଟ ଛୋଟ ବ୍ୟବସାୟୀଠାରୁ ଆରମ୍ଭକରି ବଡମାନେ ମଧ୍ୟ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାର ଉପଯୋଗ କରୁଛନ୍ତି। ହେଲେ ଜଣେ ଦୋକାନୀ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା କରି ଠକାମିର ଶିକାର ହୋଇଛନ୍ତି। ତାଙ୍କ ଦୋକାନ ଆଗରେ ମରାଯାଇଥିବା କ୍ୟୁଆର୍ କୋଡ୍ ଉପରେ ଆଉଏକ କ୍ୟୁଆର୍ ମାରି ଦୋକାନୀଙ୍କୁ ଚୂନ ଲଗାଇଛନ୍ତି ଠକ। ଏନେଇ ଠକାମିର ଶିକାର ହୋଇଥିବା ଦୋକାନୀ ଜଣକ ଭୁବନେଶ୍ୱର ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ପରେ ସାଇବର ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ କେତେ ଟଙ୍କା ଠକେଇ ହୋଇଥିବା ଦୋକାନୀ ଜଣକ ଜାଣି ନ ଥିଲେ ମଧ୍ୟ ପ୍ରାୟ ୫ ହଜାରରୁ ଅଧିକ ହୋଇଥିବା ଅନୁମାନ କରୁଛନ୍ତି। ଏହାସହ କ୍ୟୁଆର୍ କୋଡ୍‌ଟି ଜଣେ ମହିଳାଙ୍କ ନାମରେ ରହିଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ

### ଦୋକାନୀଙ୍କୁ ଚୂନ ଲଗାଇଲେ ଦୁର୍ବୃତ୍ତ

ରାଜଧାନୀରେ ଏଭଳି ଘଟଣା ସାମ୍ନାକୁ ଆସିବା ପରେ ଦୋକାନ ବାହାରେ ମାରିଥିବା ବ୍ୟବସାୟୀମାନଙ୍କ ଛନକା ପଶିବା ସହ ପ୍ରତିଦିନ କ୍ୟୁଆର୍ କୋଡ୍ ଯାଞ୍ଚ କରିବାକୁ ମତପ୍ରକାଶ ପାଇଛି ।

ସୂଚନାନୁସାରେ, କଟକ ରୋଡ୍‌ରେ ଏକ ଦୋକାନର ମାଲିକ ତାଙ୍କ ଦୋକାନରେ ଗ୍ରାହକଙ୍କ ପାଇଁ ଏକ କ୍ୟୁଆର୍ କୋଡ୍ ମାରିଥିଲେ । ଫଳରେ ଗ୍ରାହକମାନେ ଡିଜିଟାଲ ମାଧ୍ୟମରେ ଅର୍ଥ ଦେଇପାରିବେ। ତେବେ ଦୋକାନରେ ସ୍ଥାପିତ ସାଉଣ୍ଡ ବକ୍ସରେ ପେମେଣ୍ଟ ନିଶ୍ଚିତୀକରଣ ନ ପାଇବା ପରେ ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କିଛିଦିନ ପରେ ସନ୍ଦେହ କରି ଦୋକାନୀ ଯାଞ୍ଚକରି ଜାଣିବାକୁ ପାଇଲେ ଯେ ତାଙ୍କ କ୍ୟୁଆର୍ କୋଡ୍ ଉପରେ ଆଉ ଏକ ନକଲ ଲଗାଯାଇଥିବା କୋଡ୍‌ଟି ଜଣେ ମହିଳାଙ୍କ ନାମରେ ରହିଛି। ଫଳରେ ଗ୍ରାହକମାନେ ସେମାନଙ୍କ କ୍ରୟ ଉପରେ ଦେଇଥିବା ସମସ୍ତ ଅର୍ଥ ଠକଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଛି।




ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଶୁକ୍ରବାର ଲୋୟର ପିଏମ୍‌ଜିଠାରେ ସମସ୍ତ ବସ୍ତିବାସିନ୍ଦାଙ୍କୁ ପଟ୍ଟା ସହ ପକ୍କାଘର ଓ ମୌଳିକ ସୁବିଧା ଯୋଗାଇଦେବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ତମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ: ଫାଇନାଲରେ ସ୍ପୋର୍ଟ୍ସ ହଷ୍ଟେଲ କଟକ

ଯାଁଳା,୧୫।୧୨(ବୁଲା ବାରିକ)

ଶିବ ଶକ୍ତି କ୍ଲବ ଆନୁକୂଲ୍ୟରେ ତମାଣ୍ଡୋ ମିନିଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୨୮ତମ ତମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ସ୍ପୋର୍ଟ୍ସ ହଷ୍ଟେଲ କଟକ ଓ ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟ୍ସ କ୍ଲବ ଗଣ୍ଡରପୁର ମଧ୍ୟରେ ହୋଇଥିଲା। ମାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଟାଇବ୍ରେକରରେ ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ବିକାଶ ପ୍ରତିହାରୀ ଓ ପିପୁନ ରାଉତ ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ପ୍ରଶାନ୍ତ ଶ୍ରୀହରି, ପିଣ୍ଟୁ ସାମଲ, ଚନ୍ଦ୍ରମୋହନ ପୃଷ୍ଟି ଓ ସୁରଜ ନାୟକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳରେ ସ୍ପୋର୍ଟ୍ସ ହଷ୍ଟେଲ କଟକ ୪-୨ ଗୋଲରେ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ରବିନାରାୟଣ ମହାପାତ୍ର, ଶକ୍ତିଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶିବଶଙ୍କର ପଣ୍ଡା, ସୁଶାନ୍ତ କୁମାର ମିଶ୍ର, ଶିବପ୍ରସାଦ ସାମନ୍ତରାୟ, ସୁଜିତ୍ କୁମାର ପାତ୍ର ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ଇ-ନିଲାମ ମାଧ୍ୟମରେ ଗହମ, ଚାଉଳର ବଜାର ପ୍ରବେଶ କରିବେ କେନ୍ଦ୍ର ସରକାର



ଭୁବନେଶ୍ୱର, ୧୫।୧୨(ଅନୁରାଧା ମହାରଣା)

କେନ୍ଦ୍ର ସରକାର ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ଦ୍ୱାରା ପର୍ଯ୍ୟାୟକ୍ରମେ ଓଏମ୍ଏସ୍ଏସ୍ ଅଧୀନରେ ଇ-ନିଲାମ ମାଧ୍ୟମରେ ଖୋଲା ବଜାରରେ ଗହମ ଏବଂ ଚାଉଳ ଲଞ୍ଚ କରିବେ। ଏହି ଦୁଇ ଖାଦ୍ୟର ବଜାର ମୂଲ୍ୟକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଗହମ(ଏଫ୍ଏକ୍ୟୁ) ଦର କୁଇଣ୍ଟାଲ ପିଛା ୨୧୫୦ ଟଙ୍କା, ଗହମ (ୟୁଆର୍ଏସ୍) ଦର କୁଇଣ୍ଟାଲ ପିଛା ୨୧୨୫ ଓ ଚାଉଳ କୁଇଣ୍ଟାଲ ପିଛା ୨୯୦୦ ଟଙ୍କା ରହଛି। ଗହମ ଉତ୍ପାଦକଙ୍କ ଗହମ ପ୍ରୋସେସର, ମଇଦା ମିଲ୍, ମଇଦା ମିଲର୍ ଇ-ନିଲାମ ମାଧ୍ୟମରେ ଅଂଶଗ୍ରହଣ କରିପାରିବେ। ଏଲ୍‌ଟି ପାୱାର୍ କନେକ୍ସନ ସହିତ ବିଡରମାନେ ୧୦ଏମ୍‌ଟି(ମେଟ୍ରିକ୍ ଟନ୍)ରୁ ୫୦ଏମଟି ପର୍ଯ୍ୟନ୍ତ ବିଡ୍ କରିପାରିବେ। ଏଚ୍‌ଟି ପାୱାର୍ କନେକ୍ସନ ଥିଲେ ୧୦ ଏମ୍‌ଟିରୁ ୨୫୦ଏମ୍‌ଟି ପର୍ଯ୍ୟନ୍ତ ବିଡ କରିପାରିବେ। କୌଣସି ରାଜ୍ୟରୁ ଜିଏସ୍‌ଟି ସାର୍ଟିଫିକେଟ ଧରିଥିବା ବ୍ୟବସାୟୀଙ୍କୁ ଚାଉଳ ଇ-ନିଲାମରେ ପ୍ରତି ବିଡରଙ୍କ ପାଇଁ ୧ ଏମ୍‌ଟିରୁ ୨୦୦୦ଏମ୍‌ଟି ପର୍ଯ୍ୟନ୍ତ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯାଇଛି। ନିକଟରେ ଏଫ୍‌ସିଆଇ ଦ୍ୱାରା ପ୍ରକାଶିତ ଟେଣ୍ଡର ଅନୁଯାୟୀ, ୧୪ଟି କେନ୍ଦ୍ରରୁ ୧୨୦୦୦ ଏମ୍‌ଟି ଗହମ ଏବଂ ୮ଟି କେନ୍ଦ୍ରରୁ ୧୨୨୪୧ ଏମ୍‌ଟି ଚାଉଳ ଓଡିଶା ଅଞ୍ଚଳରେ ଇ-ନିଲାମ ପାଇଁ ପ୍ରଦାନ କରାଯାଇଛି। ଏହି ଯୋଜନା ଅନୁଯାୟୀ, ପ୍ରତି ସପ୍ତାହରେ ଶୁକ୍ରବାର ଏଫ୍‌ସିଆଇ ଦ୍ୱାରା ଗହମ ବିକ୍ରି ହେବ। ଇ-ନିଲାମରେ ଭାଗ ନେବାକୁ ଆଗ୍ରହୀ ବିଡରମାନେ (http://www.valuejunction.in/fci)ରେ ପଞ୍ଜୀକରଣ କରିପାରିବେ।

# ପ୍ରଦୂଷଣ ମୁକାବିଲା ପାଇଁ ଉନ୍ନତ ଜ୍ଞାନକୌଶଳ ଆବଶ୍ୟକ

ଭୁବନେଶ୍ୱର, ୧୫।୧୨(ଅସମାପିକା ସାହୁ)

ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ 'ସ୍ୱଚ୍ଛ ପରିବେଶ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ' ଶୀର୍ଷକ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପରିବେଶ ବିଜ୍ଞାନ ଏବଂ ଇଞ୍ଜିନିୟରିଂ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ସେମାନଙ୍କ ଅନୁସନ୍ଧାନ ଏବଂ ବ୍ୟବହାରିକ ଅଭିଜ୍ଞତା ବାଣ୍ଟିବା ସହିତ ପରିବେଶ ସମସ୍ୟାର ସମାଧାନ ପାଇଁ ଅନୁସନ୍ଧାନ ଚିନ୍ତାଧାରା ଆଦାନ ପ୍ରଦାନ କରିବା ସମ୍ମିଳନୀର ପ୍ରମୁଖ ଲକ୍ଷ୍ୟ ରହିଛି। ମୁଖ୍ୟ ଅତିଥି ଭାବେ ଆଇଆଇଟି ଖଡ଼ଗପୁରର ପ୍ରଫେସର ମକରନ୍ଦ ଏମ. ଘାଙ୍ଗରେକର ଯୋଗଦେଇ ଭାରତ ତଥା ବିଶ୍ୱସ୍ତରରେ ବର୍ଜ୍ୟବସ୍ତୁ ପରିଚାଳନାର ସ୍ଥିତି ଏବଂ ପ୍ରଦୂଷଣ ପ୍ରତିରୋଧକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କର୍ମାଲକର ସ୍ୱଚ୍ଛ ପରିବେଶ ନିମନ୍ତେ ପ୍ରଦୂଷଣ ମୁକାବିଲା କରିବା ପାଇଁ ଉନ୍ନତ ଜ୍ଞାନକୌଶଳ ଅନୁସନ୍ଧାନର ଆବଶ୍ୟକତା ଥିବା କହିଥିଲେ। ସ୍କୁଲ ଅଫ୍ ଇନ୍‌ଫ୍ରାଷ୍ଟ୍ରକଚର ଏବଂ ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ ସାଇନ୍ସେସ୍‌ର ମିଳିତ ପ୍ରୟାସରେ ଏହି ଦୁଇଦିନିଆ ସମ୍ମିଳନୀର ଆୟୋଜନ କରାଯାଇଛି। ଉଦ୍‌ଘାଟନୀ ସମାରୋହରେ ଆଇଆଇଟି ଦିଲ୍ଲୀର ଅବସରପ୍ରାପ୍ତ ପ୍ରଫେସର ମୁକେଶ ଖରେ, ଆଇଆଇଟି ଖଡ଼ଗପୁରର ପ୍ରଫେସର ବ୍ରଜେଶ ଦୁବେ ଓ ସହ-ସଂଯୋଜକ ଡ. ଶଙ୍କର୍ଷଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜକ ପ୍ରଫେସର ରାଜେଶ ରୋଶନ ଦାଶ ସ୍ୱାଗତ ଭାଷଣ ଓ ସହ-ସଂଯୋଜିକା ଡ. ମନସ୍ୱିନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# 'ନୀତି, ପାଣ୍ଠି ଏବଂ ଲାଭ' ଆଲୋଚନାଚକ୍ର

ଭୁବନେଶ୍ୱର, ୧୫।୧୨(ଅନୁରାଧା ମହାରଣା)

ଶିଳ୍ପ ଉଦ୍ୟୋଗର ବିଶେଷ ଦିଗ ଉପରେ ଆଲୋଚନା କରିବା ନିମନ୍ତେ ଶୁକ୍ରବାର ଓ-ହବ୍ ଅଡିଟୋରିୟମ୍‌ଠାରେ ଶିଳ୍ପ ବିଶେଷଜ୍ଞ, ମହିଳା ଉଦ୍ୟୋଗୀ ଏବଂ ନୀତି ନିର୍ମାତାମାନେ ଏକତ୍ରିତ ହୋଇଥିଲେ। ସମ୍ପୂର୍ଣ୍ଣ ଭାବେ ମହିଳାଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମଟି ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଆଇଟି ଓ ଷ୍ଟାର୍ଟ ଅପ୍ କମିଟି ଏବଂ ଆଇସିସି ଜାତୀୟ ମହିଳା ଉଦ୍ୟୋଗୀ ପରିଷଦ (ଆଇଏନ୍‌ଡବ୍ଲ୍ୟୁଇସି) ଦ୍ୱାରା ଷ୍ଟାର୍ଟ ଅପ୍ ଓଡ଼ିଶା ସହଯୋଗ ଦ୍ୱାରା ସଫଳ ଭାବେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମଟିରେ ଶିଳ୍ପ ଉଦ୍ୟୋଗର ବିଭିନ୍ନ ଦିଗରେ ଥିବା ନୀତି, ପାଣ୍ଠି ଏବଂ ଲାଭ ସମ୍ବନ୍ଧିତ ଅଧିବେଶନ ଅନୁଷ୍ଠିତ ହୋଇଥିଲା। । ସୁନୀତା ମହାନ୍ତିଙ୍କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଷ୍ଟାର୍ଟଅ୍ ଓଡ଼ିଶା ପରାମର୍ଶଦାତା ଦେବେଶ ସିହ୍ନା ସେ କିପରି ଓଡ଼ିଶାର ମହିଳା ଉଦ୍ୟୋଗୀମାନେ ଦାୟିତ୍ୱ ଗ୍ରହଣ କରିବେ ଓ ସୁଗର କସ୍‌ମେଟିକ୍ସ ଭଳି ଇତିହାସ ସୃଷ୍ଟି କରିବେ ସେ ଦିଗରେ ଆଲୋଚନା କରିଥିଲେ। ଆଇସିସି ଆଇଟି ଷ୍ଟାର୍ଟଅପ୍ କମିଟି ଆବାହକ ଅବନିଶ ନାୟକ କହିଥିଲେ, ଏହି ଅଧିବେଶନ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇପାରେ। ମହିଳା ଉଦ୍ୟୋଗୀମାନଙ୍କୁ ଓ-ହବ୍ ରେଜିଷ୍ଟ୍ରେଶନ୍ ସେଟ୍ କରିବାରେ ସାହାଯ୍ୟ କରିବା ପାଇଁ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ସହ ଏହି ଆସୋସିଏସନ ନେଇଥିବାରୁ ଆଇଏନ୍‌ଡବ୍ଲ୍ୟୁଇସି ଆବାହକ ତନୟା ପଟ୍ଟନାୟକ ଷ୍ଟାର୍ଟ ଅପ୍ ଓଡ଼ିଶାର ପ୍ରଶଂସା ଓ ଧନ୍ୟବାଦ ଅର୍ପଣ କରିଥିଲେ। ସହ ଆବାହିକା ପ୍ରୀତି ପଲ୍ଲବୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।




ଭୁବନେଶ୍ୱର ବୁଦ୍ଧ ମନ୍ଦିରଠାରେ ଶୁକ୍ରବାର ସ୍ମୃତି ସାନ୍ତ୍ୱନା ପତ୍ରିକାର ୧୨ତମ ସ୍ୱନକ୍ଷତ୍ର ମହୋତ୍ସବ ଅବସରରେ ଉପସ୍ଥିତ ଅତିଥିମାନେ।

# ଆଇଜେଏସ୍ଏଫ୍‌ରେ ଲାଲଚାନ୍ଦ୍‌ର ଚମକ

ଭୁବନେଶ୍ୱର,୧୫।୧୨

ପୂର୍ବଭାରତର ବୃହତ୍ତମ ତଥା ସର୍ବାଧିକ ଲୋକପ୍ରିୟ ଅଳଙ୍କାର ପ୍ରତିଷ୍ଠାନ ଲାଲଚାନ୍ଦ୍ ଜୁଏଲର୍ସ ପକ୍ଷରୁ ଇଣ୍ଡିଆନ ଜୁଏଲେରି ଶପିଂ ଫେଷ୍ଟିଭାଲ୍ (ଆଇଜେଏସ୍ଏଫ୍)-୨୦୨୩ ଲକି ଡ୍ର'ର ଭାଗ୍ୟଶାଳୀ ବିଜେତାଙ୍କ ନାଁ ଘୋଷଣା କରାଯାଇଛି। ୨୦୨୩ ଅକ୍ଟୋବର ୧୫ରୁ ନଭେମ୍ବର ୧୨ ମଧ୍ୟରେ ଅନୁଷ୍ଠିତ ବିଶ୍ୱର ସର୍ବବୃହତ୍ ଅଳଙ୍କାର ମହୋତ୍ସବ 'ଆଇଜେଏସ୍ଏଫ୍'ରେ ଲାଲଚାନ୍ଦ୍ ଜୁଏଲର୍ସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏପରିକି ଭାରତର ଐତିହ୍ୟକୁ ଅଳଙ୍କାର ମାଧ୍ୟମରେ ପରିବେଷିତ କରିବାର ଉଦ୍ଦେଶ୍ୟ ନେଇ ଉକ୍ତ ମହୋତ୍ସବ ଆୟୋଜିତ ହୋଇଥିଲା। ଏଥିସହ ଏହି ମହୋତ୍ସବ ସର୍ବୋତ୍ତମ ଅଳଙ୍କାର କାରିଗରିର ସୁନ୍ଦରତାକୁ ଉପଭୋଗ ସହ ଆକର୍ଷଣୀୟ ପୁରସ୍କାର ଜିତିବାର ସୁବର୍ଣ୍ଣ ସୁଯୋଗ ମଧ୍ୟ ପ୍ରଦାନ କରିଥିଲା। ଉକ୍ତ ଲକି ଡ୍ର' ମାଧ୍ୟମରେ ବିଜେତା ହୋଇଥିବା ଭୁବନେଶ୍ୱର ବରମୁଣ୍ଡାର ଅମ୍ବିକା ଭଞ୍ଜ ଏବଂ ପଟିଆର ସ୍ୱରୂପ ଭୋଳଙ୍କୁ ଲାଲଚାନ୍ଦ୍ ଶୁଭେଚ୍ଛା ଜଣାଉଛି। ଉଭୟ ଭାଗ୍ୟଶାଳୀ ବିଜେତା ୨୫ ଗ୍ରାମର ସ୍ୱର୍ଣ୍ଣ ମୁଦ୍ରା ଜିତିବାର ସୁଯୋଗ ପାଇଛନ୍ତି। ଏହା ସହ ଅନ୍ୟ ବିଜେତାମାନେ ୧କିଲୋଗ୍ରାମର ସୁନା, ୧୦ ଲକ୍ଷ ଟଙ୍କା ବିଶିଷ୍ଟ ଜୁଡାଉ ଜୁଏଲେରି, ୧୦ ଲକ୍ଷ ଟଙ୍କା ବିଶିଷ୍ଟ ଟେମ୍ପଲ୍ ଜୁଏଲେରି, ୫ଲକ୍ଷ ଟଙ୍କା ବିଶିଷ୍ଟ ହୀରା ଓ ମୂଲ୍ୟବାନ୍




ପଥର ଖଚିତ ଜୁଏଲେରି, ୨.୫ଲକ୍ଷ ଟଙ୍କା ବିଶିଷ୍ଟ ସୁନାଗହଣା ଏବଂ 'ଡିଭାଇନ୍ ସଲିଟେଆର୍'ରୁ ହୀରା ଖଚିତ ସ୍ୱର୍ଣ୍ଣ ମୁଦ୍ରା ଜିତିବାର ଅଭୂତପୂର୍ବ ସୁଯୋଗ ପାଇଛନ୍ତି। ସେହିଭଳି ପରମ୍ପରା ଏବଂ ନବସୃଜନର ସମ୍ଭାର ଅଳଙ୍କାର ଶିଳ୍ପ ବଜାରରେ ଲାଲଚାନ୍ଦ୍ ଜୁଏଲର୍ସ କ୍ରମାଗତ ଭାବେ ଏକ ପଥପ୍ରଦର୍ଶକ ସହ ଟ୍ରେଣ୍ଡ୍ ସେଟର୍ ଭାବେ କାର୍ଯ୍ୟ କରିଆସୁଛି। ପୂର୍ବଭାରତର ସର୍ବାଧିକ ପୁରସ୍କୃତ ଓ ସମ୍ମାନିତ ଅଳଙ୍କାର ବ୍ରାଣ୍ଡ ଲାଲଚାନ୍ଦ୍ ସବୁବେଳେ ଅନେକ ପ୍ରତିଯୋଗିତା ଆୟୋଜନ କରିବା ସହ ପର୍ବପର୍ବାଣି ଓ ଉତ୍ସବକୁ ପାଳନ କରି ଗ୍ରାହକଙ୍କ ସହ ଯୋଡ଼ି ହୋଇରହିବାର ପ୍ରୟାସ ଜାରି ରଖିଛି। ଲାଲଚାନ୍ଦ୍ ଜୁଏଲର୍ସ କେବଳ ଏକ ପ୍ରତିବଦ୍ଧତା ପୂର୍ଣ୍ଣ ଜାତୀୟ ବ୍ରାଣ୍ଡ ନୁହେଁ, ଏହା ଗୁଣବତ୍ତା, ଶୁଦ୍ଧତା ଏବଂ ସତ୍ୟତାର ଏକ ନିଦର୍ଶନ ହୋଇ ରହିଆସିଛି। ଆଜିର ପ୍ରତିଯୋଗିତାମୂଳକ ବଜାରରେ ଅଧିକ ବ୍ୟବସାୟ ବୃଦ୍ଧି ପାଇଁ ତଥ୍ୟକୁ ହେରଫେର କରାଯାଉଛି। କିନ୍ତୁ ଲାଲଚାନ୍ଦ୍ ପ୍ରାରମ୍ଭରୁ ୩୫ବର୍ଷ ଧରି ଗ୍ରାହକଙ୍କୁ ସଚେତନ କରିବା ସହିତ ସର୍ବଦା ସ୍ପଷ୍ଟ ତଥ୍ୟ ପ୍ରଦାନ କରିଆସୁଛି। ଏହା ସହ ବିଭ୍ରାନ୍ତିକର ଅଫର ଏବଂ ଅର୍ଦ୍ଧସତ୍ୟ ତଥ୍ୟରୁ ଦୂରେଇ ରଖିବା ପାଇଁ ଲାଲଚାନ୍ଦ୍ ଦୀର୍ଘ ୩ ଦଶନ୍ଧି ଧରି ସଚେତନତା ଜାରି ରଖିଛି। ଆଇଜେଏସ୍ଏଫ୍-୨୦୨୩ ର ସଫଳତା ପରେ ଲାଲଚାନ୍ଦ୍ ଜୁଏଲର୍ସ ସର୍ବୋତ୍କୃଷ୍ଟ ଅଳଙ୍କାର କାରିଗରି ଏବଂ ସାଲିସବିହୀନ ବ୍ୟବସାୟର ପ୍ରତୀକ ରୂପେ ଗ୍ରାହକଙ୍କ ହୃଦୟ ଜିତିପାରିଛି। ଏହି ସୁନ୍ଦର ମହୋତ୍ସବକୁ ଅସାଧାରଣ କରିଥିବା ସମସ୍ତ ଗ୍ରାହକଙ୍କୁ ଲାଲଚାନ୍ଦ୍ ପୁଣି ଥରେ ଧନ୍ୟବାଦ ଜଣାଉଛି।

# ଓପିଜିସିକୁ ଶକ୍ତି ସଂରକ୍ଷଣ ପୁରସ୍କାର





ସମ୍ବଲପୁର,୧୫।୧୨(ବି.ଶଙ୍କର)

ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ (ଓପିଜିସି) ଲିମିଟେଡ ଶୁକ୍ରବାର ରାଜ୍ୟ ଓ ଜାତୀୟ ସ୍ତରରେ ପୁରସ୍କୃତ ହୋଇଛି। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଆୟୋଜିତ ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ୧୦୦ ମେଗାୱାଟରୁ ଅଧିକ କ୍ଷମତା ବିଶିଷ୍ଟ ପାୱାର ପ୍ଲାଣ୍ଟ ବର୍ଗରେ ଓପିଜିସି ୨ୟ ପୁରସ୍କାର ହାସଲ କରିଛି। ସେହିଭଳି ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ପୁରସ୍କାର ସମାରୋହରେ କମ୍ପାନୀ ୧ମ ପୁରସ୍କାର ପାଇଛି। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ଶକ୍ତି ମନ୍ତ୍ରୀ ରାଜ କୁମାର ସିଂଙ୍କଠାରୁ ଓପିଜିସିର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମାନସ ରଞ୍ଜନ ରାଉତ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଅପରପକ୍ଷରେ ରାଜ୍ୟସ୍ତରୀୟ ଓଡ଼ିଶା ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର -୨୦୨୩ ଆଇପିପି ବର୍ଗରେ ଓପିଜିସିକୁ ଶ୍ରେଷ୍ଠ ପ୍ରଦର୍ଶନ ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କଠାରୁ କମ୍ପାନୀ ଏଜିଏମ୍ (ଅପରେଶନ) ରମଣ ଭର୍ମୁରିଆ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ।

## ସିପିଆଇର ଜାତୀୟ କାର୍ଯ୍ୟକାରୀ କମିଟି ବୈଠକ

ଭୁବନେଶ୍ୱର, ୧୫।୧୨ (ବନ୍ଦନା ସେଠୀ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଜାତୀୟ କାର୍ଯ୍ୟକାରୀ କମିଟି ବୈଠକ ଶୁକ୍ରବାର ଆରମ୍ଭ ହୋଇଯାଇଛି। ୩ ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମ ୧୦ ବର୍ଷ ପରେ ହେଉଥିବାରୁ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଥିବା ସିପିଆଇ ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ ୫ଟି ରାଜ୍ୟର ବିଧାନସଭା ନିର୍ବାଚନର ସମୀକ୍ଷା କରାଯିବା ସଙ୍ଗେସଙ୍ଗେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଆବଶ୍ୟକ ରଣନୀତି ଓ ରଣକୌଶଳ ଗ୍ରହଣ କରାଯିବ। ଶୁକ୍ରବାର ସନ୍ଧ୍ୟାରେ ଜାତୀୟ ସମ୍ପାଦକ ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଶନିବାର ଜାତୀୟ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହେବ। ବୈଠକରେ ସିପିଆଇର ସାଧାରଣ ସମ୍ପାଦକ ଡ. ଡି. ରାଜାଙ୍କ ସମେତ ବହୁ ବରିଷ୍ଠ ନେତୃବର୍ଗ ଯୋଗଦେବେ ବୋଲି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଜୟନ୍ତ ଦାସ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣା: ବାଇକ୍ ଆରୋହୀ ମୃତ

**ଟାଙ୍ଗୀ,୧୫।୧୨(ରଘୁନାଥ ସାହୁ)**

୧୬ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ବାଇପାସ୍‌ଠାରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱର ଜିଲା ମାର୍କୋଣା ଅଞ୍ଚଳର ମନୋଜ କୁମାର ମଲିକ। ସୂଚନା ମୁତବାକ, ବାଙ୍ଗାଲୋରରୁ ମନୋଜ ବନ୍ଧୁଙ୍କ ସହ ମାର୍କୋଣା ଆସୁଥିଲେ। ଟାଙ୍ଗୀ ବାଇପାସରେ ହଠାତ୍ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଡ୍ରେନରେ ଗଳି ପଡ଼ିଥିଲେ। ଫଳରେ ମନୋଜଙ୍କ ମୁଣ୍ଡରେ ଗଭୀର କ୍ଷତ ହେବା ସହ ରକ୍ତସ୍ରାବ ହୋଇଥିଲା। ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ମନୋଜଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମନୋଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମନୋଜଙ୍କ ବନ୍ଧୁ ହେଲମେଣ୍ଟ ପିନ୍ଧିଥିବାରୁ ତାଙ୍କର କିଛି ହୋଇ ନ ଥିବା ଜଣାପଡ଼ିଛି।

### ପ୍ଲାଷ୍ଟିକମୁକ୍ତ ସଚେତନତା ଅଭିଯାନ

**ବେଗୁନିଆ,୧୫।୧୨(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ମହାବିଦ୍ୟାଳୟରେ ପ୍ଲାଷ୍ଟିକ ମୁକ୍ତ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରା ବାହାରି ବେଗୁନିଆ ବଜାର ପରିକ୍ରମା କରିଥିଲା। ଭାରପ୍ରାପ୍ତ ଅଧ୍ୟକ୍ଷ ପଙ୍କଜ କରଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଧୁଭୂଷଣ ରାଉତ ଏହାର ସଂଯୋଜନା କରିଥିଲେ। ୱାର୍ଡ ସଭ୍ୟ ପ୍ରସନ୍ନ ବାରିକ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି, ଅଧ୍ୟାପକ ସଲିଳ ବଡ଼ଜେନା, ଉମେଶ ମହନ୍ତ, ଦେବୀ ଦେବଯାନୀ ପାଇକରାୟ, ନମିତା ରାଣୀ ମହାରଣା ଏବଂ ସଂଗ୍ରାମ ଜୟସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ଲାଷ୍ଟିକମୁକ୍ତ ଭାରତ ଗଠନ ଏବଂ ପ୍ଲାଷ୍ଟିକ ବ୍ୟବହାରର ଭୟାବହତା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱପ୍ନେଶ୍ୱର ପ୍ରଧାନ, ସୋନମ ମହାନ୍ତି, ମଧୁସ୍ମିତା ଆଚାର୍ଯ୍ୟ, ଜଗନ୍ନାଥ ମହାପାତ୍ର, ଭୋଳାନାଥ ପୃଷ୍ଟି, ସୁପ୍ରଭା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ସ୍ମୃତିଚାରଣ ସଭା

**ଟାଙ୍ଗୀ,୧୫।୧୨(ରଘୁନାଥ ସାହୁ)**

ଅର୍ଜୁନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ବେହେରାଙ୍କ ଦ୍ୱାଦଶାହରେ ସ୍ମୃତିସଭା ବରିକୋ ନୂଆସାହିରେ ଖାଉଟି ଅଦାଲତର ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ଗାଁ ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ରମେଶ ବଳବନ୍ତରାୟ, ପ୍ରଧାନ ଶିକ୍ଷକ ପ୍ରଭାକର ସାମନ୍ତରାୟ, ଜନତା କଲେଜ ଅଧ୍ୟକ୍ଷ ବାଳକୃଷ୍ଣ ମିଶ୍ର, ବିଜୟ ରାଉତ, ସାମ୍ବାଦିକ ରଘୁନାଥ ସାହୁ, ତାରା ପ୍ରସାଦ ପଟ୍ଟନାୟକ, ସୁଧିର ଦାସ, କୁଳମଣି ବେହେରା, ମିତ୍ରଭାନୁ ସୁବୁଦ୍ଧି, ବିରଞ୍ଚି ପ୍ରଧାନ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଖାଡେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା

## ଶିକ୍ଷକ ନିଯୁକ୍ତି ଦାବିକଲେ ଛାତ୍ରୀଛାତ୍ର ଓ ଅଭିଭାବକ

**ନିରାକାରପୁର,୧୫।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)**

ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ସହ ଶିକ୍ଷାର ବିକାଶ ନିମନ୍ତେ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ବିଦ୍ୟାଳୟରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଅଭାବ ଯୋଗୁ ପାଠପଢ଼ାରେ ବାଧକ ସୃଷ୍ଟି ହେଉଛି। ଫଳରେ ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇବା ସହ ଧାରଣା ଦେଇଛନ୍ତି। ଏଭଳି ଦୃଶ୍ୟ ଶୁକ୍ରବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଛଣଗିରି ପଞ୍ଚାୟତ ଅନ୍ତର୍ଗତ ଛଣଗିରି ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ଏହି ବିଦ୍ୟାଳୟରେ ପ୍ରଥମଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏଲିମେଣ୍ଟାରି ସ୍କୁଲରେ ୩୪୪ ଓ ହାଇସ୍କୁଲରେ ୧୧୧ଜଣ ମୋଟ୍



ଶିକ୍ଷକ ନିଯୁକ୍ତି ଦାବିରେ ପ୍ଲାକାର୍ଡ ଧରି ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

ଉଭୟ ସ୍କୁଲରେ ୪୫୫ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ଏଲିମେଣ୍ଟାରି ସ୍କୁଲରେ ନିୟୋଜିତ ଥିବା ୮ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ କିଛିଦିନ ହେବ ସିଆରସିସି ଭାବେ ଯାଇଥିବା ବେଳେ ଅନ୍ୟଜଣେ ଶିକ୍ଷକ ଡେପୁଟେଶନରେ ଅଛନ୍ତି। ଫଳରେ ପାଠପଢ଼ାରେ ଅସୁବିଧା ହେଉଛି। ଏହି ସ୍କୁଲରେ ଦୀର୍ଘ ୬ମାସ ହେବ ପ୍ରଧାନ ଶିକ୍ଷକଙ୍କ ପଦବୀ ମଧ୍ୟ ଖାଲିପଡିଛି। ଦୀର୍ଘଦିନ ଧରି ସ୍କୁଲ ପାଇଁ ୨ଜଣ ବିଜ୍ଞାନ ଓ ୨ଜଣ କଳା ଶିକ୍ଷକ ନିଯୁକ୍ତି ନିମନ୍ତେ ଜିଲା ପ୍ରଶାସନଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀ, ଏପରିକି ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଏଥିପ୍ରତି କେହି ଦୃଷ୍ଟି ନ ଦେବା ବିଡମ୍ବନାର ବିଷୟ ବୋଲି ସ୍କୁଲ ପରିଚାଳନା କମିଟି ସଭାପତି ଏସକେ ଇସ୍ରାଇଲ କହିଛନ୍ତି। ଶିକ୍ଷକ ନିଯୁକ୍ତି ଦାବିରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ସାଢେ ୧୨ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ର, ଅଭିଭାବକମାନେ ସ୍କୁଲ ମୁଖ୍ୟ ଫାଟକ ତାଲା ପକାଇବା ସହ ସ୍କୁଲ ସମ୍ମୁଖ ନୂଆ ଜଗନ୍ନାଥ ସଡ଼କରେ ବିଭିନ୍ନ ପ୍ଲାକାର୍ଡ ଧରି ଧାରଣା ଦେଇଥିଲେ। ଖବରପାଇ ଜଙ୍କିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ସାହୁ ପହଞ୍ଚି ଡେପୁଟେଶନରେ ଯାଇଥିବା ଶିକ୍ଷକଙ୍କୁ ଫେରାଇ ଆଣିବା ସହ ଆସନ୍ତା ୨୦ରୁ ୨୫ତାରିଖ ମଧ୍ୟରେ ଆବଶ୍ୟକ ପଦବୀ ପୂରଣ ନିମନ୍ତେ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଘାଟିତ




'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥି।

**ବାଲୁଗାଁ,୧୫।୧୨(ସଂଗ୍ରାମ ପାଇକରାୟ)**

ବାଲୁଗାଁ ମହାବିଦ୍ୟାଳୟରେ ଶୁକ୍ରବାର 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛତ। ଅଧ୍ୟକ୍ଷା ଡ.କଳ୍ପନା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳିକା ସୁକାନ୍ତି ପାଇକରାୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଇଂ.ପ୍ରବାସ କୁମାର ସୁନ୍ଦରାୟ ଅତିଥିଭାବେ ଯୋଗଦେଇ ଶିକ୍ଷାର୍ଥୀଙ୍କ ସର୍ଜନାତ୍ମକ, ସାଂସ୍କୃତିକ, କ୍ରୀଡ଼ାତ୍ମକ ଓ ସମାଜସେବା ମନୋଭାବର ଉତ୍କର୍ଷ କାମନା କରିବା ସହ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜଙ୍କ ପ୍ରେରିତ ବାର୍ତ୍ତା ଉପସ୍ଥାପନ କରିଥିଲେ। ଅଧ୍ୟକ୍ଷା ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୁକ୍ତ ୨ ଅଧ୍ୟକ୍ଷା ଡ.ଜୟନ୍ତୀ ସାମଲ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ମୋ କଲେଜ ଅଭିଯାନ ସମ୍ପାଦକ ବିକ୍ରମ କୁମାର ବିଶୋୟୀ, କାଉନସିଲର ଲକ୍ଷ୍ମୀଧର ସେଠୀ, ସୁଜାତା ପଣ୍ଡା, ପରିଚାଳନା ପରିଷଦ ସଭ୍ୟ ରବୀନ୍ଦ୍ର ବାରିକ ଓ ଝରଣା ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୋଡାଲ ଅଫିସର କୈଳାସ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମୋନାଲିସା ମାନସିଂହ ପରିଚାଳନା ଓ ଲକ୍ଷ୍ମୀଧର ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଅଧ୍ୟାପକ ବିଦ୍ୟାଧର ଝୁଣ୍ଟାରସିଂ, ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ, ରିନା ରାଉତ, ମନସ୍ୱିନୀ ପଟ୍ଟନାୟକ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଚାରକଭାବେ ଅଧ୍ୟାପକ ମୃଦାନୀ ଶଙ୍କର ପ୍ରସାଦ ମିଶ୍ର, ବନ୍ଦନା ଦାଶ, ଅମ୍ରିତା ନନ୍ଦ, ତପସ୍ୱିନୀ ନନ୍ଦ, କ୍ରିଷ୍ଣା ସେଠୀ ପ୍ରମୁଖ ଯୋଗଦେଇଥିଲେ।




ଜଟଣୀ ମହାବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅବସରରେ ଶୁକ୍ରବାର ପିଲାମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

# ଉଦ୍ଭିଦ ବିଜ୍ଞାନୀ ଡ. ସନ୍ତୋଷ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଡ. ସନ୍ତୋଷ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥିମାନେ।

**ଖୋର୍ଦ୍ଧା,୧୫।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ସାରସ୍ୱତ ସାଧକ ଡ. ସନ୍ତୋଷ ନାୟକଙ୍କ ପ୍ରତିମୂର୍ତ୍ତି ମୁକୁନ୍ଦପ୍ରସାଦସ୍ଥିତ ପ୍ରଜ୍ଞାବିହାରଠାରେ ଉନ୍ମୋଚିତ ହୋଇଯାଇଛି। ତାଙ୍କ ରଚିତ ଗଳ୍ପ, ନାଟକ ଆଦି ଓଡ଼ିଆ ବ୍ୟଙ୍ଗ ସାହିତ୍ୟକୁ ସମୃଦ୍ଧ କରିଛି। ଡ. ନାୟକଙ୍କ ଅଧୀନରେ ବହୁ ଅଧ୍ୟାପକ, ଅଧ୍ୟାପିକା ଗବେଷଣା କରି ସୁନାମ ଅର୍ଜନ କରିଛନ୍ତି। ଶିକ୍ଷାବିତ୍ ନାୟକ ଜାତୀୟ, ଅନ୍ତର୍ଜାତୀୟ ସେମିନାରରେ ସନ୍ଦର୍ଭ ଉପସ୍ଥାପନ କରି ଯଶସ୍ୱୀ ହୋଇଛନ୍ତି। ଏହି ଉତ୍ସବରେ ମୁଖ୍ୟ ଅତିଥି ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ମୁଖ୍ୟବକ୍ତା କ୍ଷୀରୋଦ ପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଅଧ୍ୟକ୍ଷା ଡ. ଅଜନ୍ତା ଶତପଥୀ, ଉପାଧ୍ୟକ୍ଷା ଡ. ବିନୋଦିନୀ ମିଶ୍ର ପ୍ରମୁଖ ପ୍ରତିମୂର୍ତ୍ତି ଉନ୍ମୋଚନ କରି ଓଡ଼ିଶାର କୃଷି ବିଜ୍ଞାନ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦର ଯୁଗ୍ମ ସମ୍ପାଦକ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ପ୍ରଥମ ବାର୍ଷିକ ସ୍ମୃତିସଭାରେ ଡ. ଶଶାଙ୍କ ଶେଖର ରଥ, ପତିତ ପାବନ ଦଳେଇ, ସୁବୋଧ ପ୍ରହରାଜ, ବ୍ରଜବନ୍ଧୁ ପଡ଼ିହାରୀ, ଅଶୋକ ନନ୍ଦ, ଇତିଶ୍ରୀ ସାହୁ, କ୍ଷେତ୍ରମୋହନ ପଟ୍ଟନାୟକ, ବସନ୍ତ କାନୁନ୍‌ଗୋ, ବୈଜ୍ଞାନିକ ଅଶୋକ କୁମାର ଭାରିମଲ୍ଲ, ଇଂ. ବିଜୟ କୁମାର ମଲ୍ଲିକ, ଇଂ. ପ୍ରତ୍ୟୁଷ ଲେଙ୍କା, ମିତ୍ରବିନ୍ଦା ଭାରିମଲ୍ଲ, ଗବେଷିକା ଶାଶ୍ୱତୀ ମଲ୍ଲିକ, ଅଧ୍ୟାପିକା ସିଦ୍ଧିଦାତ୍ରୀ ଲେଙ୍କା, ପ୍ରାଚୀ ନାୟକ, ପ୍ରତୀକ୍ଷା ନାୟକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଇଂ. ଓଁକାର ଉତ୍ସବ ପରିଚାଳନା କରିଥିଲେ।

# ସହରରୁ ଜବରଦଖଲ, ଡ୍ରେନ୍ ଅବରୋଧ ହଟାଯାଉ

**ଖୋର୍ଦ୍ଧା,୧୫।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସହରର ବହୁ ସରକାରୀ ଜମି ଜବରଦଖଲରେ ରହିଛି। ଫଳରେ ବିକାଶମୂଳକ ଯୋଜନା ବାଧାପ୍ରାପ୍ତ ହେଉଛି। ସରକାରୀ ଜମିରେ ବେଆଇନ କୋଠା ସହ ବହୁ ଘରୋଇ ଶିକ୍ଷାନୁଷ୍ଠାନ ନିର୍ମାଣ ହୋଇଛି। ଜବରଦଖଲରେ ରହିଥିବା ସରକାରୀ ଜମିକୁ ଉଚ୍ଛେଦ ଲାଗି ଭାଜପା କୃଷକ ମୋର୍ଚ୍ଚା ସଦସ୍ୟ ରାଜୀବ ଲୋଚନ ଷଡ଼ଙ୍ଗୀ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଖୋର୍ଦ୍ଧା ସହର ତଥା ଏହାର ଆଖପାଖ ଅଞ୍ଚଳରେ ରହିଥିବା ବହୁ ସରକାରୀ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିବା ବେଳେ ଶାଗମାଛ ଦରରେ ବ୍ରିକିଚାଲିଛି। ଏ ଦିଗରେ ରାଜସ୍ୱ ବିଭାଗ ନୀରବଦ୍ରଷ୍ଟା ସାଜିଛି। ସରକାରୀ ଜମିରେ ବେଆଇନ କୋଠା, ବଜାର ନିର୍ମାଣକରି ଭଡ଼ା ସୂତ୍ରରେ ଲଗାଇ କୋଟି କୋଟି ଟଙ୍କା ଉପାର୍ଜନ କରୁଛନ୍ତି। ଫଳରେ ସରକାର ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଉଛନ୍ତି। ଖୋର୍ଦ୍ଧା ସହରର କେଉଁ କେଉଁ ସ୍ଥାନରେ ସରକାରୀ ଜମି ରହିଛି, ତାହାକୁ ଚିହ୍ନଟ କରିବାକୁ ସେ ଦାବି କରିଛନ୍ତି। ଗୁରୁଜଙ୍ଗସ୍ଥିତ କାହ୍ନୁସାଗର ପୋଖରୀ, ଟିଏଲ୍‌ସି ରୋଡ୍‌ସ୍ଥିତ ଖଣିପୋଖରୀ, ଭାଲିଆବାଡ଼ି ପୋଖରୀ, ବାଟମଙ୍ଗଳା ରୋଡ୍ ସ୍ଥିତ ପୋଖରୀ, ସାମନ୍ତରାପୁର ବଧା ପୋଖରୀ, ମୁକୁନ୍ଦପ୍ରସାଦ ମେଳଣ ପଡ଼ିଆ ସ୍ଥିତ ପୋଖରୀ, ହାବେଳି ପଡ଼ିଆସ୍ଥିତ ପୋଖରୀ, ପଲ୍‌ଟନ ପଡ଼ିଆସ୍ଥିତ ପଲ୍‌ଟନ ପୋଖରୀ ଆଦି ଏକାଧିକ ଅଂଶ ଜବରଦଖଲରେ ରହିଛି। ରାଜରାଜୁଡ଼ା ସମୟରେ ଖନନ ହୋଇଥିବା ଏହି ପୋଖରୀ ଏବେ ସର୍ବସାଧାରଣଙ୍କ ବ୍ୟବହାର ପରିବର୍ତ୍ତେ ଜବରଦଖଲରେ ରହିଛି। ଏହାକୁ ଜବରଦଖଲମୁକ୍ତ ଲାଗି ବାରମ୍ବାର ଦାବି ସତ୍ତ୍ୱେ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉନାହିଁ। ଏପରିକି ଜିଲାପାଳ ରହୁଥିବା ରାଜସ୍ୱ ବଙ୍ଗଳାର ୫ ଏକର ଜମି ଏକାଧିକ ଜବରଦଖଲରେ ରହିଥିବା ରାଜୀବ ଦାବିପତ୍ରରେ ଦର୍ଶାଇଛନ୍ତି। ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ ଜମି ମଧ୍ୟ ଜବରଦଖଲରେ ରହିଛି। ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଖେଳପଡ଼ିଆ ଏକ ଘରୋଇ ଅନୁଷ୍ଠାନ କବ୍‌ଜାରେ ରହିଛି। ଖେଳପଡ଼ିଆର ନାମ ବିଜେବି ହାଇସ୍କୁଲ ପଡ଼ିଆ ନାମକୁମାତ୍ର ରହିଥିବା ବେଳେ ଦୀର୍ଘବର୍ଷ ହେବ କ୍ରୀଡ଼ା ଅନୁଷ୍ଠାନ ଅଧୀନରେ ରହିଛି। ରାଜନୈତିକ ବ୍ୟକ୍ତିଙ୍କ ଏଥିରେ ସମ୍ପୃକ୍ତି ରହିଥିବାରୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହାକୁ ମୁକ୍ତ କରାଯାଇପାରୁନାହିଁ। ଏ ଦିଗରେ ପ୍ରଶାସନ ମଧ୍ୟ ନୀରବଦ୍ରଷ୍ଟା ସାଜିଛି। ଶେଷ ସ୍ୱାଧୀନ ଦୁର୍ଗ ଭାବେ ପରିଚିତ ଖୋର୍ଦ୍ଧାଗଡ଼ ଆଜି ବି ଅବହେଳିତ। ଐତିହ୍ୟ କୀର୍ତ୍ତିରାଜିରେ ଭରପୂର ଖୋର୍ଦ୍ଧାଗଡ଼ ଜବରଦଖଲରେ ରହିଥିବା ଜମିକୁ ଉଚ୍ଛେଦ କରାଯାଇ ଉନ୍ନୟନମୂଳକ ଯୋଜନାକୁ ତ୍ୱରାନ୍ୱିତ କରାଗଲେ ପର୍ଯ୍ୟଟନ ଶିଳ୍ପର ବିକାଶ ଘଟିବ। ବହୁ ସରକାରୀ ଜମିକୁ ଦୀର୍ଘ ଦଶନ୍ଧି ଧରି ବେଆଇନଭାବେ କେତେଜଣ ବ୍ୟକ୍ତି ଅକ୍ତିଆର କରି ବିକ୍ରି କରୁଛନ୍ତି। ଏଥିସହିତ ସହରର ମାରୱାଡି ପଟି, ପୁରୁଣା ବସ୍‌ଷ୍ଟାଣ୍ଡ, ଟ୍ରାଫିକ୍ ଛକଠାରୁ ଏସ୍‌ବିଆଇ ଛକ ପର୍ଯ୍ୟନ୍ତ ରାସ୍ତାଉପରେ ଗଢ଼ିଉଠିଥିବା କ୍ୟାବିନ ସହରର ସୌନ୍ଦର୍ଯ୍ୟରେ ବାଧକ ସାଜିଛି। ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ମାରୱାଡି ପଟି ପର୍ଯ୍ୟନ୍ତ ରାସ୍ତା ସଙ୍କୁଚିତ ରହିଛି। ୫୭ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏହି ରାସ୍ତା ଜନଗହଳି ରହୁଛି। ତେବେ ଏହି ରାସ୍ତାର ଡ୍ରେନ୍ ମଧ୍ୟ ଜବରଦଖଲରେ ରହିଛି। ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ସହରକୁ ଜବରଦଖଲ ଏବଂ ଡ୍ରେନ୍‌କୁ ଅବରୋଧ ମୁକ୍ତ ଲାଗି ରାଜୀବ ଦାବି କରିଛନ୍ତି।

### ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଜଟଣୀ,୧୫।୧୨(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ମହାବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରାଜୀବ କୁମାର କରଙ୍କ ପୌରୋହିତ୍ୟରେ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଂସ୍କୃତିକ ଏବଂ କ୍ରୀଡ଼ା ପ୍ରତିଯୋଗିତା ସହ ସାମାଜିକ ସଚେତନତା, ସ୍ୱାସ୍ଥ୍ୟଗତ ଜୀବନଶୈଳୀ, ସ୍ୱଚ୍ଛତା, ପରିବେଶ ସୁରକ୍ଷା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ କ୍ଲାସିକାଲ, ସେମି କ୍ଲାସିକାଲ, ମଡର୍ନ ସହିତ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ମହାବିଦ୍ୟାଳୟର ନୋଡାଲ ଅଧିକାରୀ ଡ. ଅନୁପ କୁମାର ମହାନ୍ତି, ପ୍ରଶାସନିକ ଅଧିକାରୀ ଅଜିତ୍ କୁମାର ସୁନ୍ଦରାୟ, ସାଂସ୍କୃତିକ କମିଟି ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀ, କାର୍ତ୍ତିକ ଚନ୍ଦ୍ର ଦାସ, ପରମିତା ପ୍ରହରାଜ, ଆଲୋକ କୁମାର ଛୋଟରାୟ, ଡ. ତପନ କୁମାର ମିଶ୍ରଙ୍କ ସମେତ ଅନ୍ୟ ପଦାଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ୟୁନିଟ୍-୬ ମହିଳା ଏକାଦଶ ଭୁବନେଶ୍ୱର ବିଜୟୀ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

**ନିରାକାରପୁର,୧୫।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ନିରାକାରପୁର ଫ୍ରେଣ୍ଡସ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ପଡ଼ିଆରେ ନିରାକାରପୁର ଫୁଟ୍‌ବଲ ଆସୋସିଏଶନ ଓ ନିରାକାରପୁର ଭେଟେରାନ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ନିରାକାରପୁର ଆସୋସିଏଶନ ୪-୦ ଗୋଲରେ ବିଜୟୀ ହୋଇଥିଲା। ପରେ ଏକ ମହିଳା ଫୁଟ୍‌ବଲ ପ୍ରଦର୍ଶନୀ ମ୍ୟାଚ୍ ପପୁଲାର ମହିଳା ଏକାଦଶ ଢେଙ୍କାନାଳ ଓ ୟୁନିଟ-୬ ମହିଳା ଏକାଦଶ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ୟୁନିଟ-୬ ମହିଳା ଏକାଦଶ ୫-୦ଗୋଲରେ ବିଜୟୀ ହୋଇଥିଲା। ଶରତ ଛୋଟରାୟ, ସୁକାନ୍ତ ପ୍ରଧାନ, ପ୍ରମୋଦ କୁମାର ଦାସ, ଅବିନାଶ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିବା ବେଳେ ମ୍ୟାଚ କମିଶନର ଭାବେ ଅକ୍ଷୟ ପଟ୍ଟନାୟକ ଦାୟିତ୍ୱ ତୁଲାଇଥିଲେ। ସଭାପତି ବିପିନ କୁମାର ଜୟସିଂଙ୍କ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ବିଜୁ ଜନତା ଦଳର ମହିଳା ଉପସଭାପତି ବାସନ୍ତୀ ମହାପାତ୍ର, ସମ୍ମାନିତ ଅତିଥି ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ପାଇକ ମହାସଂଘର ସଭାପତି ପ୍ରକାଶ ଶ୍ରୀଚନ୍ଦନ, ପୂର୍ବତନ ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ରାଉତରାୟ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ରବୀନ୍ଦ୍ର କୁମାର ରାଉତରାୟତାଙ୍କ ସାନଭାଇ ସ୍ୱର୍ଗତଃ ବାମନ ରାଉତରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଜେତା ଓ ଉପବିଜେତା ଟିମକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଅନୁରୂପଭାବେ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅଞ୍ଚଳର କେତେଜଣ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଜେନା, କୋଷାଧ୍ୟକ୍ଷ ହରିହର ସିଂ, ମନୋଜ ପ୍ରଧାନ, ମହେଶ୍ୱର ବେହେରା, କମଳଲୋଚନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଫାଇନାଲରେ ସ୍ପୋର୍ଟ୍ସ ହଷ୍ଟେଲ କଟକ

**ଯାଁଳା,୧୫।୧୨(ବୁଲା ବାରିକ)**

ଶିବ ଶକ୍ତି କ୍ଲବ ଆନୁକୂଲ୍ୟରେ ତମାଣ୍ଡୋ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୨୮ତମ ତମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ସ୍ପୋର୍ଟ୍ସ ହଷ୍ଟେଲ କଟକ ଓ ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟ୍ସ କ୍ଲବ ଗଣ୍ଡରପୁର ମଧ୍ୟରେ ହୋଇଥିଲା। ମାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଟାଇବ୍ରେକରରେ ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ବିକାଶ ପ୍ରତିହାରୀ ଓ ପିପୁନ ରାଉତ ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ପ୍ରଶାନ୍ତ ଶ୍ରୀହରି, ପିଣ୍ଟୁ ସାମଲ, ଚନ୍ଦ୍ରମୋହନ ପୃଷ୍ଟି ଓ ସୁରଜ ନାୟକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳରେ ସ୍ପୋର୍ଟ୍ସ ହଷ୍ଟେଲ କଟକ ୪-୨ ଗୋଲରେ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ରବିନାରାୟଣ ମହାପାତ୍ର, ଶକ୍ତିଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶିବଶଙ୍କର ପଣ୍ଡା, ସୁଶାନ୍ତ କୁମାର ମିଶ୍ର, ଶିବପ୍ରସାଦ ସାମନ୍ତରାୟ, ସୁଜିତ୍ କୁମାର ପାତ୍ର ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିଙ୍କଠାରୁ ଜଣେ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

# ସେମିରେ ଭୁବନେଶ୍ୱର ସାନ୍ କ୍ଲବ

## ଜାନକୀ ପାଢ଼ୀ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ବୋଲଗଡ଼,୧୫।୧୨(ଦେବବ୍ରତ ହୋତା)**

ବୋଲଗଡ଼ ମହୋତ୍ସବର ପ୍ରତିଷ୍ଠାତା ଶିକ୍ଷାବିତ୍ ଜାନକୀ ବଲ୍ଲଭ ପାଢ଼ୀଙ୍କ ସ୍ମୃତିରେ ସ୍ଥାନୀୟ ଫ୍ରେଣ୍ଡ୍‌ସ କ୍ଲବ ପକ୍ଷରୁ ଚାଲିଥିବା ଜାନକୀ ପାଢ଼ୀ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ପ୍ରାଙ୍ଗଣରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ସାନ୍ କ୍ଲବ ଓ ଭବାନୀପାଟଣା ଟାଉନ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ସାନ୍ କ୍ଲବର ୮ ନମ୍ବର ଖେଳାଳି ଦୀପକ ଦିଗଲ ଏବଂ ୧୦ ନମ୍ବର ଖେଳାଳି ସୁନୀଲ ସୋରେନ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଟାଉନ କ୍ଲବର ୧୦ ନମ୍ବର ଖେଳାଳି ସମୀର ବେହେରା ଗୋଟିଏ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷସୁଦ୍ଧା ଟାଉନ କ୍ଲବ ଆଉ ଗୋଲ ଦେଇ ନ ପାରିବାରୁ ପରାଜିତ ହୋଇଥିଲା। ଫଳରେ ଭୁବନେଶ୍ୱରର ସାନ୍ କ୍ଲବ ୨-୧ ଗୋଲରେ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଚିନ୍ମୟ କୁମାର ନାୟକ ଓ ଦିବ୍ୟରଞ୍ଜନ ସାହୁ ଅତିଥିଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଲୋକ ଦେହୁରୀ, ମିର୍ଜା ସିରଜୁଦ୍ଦିନ ବେଗ୍, ଲକ୍ଷ୍ମୀଧର ଚୌଧୁରୀ, ଭଞ୍ଜକିଶୋର ଯତି ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### କଂଗ୍ରେସ ସାଙ୍ଗଠନିକ ପ୍ରସ୍ତୁତି ବୈଠକ

**କଟକ,୧୫।୧୨(ଶିଳ୍ପା ପ୍ରିୟଦର୍ଶିନୀ):** କଟକ ମହାନଗର ନିଗମ(ସିଏମ୍‌ସି)ର ୩ନଂ. ୱାର୍ଡ ଅଧୀନ ସିଡିଏ-୧୧ଠାରେ କଂଗ୍ରେସ ସାଙ୍ଗଠନିକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନଗର କଂଗ୍ରେସର ପୂର୍ବତନ ସଭାପତି ଗିରିବାଳା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ ୱାର୍ଡ ଅଞ୍ଚଳରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ଏବଂ ଅଧିକ ମହିଳା ଓ ଯୁବକ ସଙ୍ଗଠନରେ ଯୋଡ଼ି ହେବା ପାଇଁ ଆହ୍ୱାନ ଦେଇଥିଲେ। ବିଧାୟକ ଉନ୍ନୟନ ପାଣ୍ଠିରୁ ୱାର୍ଡ ଅଞ୍ଚଳରେ ହୋଇଥିବା କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ବାକି ଥିବା କାର୍ଯ୍ୟକୁ ତୁରନ୍ତ ଶେଷ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ଲକ୍ଷ୍ମୀନାରାୟଣ ଦାସ, ଅକ୍ଷୟ ଦାସ, ଦ୍ୱାରିକା ମହାନ୍ତି, ଜଗନ୍ନାଥ ବେହେରା, ପ୍ରକାଶ ନାୟକ, ରଞ୍ଜନ ପଣ୍ଡା, କୈଳାଶ ପଣ୍ଡା, ପ୍ରଫୁଲ୍ଲ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**କଟକ,୧୫।୧୨(ଶିଳ୍ପା ପ୍ରିୟଦର୍ଶିନୀ):** ୪୨ମୌଜାଥାନା ଅଧୀନ କୁଲସରିଚୁଆଁସ୍ଥିତ ଆର୍‌ଏମ୍ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟ ପରିସରରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ରେକି ମିଶନର ପ୍ରତିଷ୍ଠାତା ତଥା ପୂଜ୍ୟ ବିଜ୍ଞାନୀ ଶ୍ରୀସନ୍ଥ ଏହାକୁ ଉଦ୍‌ଘାଟନ କରିଥିଲେ। ୨ ଦିନିଆ ପ୍ରତିଯୋଗୀତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ବିଦ୍ୟାଳୟର ଉପାଧ୍ୟକ୍ଷା ସରସ୍ୱତୀ ସାମନ୍ତରାୟ, ଶିକ୍ଷୟିତ୍ରୀ ସରୋଜିନୀ ମହାପାତ୍ର, ମାନସୀ ଲେଙ୍କା, ପ୍ରୀତିଶ୍ରୀ ଲେଙ୍କା, କାଜଲ ପ୍ରଧାନ, ବର୍ଷା ମୂଳିଆ, ଅଲିଭା ଦଳାଇ, ପ୍ରିୟଙ୍କା ବେହେରା, ତୃପ୍ତି ନାୟକ, ମିଡିଆ ସଂଯୋଜକ ଭାରତ ଭୂଷଣ ରାୟଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ।

### ପୋପରା ଆବାସିକ ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ଟିଗିରିଆ,୧୫।୧୨(ଜାଫର ଖାଁ):** ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ପଞ୍ଚାୟତର ନୂଆସଡ଼କସ୍ଥିତ ପୋପରା ଆବାସିକ ଆଶ୍ରମ ବିଦ୍ୟାଳୟର ୨ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲାପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପାଞ୍ଚଗାଁ ସରପଞ୍ଚ ନିରଞ୍ଜନ ଦଳେଇ, ଟିଗିରିଆ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନରଞ୍ଜନ ବଡ଼ଜେନା ଓ ସାମାଜିକ କର୍ମୀ ରଘୁନାଥ ଦାଶ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଛାତ୍ରିଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି କ୍ରୀଡ଼ା ବିଦ୍ୟାଳୟ ସଂଲଗ୍ନ ବାଳମୁକୁନ୍ଦ ଦେବଙ୍କ ପୀଠରେ ଆୟୋଜନ କରାଯାଇଥିଲା। ନଦୀ ନାମ ଅନୁଯାୟୀ ମହାନଦୀ, ବ୍ରାହ୍ମଣୀ,ବୈତରଣୀ, ଓ ରଷିକୁଲ୍ୟା,ଅନୁଯାୟୀ କ୍ରୀଡ଼ାରେ ୪ ଟି ଗ୍ରୁପରେ ବିଭିନ୍ନ ପ୍ରତିଯୋଗିତା ହେବ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ ଚନ୍ଦ୍ର ସ୍ୱାଇଁ କହିଛନ୍ତି।

# ପକ୍କାଘର ଆଶା ମଉଳୁଛି, ଭଙ୍ଗା ଘରେ ବିତୁଛି ଜୀବନ

**ନିଶ୍ଚିନ୍ତକୋଇଲି.୧୫।୧୨ (ଅଶୋକ କୁମାର ମହାପାତ୍ର)**

**ମୋ ଘର ଯୋଜନା ଦିଗହରା**
**ଆବେଦନ ୪୨୭୬, ମଞ୍ଜୁର ହୋଇଛି ୧୩**

ଆବାସ ଯୋଜନରୁ ବଞ୍ଚିତ ହୋଇଥିବା ଗରିବ ଲୋକଙ୍କୁ ପକ୍କାଘର ଯୋଗାଇବା ପାଇଁ ମୋ ଘର ଯୋଜନା ଆରମ୍ଭ କରାଯାଇଛି। ଇତିମଧ୍ୟରେ ଦୀର୍ଘ ୫ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଯୋଜନାରୁ ହିତାଧିକାରୀଙ୍କୁ ଆଶାନୁରୂପ ସୁଫଳତା ମିଳିପାରିନାହିଁ। ବ୍ଲକରେ ଏହି ଯୋଜନାରେ ସାମିଲ ହେବା ପାଇଁ ୪୨୭୬ ହିତାଧିକାରୀ ଆବେଦନ କରିଥିଲେ। ଅଦ୍ୟାବଧି ମାତ୍ର ୧୩ ଜଣଙ୍କ ଆବେଦନକୁ ମଞ୍ଜୁର ମିଳିଛି। ତେବେ ୪୧ଟି ପଞ୍ଚାୟତରେ ବହୁ ଗରିବ ଲୋକ ଏବେବି ଭଙ୍ଗାଘରେ ବିପଦ ସଙ୍କୁଳ ଅବସ୍ଥାରେ ରହୁଛନ୍ତି। ଫଳରେ ମୋ ଘର ଯୋଜନା ନିଶ୍ଚିନ୍ତକୋଇଲି ବ୍ଲକରେ ଦିଗହରା ପାଲଟିଛି।

ଗରିବଙ୍କୁ ଛାତ ଘର ଖଣ୍ଡିଏ ଯୋଗାଇ ଦେବାକୁ ରାଜ୍ୟ ସରକାର ୬ମାସ ତଳେ ମୋ ଘର ଯୋଜନା ଆରମ୍ଭ କରିଥିଲେ। ଏହି ଅନୁଯାୟୀ, ଘର କରିବାକୁ ଯୋଗ୍ୟ ହିତାଧିକାରୀଙ୍କୁ ବ୍ୟାଙ୍କଗୁଡିକ ୩ ଲକ୍ଷ ପର୍ଯ୍ୟନ୍ତ ଦୀର୍ଘ ମିଆଦି ଋଣ ବଣ୍ଟନ କରିବେ। ଏକ ଲକ୍ଷ ଟଙ୍କାରେ ସାଧାରଣ ବର୍ଗଙ୍କ ପାଇଁ ୩୦ ହଜାର, ସ୍ୱତନ୍ତ୍ର ବର୍ଗ ପାଇଁ ୪୦ ହଜାର,ଦେଢ଼ ଲକ୍ଷରେ ସାଧାରଣ ବର୍ଗପାଇଁ ୪୫ହଜାର, ସ୍ୱତନ୍ତ୍ର ବର୍ଗ ୫୫ ହଜାର, ଦୁଇ ଓ ତିନି ଲକ୍ଷରେ ସାଧାରଣ ବର୍ଗ ପାଇଁ ୬୦ ହଜାର , ସ୍ୱତନ୍ତ୍ର ବର୍ଗ ପାଇଁ ୭୦ ହଜାର ରିହାତି ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ତେବେ ବ୍ଲକରେ ପଞ୍ଜୀକୃତ ହୋଇଥିବା ୪୨୭୬ ଆବେଦନ ମଧ୍ୟରୁ ୩୩୧୩ଟି ଆବେଦନ ଗ୍ରହଣ କରାଯାଇଥିଲା। ୧୪/୧୨/୨୦୨୩ରିଖ ସୁଦ୍ଧା ୩୦୫୬ଟି ଆବେଦନ ପତ୍ରକୁ ତର୍ଜମା କରାଯାଇ କ୍ଷେତ୍ର ପରିଦର୍ଶନ କରାଯାଇଛି। ୨୭୯୪ଟି ଆବେଦନର ଯୋଜନା ଅଟକଳ ଯନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବାବେଳେ ୨୮୭୫ ଟି ଜିଇଓ ଟ୍ୟାଗ କରାଯାଇଛି। ବିଡିଓ ୩୦୨୧ଟି ଆବେଦନକୁ ବିଚାର କରି ୨୭୯୫ହିତାଧିକାରୀଙ୍କ ଆବେଦନକୁ କାଏମ ରଖିଥିବା ବେଳେ ୨୨୬ଟିକୁ ନାକଚ କରିଛନ୍ତି। ତେବେ ବିଡିଓ ଘୋଷଣା କରିଥିବା ୨୭୯୫ ଯୋଗ୍ୟ ହିତାଧିକାରୀଙ୍କ ନାମ ସ୍ଥାନୀୟ ବ୍ୟାଙ୍କୁ ପଠାଯାଇଥିଲା। ବିଡିଓ ପଠାଇଥିବା ହିତାଧିକାରୀଙ୍କ ଆବେଦନକୁ ବ୍ୟାଙ୍କ ୩ଟି ପର୍ଯ୍ୟାୟରେ ତର୍ଜମା କରିଛି। ପ୍ରଥମ ପର୍ଯ୍ୟାୟରେ ଦସ୍ତାବିଜଗୁଡ଼ିକର ଯାଞ୍ଚକାର୍ଯ୍ୟ କରିଛି। ଏହି ଆବେଦନରୁ ୧୩୯୭ ବିଚାରାଧୀନ ଥିବା ବେଳେ ୬୮୭ଟି ଗ୍ରହଣ କରି ୭୧୧ଟି ଅସିଦ୍ଧ ଘୋଷଣା କରିଛି। ପରବର୍ତ୍ତୀ ପର୍ଯ୍ୟାୟରେ କ୍ଷେତ୍ରପରିଦର୍ଶନ କରି ୨୦୪ଟି ସ୍ଥଗିତ ରଖିଥିବା ବେଳେ ମାତ୍ର ୨୮୭ଟି ଆବେଦନକୁ ଗ୍ରହଣ କରିଛି। ୧୯୬ ଆବେଦନକୁ ଖାରଜ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ୮୦ଟି ଆବେଦନ ସ୍ଥଗିତ ଥିବା ବେଳେ ୧୯୪ଟି ଆବେଦନକୁ ଖାରଜ କରିଥିଲେ ଓ ମାତ୍ର ୧୩ଟି ଆବେଦନକୁ ଋଣ ଦେବାପାଇଁ ଯୋଗ୍ୟ ବିବେଚିତ କରିଥିଲେ। ଏହି ବ୍ଲକରେ ୧ଲକ୍ଷ ଟଙ୍କା ପାଇଁ ୨୭, ଦେଢ଼ ଲକ୍ଷ ପାଇଁ ୪୯ , ୨ ଲକ୍ଷ ଟଙ୍କା ପାଇଁ ୩୧୯୫ ଓ ୩ ଲକ୍ଷ ଟଙ୍କା ପାଇଁ ୨୩୨୪ଜଣଙ୍କୁ ଋଣ ଯୋଗାଇ ଦେବା ପାଇଁ ଟାର୍ଗେଟ ରହିଛି। ତେବେ ବୃତାନ୍ତ ସୂଚନା ଅନୁଯାଇ ୨ ଲକ୍ଷ ଟଙ୍କା ଋଣ ପାଇବା ପାଇଁ ୨ ଓ ୩ ଲକ୍ଷ ଋଣ ପାଇଁ ୫ ଜଣ ଯୋଗ୍ୟ ବିବେଚିତ ହୋଇଥିବା ଜଣାଯାଇଛି ।

ସରକାର ଯୋଜନାର ପ୍ରଚାର ପ୍ରସାର ଯେଭଳି କରିଛନ୍ତି ବ୍ୟାଙ୍କ ଗୁଡିକ ମଧ୍ୟ କଡ଼ାକଡ଼ି କାଗଜପତ୍ର ଜଗୁଛନ୍ତି। ଏପରିକି ଘର କରିବା ସ୍ଥାନକୁ ସବ୍‌ରେଜିଷ୍ଟ୍ରାରଙ୍କ ପାଖରେ ବନ୍ଧକ କରିବା ପାଇଁ ବାଧ କରୁଛନ୍ତି। ଫଳରେ ହିତାଧିକାରୀମାନେ ଭିଟାମାଟିକୁ ବନ୍ଧାଦେଇ ଋଣ ଆଣି ଘର କରିବା ପାଇଁ ଅମଙ୍ଗ ହେଉଛନ୍ତି। ଅପରପକ୍ଷରେ ନିଜ ନାମରେ ପଟ୍ଟା ନ ଥିଲେ ଆବେଦନକାରୀ ହଟହଟାର ସମ୍ମୁଖୀନ ହେଉଛନ୍ତି। ସରକାର ଏହି ଯୋଜନାର ଗାଇଡ୍ ଲାଇନକୁ ପରିବର୍ତ୍ତନ କରାଇ ସରଳୀକରଣ କଲେ ବହୁ ଆଶାୟୀ ହିତାଧିକାରୀ ଉପକୃତ ହୋଇପାରିବେ ବୋଲି ସାମାଜିକ କର୍ମୀ ଅମୀୟ ବିଶ୍ୱାଳ କହିଛନ୍ତି। ଏ ସମ୍ପର୍କରେ ବିଡିଓ ଧର୍ମ ରଞ୍ଜନ ପଣ୍ଡା କୁହନ୍ତି, ସରକାରଙ୍କ ଗାଇଡ୍ ଲାଇନ ଅନୁଯାଇ ହିତାଧିକାରୀ ଚୟନ କରାଯାଉଛି। ଋଣ ଦେବା ଦାୟିତ୍ୱ ବ୍ୟାଙ୍କର।

## ବାଙ୍କୀ ପ୍ରଗତି ମଞ୍ଚ ପକ୍ଷରୁ ନୀଳମଣି ବିଦ୍ୟାରତ୍ନଙ୍କ ଜୟନ୍ତୀ

**ଭୁବନେଶ୍ୱର,୧୫।୧୨**



ଭୁବନେଶ୍ୱର ଜୟଦେବ ବିହାର ଛକ ନିକଟ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତି ନିକଟରେ ଗୁରୁବାର ସନ୍ଧ୍ୟାରେ ନୀଳମଣିଙ୍କ ୧୫୬ତମ ଜନ୍ମ ଜୟନ୍ତୀ ବାଙ୍କୀ ପ୍ରଗତି ମଞ୍ଚ ପକ୍ଷରୁ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ନୀଳମୋହନ ତ୍ରିପାଠୀଙ୍କ ତତ୍ତ୍ୱାବଧାନ ଓ ସମ୍ପାଦକ ନିମେଇ ଚରଣ ଦାଶଙ୍କ ନେତୃତ୍ୱରେ ବିଦ୍ୟାରତ୍ନଙ୍କ ସ୍ମୃତିଚାରଣ କରାଯାଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଙ୍କୀ ପ୍ରେସ୍‌କ୍ଲବ ଉପସଭାପତି ତଥା ସମବାୟବିତ ସମରେନ୍ଦ୍ର ମହାପାତ୍ର, ଖବରଦାତା ଗୌରାଙ୍ଗ ବେହେରା, ବିଭୁ ପ୍ରସାଦ ସାମଲ, ଅନୁଷ୍ଠାନ ସଭ୍ୟ ବିମଳ କୁମାର ପଣ୍ଡା ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ବିନ୍ଧାଣି ସାମ୍ବାଦିକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପର୍କରେ ଆଲୋକପାତ କରି କହିଥିଲେ, ବାଙ୍କୀ ବୈଦେଶର ଗ୍ରାମର ବ୍ରଜବିହାରିପୁର ଶାସନରେ ଜନ୍ମିତ ନୀଳମଣି ବିଦ୍ୟାରତ୍ନ ଓଡ଼ିଆ ଭାଷା ସାହିତ୍ୟ ଆନ୍ଦୋଳନର ଅନ୍ୟତମ ବିନ୍ଧାଣିଥିଲେ। ଓଡ଼ିଆ ଭାଷା କିପରି ଉନ୍ନତି କରିବ ସେଥିପାଇଁ ସେ ଅହରନିଶ ଉଦ୍ୟମ କରିଥିଲେ। ସେ ଏକାଧାରାରେ ସାହିତ୍ୟିକ, ସାମ୍ବାଦିକ ଏବଂ ଦକ୍ଷ ପରାମର୍ଶଦାତା ଥିଲେ। ବାମଣ୍ଡା ରାଜାଙ୍କ ପରାମର୍ଶଦାତା ଭାବେ କାର୍ଯ୍ୟ କରି ବେଶ ସୁନାମ ଅର୍ଜନ କରିଥିଲେ। ସମ୍ବଲପୁର ହିତୈଷିଣୀ ପତ୍ରିକାର ସମ୍ପାଦକ ଭାବେ କାର୍ଯ୍ୟ କରି ନିଜ ଟେକ ସମଗ୍ର ରାଜ୍ୟରେ ରଖି ବେଶ ସୁନାମ ଅର୍ଜନ କରିପାରିଥିଲେ। ସ୍ମୃତିସନ୍ଧ୍ୟା କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସଭ୍ୟ ତଥା ସାମ୍ବାଦିକ ଗୌତମ ମିଶ୍ର ପରିଚାଳନା କରିଥିଲେ।



ଆଠଗଡ଼ ମହୋତ୍ସବରେ ମଞ୍ଚାସୀନ ଅତିଥି।

## ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ଆଠଗଡ,୧୫।୧୨(ସତ୍ୟ ପ୍ରସାଦ ରଥ)**

**ଆଠଗଡ଼ ମହୋତ୍ସବ ଉଦ୍‌ଘାଟିତ**

ଆଠଗଡ଼ ଉପଖଣ୍ଡ ପ୍ରଶାସନ ଆନୁକୁଲ୍ୟରେ ସ୍ଥାନୀୟ ମହୋତ୍ସବ ପଡ଼ିଆଠାରେ ଆଠଗଡ଼ ମହୋତ୍ସବ-୨୦୨୩ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି, ସ୍ଥାନୀୟ ବିଧାୟକ ତଥା କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଉପଜିଲାପାଳ ତଥା ଜିଲା ସହରାଞ୍ଚଳ ବିକାଶ ପରିଷଦର ଅଧ୍ୟକ୍ଷ ହେମନ୍ତ କୁମାର ସ୍ୱାଇଁ, ଉପଜିଲାପାଳ ତଥା ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ତରେଇ, ସମ୍ପାଦିକା ତଥା ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଟିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଖବରଦାତା ପାର୍ଥ ସାରଥି ପଟ୍ଟନାୟକ,ନବ କିଶୋର ରାଉତ ମଞ୍ଚ ପରିଚାଳନା କରିଥିଲେ। ଉପଜିଲାପାଳ ତରେଇ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସାମୁହିକ କଣ୍ଠ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଦର୍ଶକମାନେ ଭରପୁର ଉପଭୋଗ କରିଥିଲେ। ୫ଦିନ ବ୍ୟାପି ଏହି ମହୋତ୍ସବରେ ଦେଶ ତଥା ରାଜ୍ୟ ଓ ସ୍ଥାନୀୟ କଳାକାର ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କଳା ପ୍ରଦର୍ଶନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ମହୋତ୍ସବ କମିଟି ପକ୍ଷରୁ କୁହାଯାଇଛି।

### ଦାବିପୂରଣ ନ ହେଲେ ଆନ୍ଦୋଳନ ତୀବ୍ର ହେବ

**ବଡ଼ମ୍ବା,୧୫।୧୨(ମାୟାଧର ମଲ୍ଲିକ)**

ବିଭିନ୍ନ ଦାବି ନେଇ ଗ୍ରାମୀଣ ଡାକ ସେବକମାନେ କରିଥିବା ଧର୍ମଘଟ ଶୁକ୍ରବାର ଚତୁର୍ଥ ଦିନରେ ପହଞ୍ଚିଛି। ଏପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀ କିମ୍ବା ପ୍ରଶାସନିକସ୍ତରରେ ଆଲୋଚନା ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ସଭାପତି ଚନ୍ଦନ ପ୍ରସାଦ ମଲ୍ଲିକ ଓ ସମ୍ପାଦକ ଶ୍ରୀନିବାସ ମିଶ୍ର କହିଛନ୍ତି। ଆନ୍ଦୋଳନରେ ବଡ଼ମ୍ବା ବ୍ଲକ ୧୫ ଶାଖା ଡାକଘରର ଡାକସେବକ ସାମିଲ ହୋଇଛନ୍ତି।

## ଲୋକଙ୍କୁ ସର୍ବନିମ୍ନ ଆବଶ୍ୟକତା ମିଳୁ

**କଟକ,୧୫।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

ଉତ୍କଳ ସେବକ ସମାଜ ଏବଂ ରେଡିଓ ଉତ୍କଳ ୯୧.୨ ଏଫ୍‌ଏମ୍‌ର ମିଳିତ ସହଯୋଗରେ ଅନୁଷ୍ଠାନର ଗଣ୍ଡରପୁରସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ସଭାଗୃହରେ ମାନବ ଅଧିକାର ସମ୍ପର୍କିତ ଏକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସେବକ ସମାଜର ସମ୍ପାଦକ ଅମିୟ ଭୂଷଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ମାନବ ଅଧିକାର ରକ୍ଷକର ପ୍ରତିଷ୍ଠାତା ସଭାପତି ମୀନକେତନ ପଟ୍ଟନାୟକ, ଉପସଭାପତି ରଶ୍ମିରଞ୍ଜନ ରାଉତ, ଜାତୀୟ ସଭାପତି ହରିଓମ୍ ଗିରି, ଉପସଭାପତି ରମେଶ କୁମାର ଶର୍ମା, ସମ୍ପାଦକ ଅବିନାଶ ସାମନ୍ତରାୟ, ଓଡ଼ିଶା ରାଜ୍ୟ ମୁଖ୍ୟ ଆଶୁତୋଷ କୁମାର ସିଂ, ରାଜ୍ୟ ମହିଳା ମୁଖ୍ୟ ପ୍ରିୟମ୍ବଦା ନାୟକ, ନୀଳିମା ମିଶ୍ର, ରାଜଶ୍ରୀ ମିଶ୍ର ଯୋଗଦେଇଥିଲେ। ମାନବ ଅଧିକାରର ବିଭିନ୍ନ ଦିଗ ଉପରେ ଆଲୋଚନା ହେବା ସହ ସମାଜର ନିମ୍ନସ୍ତରରେ ରହୁଥିବା ବ୍ୟକ୍ତିଙ୍କ ମାନବିକ ଅଧିକାର ସୁରକ୍ଷା ନିଶ୍ଚିତ କରିବା ଓ ସର୍ବନିମ୍ନ ଆବଶ୍ୟକତା ଉପଲବ୍ଧ କରାଇବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଉତ୍କଳ ସେବକ ସମାଜ ଓ ଆନ୍ତର୍ଜାତିକ ମାନବ ଅଧିକାର ରକ୍ଷକ ମିଳିତ ଭାବେ ମାନବ ଅଧିକାର ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ସହମତି ପ୍ରକାଶ ପାଇଥିଲା। ଏହି ଅବସରରେ ଆଇନଜୀବୀ କମଳାକାନ୍ତ ମହାନ୍ତିଙ୍କ ସଂକଳିତ ପୁସ୍ତିକା 'ଆମ ମାନବ ଅଧିକାର' ଉନ୍ମୋଚିତ ହୋଇଥିଲା। ଟୋଲ୍ ଫ୍ରି ନମ୍ବର ୧୮୦୦୨୧୨୧୬୭୦୦ରେ ଫୋନ୍ କରି ମାନବିକ ଅଧିକାର ଉଲ୍ଲଂଘନ ସମ୍ପର୍କିତ ଅଭିଯୋଗ କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ମୀନକେତନ କହିଛନ୍ତି। ଆଇନଜୀବୀ ଚିତ୍ତରଞ୍ଜନ ମହାନ୍ତି ଉପସ୍ଥିତ ବ୍ୟକ୍ତିଙ୍କୁ ବାଲ୍ୟବିବାହ ମୁକ୍ତ ସମାଜ ଗଢିବା ପାଇଁ ଶପଥପାଠ କରାଇଥିଲେ। ରେଡିଓ ଉତ୍କଳ ୯୧.୨ ଏଫ୍‌ଏମ୍‌ର ନିର୍ଦ୍ଦେଶକ ଇଂ. ଅନ୍ୱୟ ଅଭିନବ ସଂକଳ୍ପ ବିକଶିତ ଭାରତ ଲକ୍ଷ୍ୟ ପୂର୍ତ୍ତି ପାଇଁ ଶପଥପାଠ କରାଇଥିଲେ। ପରେ ରେଡିଓ ଉତ୍କଳ ଷ୍ଟୁଡିଓରେ ମାନବିକ ଅଧିକାର ସମ୍ପର୍କିତ ମତ ବିନିମୟ କାର୍ଯ୍ୟକ୍ରମ ରେକର୍ଡିଂ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମାଜିକ ସଙ୍ଗଠନର ପ୍ରତିନିଧି, ଆଇନଜୀବୀ, କିନ୍ନର ସମାଜର ପ୍ରତିନିଧି, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଛାତ୍ର ସଙ୍ଗଠନର ପ୍ରତିନିଧି ଯୋଗଦେଇଥିଲେ। ମଳୟ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ସଞ୍ଚାଳନ ଓ ପ୍ରମୋଦ କୁମାର ଓଝା ଧନ୍ୟବାଦ ଦେଇଥିଲେ।

## ବିପର୍ଯ୍ୟୟ ସମୟରେ ଜନଜୀବନ ସୁରକ୍ଷା ସମସ୍ତଙ୍କ କର୍ତ୍ତବ୍ୟ

**ବାଙ୍କୀ,୧୫।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ଯୁବ ଓଡ଼ିଶା ନବୀନ ଓଡ଼ିଶା ସହାୟତାରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପ୍ରାକୃତିକ ବିପର୍ଯ୍ୟୟ ଓ ଏହାର ନିରାକରଣ ସମ୍ବନ୍ଧରେ ଏକ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଉଦ୍‌ଘାଟନ କରି କହିଥିଲେ, ପ୍ରାକୃତିକ ବିପର୍ଯ୍ୟୟ କେତେବେଳେ ଓ କିପରି ଆସେ ତାହା ଜାଣିବା ଅସମ୍ଭବ। ଏହି ପରିପ୍ରେକ୍ଷୀରେ ଛାତ୍ରସମାଜ ସତର୍କ ଅବଲମ୍ବନ କଲେ ପ୍ରାକୃତିକ ବିପର୍ଯ୍ୟୟରୁ ଧନଜୀବନ ରକ୍ଷା ହୋଇପରିବ ବୋଲି ସେ କହିଥିଲେ। ପ୍ରଶିକ୍ଷଣ ଶିବିରରେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରି କହିଥିଲେ, ୧୯୯୯ ମହାବାତ୍ୟା ଆମକୁ ବହୁ ଶିକ୍ଷା ଦେଇଥିବାରୁ ଏବେ ଆମେ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ସହିତ ଧନଜୀବନକୁ ସୁରକ୍ଷା ଦେଇପାରୁଛନ୍ତି। ତୃତୀୟ ବ୍ୟାଟେଲିଆନ୍ ଏନ୍‌ଡିଆର୍‌ଏଫ୍ ମୁଣ୍ଡଳୀର ସିନିୟର୍ ସବ୍‌ଇନ୍‌ସ୍‌ପେକ୍ଟର ଏକଜ୍ୟୁଟିଭ୍ ରାଜପାଲ୍ ଗୁରୁଜାର୍ ପ୍ରଶିକ୍ଷକଭାବେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟରୁ କିପରି ରକ୍ଷା କରାଯାଇ ପାରିବ ସେସମ୍ବନ୍ଧରେ କମ୍ପ୍ୟୁଟର ମାଧ୍ୟମରେ ବୁଝାଇଥିଲେ। ଏନ୍‌ଡିଆର୍‌ଏଫ୍‌ର ମୁକେଶ ରାଘବ, ସତ୍ୟବ୍ରତ ସାହୁ ଓ ପଞ୍ଚୁ ନାହାକ ପ୍ରମୁଖ ଯୋଗଦେଇ ବିଭିନ୍ନ ଯନ୍ତ୍ର ମାଧ୍ୟମରେ କୌଶଳ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି , ଅଧ୍ୟାପକ ଶ୍ୟାମଲାଲ୍ ଭୋଏ, ଡ. ନିରାକାର ପ୍ରସାଦ ସାମନ୍ତରାୟ, ଭୁପତି ଭୂଷଣ ପ୍ରଧାନ, ଅଧ୍ୟାପକ ଆଶିଷ କୁମାର ପାଢ଼ୀ, ସୁଜିତ୍ ସାହୁ ପ୍ରମୁଖ ଯୋଗଦେଇ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ସହଯୋଗ କରିଥିଲେ। ଏନ୍‌ଡିଆର୍‌ଏଫ୍‌ର କାର୍ଯ୍ୟନିର୍ବାହୀ ରାଜପାଲ୍‌ଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଶୈଳେନ୍ଦ୍ରଚନ୍ଦ୍ର ଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୌଦ୍ୱାର କଲେଜରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ଚୌଦ୍ୱାର,୧୫।୧୨(ଆଶୁତୋଷ ଦାସ)**

ଚୌଦ୍ୱାର ମହାବିଦ୍ୟାଳୟରେ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଉମେଶ ଚନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, କାଉନସିଲର ଆଶୁତୋଷ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା, ସାମାଜିକ, ସାଂସ୍କୃତିକ, ପରିବେଶ ସୁରକ୍ଷା ସଚେତନତା ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ବିକଶିତ ସମାଜ ଗଠନ ପାଇଁ ଯୁବଗୋଷ୍ଠୀକୁ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନୋଡାଲ ଅଧିକାରୀ ସଞ୍ଜୟ କୁମାର ଧଳ ଓ ମମତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ପ୍ରଫୁଲ୍ଲ ସାହୁ ଧନ୍ୟବାଦ ଦେଇଥିଲେ।

## ସଂକୀର୍ତ୍ତନ ମଣ୍ଡଳ ସହ କେଶ ପୂଜା କଲେ ବାବା ବଳିଆ

**ମାହାଙ୍ଗା,୧୫।୧୨(ଯଯାତି ସିଂହ)**

ମାହାଙ୍ଗା ବ୍ଲକ ଅର୍ନ୍ତଗତ ବିଶ୍ୱପ୍ରସିଦ୍ଧ ବୌଦ୍ଧବିହାର ଲଳିତଗିରି ଗ୍ରାମର ଦୋଳ ମଣ୍ଡପଠାରେ ଶୁକ୍ରବାର ପଦ୍ମଶ୍ରୀ ବାବା ବଳିଆ ମହାପୁରୁଷ ସନ୍ଥ ସାଧକ ଅରକ୍ଷିତ ଦାସଙ୍କ ୧୮୭ତମ ବ୍ରହ୍ମଲିନ ସ୍ମରଣ ତିଥି ଅବ୍ୟବହିତ ପୂର୍ବରୁ ୧୮୭ ସଂକୀର୍ତ୍ତନ ମଣ୍ଡଳୀ ସମାବେଶ ସହ ପହଞ୍ଚି ବୀମାନରେ ଉପବିଷ୍ଟ ସନ୍ଥ ଅରକ୍ଷିତଙ୍କ କେଶ ପୂଜା କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବେବର୍ତ୍ତା ଅଜୟ ବଲ୍ଲଭ ଦାସ, ଲଳିତଗିରିସ୍ଥିତ ଓଳାଶୁଣୀ ପ୍ରଚାର ପ୍ରସାର କମିଟି ସମ୍ପାଦକ ନବକିଶୋର ସାମଲ, ଓଳାଶୁଣୀପୀଠ ମହନ୍ତ ଡ. ନାମାନନ୍ଦ ଦାସ, ପୂର୍ବତନ ସରପଞ୍ଚ ସୁମନ୍ତ ସାମଲ, ଶ୍ରୀକାନ୍ତ ରାଉତ, ସାମ୍ବାଦିକ ଯଯାତି କେଶରୀ ସିଂହ, ରୁଦ୍ରନାରାୟଣ ସିଂହ, ହୃଷୀକେଶ ସିଂହ, ମନମୋହନ ସିଂହ,ସଂଗ୍ରାମ ସିଂହ, କମଳାକାନ୍ତ ସିଂହ ପ୍ରମୁଖ ଯୋଗଦେଇ ବାବା ବଳିଆଙ୍କୁ ପାଛୋଟି ନେବା ସହ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ବାବା ବଳିଆ ଆର୍ଶୀବଚନ ପ୍ରଦାନ କରିଥିଲେ। କିମ୍ବଦନ୍ତି ଅନୁଯାୟୀ, ଲଳିତଗିରି ଗ୍ରାମର କମ୍ପୁ ମହାରଣାଙ୍କ ଘରକୁ ସନ୍ଥ ଅରକ୍ଷିତ ଦାସ ଯାଇଥିଲେ। କମ୍ପୁଙ୍କ ସ୍ତ୍ରୀ ଜହ୍ନି ମହାପୁରୁଷ ଅରକ୍ଷିତଙ୍କ କେଶ କୁଣ୍ଡାଇ ଦେଇଥିଲେ। ଏହି ସମୟରେ ତାଙ୍କର ଗୋଟିଏ କେଶ ଝଡିପଡିଥିଲା। ମହାପୁରୁଷଙ୍କ ଅନୁମତିକ୍ରମେ ସେହି କେଶଟିକୁ ଫରୁଆ ମଧ୍ୟରେ ରଖି ଜହ୍ନି ମହାରଣା ପୂଜା କରୁଥିଲେ। ପରମ୍ପରା ଅନୁଯାୟୀ ସେହିଦିନଠାରୁ କେଶ ପୂଜା ହୋଇଆସୁଛି।



ସଂକୀର୍ତ୍ତନ ମଣ୍ଡଳୀ ସମାବେଶରେ ବାବା ବଳିଆ ଓ ଅନ୍ୟମାନେ।

## କାୟା ବିସ୍ତାର କରୁଛି ଲମ୍ପି ଭାଇରସ

**ନିଶ୍ଚିନ୍ତକୋଇଲି,୧୫।୧୨ (ଅଶୋକ କୁମାର ମହାପାତ୍ର)**

**କାମ କରୁନି ଭ୍ୟାକସିନ୍, ଚିନ୍ତାରେ ଗୋଚାଷୀ**



କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ଦିନକୁ ଦିନ ଲମ୍ପି ଭାଇରସ କାୟା ବିସ୍ତାର କରିବାରେ ଲାଗିଛି। ଏଥିରେ ବହୁ ଗୋରୁ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଘର୍ଷ କରୁଥିବା ଜଣାପଡ଼ିଛି। ଭ୍ୟାକସିନ ଦିଆଯିବା ପରେ ମଧ୍ୟ ଗୋରୁଗାଈଙ୍କୁ ଏହି ଭାଇରସ ସଂକ୍ରମଣ ହେଉଛି। ବିଶେଷଜ୍ଞମାନେ ଏହାର କିପରି ମୂଳୋତ୍ପାଟନ କରିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି। ଗୁରୁବାର ନିଶ୍ଚିନ୍ତକୋଇଲି ବିଡିଓ ପରୀକ୍ଷାମୂଳକ ଭାବେ ୨ଟି ଗାଈ ଓ ୩ଟି ବାଛୁରୀଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି।

ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ପଞ୍ଚାୟତ ବ୍ରାହ୍ମଣଖଣ୍ଡ ଗ୍ରାମର ତପନ କୁମାର ସ୍ୱାଇଁ, ଅଭୟ କୁମାର ସ୍ୱାଇଁ, ଧ୍ରୁବଚରଣ ସ୍ୱାଇଁ, କୁମରମଣି ସ୍ୱାଇଁ, ବୈଷ୍ଣବ ସ୍ୱାଇଁ, ଦିଲୀପ କୁମାର ସ୍ୱାଇଁଙ୍କ ଭଳି ବହୁ ବ୍ୟକ୍ତିଙ୍କ ଗାଈ ଓ ବାଛୁରୀ ଲମ୍ପି ଭାଇରସ ଦ୍ୱାରା ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ରହିଛନ୍ତି। ସେହିପରିଭାବେ ବାଲିଆପଦା, ସରପଡା, ଜିଗ୍ନିପୁର ଭଳି ବହୁ ପଞ୍ଚାୟତରେ ଶତାଧିକ ଗାଈଗୋରୁ ଲମ୍ପି ଭାଇରସରେ ଆକ୍ରାନ୍ତ ହୋଇଛନ୍ତି। ନିକଟରେ ଫଗୋଳ ପଞ୍ଚାୟତ ଅନ୍ତର୍ଗତ ପାଇକରାପୁର ଗ୍ରାମରେ ୩ଟି ବାଛୁରୀ ଲମ୍ପିରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଥିବା କୁହାଯାଉଛି। ଏହି ଭାଇରସରେ ଆକ୍ରାନ୍ତ ହେଲେ ଗାଈଗୋରୁଙ୍କୁ ପ୍ରଥମେ ଥଣ୍ଡାଜ୍ୱର ହେଉଛି। ତଣ୍ଟି ଫୁଲିଯାଉଛି। ଗାଈଗୋରୁ କୌଣସି ଖାଦ୍ୟ ଖାଇ ପାରୁନାହାନ୍ତି। ପାଟି ନାକରୁ ପ୍ରଚୁର ପରିମାଣରେ ଲାଳ ବାହାରୁଛି। ଗାଈଗୋରୁଙ୍କ ଦେହ ସାରା ଘା ହୋଇଯାଉଛି। ଘାରୁ ରକ୍ତ ଓ ପୂଜ ବାହାରୁଛି। ସେମାନେ ଚାଲିବୁଲି ପାରୁନାହାନ୍ତି। ଫଳରେ ଗାଈଗୋରୁଙ୍କ ଅକାଳରେ ମୃତ୍ୟୁ ଘଟୁଛି ବୋଲି ବହୁ ଗୋ ପାଳକ ଅଭିଯୋଗ କରିଛନ୍ତି। ଅପରପକ୍ଷେ ନିଶ୍ଚିନ୍ତକୋଇଲି ପ୍ରାଣୀ ଚିକିତ୍ସାଳୟରେ ଆବଶ୍ୟକ କର୍ମଚାରୀ ନ ଥିବା କାରଣରୁ ଗୋ ଚିକିତ୍ସା ଠିକ ଭାବେ ହୋଇପାରୁ ନ ଥିବାର ଅଭିଯୋଗ ହୋଇଛି। ଏହାର ସୁଯୋଗ ନେଇ ସ୍ଥାନୀୟ ଅଞ୍ଚଳର କେତେକ ଅନଭିଜ୍ଞ କ୍ୱାକ୍ ଘରକୁ ଘର ବୁଲି ଗୋରୁମାନଙ୍କ ଚିକିତ୍ସା କରୁଥିଲାବେଳେ ଲୋକଙ୍କୁ ଆର୍ଥିକ ଶୋଷଣ କରିବାକୁ ପଛାଉ ନ ଥିବା ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ପ୍ରାଣୀ ଚିକିତ୍ସାଧିକାରୀ ପ୍ରକାଶ କୁମାର ବେଉରା କହିଛନ୍ତି, ଭ୍ୟାକ୍‌ସିନ୍ ୧୦୦ ଶତକଡା କାମ କରୁନାହିଁ। ଆଣ୍ଟି ବଡି ନ ଥିବା କାରଣରୁ କେତେକ ସ୍ଥାନରେ ଭ୍ୟାକ୍‌ସିନ୍ ଫେଲ୍ ମାରିଥାଏ ବୋଲି ସେ କହିଛନ୍ତି। ଏବେ ପଞ୍ଚସରଙ୍ଗ ବଳରାମପୁର ଗ୍ରାମର କେତେକ ଗାଈ ଓ ବାଛୁରୀଙ୍କର ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ଗଣଶିକ୍ଷା ସଚିବଙ୍କ ବାସଭବନ ସମ୍ମୁଖରେ ଆମରଣ ଅନଶନ



ଅଭିଭାବକ ମହାସଂଘର କର୍ମକର୍ତ୍ତାମାନେ ସଚିବଙ୍କ ବାସଭବନ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି।

**ଭୁବନେଶ୍ୱର, ୧୫।୧୨ (ଅନୁରାଧା ମହାରଣା)**

ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଶୁକ୍ରବାର ଗଣଶିକ୍ଷା ସଚିବ ଅଶ୍ୱଥୀ ଏସ୍.ଙ୍କ ସରକାରୀ ବାସଭବନ ଘେରାଇ କରାଯାଇଥିଲା। ଶତାଧିକ ଅଭିଭାବକ ଓ ସଂଘ କର୍ମକର୍ତ୍ତା ୭ଦଫା ଦାବି ନେଇ ସେଠାରେ ଆମରଣ ଅନଶନରେ ବସିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମୟରେ ପୋଲିସ ସେମାନଙ୍କୁ ଜୋର୍ ଜବରଦସ୍ତ ଉଠାଇ ନେଇଥିବା ଅଭିଭାବକ ମହାସଂଘ ଅଭିଯୋଗ କରିଛି। ତେବେ ଦାବିଗୁଡିକ ପୂରଣ ନ ହେବା ଯାଏ ଆମରଣ ଅନଶନ ଜାରି ରହିବ ବୋଲି ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି। ପୂର୍ବରୁ ଏସବୁ ଦାବି ନେଇ ମହାସଂଘ ପ୍ରତିନିଧିମାନେ ଲୋକସେବା ଭବନସ୍ଥିତ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ କାର୍ଯ୍ୟାଳୟରେ ବିଭାଗୀୟ ସଚିବ ଅଶ୍ୱଥୀ.ଏସ ଓ ସମସ୍ତ ବିଭାଗୀୟ ନିର୍ଦ୍ଦେଶକ, ବରିଷ୍ଠ ପଦାଧିକାରୀ, ସିବିଏସ୍ଇର ଆଞ୍ଚଳିକ ଅଧିକାରୀ କେ ଶ୍ରୀନିବାସ, ଏନ୍ସିଇଆର୍ଟି ଭୁବନେଶ୍ୱରଙ୍କ ଉପସ୍ଥିତିରେ ଦାବି ପୂରଣ ନେଇ ଆଲୋଚନା କରିଥିଲେ। ମାତ୍ର ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେବାରୁ ଶୁକ୍ରବାରଠାରୁ ଆମରଣ ଅନଶନ ଆରମ୍ଭ ହୋଇଥିବା ସେ କହିଛନ୍ତି। ଘରୋଇ ସ୍କୁଲରେ ମିଳୁଥିବା ସୁବିଧା ଅନୁଯାୟୀ ସ୍କୁଲ ଫି' ନିର୍ଦ୍ଧାରଣ, ସରକାର ସ୍କୁଲ ଫି' କମିଟିର

### ଆନ୍ଦୋଳନକାରୀଙ୍କୁ ଉଠାଇନେଲା ପୋଲିସ

ସୁପାରିସକୁ ତର୍ଜମା କରିବା, ଘରୋଇ ସ୍କୁଲ୍ରେ ସବୁ ଶ୍ରେଣୀରେ ଏନ୍ସିଇଆର୍ଟି ବହି ବ୍ୟବହାର ଓ ସ୍କୁଲ ବ୍ୟାଗ ଓଜନ ନିୟମ କଡାକଡି ଲାଗୁ କରିବାକୁ ଦାବି ରହିଛି। ସେହିପରି ଶିକ୍ଷା ଅଧିକାର ଆଇନରେ ୨୫ ପ୍ରତିଶତ ସିଟ୍ରେ ବିନାମୂଲ୍ୟରେ ପଢୁଥିବା ସବୁ ପିଲାଙ୍କୁ ମାଗଣାରେ ସ୍କୁଲ ଡ୍ରେସ, ବହି ଓ ଜୋତା ଆଦି ପ୍ରଦାନ କରିବା, ଦିଲ୍ଲୀ, ଛତିଶଗଡ, ରାଜସ୍ଥାନ ଭଳି ନବମରୁ ଦ୍ୱାଦଶ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ପଡାଇବାକୁ ବ୍ୟବସ୍ଥା କରିବା, ବିନା ସ୍ୱୀକୃତିରେ ଚାଲିଥିବା ସ୍କୁଲ୍ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଥିଲା। ଏସବୁ ଦାବି ପୂରଣ ନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ବାଧ ହୋଇ ମହାସଂଘ ଗଣଶିକ୍ଷା ସଚିବଙ୍କ ବାସଭବନ ସମ୍ମୁଖରେ ଆମରଣ ଅନଶନ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ କମିଶନରେଟ ପୋଲିସ ବାରାକରେ ମହାସଂଘ କର୍ମକର୍ତ୍ତା ଓ ଅଭିଭାବକ ଧାରଣାରେ ବସି ରହିଥିଲେ।

# ହାତୀ ଉପଦ୍ରବ, ଫସଲ ନଷ୍ଟ



ହାତୀପଲ ରାସ୍ତା ପାର ହେଉଛନ୍ତି।

**ଖୁଣ୍ଟୁଣୀ, ୧୫।୧୨ (ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଖମାରନୂଆଗାଁ ଓ ରାଧାକିଶୋରପୁର ଗ୍ରାମରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ହାତୀପଲ ବିଲରେ ପଶି ଧାନ ନଷ୍ଟ କରିଛନ୍ତି। ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୁଭାଷୀ ସଂରକ୍ଷିତ ଜଙ୍ଗଲରୁ ୨୭ଟି ହାତୀ ଆସି ଶୁକ୍ରବାର ଭୋର ସମୟରେ ରାଧାକିଶୋରପୁର ଗ୍ରାମର କେତେଜଣ ଚାଷୀଙ୍କ ବିଲରେ ପଶି ଧାନ ନଷ୍ଟ କରିଥିଲେ। ଚାଷୀମାନେ ପାଟିକରି ଘଉଡାଇବାରୁ ହାତୀପଲ ଖମାରନୂଆଗାଁ ଗ୍ରାମର ବିଲରେ ପଶି ନିକଟରେ ଥିବା ଏକ କାରଖାନାର ପାଚେରି ପାଖରେ ଅଟକି ରହିଥିବା ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି। ହାତୀପଲ ଗ୍ରାମ ଭିତରକୁ ପଶି ଆସିବା ଆଶଙ୍କାରେ ଲୋକମାନେ ଭୟଭୀତ ହୋଇପଡିଛନ୍ତି। ଆଠଗଡ଼ ଏସିଏଫ୍ ହରେକୃଷ୍ଣ ମଲ୍ଲିକ, ଫରେଷ୍ଟର ଲମ୍ବୋଦର ନାୟକ, ଯୁଗଳାନନ୍ଦ ବେଉରା, ବନରକ୍ଷୀ ପ୍ରମୋଦ ନାୟକ, ପ୍ରଭାତ ପ୍ରଧାନ ଏବଂ ୧୫ରୁ ଊର୍ଦ୍ଧ୍ୱ ହାତୀ ଘଉଡାଳି ଦିନତମାମ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। କାରଖାନାର ଆଲୋକ ପଡୁଥିବାରୁ ହାତୀପଲ ପାଚେରି ପାଖରୁ ଯାଇପାରୁ ନାହାନ୍ତି। ବନ ବିଭାଗ ପକ୍ଷରୁ ହାତୀମାନଙ୍କୁ ଘଉଡାଇବା ପାଇଁ ଗ୍ୟାସ୍, ହାଇମାଷ୍ଟ ଟର୍ଚ୍ଚ ଲାଇଟ୍ ସହିତ ହାତୀ ଘଉଡାଳି ଟିମ୍କୁ ନିୟୋଜିତ କରାଯାଇଛି। ଅପରପକ୍ଷରେ ଚାଷୀ ନରେନ୍ଦ୍ର ସେଠୀ କହିଛନ୍ତି, କାରଖାନା ହେବା ଦିନଠାରୁ ହାତୀମାନେ ଯିବାକୁ ବାଟ ନ ପାଇ ଗ୍ରାମଠାରେ ଅଟକି ରହୁଛନ୍ତି। ଜଙ୍ଗଲ ବିଭାଗ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି।

## ବିଲରୁ ନବଜାତ ଶିଶୁକନ୍ୟା ମୃତଦେହ ମିଳିଲା

**ମାଣିଆବନ୍ଧ, ୧୫।୧୨ (ଅଖିଳ କୁମାର ସାହୁ)**

କଟକ ଜିଲା ବଡ଼ମ୍ବା ବ୍ଲକ ଅନ୍ତର୍ଗତ କଙ୍କଡାଯୋଡ଼ି ରାସ୍ତା କଡ଼ ବିଲରୁ ଏକ ନବଜାତ ଶିଶୁକନ୍ୟାର ମୃତଦେହ ମିଳିଛି। ସ୍ଥାନୀୟ ଲୋକେ ଗହୀରକୁ ଧାନ କାଟିବାକୁ ଯିବାବେଳେ ବିଲରେ ଗାମୁଛା ଗୁଡ଼ାଇ ହୋଇ ମୃତ ନବଜାତ ଶିଶୁକନ୍ୟା ପଡ଼ିଥିବା ଦେଖିଥିଲେ। ତୁରନ୍ତ ସେମାନେ ମାଣିଆବନ୍ଧ ଥାନାକୁ ଖବର ଦେଇଥିଲେ। ଖବରପାଇ ଭାରପ୍ରାପ୍ତ ଥାନାଧିକାରୀ ବସନ୍ତ କୁମାର ଶତପଥୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଶିଶୁକନ୍ୟାର ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୩୨/୨୩) ରୁଜୁ କରାଯାଇଛି। ଥାନା ପକ୍ଷରୁ ଅନୁସନ୍ଧାନ ଜାରି ରହିଛି।




କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଶୁକ୍ରବାର ପ୍ରଦକ୍ଷିଣା(ସ୍କୁଲ ଅଫ୍ ଓଡ଼ିଶୀ ଡ୍ୟାନ୍ସ)ର ବାର୍ଷିକ ଉତ୍ସବରେ ପରିବେଷିତ ଓଡ଼ିଶୀ ନୃତ୍ୟ।

## ଆଜିଠୁ ପହିଲି ଭୋଗ ନୀତି

**ପୁରୀ, ୧୫।୧୨ (ଅଜିତ୍ ମହାନ୍ତି)**

ଶନିବାର ଧନୁ ସଂକ୍ରାନ୍ତିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପହିଲିଭୋଗ ନୀତି ଅନୁଷ୍ଠିତ ହେବ। ଏହି ନୀତି ଧନୁସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଦୀର୍ଘ ୧ମାସ ଧରି ଚାଲିବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ପହିଲି ଭୋଗରେ ବିଭିନ୍ନ ବ୍ୟଞ୍ଜନ, ବଡ଼ଝିଲି, ଝିଲି, ବଡ଼ବଡା, କାକେରା, ଅମାଲୁ, ଏଣ୍ଡୁରି, ଲଡ୍ଡୁ, ବଡ଼ି ଓ ଖଇର ଚୁଳ ପ୍ରଭୃତି ଲାଗି କରାଯିବ। ପ୍ରତ୍ୟେକ ଦିନ ସୂର୍ଯ୍ୟୋଦୟ ପୂର୍ବରୁ ଶ୍ରୀମନ୍ଦିର ଦ୍ୱାର ଫିଟାଯାଇ ଭିତରଶୋଧ, ମହାପ୍ରଭୁଙ୍କ ମଙ୍ଗଳ ଆଳତି, ତଡପଲାଗି, ଅବକାଶ କରାଯାଇ ବେଶ ଶେଷ ପରେ ମହାପ୍ରଭୁଙ୍କୁ ପହିଲି ଭୋଗ ଲାଗି କରାଯାଏ। ଚଳିତ ମାସ ୧୬ ତାରିଖରୁ ଆସନ୍ତା ଜାନୁୟାରୀ ୧୪ ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପହିଲି ଭୋଗ ନୀତି ଅନୁଷ୍ଠିତ ହେବ। ସେଥିପାଇଁ ପ୍ରତିଦିନ ରାତ୍ର ୨ଟାରେ ଶ୍ରୀମନ୍ଦିର ଦ୍ୱାର ଫିଟାଯାଇ ୨ଟା ୩୦ରେ ଭିତରଶୋଧ କରାଯିବ। ମଙ୍ଗଳଆଳତି ୨ଟା ୪୫, ରୋଷହୋମ ୨ଟା ୪୫, ମଇଲମ ଓ ତଡ଼ପ ଲାଗି ୩ଟା

### ରାତି ୨ରେ ଖୋଲିବ ଶ୍ରୀମନ୍ଦିର

୧୫, ଅବକାଶ ୪ଟା, ସୂର୍ଯ୍ୟ ପୂଜା ୪ଟା ୪୫, ଦ୍ୱାରପାଳ ପୂଜା ୫ଟା, ବେଶ ଶେଷ ୫ଟା, ପହିଲି ଭୋଗ ଓ ଗୋପାଳ ବଲ୍ଲଭ ୫ଟା ୨୦ରୁ ୬ଟା, ସକାଳ ଧୂପ (କେବଳ କୋଠଭୋଗ) ୬ଟା ୩୦ରୁ ୮ଟା, ମଇଲମ ଓ ବେଶ ୮ଟା ୨୦ରୁ ୯ଟା, ଭୋଗମଣ୍ଡପ ୮ଟା ୨୦ରୁ ୧୦ଟା, ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ) ୧୦.୩୦ରୁ ମଧ୍ୟାହ୍ନ ୧୨ଟା, ଦ୍ୱିତୀୟ ଭୋଗମଣ୍ଡପ ୧୧ଟା ୪୫ରୁ ୧ଟା, ଦକ୍ଷିଣୀଘର ଭୋଗ ଶେଷ ୧ଟା, ମଇଲମ- ବେଶ ୧ଟା ୧୫ରୁ ୨ଟା, ଦିବା ପହୁଡ ୨ଟା ୩୦, ଦ୍ୱାରଫିଟା ୪ଟା ୩୦, ସନ୍ଧ୍ୟା ଆଳତି ୫ଟା, ମଇଲମ - ବେଶ ସନ୍ଧ୍ୟା ୫ଟାରୁ ୬ଟା, ସନ୍ଧ୍ୟା ଧୂପ ୬ଟା ୩୦ରୁ ୮ଟା, ମଇଲମ ୮ଟା ୩୦, ଚନ୍ଦନ ଲାଗି ୯ଟା, ବଡ଼ସିଂହାର ବେଶ ୧୦ଟା, ଭୋଗ ୧୦ଟା ୩୦, ଟୋପରଲାଗି ୧୦ଟା ୪୫ ଏବଂ ରାତ୍ର ପହୁଡ଼ ରାତ୍ର ୧୧ଟାରେ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ହୋଇଛି।

## ସମାଜସେବୀ କୁନ୍ତଳା କୁମାରୀ ସାମନ୍ତଙ୍କ ପରଲୋକ

**ବୋଲଗଡ଼, ୧୫।୧୨ (ଦେବବ୍ରତ ହୋତା)**



ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ସାମନ୍ତଙ୍କ କନ୍ୟା ତଥା ବୋଲଗଡ଼ ବ୍ଲକ ମହିଳା କଂଗ୍ରେସର ପୂର୍ବତନ ସଭାନେତ୍ରୀ କୁନ୍ତଳା କୁମାରୀ ସାମନ୍ତଙ୍କ ଶୁକ୍ରବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ସେ କୁନ୍ତଳା ଅପା ନାଁରେ ପରିଚିତ ଥିଲେ। ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯିବା ସହିତ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ବୋଲଗଡ଼ସ୍ଥିତ ଜଗନ୍ନାଥ ମନ୍ଦିରଠାରେ କୁନ୍ତଳାଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଶୋକସଭାରେ ଶିକ୍ଷାବିତ୍ ହରିବନ୍ଧୁ ସାହୁ, ଐତିହାସିକ ରବୀନ୍ଦ୍ର ପରିଡ଼ା, ଗୁଣନିଧି ହୋତା, ଧୀରେଶ୍ ଚନ୍ଦ୍ର ମହାପାତ୍ର, ଲଲାଟେନ୍ଦୁ କେଶରୀସିଂହ, ଭକ୍ତବଲ୍ଲଭ ପଟ୍ଟନାୟକ, ବାଲ୍ମୀକି ବଳିୟାରସିଂହ, ବୈକୁଣ୍ଠ ମହାରଣା, ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ସଂସାରୀ ସାହୁ, ପ୍ରଭାକର ସାହୁ ପ୍ରମୁଖ ଯୋଗଦେଇ ନୀରବ ପ୍ରାର୍ଥନା କରିଥିଲେ।

# ଓଡ଼ିଶାରେ 'ସାବଧାନ ଇଣ୍ଡିଆ'

### ୧୦୦ରୁ ଊର୍ଦ୍ଧ୍ୱ ଓଡ଼ିଆ କଳାକାରଙ୍କୁ ସୁଯୋଗ

**ଭୁବନେଶ୍ୱର, ୧୫।୧୨ (ଶର୍ମିଷ୍ଠା ପାଣିଗ୍ରାହୀ)**




ଜାତୀୟ ସ୍ତରରେ ଲୋକପ୍ରିୟତା ହାସଲ କରିଥିବା ଷ୍ଟାର୍ ଭାରତର କ୍ରାଇମ୍ ସିରିଜ୍ ଶୋ 'ସାବଧାନ ଇଣ୍ଡିଆ'ରେ ଦେଶବାସୀ ଦେଖିବାକୁ ପାଇବେ ଓଡ଼ିଶାର ଅପରାଧ ଦୁନିଆ। ଏଥିପାଇଁ ସାବଧାନ ଇଣ୍ଡିଆ ଟିମ୍ କିଛିଦିନ ହେବ ଏଠାରେ ଡେରା ପକାଇ ଶୁଟିଂ ଚଳାଇଛି। ସବୁଠାରୁ ଖୁସିର କଥା ହେଲା, ପ୍ରଥମଥର ପାଇଁ ଓଡ଼ିଶାରେ ଶୁଟିଂ ଚାଲିଥିବା ଏହି ଶୋ'ରେ ୧୦୦ରୁ ଊର୍ଦ୍ଧ୍ୱ ଓଡ଼ିଆ କଳାକାରଙ୍କୁ ସୁଯୋଗ ଦିଆଯାଇଥିବାବେଳେ ସେମାନେ ଚମତ୍କାର ଅଭିନୟ କରୁଛନ୍ତି।
ଷ୍ଟାର୍ ଭାରତର ଏହି ପ୍ରୋଜେକ୍ଟକୁ ଓଡ଼ିଶାକୁ ଆଣିଛନ୍ତି ଫୁଲ୍ ଫୋକସ୍ ଟିମ୍। ନଭେମ୍ବର ୫ରୁ ଶୁଟିଂ ଆରମ୍ଭ ହୋଇଛି। ଭୁବନେଶ୍ୱର, କଟକ, ପୁରୀରେ ଶୁଟିଂ ହେଉଛି। ମୋଟ ୧୯ ଏପିସୋଡ୍ ମଧ୍ୟରୁ ଇତିମଧ୍ୟରେ ୧୬ଟିର ଶୁଟିଂ ସରିଛି। ଓଡ଼ିଆ କଳାକାରଙ୍କ ସହ ଜଣେ କୋଲକାତା ଓ ୩ଜଣ ବମ୍ବେ କଳାକାର ରହିଛନ୍ତି। ଉଷସୀ ମିଶ୍ର, ମେଘନା ମିଶ୍ର, ପ୍ରଦ୍ୟୁମ୍ନ ଲେଙ୍କା, ବିଏମ୍ ବୈଶାଳୀ, ରାଜ ରାଜେଶ, ଜେସି, ଅମର, ମନୋଜ ପଣ୍ଡା, ସୁକାନ୍ତ ରଥ, ଶ୍ୱେତା ଆଚାର୍ଯ୍ୟ, ତାପସ ସରଘରିଆ, ଚୌଧୁରୀ ବିକାଶ ଦାସ, ପ୍ରିୟଙ୍କା, ସାର୍ଥକ ଭରଦ୍ୱାଜ, ମହାପ୍ରସାଦ କରଙ୍କ ଭଳି ବହୁ ଓଡ଼ିଆ ଅଭିନେତ୍ରୀ, ଅଭିନେତା କାମ କରୁଛନ୍ତି। ଓଲିଉଡ୍ର ବିଶିଷ୍ଟ ଅଭିନେତା ସ୍ୱର୍ଗତ ହର ପଟ୍ଟନାୟକଙ୍କ ଝିଅ ଆର୍ଯ୍ୟ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ସାବଧାନ ଇଣ୍ଡିଆ ଆଜି ଓଡ଼ିଶା ଷ୍ଟୋରୀର ପ୍ରସାରଣ କରିବାକୁ ଯାଉଥିବାବେଳେ ନିଜେ ଆର୍ଯ୍ୟ ହିଁ ଏହାର ପ୍ରଡ୍ୟୁସର ଦାୟିତ୍ୱ ନିର୍ବାହ କରୁଛନ୍ତି। ଓଡ଼ିଶାର କଳାକାରଙ୍କୁ ନେଇ ନିଜ ମାଟି ପାଇଁ ଏହି କାମ ତାଙ୍କୁ ପ୍ରଶଂସା ଆଣିଦେଇଥିବା ସେ କହିଛନ୍ତି।

### ଓଡ଼ିଶାରେ ଶୁଟିଂ ଏତେ ଭଲ ହେବ ବୋଲି ଜଣା ନ ଥିଲା



ଆମେ ପ୍ରଥମେ ୬ଟା ଏପିସୋଡ୍ କରିବୁ ବୋଲି ଭାବିଥିଲୁ। ମାତ୍ର ପରେ ଏହା ୧୨କୁ ବଢ଼ିଲା। ଏହି ଭିତରେ ୧୬ଟା ଏପିସୋଡ୍ ସରିଗଲାଣି। ବମ୍ବେ ଯାଇ ଅଭିନୟ କରିବାକୁ ସମସ୍ତେ ଚାହାନ୍ତି। ଆମେ ଭାବିଲୁ ଲୋକାଲ୍ ଆର୍ଟିଷ୍ଟଙ୍କୁ ଓଡ଼ିଶାରେ ସୁଯୋଗ ଦେବୁ। ତେଣୁ ଆମେ ଏହି ପ୍ରୋଜେକ୍ଟ ଆଣିଲୁ। ଲାଷ୍ଟ ଏପିସୋଡ୍ ବମ୍ବେରେ ଶୁଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ ମଧ ତାହା ବି ଏଇଠି କରିବୁ। ଓଡ଼ିଶାରେ ଶୁଟିଂ ଏତେ ଭଲ ହେବ ବୋଲି ଜଣା ନ ଥିଲା।

- ଶ୍ରୀଜିତ୍ ଶତପଥୀ, ଲାଇନ୍ ପ୍ରଡ୍ୟୁସର

### ପ୍ରଡ୍ୟୁସର ଆର୍ଯ୍ୟଙ୍କୁ ଧନ୍ୟବାଦ



ପ୍ରଥମଥର ନ୍ୟାଶନାଲ୍ ଟେଲିଭିଜନରେ କାମ କରିବାର ସୁଯୋଗ ବହୁତ ଭଲ ଥିଲା। ହିନ୍ଦୀ ଭାଷାରେ ଥିବାରୁ ଏହା ଏକ ଲାର୍ଜର ଅଡିଏନ୍ସଙ୍କ ପାଖକୁ ପହଞ୍ଚିପାରିବ। ଜଣେ ଅଭିନେତା ଭାବେ ନିଜକୁ ସମସ୍ତଙ୍କ ପାଖେ ପହଞ୍ଚାଇବାର ଏକ ଭଲ ସୁଯୋଗ ଥିଲା। ଯେଉଁ ଟିମ୍ ଆସିଛନ୍ତି ବହୁତ ଟ୍ୟାଲେଣ୍ଟେଡ୍। ଶଟ୍ଗୁଡ଼ା ଭିନ୍ନ ପ୍ୟାଟର୍ନରେ ନିଆଯାଉଥିଲା। ପ୍ରଡ୍ୟୁସର ଆର୍ଯ୍ୟଙ୍କୁ ଯେତେ ଧନ୍ୟବାଦ ଦେଲେ କମ୍ ହେବ।

- ସୁକାନ୍ତ ରଥ, ଅଭିନେତା

### ୨ଟି ଏପିସୋଡ୍ରେ ବହୁତ କିଛି ଶିଖିଲି



ଓଡ଼ିଶାରେ ରହି ଏମିତି ସୁଯୋଗ ପାଇବା ବହୁତ ବଡ଼ କଥା। ଅନୁଭୂତି ବହୁତ ଭଲ ଥିଲା। ମୋ କାମ ଉପରେ ମୋର ହାଇ ଏକ୍ସପେକ୍ଟେସନ୍ ରହିଛି। ୪ ଦିନର ଶୁଟିଂ ଥିଲା। ୨ଟା ଏପିସୋଡ୍ ପାଇଁ କାମ କରିଛି। ବହୁତ କିଛି ଶିଖିବାକୁ ମିଳିଛି।

- ପ୍ରସନଜିତ୍ ମହାପାତ୍ର, ଅଭିନେତା

### ସେମାନେ ଟେକ୍ନିକାଲି ବହୁତ ଷ୍ଟ୍ରଙ୍ଗ୍



ଓଡ଼ିଶାର କଳାକାରଙ୍କ ସହ ଅଭିନୟ କରୁଥିବାରୁ ସେତେଟା କିଛି ଅଲଗା ଲାଗିଲାନି। ମାତ୍ର ସେମାନେ ଟେକ୍ନିକାଲି ବହୁତ ଷ୍ଟ୍ରଙ୍ଗ୍। ବହୁତ କମ୍ ସମୟରେ ଶୁଟିଂ ହୋଇଗଲା। ଯେଉଁଟା ଆମକୁ ସାଧାରଣତଃ ଆମ ଟେଲିଭିନ ପାଇଁ କରିବାକୁ ସମୟ ଲାଗେ। ନୂଆ ଭାଷା ଥିଲା। ହିନ୍ଦୀରେ ଉଚ୍ଚାରଣ କରୁଥିବାରୁ ସାବଧାନ ହୋଇ କାମ କରୁଥିଲି। ଉଚ୍ଚାରଣକୁ ଜଗିବାକୁ ପଡୁଥିଲା।

- ଭାସ୍ୱତୀ ବାସୁ, ଅଭିନେତ୍ରୀ



ପୁରୀ ବଡ଼ଦାଣ୍ଡରେ ଭକ୍ତଙ୍କ ପାଇଁ ଏସି ଟନେଲ୍ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି।



ଓଢ଼ଣ ଷଷ୍ଠୀ ପାଇଁ ମହାପ୍ରଭୁଙ୍କ ନିମନ୍ତେ ଘୋଡ଼ବସ୍ତ୍ର ପ୍ରସ୍ତୁତ କରାଯାଉଛି।




ବେକାର ଯୁବତୀଯୁବକଙ୍କୁ ସ୍ଥାନୀୟ ନିଯୁକ୍ତି ଦାବିରେ ଏଆଇଡିୱାଇଓ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍ଜିରେ ବିକ୍ଷୋଭ।

# ୭ ଦିନ ହାଜତ ଗଲେ ମାଷ୍ଟରମାଇଣ୍ଡ ଲଳିତ

ନୂଆଦିଲ୍ଲୀ,୧୫।୧୨


ଲଳିତ ଝା

ପାର୍ଲାମେଣ୍ଟରେ ଗତ ବୁଧବାର ପ୍ରବେଶ କରି ହଙ୍ଗାମା ସୃଷ୍ଟି କରିବା ଘଟଣାର ମାଷ୍ଟରମାଇଣ୍ଡ ଲଳିତ ଝାଙ୍କୁ ଜେରା ଲାଗି ୭ ଦିନ ପାଇଁ ପୋଲିସ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ତାଙ୍କୁ ୧୫ ଦିନ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। ବୁଧବାର ପାର୍ଲାମେଣ୍ଟ ସୁରକ୍ଷାରେ ତ୍ରୁଟି ପରେ ଫେରାର ହୋଇଯାଇଥିବା ଲଳିତ ଗୁରୁବାର ରାତିରେ ଦିଲ୍ଲୀ ପୋଲିସ ନିକଟରେ ଆତ୍ମସମର୍ପଣ କରିବା ପରେ ଗିରଫ ହୋଇଥିଲେ। ବିହାର ବାସିନ୍ଦା ଲଳିତ କୋଲକାତାରେ ଶିକ୍ଷକତା କରୁଥିଲେ। ପାର୍ଲାମେଣ୍ଟ ବାହାରେ ଅଭିଯୁକ୍ତମାନେ ସ୍ମୋକ୍ ବମ୍ ଲଗାଇଥିବାବେଳେ ଲଳିତ ତାହାର ଭିଡିଓ ଶୁଟିଂ କରି ସେଗୁଡ଼ିକ ଗଣମାଧ୍ୟମରେ ପ୍ରକାଶ ପାଇବା ନିମନ୍ତେ ଏକ ଏନ୍‌ଜିଓର ପ୍ରତିଷ୍ଠାତା ନୀଳାକ୍ଷ ଆଇଚ୍‌ଙ୍କ ପାଖକୁ ପଠାଇଥିଲେ ବୋଲି କହିଛନ୍ତି। ତାଙ୍କ ସମେତ ୫ ଅଭିଯୁକ୍ତଙ୍କ ନାମରେ କଠୋର ଆତଙ୍କବାଦ ନିରୋଧୀ ଆଇନ ୟୁଏପିଏ ଏବଂ ଆଇପିସିର ଆନୁଷଙ୍ଗିକ ଧାରାରେ ମାମଲା ରୁଜୁ ହୋଇଛି। ବୁଧବାର ୨୦୦୧ ପାର୍ଲାମେଣ୍ଟ ଆକ୍ରମଣର ୨୨ତମ ବାର୍ଷିକୀ ପାଳନ ବେଳେ ଜଣେ ଭାଜପା ଏମ୍‌ପିଙ୍କ କାର୍ଯ୍ୟାଳୟ ଇସ୍ୟୁ କରିଥିବା ପାସ୍ ବଳରେ ୨ ଅଭିଯୁକ୍ତ ସାଗର ଏବଂ ମନୋରଞ୍ଜନ ନୂଆ ପାର୍ଲାମେଣ୍ଟରେ ପ୍ରବେଶ କରି ସ୍ମୋକ୍ ବମ୍ ଫୁଟାଇଥିଲେ। ଶୂନ୍ୟକାଳ ସମୟରେ ସେମାନେ ଗ୍ୟାଲେରିରୁ ହାଉସ୍ ଚାମ୍ବରକୁ ଡେଇଁ ଗୃହରେ ସ୍ମୋକ୍ ସାନିଷ୍ଟର ଲଗାଇବାରୁ ଆତଙ୍କ ଖେଳିଯାଇଥିଲା। ଅନ୍ୟ ୨ ଅଭିଯୁକ୍ତ ନୀଲମ ଦେବୀ ଏବଂ ଅମୋଲ ଶିନ୍ଦେ ପାର୍ଲାମେଣ୍ଟ ଭବନ ବାହାରେ ବିକ୍ଷୋଭ କରିବା ସହ ସ୍ମୋକ୍ ସାନିଷ୍ଟର ଦେଖାଇଥିଲେ। ୪ ଅଭିଯୁକ୍ତଙ୍କୁ ସେହିଦିନ ଗିରଫ କରାଯାଇ ପୋଲିସ ହାଜତକୁ ପଠାଇ ଦିଆଯାଇଥିଲା।

ଅଭିଯୁକ୍ତମାନଙ୍କର ପ୍ରଥମ ଯୋଜନା ବିଫଳ ହୋଇଥିଲେ ସେମାନେ ଦ୍ୱିତୀୟ ଯୋଜନା ପ୍ରସ୍ତୁତ କରି ରଖିଥିଲେ ବୋଲି ଲଳିତ ଜେରା ବେଳେ କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ନୀଲମ ଏବଂ ଅମୋଲ ପାର୍ଲାମେଣ୍ଟ ନିକଟରେ ପହଞ୍ଚି ପାରି ନ ଥିଲେ ମହେଶ ଏବଂ କୈଳାସ ଅନ୍ୟ ଦିଗରୁ ପାର୍ଲାମେଣ୍ଟରେ ପହଞ୍ଚି ରଙ୍ଗିନ୍ ବୋମା ଫୁଟାଇବା ସହ ଗଣମାଧ୍ୟମ କ୍ୟାମେରା ଆଗରେ ସ୍ଲୋଗାନ ଦେଇଥାନ୍ତେ।

# ଶାହାଙ୍କ ଉତ୍ତର ଦାବିରେ ଗୃହ ଅଚଳ

## ପାର୍ଲାମେଣ୍ଟ ସୁରକ୍ଷା ବିଭ୍ରାଟ

ନୂଆଦିଲ୍ଲୀ,୧୫।୧୨(ପି.ଟି.)



ଶୀତ ଅଧିବେଶନ ଚାଲିଥିବାବେଳେ ନିଲମ୍ବିତ ଏମ୍‌ପି ମନିକମ୍ ଟାଗୋର, ଭି.କେ. ଶ୍ରୀକନ୍ଦନ, ଡେରେକ୍ ଓ'ବ୍ରାଏନ୍, ଟି.ଏନ୍. ପ୍ରଥାପନ, କାନିମୋଝି, ହିବି ଏଡେନ୍ ଏବଂ ରମ୍ୟା ହରିଦାସ ଓ ଅନ୍ୟମାନେ ଶୁକ୍ରବାର ସଂସଦ ଭବନ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପାର୍ଲାମେଣ୍ଟ ସୁରକ୍ଷାରେ ତ୍ରୁଟି ପ୍ରସଙ୍ଗରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମନ୍ତବ୍ୟ ରଖନ୍ତୁ ଏବଂ ଏହା ଉପରେ ଆଲୋଚନା ହେଉ ବୋଲି ଦାବିକରି ଶୁକ୍ରବାର ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିବାରୁ ଉଭୟ ଗୃହ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। ଲୋକ ସଭା ଅଧିବେଶନ ଆରମ୍ଭ ହେବାର କିଛି ସମୟ ପରେ ଏହା ପ୍ରଥମେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏବଂ ପରେ ଦିନକ ପାଇଁ ମୁଲତବୀ ଘୋଷିତ ହୋଇଥିଲା। ସେହିପରି ରାଜ୍ୟ ସଭାରେ ଷ୍ଟାଣ୍ଡିଂ କମିଟି ରିପୋର୍ଟ ଦାଖଲ ପରେ ଏବଂ ଅପରାହ୍ନ୨ଟା ପରେ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ପାର୍ଲାମେଣ୍ଟ ସୁରକ୍ଷାରେ ତ୍ରୁଟିକୁ ନେଇ କ୍ରମାଗତ ତୃତୀୟ ଦିନ ପାଇଁ ଗୃହ ଅଚଳ ରହିଛି। ଗତ ବୁଧବାର ୨୦୦୧ ପାର୍ଲାମେଣ୍ଟ ଆକ୍ରମଣର ୨୨ତମ ବର୍ଷ ପୂର୍ତ୍ତି ଅବସରରେ ଦୁଇଜଣ ଅଭିଯୁକ୍ତ ପାର୍ଲାମେଣ୍ଟରେ ପ୍ରବେଶ କରି ଲୋକ ସଭା ଚାମ୍ବର ମଧ୍ୟକୁ ଡେଇଁବା ସହ ଗୃହ ମଧ୍ୟରେ ହଳଦିଆ ଧୂଆଁ ବୋମା ଫୁଟାଇଥିଲେ। ଫଳରେ ଗୃହରେ ଆତଙ୍କ ଖେଳିଯାଇଥିଲା। ଏହା ଉପରେ ଶାହାଙ୍କ ବିବୃତି ଦାବି କରିବାରୁ ଗୁରୁବାର ଲୋକ ସଭାର ୧୩ ଜଣ ଓ ରାଜ୍ୟ ସଭାର ଜଣେ ବିରୋଧୀ ଦଳ ଏମ୍‌ପିଙ୍କୁ ନିଲମ୍ବନ କରାଯାଇଥିଲା। ଉକ୍ତ ନିଲମ୍ବନକୁ ନେଇ ବିରୋଧୀ ସଦସ୍ୟମାନେ ଲୋକ ସଭାରେ ପ୍ରବଳ ପ୍ରତିବାଦ କରିଥିଲେ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଶାହା ପାର୍ଲାମେଣ୍ଟ ବାହାରେ ଗଣମାଧ୍ୟମକୁ ବିବୃତି ଦେଉଥିବାବେଳେ ଗୃହକୁ ଆସୁ ନ ଥିବାରୁ ବିରୋଧୀ ପ୍ରତିବାଦ କରିଥିଲେ। ସେମାନେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ୨ ଅଭିଯୁକ୍ତଙ୍କୁ ପାସ୍ ଦେଇଥିବା ଭାଜପା ଏମ୍‌ପି ପ୍ରତାପ ସିମ୍‌ହାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବିରୋଧୀ ଅଡ଼ି ବସିଥିଲେ। ଏହାକୁ ନେଇ ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ପ୍ଲାକାର୍ଡ ଦେଖାଇ ସ୍ଲୋଗାନ ଦେବାରୁ ଗୃହରେ ଅଧ୍ୟକ୍ଷତା କରୁଥିବା ରାଜେନ୍ଦ୍ର ଅଗ୍ରୱାଲ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରିଥିଲେ। ୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ଅନୁରୂପ ସ୍ଥିତି ଉପୁଜିବାରୁ ଅଧ୍ୟକ୍ଷତା କରୁଥିବା କିରୀଟ ସୋଲାଙ୍କି ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ହଟ୍ଟଗୋଳ ଯୋଗୁ ଷ୍ଟାଣ୍ଡିଂ କମିଟି ରିପୋର୍ଟ ଲୋକ ସଭାରେ ଉପସ୍ଥାପନ ହୋଇପାରି ନ ଥିଲା। ଆପରାଧିକ ଆଇନ ସ୍ଥାନରେ ୩ଟି ବିଲ୍ ଗୁରୁବାର ଓ ଶୁକ୍ରବାର ଗୃହରେ ଆଲୋଚନା ପାଇଁ କାର୍ଯ୍ୟସୂଚୀ ସ୍ଥିର ହୋଇଥିଲେ ମଧ୍ୟ ତାହା ହୋଇପାରି ନ ଥିଲା। ରାଜ୍ୟ ସଭାରେ ମଧ୍ୟ ଅନୁରୂପ ସ୍ଥିତି ପାଇଁ ଗୃହରେ ଅଧ୍ୟକ୍ଷତା କରୁଥିବା ଜଗଦୀପ ଧନ୍‌କର ଗୃହକୁ ଦୁଇ ଥରରେ ଦିନକ ପାଇଁ ମୁଲତବୀ ରଖିଥିଲେ।

# ୩୫୩ କୋଟି ମୋର ନୁହେଁ, କମ୍ପାନୀର

## ୧୦ ଦିନ ପରେ ମୁହଁ ଖୋଲିଲେ ଧୀରଜ

ନୂଆଦିଲ୍ଲୀ,୧୫।୧୨


ଧୀରଜ ସାହୁ

କଂଗ୍ରେସ ଏମ୍‌ପି ଧୀରଜ ସାହୁଙ୍କର ଓଡ଼ିଶା ଓ ଝାଡ଼ଖଣ୍ଡରେ ଥିବା ଘର ଓ ସଂସ୍ଥା ଉପରେ ଆୟକର ବିଭାଗ ଚଢ଼ାଉ କରି ୩୫୩.୫ କୋଟି ଟଙ୍କା ଜବତ କରିବାର ୧୦ ଦିନ ପରେ ସେ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି। ତାଙ୍କ ପରିବାର ବ୍ୟବସାୟ ସମ୍ଭାଳୁଥିଲେ। ତେଣୁ ଜବତ ହୋଇଥିବା ଟଙ୍କା ସହ ସେ ସିଧାସଳଖ ସମ୍ପୃକ୍ତ ନୁହନ୍ତି। ଉକ୍ତ ଟଙ୍କା ଚଢ଼ାଉ କରାଯାଇଥିବା କମ୍ପାନୀଗୁଡ଼ିକର ଥିଲା। ଟଙ୍କା ସହ କଂଗ୍ରେସ କିମ୍ବା ଅନ୍ୟ କୌଣସି ରାଜନୈତିକ ଦଳର ସମ୍ପର୍କ ନ ଥିବା ସେ ସ୍ପଷ୍ଟ କରିଛନ୍ତି। ଧୀରଜଙ୍କ ପରିବାର ମାଲିକାନାରେ ଥିବା ବୌଦ୍ଧ ଡିଷ୍ଟିଲେରି ଏବଂ ଏହାର ସହଯୋଗୀ କମ୍ପାନୀଗୁଡ଼ିକ ଉପରେ ଗତ ୬ ତାରିଖରୁ ଆୟକର ବିଭାଗ ଚଢ଼ାଉ ଜାରି ରଖିଥିଲା। ଏହି ଚଢ଼ାଉ ବେଳେ ୩୫୩.୫ କୋଟି ଟଙ୍କା ଜବତ ହୋଇଥିଲା, ଯାହାକି ଭାରତରେ କୌଣସି ତଦନ୍ତକାରୀ ସଂସ୍ଥା ଦ୍ୱାରା ଗୋଟିଏ ଚଢ଼ାଉରେ ସର୍ବାଧିକ ଜବତ ଅର୍ଥରାଶି।

ଟଙ୍କା ଗଣି ଗଣି ମେସିନ୍‌ଗୁଡ଼ିକ ଥକିପଡ଼ିଥିଲେ। ରେକର୍ଡ ପରିମାଣର ଅର୍ଥ ଜବତ, ଦୀର୍ଘ ସମୟର ଚଢ଼ାଉ ଏବଂ ଟଙ୍କାଭର୍ତ୍ତି ଆଲମିରାଗୁଡ଼ିକର ଭିଡିଓକୁ ବ୍ୟବହାର କରି ଭାଜପା କଂଗ୍ରେସକୁ ସମାଲୋଚନା କରିବା ସହ ଦୁର୍ନୀତିରେ ଲିପ୍ତ ଥିବା କହିଥିଲା। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏହା ଉପରେ ଟୁଇଟ୍ କରିବା ସହ କଂଗ୍ରେସକୁ ସମାଲୋଚନା କରିଥିଲେ। ଏକ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଧୀରଜ କହିଛନ୍ତି, ସେ ୩୫ ବର୍ଷ ଧରି ରାଜନୀତିରେ ଅଛନ୍ତି। ପ୍ରଥମ ଥର ଲାଗି ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଲଗାଯାଇଛି। ତାଙ୍କ ପରିବାର ୧୦୦ ବର୍ଷ ହେଲା ମଦ ବ୍ୟବସାୟ କରୁଛନ୍ତି। ଜବତ ଟଙ୍କା ତାଙ୍କ କମ୍ପାନୀର। ସେ ରାଜନୀତିରେ ବ୍ୟସ୍ତ ଥିବାରୁ ବ୍ୟବସାୟ ଉପରେ ନଜର ଦେଇ ନ ଥାନ୍ତି। ପରିବାର ବ୍ୟବସାୟ ବୁଝିଥାଏ ବୋଲି ରାଜ୍ୟ ସଭା ସଦସ୍ୟ ଧୀରଜ କହିଛନ୍ତି। ସେ ୬ ଭାଇ ଓ ତାଙ୍କର ବଡ଼ ପରିବାର ବ୍ୟବସାୟ ସହ ଜଡ଼ିତ। ସେମାନଙ୍କ ପିଲାମାନେ ମଧ୍ୟ ବିଭିନ୍ନ କମ୍ପାନୀ ବୁଝାସୁଝା କରିଥାନ୍ତି। ସେମାନଙ୍କର ବ୍ୟବସାୟ ସ୍ୱଚ୍ଛ। ଜବତ ଅର୍ଥ ମଦ ବିକ୍ରିରୁ ମିଳିଥିଲା। ଏଥିରେ କଂଗ୍ରେସ କିମ୍ବା ଅନ୍ୟ ଦଳର କିଛି କରିବାର ନାହିଁ ବୋଲି ଧୀରଜ କହିଛନ୍ତି।


'ବିଜୟ ଦିବସ'ର ଅବ୍ୟବହିତ ପୂର୍ବରୁ କୋଲକାତାର ଭିକ୍ଟୋରିଆ ମେମୋରିଆଲ୍‌ଠାରେ ସେନା ଡେୟାର ଡେଭିଲ୍ ଟିମ୍‌ର ମିଲିଟାରି ଟାଟୁ ଶୋ'।

## ଫୋନ୍ ହ୍ୟାକିଂ ମାମଲା ଜିତିଲେ ପ୍ରିନ୍ସ ହ୍ୟାରି



ଲଣ୍ଡନ,୧୫।୧୨

ବ୍ରିଟିଶ୍ ଟାବଲଏଡ୍ ପ୍ରକାଶକ ଡେଲି ମିରର ବିରୋଧରେ ଫୋନ୍ ହ୍ୟାକିଂ ମକଦ୍ଦମାରେ ପ୍ରିନ୍ସ ହ୍ୟାରି ବିଜୟୀ ହୋଇଛନ୍ତି। ତାଙ୍କୁ ୧,୪୦,୦୦୦ ପାଉଣ୍ଡ (୧,୮୦,୦୦୦ ଡଲାର) ପୈଠ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରାଜପରିବାର ସଦସ୍ୟଙ୍କ ପାରିବାରିକ ବିବାଦ ଉପରେ ଖବର ସଂଗ୍ରହ ଲାଗି ଫୋନ୍ ହ୍ୟାକିଂ କରୁଥିବା ଅଭିଯୋଗ ଆଣି ଡ୍ୟୁକ୍ ଅଫ୍ ସସେକ୍ସ ହ୍ୟାରି ମାମଲା ରୁଜୁ କରିବା ସହ ୪,୪୦,୦୦୦ ପାଉଣ୍ଡ କ୍ଷତିପୂରଣ ଦାବି କରିଥିଲେ। ବେଆଇନ ଭାବେ ତଥ୍ୟ ସଂଗ୍ରହ ପାଇଁ ମିରର ଗ୍ରୁପ୍ ନ୍ୟୁଜ୍‌ପେପର୍ସରେ ଫୋନ୍ ହ୍ୟାକିଂ ବହୁଳ ଭାବେ ଚାଲିଥିବା ହାଇକୋର୍ଟ ବିଚାରପତି ଟିମୋଥି ଫାନ୍‌କୋର୍ଟ କହିଥିଲେ।

## କୋର୍ଟ ପରିସରରେ ହତ୍ୟା ଅଭିଯୁକ୍ତଙ୍କୁ ହତ୍ୟା

ପାଟନା,୧୫।୧୨

ପାଟନା କୋର୍ଟ ପରିସରରେ ଶୁକ୍ରବାର ଜଣେ ବିଚାରାଧୀନ ବନ୍ଦୀଙ୍କୁ ୨ ଜଣ ଗୁଳିକରି ହତ୍ୟା କରିଛନ୍ତି। ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଖବର ଅନୁଯାୟୀ ସିକନ୍ଦରପୁରର ଅଭିଷେକ କୁମାର ଓରଫ ଛୋଟେ ସରକାରଙ୍କ ବିରୋଧରେ ଅନ୍ୟାନ୍ୟ ମାମଲା ସମେତ ହତ୍ୟା ମାମଲା ରହିଥିଲା। ସହରର ବେଉର ଜେଲରେ ଥିବା ଅଭିଷେକଙ୍କୁ ଶୁକ୍ରବାର ଦାନାପୁର କୋର୍ଟରେ ହାଜର ପାଇଁ ଅଣାଯାଇଥିବାବେଳେ ୨ ଅଭିଯୁକ୍ତ ତାଙ୍କୁ ଗୁଳି କରିଥିଲେ। ଫଳରେ ଅଭିଷେକଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କୁ କିଏ ପଠାଇଥିଲେ ଓ ହତ୍ୟାର କାରଣ ସମ୍ପର୍କରେ ପୋଲିସ ସେମାନଙ୍କୁ ଜେରା କରୁଛି।

# ୩ ମୁସଲମାନଙ୍କ ଘରେ ବୁଲ୍‌ଡୋଜର ଚଢ଼ାଇଲେ

## ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଶପଥର ଦିନକ ପରେ

ଭୋପାଳ,୧୫।୧୨

ମଧ୍ୟପ୍ରଦେଶରେ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ନେତୃତ୍ୱରେ ଭାଜପା ସରକାର କ୍ଷମତାକୁ ଆସିବାର ଦିନକ ପରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଯାଇଛି। ଜଣେ ଭାଜପା କର୍ମୀଙ୍କୁ ଆକ୍ରମଣ ଅଭିଯୋଗରେ ସରକାରୀ କର୍ତ୍ତୃପକ୍ଷ ଗୁରୁବାର ଭୋପାଳର ୩ ମୁସଲମାନଙ୍କ ଘରକୁ ବୁଲ୍‌ଡୋଜର ଲଗାଇ ଭାଙ୍ଗିଦେଇଛନ୍ତି। ଖବର ଅନୁଯାୟୀ ଗତ ୫ ତାରିଖରେ ଭାଜପା ଅଫିସ୍ କାର୍ଯ୍ୟକର୍ତ୍ତା ଦେବେନ୍ଦ୍ର ସିଂ ଠାକୁର ବସ୍ତି ଲୋକମାନଙ୍କୁ ଭେଟିବା ପାଇଁ ଯାଉଥିବାବେଳେ ନିର୍ବାଚନ ଫଳାଫଳକୁ ନେଇ ତାଙ୍କର ଫାରୁଖ ନାମକ ବ୍ୟକ୍ତିଙ୍କ ସହ ବଚସା ହୋଇଥିଲା। ଫାରୁକ୍ ଏକ ଖଣ୍ଡାରେ ଆକ୍ରମଣ କରିବାରୁ ଠାକୁରଙ୍କ ହାତରେ ଗଭୀର କ୍ଷତ ହୋଇଥିଲା ବୋଲି ପୋଲିସ କହିଛି। ହତ୍ୟା ଉଦ୍ୟମ ମାମଲାରେ ପୋଲିସ ଫାରୁଖଙ୍କ ସମେତ ୫ ଜଣଙ୍କ ନାଁରେ ମାମଲା ରୁଜୁ କରିଥିଲା। ୩ ଅଭିଯୁକ୍ତଙ୍କ ଘର ନିର୍ମାଣରେ ଆଇନର ଉଲ୍ଲଂଘନ ହୋଇଥିବାରୁ ସେଗୁଡ଼ିକୁ ଭଙ୍ଗାଯାଇଥିବା ହବିବ୍‌ଗଞ୍ଜ ଥାନା ଭାରପ୍ରାପ୍ତ ଅଧିକାରୀ ମନୀଷ ରାଜ ସିଂ ଭଦୋରିଆ କହିଛନ୍ତି। ଫାରୁଖଙ୍କ ନାମରେ ଅପରାଧ ରେକର୍ଡ ରହିଛି ଓ ତାଙ୍କ ବିରୋଧରେ ଏନ୍‌ଏସ୍‌ଏ (ଜାତୀୟ ସୁରକ୍ଷା ଆଇନ)ରେ ପୂର୍ବରୁ ମାମଲା ଥିବା ପୋଲିସ କହିଛି। କୌଣସି ଅପରାଧ ପାଇଁ ଜଣେ ଅଭିଯୁକ୍ତଙ୍କ ଘର ଭାଙ୍ଗିବା ଲାଗି ଆଇନରେ ବ୍ୟବସ୍ଥା ନ ଥିବାବେଳେ ଭାଜପା ଶାସିତ ରାଜ୍ୟଗୁଡ଼ିକର ସରକାର ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଆସୁଛନ୍ତି। ଅଧିକାଂଶ କ୍ଷେତ୍ରରେ ଅଭିଯୁକ୍ତ ମୁସଲମାନ ହୋଇଥିବା ଦେଖାଯାଇଛି। ଉଜ୍ଜୟିନୀର ନାଗଜିରିରେ ଏକ ବେଆଇନ ମାଂସ ଦୋକାନ ଚାଲିଥିବାରୁ ଉକ୍ତ ଘରକୁ କର୍ତ୍ତୃପକ୍ଷ ଭାଙ୍ଗିଦେଇଥିବା କହିଛନ୍ତି।

# ଚେକ୍ ରିପବ୍ଲିକ୍ କୋର୍ଟ ଯିବାକୁ ନିଖିଲଙ୍କ ପରିବାରଙ୍କୁ କହିଲେ ସୁପ୍ରିମକୋର୍ଟ

## ଶିଖ୍ ବିଚ୍ଛିନ୍ନତାବାଦୀଙ୍କୁ ହତ୍ୟା ଉଦ୍ୟମ ମାମଲା

ନୂଆଦିଲ୍ଲୀ,୧୫।୧୨(ପି.ଟି.)

ଆମେରିକାରେ ଶିଖ୍ ବିଚ୍ଛିନ୍ନତାବାଦୀ ନେତା ଗୁର୍‌ପତୱନ୍ତ ସିଂ ପନ୍ନୁନଙ୍କୁ ହତ୍ୟା ଉଦ୍ୟମ ଲାଗି ହୋଇଥିବା ଷଡ଼ଯନ୍ତ୍ର ଅଭିଯୋଗରେ ନିଖିଲ ଗୁପ୍ତା ନାମକ ଭାରତୀୟଙ୍କୁ ଚେକ୍ ରିପବ୍ଲିକ୍‌ରେ ଗିରଫ କରାଯାଇଛି। ତାଙ୍କ ପରିବାର ପକ୍ଷରୁ କରାଯାଇଥିବା ଆବେଦନର ଶୁଣାଣି ଜାନୁୟାରୀ ୪ରେ କରିବା ପାଇଁ ସୁପ୍ରିମକୋର୍ଟ ଗ୍ରହଣ କରିଛନ୍ତି। ଜୁନ୍ ୩୦ରେ ଗିରଫ ହୋଇଥିବା ନିଖିଲଙ୍କ ପ୍ରତି ମାନବାଧିକାରର ଉଲ୍ଲଂଘନ କରାଯାଇ ତାଙ୍କୁ ଗୋମାଂସ ଓ ଘୁଷୁରିମାଂସ ଖାଇବାକୁ ବାଧ୍ୟ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କୁ କନ୍‌ସୁଲାର ଆକ୍ସେସ୍ ସୁବିଧା ଦିଆଯାଉ ନାହିଁ। ଫଳରେ ସେ ଭାରତରେ ଥିବା ତାଙ୍କ ପରିବାର ସହ ଯୋଗାଯୋଗ କରିପାରୁ ନ ଥିବାବେଳେ ଆଇନଗତ ପ୍ରତିନିଧିତ୍ୱ ପାଇଁ ସ୍ୱାଧୀନତା ପାଉନାହାନ୍ତି। ବହିର୍ବ୍ୟାପାର ମନ୍ତ୍ରଣାଳୟ ପାଇଁ ଏହା ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ବୋଲି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଏସ୍.ଭି.ଏନ୍. ଭଟ୍ଟିଙ୍କ ଖଣ୍ଡପୀଠ କହିଛନ୍ତି। ନିଖିଲ ବନ୍ଦୀ ଥିବା ଚେକ୍ ରିପବ୍ଲିକ୍‌ର କୋର୍ଟରେ ଆବେଦନ କରିବା ପାଇଁ ଖଣ୍ଡପୀଠ ତାଙ୍କ ପାଇଁ ଓକିଲାତି କରୁଥିବା ବରିଷ୍ଠ ଆଇନଜୀବୀ ସି.ଏ. ସୁନ୍ଦରମ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଅଯୋଧ୍ୟାରେ ନୂଆ ମସ୍‌ଜିଦ୍‌ର ଶିଳାନ୍ୟାସ କରିବେ ମକ୍କା ଇମାମ

ମୁମ୍ବାଇ,୧୫।୧୨

ବାବ୍ରି ମସ୍‌ଜିଦ ଭଙ୍ଗାଯିବା ପରେ ଅଯୋଧ୍ୟାର ଅନ୍ୟ ଏକ ସ୍ଥାନରେ ନିର୍ମାଣ ହେବାକୁ ଯାଉଥିବା ପ୍ରସ୍ତାବିତ ମସ୍‌ଜିଦର ଶିଳାନ୍ୟାସ ମକ୍କାର ଇମାମ-ଇ-ହରାମ କରିବେ। ମସ୍‌ଜିଦ ମହମ୍ମଦ ବିନ୍ ଅବଦୁଲ୍ଲା ନାମରେ ଉକ୍ତ ମସ୍‌ଜିଦ ଅଯୋଧ୍ୟାଠାରୁ ୨୫ କି.ମି. ଦୂର ଧନିପୁରରେ ନିର୍ମାଣ କରାଯିବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମସ୍‌ଜିଦ ନିର୍ମାଣ ଲାଗି ଉତ୍ତରପ୍ରଦେଶ ସରକାର ଉକ୍ତ ପ୍ଲଟ୍‌କୁ ମୁସଲମାନ ସମ୍ପ୍ରଦାୟକୁ ପ୍ରଦାନ କରିଥିଲେ। ମୁମ୍ବାଇର ଭାଜପା ନେତା ହାଜି ଅରାଫତ ଶେଖ୍‌ଙ୍କୁ ମସ୍‌ଜିଦ କମିଟିର ଅଧ୍ୟକ୍ଷ କରାଯାଇଛି।

# ମୋଦିଙ୍କୁ 'ମୁଖ୍ୟମନ୍ତ୍ରୀ' କହିଲେ ମଞ୍ଚ ସଞ୍ଚାଳକ

## ରାଜସ୍ଥାନରେ ଭଜନଲାଲ୍ ସରକାର

ଜୟପୁର,୧୫।୧୨(ପି.ଟି.)



ପ୍ରଥମ ଥର ପାଇଁ ରାଜସ୍ଥାନ ବିଧାନସଭାକୁ ନିର୍ବାଚିତ ହୋଇଥିବା ଭାଜପା ନେତା ଭଜନ ଲାଲ୍ ଶର୍ମା ଶୁକ୍ରବାର ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପାର ଶୀର୍ଷ ନେତୃବୃନ୍ଦ ଏବଂ ବିଦାୟୀ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଉପସ୍ଥିତ ଥିଲେ। ଶପଥ ଗ୍ରହଣ ପାଇଁ ମଞ୍ଚରେ ସଞ୍ଚାଳକ ମୋଦିଙ୍କୁ ମାନନୀୟ ମୁଖ୍ୟମନ୍ତ୍ରୀ ବୋଲି ସମ୍ବୋଧନ କରିଥିଲେ। ଏଭଳି ସମ୍ବୋଧନ ଶୁଣି ପ୍ରଧାନମନ୍ତ୍ରୀ ହଡ଼ବଡ଼େଇ ଯାଇଥିଲେ।

ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଥିବା ଭଜନଲାଲ୍ ତାଙ୍କର ୫୭ତମ ଜନ୍ମଦିନରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବାବେଳେ ଦିୟା କୁମାରୀ ଏବଂ ପ୍ରେମଚାନ୍ଦ ବୈରବା ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ କଲରାଜ ମିଶ୍ରା ଐତିହାସିକ ଆଲବର୍ଟ ହଲ୍ ସମ୍ମୁଖରେ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଆର୍‌ଏସ୍‌ଏସ୍ ସମର୍ଥିତ ଭଜନଲାଲ ଗତ ୧୨ ତାରିଖରେ ଭାଜପା ବିଧାୟକ ଦଳ ନେତା ନିର୍ବାଚିତ ହୋଇଥିଲେ। ଶପଥ ଗ୍ରହଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ, ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ମଧ୍ୟପ୍ରଦେଶର ନବନିଯୁକ୍ତ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ରଭାଇ ପଟେଲ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଶପଥ ନେବା ପରେ ମୁଖ୍ୟମନ୍ତ୍ରୀ ଭଜନଲାଲ୍ ସିଏମ୍‌ଓରେ ପହଞ୍ଚି ବେଦମନ୍ତ୍ର ଉଚ୍ଚାରଣ ମଧ୍ୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି।

ଭଜନଲାଲ୍ ୨୭ ବର୍ଷ ବୟସରେ ଗାଁ ସରପଞ୍ଚରୁ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ଆର୍‌ଏସ୍‌ଏସ୍ କର୍ମୀଭାବେ ସେ ୧୯୯୨ରେ ବାବ୍ରି ମସ୍‌ଜିଦ ଆନ୍ଦୋଳନରେ ସାମିଲ ହୋଇ ଜେଲ ଯାଇଥିଲେ। ସେ ଗତ ୩୦ ବର୍ଷ ଧରି ଭାରତୀୟ ଜନତା ଯୁବ ମୋର୍ଚ୍ଚା ଓ ଦଳୀୟ ସଂଗଠନରେ ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିଆସିଛନ୍ତି। ୧୯୯୦ରେ ଜମ୍ମୁରୁ ଶ୍ରୀନଗର ପଦଯାତ୍ରା ଲାଗି ଏକତ୍ରିତ ହୋଇଥିବା ଏବିଭିପିର ହଜାର ହଜାର ଛାତ୍ରଙ୍କ ଆନ୍ଦୋଳନରେ ସେ ସକ୍ରିୟ ଭାଗ ନେଇଥିଲେ। ତାଙ୍କୁ ଉଦ୍ଧାମପୁରରେ ଗିରଫ କରାଯାଇଥିଲା। ପରେ ସେ ଭାଜପାର ଭରତପୁର ଜିଲା ସମ୍ପାଦକ ଓ ପରେ ସଭାପତି ହୋଇଥିଲେ। ଭାଜପା ରାଜ୍ୟ ମୁଖ୍ୟାଳୟକୁ ଆସି ସେ ରାଜ୍ୟ ଉପସଭାପତି ଓ ପରେ ସାଧାରଣ ସମ୍ପାଦକ ହୋଇଥିଲେ। ସେ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ କରିଛନ୍ତି।

# ଷ୍ଟାଟସ୍ ରିପୋର୍ଟ ମାଗିଲେ ସିଜେଆଇ

## ମହିଳା ବିଚାରପତିଙ୍କୁ ଯୌନ ନିର୍ଯାତନା

## ଇଚ୍ଛାମୃତ୍ୟୁ ଅନୁମତି ଲୋଡ଼ି ଲେଖିଥିଲେ ଚିଠି

ନୂଆଦିଲ୍ଲୀ,୧୫।୧୨(ପି.ଟି.)

ଉତ୍ତରପ୍ରଦେଶର ବନ୍ଦା ଜିଲାରେ ନିଯୁକ୍ତ ଜଣେ ମହିଳା ଜୁଡିସିଆଲ ଅଫିସର ଜିଲା ଜଜ୍‌ଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ ଆଣି ମର୍ଯ୍ୟାଦାର ସହ ମରିବା ପାଇଁ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ଅନୁମତି ଲୋଡ଼ିଛନ୍ତି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ତଦନ୍ତର ସ୍ଥିତି ସମ୍ପର୍କରେ ରିପୋର୍ଟ ଦେବା ଲାଗି ଆଲ୍ଲାହାବାଦ ହାଇକୋର୍ଟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ମହିଳା ତାଙ୍କ ୨ ପୃଷ୍ଠାର ଚିଠିରେ ଲେଖିଛନ୍ତି, ସେ ବାରବାଙ୍କିରେ ନିଯୁକ୍ତ ହେବା ପରେ ଯୌନ ନିର୍ଯାତନାର ଶିକାର ହୋଇ ଆସୁଛନ୍ତି। ତାଙ୍କର ବଞ୍ଚି ରହିବା ପାଇଁ ଆଉ ଇଚ୍ଛା ନାହିଁ। ଗତ ଦେଢ଼ବର୍ଷ ହେଲା ଜଣେ ଚାଲୁଥିବା କଙ୍କାଳରେ ପରିଣତ ହୋଇଛନ୍ତି। ତେଣୁ ଏହି ଆତ୍ମାହୀନ ଓ ପ୍ରାଣହୀନ ଶରୀରକୁ ଅଧିକ ଦିନ ବଞ୍ଚାଇ ରଖିବାର କୌଣସି ଉଦ୍ଦେଶ୍ୟ ନାହିଁ। ଜୀବନରେ ତାଙ୍କର ଅନ୍ୟ କୌଣସି ଉଦ୍ଦେଶ୍ୟ ମଧ୍ୟ ନାହିଁ। ସେଥିପାଇଁ ଦୟାକରି ମର୍ଯ୍ୟାଦାର ସହ ମରିବା ପାଇଁ ଅନୁମତି ଦିଆଯାଉ ବୋଲି ମହିଳା ବିଚାରପତି ସିଜେଆଇଙ୍କୁ ଲେଖିଥିବା ପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସିଜେଆଇଙ୍କ ନିର୍ଦ୍ଦେଶକ୍ରମେ ସୁପ୍ରିମକୋର୍ଟ ସହାସଚିବ ଆଲ୍ଲାହାବାଦ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ତଦନ୍ତର ଷ୍ଟାଟସ୍ ରିପୋର୍ଟ ମାଗିଛନ୍ତି। ନ୍ୟାୟିକ ଅଧିକାରୀମାନଙ୍କ ଅଭିଯୋଗର ସମାଧାନ କରୁଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ନିକଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ରେଜିଷ୍ଟ୍ରାର ଜେନେରାଲଙ୍କୁ କୁହାଯାଇଛି। ପୂର୍ବରୁ ମହିଳା ବିଚାରପତି ସୁପ୍ରିମକୋର୍ଟରେ ଦାଏର କରିଥିବା ଏକ ପିଟିଶନ୍‌ର ଶୁଣାଣି ପାଇଁ ଜଷ୍ଟିସ୍ ହୃଷୀକେଶ ରାୟ ଏବଂ ସନ୍ଦୀପ୍ ମେହେଟ୍ଟାଙ୍କ ଖଣ୍ଡପୀଠକୁ ଆସିଥିଲା। ଏଭଳି ମାମଲାଗୁଡ଼ିକର ବିଚାର ଆଇସିସି କରୁଥିବା କହି ଖଣ୍ଡପୀଠ ଆବେଦନକୁ ଖାରଜ କରିଦେଇଥିଲେ।

## OFFICE OF THE VYASANAGAR MUNICIPALITY, VYASANAGAR

Jajpur Road, Jajpur - 755019
e-mail: vyasanagarmunicipality@gmail.com

### Bid Identification No. 10/VNM/2023-24

No. 4888 Dt.14.12.2023

No. C-2115: Executive Officer, Vyasanagar Municipality, Jajpur on behalf of Governor of Odisha invites Percentage bids in Double Cover System for the works details in the table from class of contractors mentioned in Col. 7 below registered with the State Government and contractors of equivalent grade/class registered with Central Government/MES/Railway/Municipal Contractors to be eventually drawn up in form for execution of civil works, on production of definite proof from the appropriate authority. But successful bidder other than State/MES/Railways/CPWD in equivalent rank has to register under the State PWD before signing the agreement.

1. Name of the Work: Extension of Administrative building with other ancillary structures etc. inside existing SeTP of Vyasanagar Municipality. 2. No. of Works: 1 No., 3. Estimated Cost: 68.31999 Lakh (Excluding GST), 4. Period of Completion: 180 Days, 5. Date & time of Bidding: From 11.00 A.M. of 16.12.2023 to 5.00 P.M. of 26.12.2023., 6. Last date & time for receipt of bids in the portal: 26.12.2023 upto 5.00 P.M., 7. Bids received online shall be opened on: 27.12.2023 at 11.00 A.M. onwards.

Further details can be seen from the procurement portal i.e. **https://tendersodisah.gov.in/nicgep/app.**

OIPR-13092/11/0020/2324 Sd./- Executive Officer, Vyasanagar Municipality

## BHUBANESWAR DEVELOPMENT AUTHORITY

AKASH SHOVA BUILDING, SACHIVALAYA MARG, BHUBANESWAR - 751001
PABX No. 0674-2392801/0998/6437, FAX No. 0674-2390633/085
Visit us at: http://www.bda.gov.in/

### INVITATION FOR BIDS

Bid Identification No. 1511/EM/BDA/2023-24 Date: 14.12.2023

No. CAD-3296: Engineer Member, BDA on behalf of Bhubaneswar Development Authority, Bhubaneswar invites percentage rate bids in Double Cover System in ONLINE MODE from eligible contractors for civil works as mentioned below.

1. Nature of works : Civil Work (Development of Playground)
2. Total No. of works : 02 (Two) Nos.
3. Amount put to tender : i. Rs.403.78 lakh; ii. Rs.397.48 Lakh
4. Class of Contractor : i. 'A' Class; ii. 'B' & 'A' Class
5. Period of Completion : 06 (Six) Calendar Months
6. Cost of Bid documents : Rs.10,000.00 + 18% GST = Rs.11,800.00 (Online transfer by the last date & time for receipt of bids)
7. Earnest Money Deposit (EMD): 1% of estimated cost put to tender (Online transfer by the last date & time for receipt of bids)
8. Availability of Tender : From 18.12.2023 to 5.00 P.M. of 01.01.2024 **https://tendersodisha.gov.in.**
9. Date of opening of tender : Dt.02.01.2024 at 11.30 A.M.
10. Place of opening of tender : O/o. Engineer Member, BDA, Bhubaneswar

Further details can be seen from the website: **https://tendersodisha.gov.in.** Any addendum/corrigendum/cancellation of tender can also be seen in the said website.

OIPR-13033/11/0527/2324 Sd./- Engineer Member, BDA, Bhubaneswar

## WORKS DEPARTMENT
## OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA

No. B-1458 E-Mail Id -eepwdrkl@gmail.com

### Government of Orissa
### "e" Procurement Notice

Bid Identification No. 99/2023-2024 Dated: 14.12.2023

1. Number of Works : 02 (Two) number of works
2. Estimated Cost : Rs.76.76 Lakhs to 81.68 Lakhs
3. Period of Completion : 4 (Four) to 6 (Six) Calendar Months
4. Date & time of availability of bid document in the Portal : Dt.21.12.2023 at 11.00 A.M.
5. Last date/time for receipt of bids in the Portal : Dt.03.01.2024 upto 05.00 P.M.
6. Date of opening of Bid : Dt.04.01.2024 at 11.00 A.M.
7. Name and Address of the Officer Inviting Bid : Superintending Engineer, (R&B) Division, Rourkela, Uditnagar

Further details can be seen from the e-procurement portal **http//tendersorissa.gov.in.**

Sd./- Superintending Engineer
Rourkela (R&B) Division, Rourkela
OIPR-34068/11/0028/2324

## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDHA, UNIT-V, BHUBANESWAR

E-mail ID: cebuildings_orissa@yahoo.co.in, Tel.: (0674) 2391523

No. B-IV-H-(ALMC)-35/23 Letter No. 53168 Dt. 12th December 2023

No. B-1447

### Invitation for Bids

Bid Identification No. C.E. (B) - 49/2023-24

| | | | |
|---|---|---|---|
| 1. | The Chief Engineer, Buildings on behalf of Governor of Odisha, invites bids from reputed Indian firms registered with the State Government and bidders of equivalent Grade/Class registered with Central Government/MES/Railways for the Building works (Modular OTs)on turneky basis (i.e. Establishment of Modular OTs in Teaching Hospitals). | | |
| 2. | Nature of Work | : | Building Work (Establishment of Modular OTs in Teaching Hospitals) |
| 3. | No. of Work | : | 05 Nos. |
| 4. | Bid Cost | : | Rs.10,000/- (Each) |
| 5. | Class of Contractor | : | 'A' / Special/Super Class |
| 6. | Availability of Bid documents in the website | : | From Dt.21.12.2023 to 05.30 P.M. of Dt.10.01.2024. |
| 7. | Pre-bid meeting | : | Dt.27.12.2023 at 11.00 A.M. |
| 8. | Last dt. of submission of hardcopy | : | Dt.16.01.2024 upto 5.30 P.M. |
| 9. | Date of opening of Bids | : | Dt.17.01.2024 at 11.30 A.M. |
| 10. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

Sd./- Chief Engineer Buildings, (I/C), Odisha
OIPR-34002/11/0003/2324

## BLOCK SWASTHYA SAMITI, PARJANG, DHENKANAL
## BLOCK PROGRAMME MANAGEMENT UNIT
## NATIONAL HEALTH MISSION

**Notice No. 449** **Date: 14.12.2023**

No. E-: Sealed tenders are invited from reputed agencies/individuals for engagement of Hiring the vehicle in the CHC Parjang. The details regarding application format, terms and conditions of the tenders may be download from district website i.e. **www.dhenkanal.nic.in.** The tenders should reach the office of the undersigned latest by 29.12.2023, 5 P.M. through Speed Post/Regd. Post/Courier only. The tenders will be opened on 30.12.2023 at 11 A.M. in the Office of the undersigned in presence of the bidders/authorized representative of the bidders. The undersigned is not responsible for any kind of postal delay and reserves all right to cancel any or all the tender at any stage of selection/finalization process without assigning any reason thereof. Any typographical error may be exempted.

Sd./- Medical Officer-in-Charge, CHC, Parjang
OIPR-10233/11/0005/2324

See Career Appointment on every Wednesday & Saturday

## OFFICE OF THE SUPERINTENDING ENGINEER
## RWSS DIVISION, BHUBANESWAR

Plot No. 1214(P), AT: Tapovan, P.O.: Khandagiri, Bhubaneswar-30
Tel.: (0674) 2384108, Fax: (0674) 2384108,
E-Mail: eebbsrrwss@gmail.com

### QUOTATION CALL NOTICE No. 14 of 2023-24

No. O-1818: The Executive Engineer, RWS&S Division, Bhubaneswar, Plot - 1214(Part), At: Tapovan, P.O.: Khandagiri, Bhubaneswar - 30 on behalf of Governor of Odisha invites item rate price bids in Offline mode from Authorised Dealer/Distribution/Supplier.

| | | |
|---|---|---|
| 1 | Nature of Work | Repair of vehicle bearing Regd. No. OD-02-Z-2345 (Indigo) |
| 2 | No. of Works | 01 (One) |
| 3 | Time for Completion | 15 (Fifteen) Days |
| 4 | Cost of Bidding Document | Rs.100.00 |
| 5 | The quotation document will be available in the O/o. Superintending Engineer, RWS&S Division, Bhubaneswar or can be downloaded from **www.khordha.nic.in** | Dt.16.12.2023 to 22.12.2023 upto 1.00 P.M. |
| 6 | Last date and time for submission of quotation papers in the quotation box kept in the Office of the Superintending Engineer, RWS&S Division, Bhubaneswar | Dt.22.12.2023 upto 4.00 P.M. |
| 7 | Date & time of opening of bids | Dt.26.12.2023 at 11.30 A.M. in the Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall appear in the Office notice board of the undersigned & **www.khordha.nic.in.**

Sd./- Executive Engineer
RWS&S Division, Bhubaneswar
OIPR-25011/11/0029/2324

No.C-2130:

www.watcoodisha.in

## GOVERNMENT OF ODISHA
## WATER CORPORATION OF ODISHA
## OFFICE OF THE GENERAL MANAGER, WATCO DIVISION, SAMBALPUR

Phone No.:(0663)-2412135, Email Id:eephdsbp@gmail.com

### NOTICE INVITING TENDERS
### NATIONAL COMPETITIVE BIDDING THROUGH e-Procurement

Bid Identification No.GMWATCOSBP-17/2023-24, Dt.14.12.2023

01. Name of the Work : 1 No. Work
02. Type of Bid : Two Bid System
03. Estimated Cost : Rs.88.88 Lakhs
04. Class of Contractor : Manufacturer
05. Period of Completion : 60 (Sixty) Days
06. Date & Time of availability of bid document in the portal : From 11.00 AM of dt.21.12.2023 to 5.00 PM of 06.01.2024
07. Last date/time of receipt of bids in the portal : 5.00 PM of 06.01.2024
08. Date & Time of opening of tender : At 11.30 AM of 08.01.2024
09. Name and Address of the Officer Inviting Bid : General Manager, WATCO Division Sambalpur, Brooks Hill, Near Stadium, At/Po-Motijharan Dist-Sambalpur-768001

Further details can be seen from the website **http://tenders.ori.nic.in** or **www.tendersorissa.gov.in.**

OIPR-13247/11/0021/2324 Sd./- General Manager, WATCO Division, Sambalpur

## OFFICE OF THE MUNICIPAL COUNCIL, SONEPUR

### "e" Procurement Notice

Bid Identification No.SNP-MUN-19/2023-24
TENDER ID: 2023_ORULB_98368
Tender Call Notice No.4710/Date:14.12.2023

**No.C-2127:** Bid documents consisting of Work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract & other necessary documents can be seen in Govt. website i.e. www.tendersodisha.gov.in.

1. Name of the Work : As per DTCN
2. No. of Works : 7 Nos.
3. Amount put to Tender : As per DTCN
4. Period of Completion : As per DTCN
5. Starting Date & Time of Bidding : From Dt.15.12.2023 from 11.00 A.M.
6. Last Date & Time for Receipt of tenders through online : On or before Dt.27.12.2023 upto 05.00 PM
7. Bids received online shall be opened on : On Dt.28.12.2023 at 11.00 AM
8. Name and address of the Officer Inviting Bid : Executive Officer Sonepur Municipality

Further details can be seen from the procurement portal i.e. www.tendersodisha.gov.in.

Sd./- Executive Officer
Sonepur Municipality
OIPR-13098/11/0019/2324

## BHUBANESWAR MUNICIPAL CORPORATION

e-Mail: ce@bmc.gov.in

### e-Procurement Notice

BID Identification No.23, Dt.14.12.2023

No. 59326 Dt.14.12.2023

No. C-: On behalf of the Commissioner, Bhubaneswar Municipal Corporation, City Engineer, BMC invites Percentage Rate Bids for the work mentioned below through e-Procurement in conformity with the terms and conditions of the Detailed Tender Call Notice (DTCN) in Two Bid System from intending bidders fulfilling the eligibility criteria mentioned in the DTCN. Each bid should be submitted online through the website **www.tendersodisha.gov.in** by eligible bidders.

1. No. of Works : 2 (Two) Nos.
2. Estimated Cost : Rs.277.34 Lakhs & 297.74 Lakhs
3. Class of Contractor : "B" & "A" Class
4. Period of Completion : 03 (Three) Calendar Months
5. Date and Time of availability of Bid document in the portal : From 5.00 P.M. of 16.12.2023 to 05.00 P.M. of 30.12.2023
6. Last date/time of submission of bids in the portal : 05.00 P.M. of 30.12.2023
7. Date of opening of Technical Bid from portal : 01.01.2024 (11.30 A.M. onwards)
8. Date of Opening of Financial Bid : Will be communicated later

Further details can be seen from the e-Procurement portal **https://www.tendersodisha.gov.in.** Any addendum/corrigendum/cancellation of tender can also be seen in the said website.

Sd./- City Engineer
OIPR-13002/11/0235/2324 Bhubaneswar Municipal Corporation

No.C-2122:

## OFFICE OF THE NOTIFIED AREA COUNCIL, KASHINAGAR

e-mail:- kasinagarn.hud@nic.in
Notice No.2096, Dt.14.12.2023

### E-Procurement Notice
### Bid Identification No. KNGR/NAC/05/2023-24

NAME OF WORK : Engagement of Sanitation Outsourcing Agency for door to door garbage collection of waste, street sweeping, cleaning of drains, spraying of bleaching powder, other disinfectants, fogging of mosquito chemicals, bush cutting and cleaning and sanitation service (Day and Night) etc. including waste collection, dry and solid waste separation, packing / packaging of solid waste and stacking with primary and secondary transportation of waste to designated location under Solid Waste Management Rules 2016 including supplying the following vehicles and ancillaries including all cost and conveyance taxes etc. for NAC, Kashinagar

Cost of tender schedule: Rs. 5,000.00, Cost of EMD : Rs. 50,000.00

Date and Time of availability of the Documents in the e-Tender portal : 15.12.2023 from 10.00 AM to 24.12.2023 up to 06.00 PM. Last Date of Receipt of Documents (Only By Registered Post/Speed Post/Person): 27.12.2023, 5.00P.M. Date & Time of Opening : 28.12.2023,11.00A.M. Further details can be seen from the e-procurement portal i.e.https://tendersodisha.gov.in/nicgep/app.

OIPR-13116/11/0008/2324 Executive Officer, NAC, Kashinagar

## OFFICE OF THE SUPERINTENDING ENGINEER, BHUBANESWAR (R&B) DIVISION NO II, BHUBANESWAR

eerb2_bbsr@yahoo.com

### INVITATIONS FOR BIDS THROUGH e-Procurement

Bid Identification No- C.C. (R&B) - 02

### e – Procurement Notice No. 54 of 2023-24

No. B-1460: The Superintending Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for Four Number Works to be received in online bidding, Single & Double cover system as detailed in: **https://tendersorissa.gov.in.** The details of bid documents will be available in the above website from **19.12.2023 to 5.00 P.M. of 26.12.2023.** The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 27.12.2023 in the Office of the Superintending Engineer, Bhubaneswar (R&B), Division No-II, Bhubaneswar. Further details can be seen from the e-procurement portal **www.tendersorissa.gov.in.** Addendum / Corrigendum, if required, will be available only in the Website.

Sd./- Executive Engineer,
BBSR (R&B) Division No.II, BBSR
OIPR-34088/11/0035/2324

## ନିୟନ୍ତ୍ରିତ ବଜାର କମିଟି, କୋରାପୁଟ

**No.CAD-** ଏତଦ୍ୱାରା କୋରାପୁଟ ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ବର୍ଷ ୨୦୨୩-୨୪ ଖରିଫ ଋତୁ ପାଇଁ ଆସନ୍ତା ତା.୧୪.୧୨.୨୦୨୩ ରିଖ ଠାରୁ ୧୩ ଗୋଟି ଲ୍ୟାମ୍ପସ ଜରିଆରେ ୨୮ ଗୋଟି କେନ୍ଦ୍ରରେ ଧାନ କ୍ରୟ କରାଯିବ । ଶୁଖିଲା, ପରିଷ୍କାର, ସମାନ ଆକୃତି ବିଶିଷ୍ଟ, ଏକ କିସମ ଧାନ ଯଥା (FAQ) ମାନର ହୋଇଥିବା ଆବଶ୍ୟକ । ସମସ୍ତ ଚାଷୀ ଭାଇ ଭଉଣୀମାନଙ୍କୁ ଅନୁରୋଧ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଟୋକେନ ମାଧ୍ୟମରେ ସେମାନେ ନିକଟସ୍ଥ ଲ୍ୟାମ୍ପ ଜରିଆରେ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ଧାନ ବିକ୍ରୟ କରନ୍ତୁ ।

FAQ ମାନ ଧାନର ସରକାରୀ ସହାୟକ ମୂଲ୍ୟ

| ଧାନର କିସମ | କୁଇଣ୍ଟାଲ ପ୍ରତି ଦର |
|---|---|
| ସାଧାରଣ ଧାନ | ଟ.୨୧୮୩.୦୦ |
| A ଗ୍ରେଡ୍ ଧାନ | ଟ.୨୨୦୩.୦୦ |

ସହାୟକ ମୂଲ୍ୟ ପାଇଁ ଧାନର ଅନୁମୋଦିତ ବାହ୍ୟ ପଦାର୍ଥ ଓ ଜଳୀୟ ଅଂଶର ହାରାହାରି ମାନ (FAQ) ନିମ୍ନମତେ ହେବା ଦରକାର ।

| | | |
|---|---|---|
| ୧ | ବାହ୍ୟ ପଦାର୍ଥ ଯଥା -ମାଟି, ଗୋଡ଼ି, ବାଲି ଓ ଗୁଣ୍ଡା ଇତ୍ୟାଦି | ୧% (ଏକ ଶତାଂଶ) |
| ୨ | ବାହ୍ୟ ପଦାର୍ଥ ଯଥା-କାଠି, କୁଟା ଓ ଅଗାଡି ଇତ୍ୟାଦି | ୧% (ଏକ ଶତାଂଶ) |
| ୩ | ନିକୃଷ୍ଟ, ବେରଙ୍ଗୀ, ପୋକା ଓ ପାଣିଫୁଲା ଧାନ ସର୍ବାଧିକ ମିଶ୍ରଣ | ୫% (ପାଞ୍ଚ ଶତାଂଶ) |
| ୪ | ଅପରିପକ୍ୱ, ମଲା ବା ଚାଉଳ ବାହାରୁନଥିବା ଧାନ | ୩% (ତିନି ଶତାଂଶ) |
| ୫ | ଗ୍ରେଡ୍ A ଧାନରେ ସାଧାରଣ ଧାନ ମିଶ୍ରିତ | ୬% (ଛ ଶତାଂଶ) |
| ୬ | ଜଳୀୟ ଅଂଶ | ୧୭% (ସତର ଶତାଂଶ) |

କେଉଁ କେଉଁ ବାରରେ କେଉଁ କେଉଁ ମଣ୍ଡିରେ ଧାନ କ୍ରୟ କରାଯିବ

| କ୍ରମିକ ସଂଖ୍ୟା | ବାରର ନାମ | ଧାନ ମଣ୍ଡିର ନାମ |
|---|---|---|
| ୧ | ସୋମବାର | ମହାଦେଇପୁଟ, ସୁବାଇ, ଦୁମ୍ବାଗୁଡା, ପୋଡଗଡ, ନୀଳାବାଡି |
| ୨ | ମଙ୍ଗଳବାର | ଡୁମୁରିପୁଟ, ଲମତାପୁଟ, ଏ ମାଲକାନଗିରି, କାକୀରିଗୁମ୍ମା, ନାରାୟଣପାଟଣା, ନୀଳାବାଡି, ପଟାଙ୍ଗୀ, ନନ୍ଦପୁର, ବାଲଡା |
| ୩ | ବୁଧବାର | ଦଶମନ୍ତପୁର, ଲୁଲା, ଲକ୍ଷ୍ମୀପୁର, ବଳିପେଟା, ଆଳମଣ୍ଡା,ସୁଙ୍କି |
| ୪ | ଗୁରୁବାର | ବଳିପେଟା, ରାଇସିଙ୍ଗ, କୁଲାବୀର |
| ୫ | ଶୁକ୍ରବାର | ପାଲିବା, କୁନ୍ଦୁଲି, ଦୁଆରଶୁଣୀ, ଚମ୍ପି, ପୋଡପଦର, କୁମ୍ଭାରିପୁଟ, ପଟାଙ୍ଗି, ନନ୍ଦପୁର |
| ୬ | ଶନିବାର | କୁମ୍ଭାରିପୁଟ, ପୁକାଲି |

ସ୍ୱା./-ଉପଜିଲ୍ଲାପାଳ, କୋରାପୁଟ ଓ ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, କୋରାପୁଟ
OIPR-07022/11/0002/2324

## GOVERNMENT OF ODISHA
## OFFICE OF THE EXECUTIVE ENGINEER RURAL WORKS DIVISION, RAYAGADA

e-mail Id:rw_rayagada@yahoo.co.in

Letter No.4007 **1st Corrigendum** Date:11.12.2023

**No.O-1811:** In Continuation to this office Bid Identification No.EERWRGD-Online-05/2023-24 invited vide this office letter No.3729, dated 21.11.2023 partial modification of TCN has been made as follows:

| Sl. No. | Item | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of Tender online for bidding | 01.12.2023 at 11.00 AM to 11.12.2023 upto 5.00 PM | 26.12.2023 at 11.00 AM to 05.01.2024 upto 5.00 PM |
| 2 | Date & Time of opening of tender | 12.12.2023 at 11.00 AM | 06.01.2024 at 11.00 AM |

All other terms and conditions remain unchaged.

Sd./- Executive Engineer, Rural Works Division, Rayagada
OIPR-25072/11/0013/2324

CAD-3303

## ଓଡ଼ିଶା ଉଠା ଜଳସେଚନ ନିଗମ

(ଓଡ଼ିଶା ସରକାରଙ୍କ ଏକ ସଂସ୍ଥା)
ଏନ୍-୧୭/୨, ନୂଆପଲ୍ଲୀ, ଭୁବନେଶ୍ୱର
ଡିପ୍ ବୋରୱେଲ୍ (ବିଦ୍ୟୁତ ଚାଳିତ/ ସୌର ଚାଳିତ)

ବିଜୁ କୃଷକ ବିକାଶ ଯୋଜନା- ଡିପ୍ ବୋରୱେଲ୍ ସେଚ କାର୍ଯ୍ୟକ୍ରମରେ ବିଦ୍ୟୁତ ସଂଯୋଗ/ ସୌର ଶକ୍ତି ପମ୍ପ ଜରିଆରେ ଗଭୀର ନଳକୂପ ପ୍ରକଳ୍ପ ପାଇଁ ଯେଉଁ ଚାଷୀମାନେ ନିର୍ଦ୍ଧାରିତ ସମୟ ତା୦୪.୧୨.୨୦୨୩ରିଖ ଠାରୁ ତା୧୬.୧୨.୨୦୨୩ରିଖ ମଧ୍ୟରେ online ମାଧ୍ୟମରେ ଦରଖାସ୍ତ ଆବେଦନ କରିଛନ୍ତି, ସେମାନେ ନିଜର ଅଂଶଧନ (Beneficiary share) ବାବଦକୁ ଟ୨୦,୦୦୦/- ଙ୍କା (ସାଧାରଣ ବର୍ଗ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ) ଓ ଟ୧୦,୦୦୦/- ଙ୍କା (ବି.ପି.ଏଲ. ତାଲିକାଭୁକ୍ତ SC/ST ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ) Union Bank of Indiaର ନିର୍ଦ୍ଧାରିତ ଶାଖାରେ ଆସନ୍ତା ତା୨୨.୧୨.୨୦୨୩ ରିଖ ପର୍ଯ୍ୟନ୍ତ ଦାଖଲ କରିପାରିବେ ।

ଏ ସମ୍ପର୍କିତ ଅନ୍ୟାନ୍ୟ ତଥ୍ୟ ଓ ନିୟମାବଳୀ ବିଷୟରେ ନିକଟସ୍ଥ ଉଠାଜଳସେଚନ ବିଭାଗ କାର୍ଯ୍ୟାଳୟରେ ଅବଗତ ହେବାକୁ ଚାଷୀମାନଙ୍କୁ ଅନୁରୋଧ କରାଯାଉଅଛି ।

OIPR-32432/11/0043/2324 ସ୍ୱା./-ପରିଚାଳନା ନିର୍ଦ୍ଦେଶକ

## GRIDCO LIMITED

GRIDCO Empowering Odisha

( A Govt. of Odisha Undertaking)
Regd. Office : Janpath, Bhubaneswar-751022, ODISHA
CIN : U40109OR1995SGC003960

Advt.No.HR/04 No. CAD- Dated 15.12.2023

### ADVERTISEMENT FOR ENGAGEMENT OF SECRETARIAL STAFF TO DIRECTORS ON CONTRACTUAL BASIS

GRIDCO Limited (GRIDCO) a wholly owned Government of Odisha Undertaking is engaged in the business of Bulk Purchase of power from various generators located in & outside Odisha and supply the Power in bulk to Distribution Companies of Odisha & sale of surplus power.

GRIDCO invites application from Retired Sr. Private Secretary (Sr.PS), Private Secretary (PS), Personal Assistant (PA) or equivalent from Govt. of Odisha or Central/ State PSUfor the following postson contractual basis for its Corporate Office at Bhubaneswar having good service records and physically fit for the post.

| NAME OF THE POST | NO. OF VACANCY |
|---|---|
| Secretarial Staff to Directors | 02 |

Detailed terms and conditions of appointment along with mode of application is available at https://www.gridco.co.in. Interested candidates,fulfilling the eligibility criteria are required to send their resume in the prescribed application format along with enclosures by Speed Post or Registered Post only which should reachto the undersigned by 26.12.2023 positively.

Sd/
OIPR-04056/11/0016/234 Dy. General Manager (HRD)

## ODISHA PUBLIC SERVICE COMMISSION

### ADVERTISEMENT No. 18 of 2023-24
### SHORT ADVERTISEMENT

**Recruitment to the Posts of Principal, One each in Parala Maharaja Engineering College, Berhampur, Government College of Engineering, Keonjhar and Government College of Engineering, Kalahandi.**

No. D-: Online applications are invited from eligible Indian Nationals through proforma application form to be made available in the Website of the Commission **(http://opsc.gov.in)** for the Post of Principal, 01 (One) each in Parala Maharaja Engineering College, Berhampur, Government College of Engineering, Keonjhar and Government College of Engineering, Kalahandi in the scale of pay of Rs.1,44,200/-, Pay Level-14 as per ORSP (for teachers of Engineering College/Degree level Technical Institutions/Universities), with DA as admissible from time to time. **The link for online application and submission shall be available from 27.12.2023 to 29.01.2024 [Note- 29.01.2024 is the last date for submission of Registered Online Application]**

2. **VACANCY POSITION:**
   As per the requisition filed by the Skill Development & Technical Education Department, Government of Odisha, total of **03 (Three)** vacancies, are reserved for UR Category.
   The details of vacancies and reservation status are shown in the long advertisement available at OPSC webportal **www.opsc.gov.in**.
3. **AGE:**
   A candidate should be of 54 years of age or below as on the last date of receipt of online application i.e. 29.01.2024.
   The Principal shall be appointed for a period of 5 years.
4. **Essential qualification and eligibility criteria (as on the last date of receipt of application):**
   a) Ph.D Degree and First Class or equivalent at either Bachelor's (BE/B.Tech) or Master's level (M.Tech/ME) in the relevant branch.
   b) At least two successful Ph.D guided as Supervisor/Co-Supervisor and minimum 8 research publications in SCI journals/UGC/AICTE approved list of journals.
   c) Minimum 15 years of experience in teaching/research/industry, out of which at least 3 years shall be at the post equivalent to that of Professor. (Level 14, entry pay Rs.1,44,200/-).
4. **Method of Selection:**
   The selection of candidates for recruitment to the posts shall be made on the basis of Interview.

**N.B.: The link for online application and submission shall be available from 27.12.2023 to 29.01.2024 in the website (Note: 29.01.2024 is the last date for submission of Registered Online Application).**

The candidates are advised to visit the Website of the Commission at **http://opsc.gov.in** for detailed information for applying to the above post.

OPSC, CUTTACK Sd./- SECRETARY
DATE: 15.12.2023 ODISHA PUBLIC SERVICE COMMISSION, CUTTACK
OIPR-12002/11/0122/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଡୁଡୁଲ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୂର୍ବ ପାକିସ୍ତାନ ହୋଇଥିଲା ବାଂଲାଦେଶ

## ବିଜୟ ଦିବସ

୧୯୭୧ ପାକିସ୍ତାନ ସହିତ ଯୁଦ୍ଧରେ ଭାରତୀୟ ସଶସ୍ତ୍ର ବାହିନୀର ବିଜୟକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ଡିସେମ୍ବର ୧୬ରେ ବିଜୟ ଦିବସ ପାଳନ କରାଯାଇଥାଏ। ଏହି ଅବସରରେ ଦେଶକୁ ରକ୍ଷା କରି ବଳିଦାନ ଦେଇଥିବା ସମସ୍ତ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥାଏ।

୧୯୭୧ ଡିସେମ୍ବର ୧୬ରେ, ଭାରତ ୧୩ ଦିନ ଯୁଦ୍ଧ ପରେ ପାକିସ୍ତାନକୁ ପରାଜିତ କରିଥିଲା। ୯୩ ହଜାର ପାକିସ୍ତାନୀ ସୈନ୍ୟଙ୍କ ସହିତ ପାକିସ୍ତାନୀ ସୈନ୍ୟ ବାହିନୀ ମୁଖ୍ୟ ଜେନେରାଲ ଆମିର ଅବଦୁଲ୍ଲା ଖାଁ ନିଆଜି ଭାରତୀୟ ସେନା ମୁଖ୍ୟ ଜେନେରାଲ ଜଗଜିତ ସିଂ ଅରୋରା ଏବଂ ବାଂଲାଦେଶର ମୁକ୍ତି ବାହିନୀର ମିଳିତ ସୈନ୍ୟଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ସର୍ବବୃହତ୍ ସାମରିକ ଆତ୍ମସମର୍ପଣ ଥିଲା।

ପାକିସ୍ତାନୀ ସୈନ୍ୟଙ୍କ ଏକପାଖିଆ ଏବଂ ସର୍ତ୍ତମୂଳକ ଆତ୍ମସମର୍ପଣ ସହିତ ପୂର୍ବ ପାକିସ୍ତାନ ବାଂଲାଦେଶ ଭାବେ ପୃଥକ ହୋଇଥିଲା। ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପୂର୍ବ ପାକିସ୍ତାନ ବା ବାଂଲାଦେଶର ମୁକ୍ତି ସଂଗ୍ରାମକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଥିଲେ, ଯାହା ଫଳରେ ଏହା ଏକ ସ୍ୱାଧୀନ ଦେଶର ମାନ୍ୟତା ଲାଭ କରିଥିଲା।




# ମା' ହେଲେ ଅଭିନେତ୍ରୀ ସୁଗନ୍ଧା

**ମୁମ୍ବାଇ:** ପ୍ରସିଦ୍ଧ ହାସ୍ୟ ଅଭିନେତ୍ରୀ ସୁଗନ୍ଧା ମିଶ୍ରା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି । ଇନଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରି ସୁଗନ୍ଧାଙ୍କ ସ୍ୱାମୀ ଡକ୍ଟର ସଙ୍କେତ ଭୋସଲେ ପ୍ରଶଂସକଙ୍କ ସହ ଖୁସି ଖବର ଶେୟାର କରିଛନ୍ତି। ଉଭୟ ନିଜ ଝିଅର ଝଲକ ଦେଖାଇଛନ୍ତି, ଯଦିଓ ସେମାନେ ଶିଶୁର ମୁହଁକୁ ହାର୍ଟ ଇମୋଜି ସହିତ ଲୁଚାଇ ରଖିଥିଲେ। ଏହି ଭିଡିଓ ଶେୟାର କରି ଡକ୍ଟର ଭୋସଲେ କ୍ୟାପସନରେ ଲେଖିଛନ୍ତି, ୟୁନିଭର୍ସ ଆମକୁ ସବୁଠାରୁ ସୁନ୍ଦର ଚମତ୍କାର, ଆମ ପ୍ରେମର ପ୍ରତୀକ ଭାବରେ ଆଶୀର୍ବାଦ ଦେଇଛି .. ଆମେ




ଏକ ସୁନ୍ଦର ଶିଶୁ କନ୍ୟା ସହିତ ଆଶୀର୍ବାଦ ପ୍ରାପ୍ତ ହୋଇଛୁ। ଦୟାକରି ଆପଣଙ୍କର ପ୍ରେମ ଏବଂ ଆଶୀର୍ବାଦ ଦେଉଥାଆନ୍ତୁ।

# ସଦ୍ଦାମ ହୁସେନଙ୍କ ସୁନାର ବନ୍ଧୁକ

ବାଗଦାଦ

ଦଶନ୍ଧି ଧରି ଇରାକକୁ ଶାସନ କରୁଥିବା ସଦ୍ଦାମ ହୁସେନ ତାଙ୍କର ମହଙ୍ଗା ଜୀବନଶୈଳୀ ପାଇଁ ବେଶ୍ ଜଣାଶୁଣା ଥିଲେ। ସେ ବିଳାସପୂର୍ଣ୍ଣ କାର, ବିମାନ, ବନ୍ଧୁକ ଏବଂ ଅଳଙ୍କାରକୁ ବହୁତ ଭଲ ପାଉଥିଲେ। ସେ ଏକ ଭାସମାନ ପ୍ରାସାଦ ନିର୍ମାଣ କରିଥିଲେ। ସେଠାରୁ କ୍ଷେପଣାସ୍ତ୍ର ମଧ୍ୟ ଉତକ୍ଷେପଣ କରାଯାଇପାରେ। ୨୦୦୩ରେ ସଦ୍ଦାମଙ୍କୁ ଫାଶୀ ଦିଆଯାଇଥିଲା, କିନ୍ତୁ ତାଙ୍କ ସମ୍ପତ୍ତିର କାହାଣୀ ଏବେ ବି ବିଶ୍ୱରେ ପ୍ରସିଦ୍ଧ। ତାଙ୍କର ସୁନାର ବନ୍ଧୁକ ପ୍ରଥମ ଥର ପାଇଁ ବିଶ୍ୱ ସାମ୍ନାକୁ ଆସିଛି। ବିଶ୍ୱାସ କରାଯାଏ ଯେ ସଦ୍ଦାମ ଏହାକୁ କାହାକୁ ଉପହାର ଦେଇଛନ୍ତି। ସଦ୍ଦାମ ହୁସେନଙ୍କ ମୃତ୍ୟୁ ପରେ ତାଙ୍କ ପ୍ରାସାଦରୁ ଅନେକ ସୁନା ବନ୍ଧୁକ ଉଦ୍ଧାର କରାଯାଇଥିଲା। ଏହି ଏକେ-୪୭ ରାଇଫଲ ମଧ୍ୟରୁ ଗୋଟିଏ ରୟାଲ ଆର୍ମୋରୀ ଅଫ୍ ଲିଡ୍ସର ଏକ ପ୍ରଦର୍ଶନୀରେ ରଖାଯାଇଛି। ସଂଗ୍ରହାଳୟର ସୂଚନା ଅନୁଯାୟୀ, ୨୦୦୩ରେ ହିଥ୍ରୋ ବିମାନବନ୍ଦରରେ ବ୍ରିଟିଶ କଷ୍ଟମ୍ସ ବିଭାଗ ଦ୍ୱାରା ସୁବର୍ଣ୍ଣ ଏକେ-୪୭ ରାଇଫଲ ମିଳିଥିଲା।

ବୋଧହୁଏ ଏହା ସଦ୍ଦାମ ହୁସେନଙ୍କ ପ୍ରାସାଦରୁ ଉଦ୍ଧାର କରାଯାଇଥିଲା। ଏହାକୁ



ଆମେରିକାର ରକେଟଚାଳିତ ଗ୍ରେନେଡ ଲଞ୍ଚର, ୬ଟି ବନ୍ଧୁକ ଏବଂ ସ୍ନାଇପର ରାଇଫଲ ସହିତ ପଠାଯାଇଥିଲା। କଷ୍ଟମ୍ସ ଅଧିକାରୀଙ୍କ ହେପାଜତକୁ ଆସିବା ପରେ ଏହି ସମସ୍ତ ସାମଗ୍ରୀ ଗୋଟିଏ ପ୍ୟାକେଟରେ ଥିଲା। ସଂଗ୍ରହାଳୟ ସୂଚନା ଅନୁଯାୟୀ ୨୦୦୩ରେ ଇରାକ ଉପରେ ଆକ୍ରମଣ ସମୟରେ ରାଜପ୍ରାସାଦରୁ ଡଜନେ ସୁନା ରାଇଫଲ ମିଳିଥିଲା। ଲୋକମାନଙ୍କୁ ଉପହାର ଦେବା ପାଇଁ ସଦ୍ଦାମ ଏସବୁ ପ୍ରସ୍ତୁତ କରିଥିଲେ। ଆରବ ଦେଶମାନଙ୍କରେ ଉପହାରକୁ ୱାଷ୍ଟା କୁହାଯାଏ। ଏହା ରାଜା, ରାଜ୍ୟ ମୁଖ୍ୟ, ଉଚ୍ଚ ପ୍ରୋଫାଇଲ ଜେନେରାଲ, କୂଟନୀତିଜ୍ଞ ଏବଂ ବିଶ୍ୱର ସବୁଠାରୁ ଧନୀ ଲୋକଙ୍କୁ ଦିଆଯାଇଥିଲା। ଏଥିରେ ଏକ ହୀରା ସହ ଜଡିତ ସ୍ମିଥ ଆଣ୍ଡ ୱେସନ ରିଭଲଭର ମଧ୍ୟ ଅନ୍ତର୍ଭୁକ୍ତ। ସଂଗ୍ରହାଳୟର ନିର୍ଦ୍ଦେଶକ ନଟ ଏଡୱାର୍ଡସଙ୍କ ଅନୁଯାୟୀ, ଏହା ବିରଳ ଅସ୍ତ୍ର, ଯାହା ଅତ୍ୟନ୍ତ ଚମତ୍କାର ଦେଖାଯାଏ। ପ୍ରଥମ ଥର ପାଇଁ ଏଭଳି ରାଇଫଲ ବିଶ୍ୱ ଆଗରେ ଦେଖାଦେଇଛି।

# ଅଗସ୍ତ୍ୟଙ୍କୁ ମିଳିଲା ଆଉ ଏକ ଅଫର୍

ମୁମ୍ବାଇ




ଅମିତାଭ ବଚ୍ଚନଙ୍କ ନାତି ତଥା ଶ୍ୱେତା ବଚ୍ଚନଙ୍କ ପୁଅ ଅଗସ୍ତ୍ୟ ନନ୍ଦା ନିକଟରେ ମେଘନା ଗୁଲଜାରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଦି ଆର୍ଚିଜ' ସହିତ ବଲିଉଡରେ ଡେବ୍ୟୁ କରିଛନ୍ତି। ଏହି ଫିଲ୍ମଟି ନେଟଫ୍ଲିକ୍ସରେ ଡିସେମ୍ବର ୭ରେ ମୁକ୍ତିଲାଭ କରିଥିଲା। ଏହି ଫିଲ୍ମରେ ଅଗସ୍ତ୍ୟଙ୍କ ଅଭିନୟକୁ ବହୁତ ପ୍ରଶଂସା କରାଯାଉଛି। 'ଦି ଆର୍ଚିଜ' ରିଲିଜ ହେବା ସହିତ ଅଗସ୍ତ୍ୟଙ୍କୁ ଆଉ ଏକ ବଡ଼ ଅଫର୍ ମିଳିଛି। ତାଙ୍କୁ ଶ୍ରୀରାମ ରାଘବନଙ୍କ ଫିଲ୍ମ 'ଇକ୍କିସ'ରେ ଦେଖିବାକୁ ମିଳିବ। ଏହି ଫିଲ୍ମ ୧୯୭୧ ଯୁଦ୍ଧ ହିରୋ ଅରୁଣ ଖେତ୍ରପାଲଙ୍କ ବାୟୋପିକ୍। ଭେଟେରାନ ଅଭିନେତା ଧର୍ମେନ୍ଦ୍ର ମଧ୍ୟ ମୁଖ୍ୟ ଭୂମିକାରେ ରହିବେ ବୋଲି କୁହାଯାଉଛି। ଅଗସ୍ତ୍ୟ ନିକଟରେ ଜୋୟା ଅଖତରଙ୍କ 'ଦି ଆର୍ଚିଜ' ସହିତ ତାଙ୍କର ଅଭିନୟ ଜୀବନ ଆରମ୍ଭ କରିଛନ୍ତି। ଏହି ଫିଲ୍ମରେ ଶାହାରୁଖ ଖାନ୍‌ଙ୍କ ଝିଅ ସୁହାନା ଖାନ୍ ଏବଂ ଖୁସି କପୁର ମଧ୍ୟ ବଲିଉଡରେ ଡେବ୍ୟୁ କରିଛନ୍ତି।


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SC/ST ଛାତ୍ରୀ ମାନଙ୍କ ପାଇଁ Course Fee ସଂପୂର୍ଣ୍ଣ ମାଗଣା
ନାମଲେଖା ଚାଲୁଅଛି !
ଶିକ୍ଷାବର୍ଷ: ୨୦୨୩-୨୪
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
ANM
Duration 2 yrs, Qualification +2 (Any Stream)
Practical at DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଲୋନ୍! ଲୋନ୍! ଲୋନ୍!
ଭାରତର No.1 କମ୍ପାନୀ
Global Finance (Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କଶିଟ୍, ପ୍ରପର୍ଟି, ସବୁ ଲୋନ୍
2% ସୁଧ 40% ଛାଡ଼
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686



୧୧ତମ ଜନ୍ମଦିନ ଶୁଭେଚ୍ଛା



ଜ୍ୟୋତିଷ୍କା ଶତପଥୀ (ଡୁଡୁଲ)
ପୋଖରୀପୁଟ, ଭୁବନେଶ୍ୱର
ଜଗତରନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ: ନନା, ବୋଉ, ଆଇ, ମାମୁ, ଜିନୁଆଇ, ପପୁମାମୁ, ବାବା, ମମି, ଖୁସିଦିଦି, ଲୁସିଦିଦି, ନାନୀ, ପିଇସା, ପାପା, ମାମା।
ଧ-୨୦୨୫


# ପ୍ରେମିକା ସାଜି ରୋଜଗାର



ଏକବିଂଶ ଶତାବ୍ଦୀର ଝିଅମାନେ ଆଉ ପୂର୍ବପରି ନାହାନ୍ତି। ସେମାନେ ପୁଅମାନଙ୍କ ପରି ସମାନ ଭାବରେ ଅଧ୍ୟୟନ କରୁଛନ୍ତି, ବୁଲୁଛନ୍ତି, ଚାକିରି କରୁଛନ୍ତି। ଅଧିକାଂଶ ମହିଳା ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ଜୀବନ ବିତାଉଛନ୍ତି। ଏମିତି ଜଣେ ଯୁବତୀ ଅଛନ୍ତି ଯିଏ ତାଙ୍କର ସମସ୍ତ ଖର୍ଚ୍ଚ ତାଙ୍କ ପ୍ରେମିକଙ୍କଠାରୁ ହିଁ ଉଠାନ୍ତି। ୨୫ ବର୍ଷୀୟା ୟେଲେନା ଲାଲା ନିଜ ପାଇଁ ଏକ ଭିନ୍ନ କ୍ୟାରିୟର ବାଛିଛନ୍ତି। ଉଚ୍ଚଶିକ୍ଷିତା ୟେଲେନା ପ୍ରେମିକା ସାଜି ପ୍ରଚୁର ଟଙ୍କା ରୋଜଗାର କରନ୍ତି।

ୟେଲେନା ଲାଲା ତାଙ୍କ ପ୍ରେମିକଙ୍କ ନାମ ପ୍ରକାଶ ନ କରି କହିଛନ୍ତି, ସେ ୩୪ ବର୍ଷୀୟ ଜଣେ ଯୁବକଙ୍କୁ ପ୍ରେମ କରନ୍ତି ଯିଏ ନ୍ୟୁୟର୍କର ଟେକ୍ ଇଣ୍ଡଷ୍ଟ୍ରିରେ କାମ କରନ୍ତି। ୨୦୨୦ ସେପ୍ଟେମ୍ବରରେ ସେମାନଙ୍କର କଥାବାର୍ତ୍ତା ଆରମ୍ଭ ହୋଇଥିଲା ଏବଂ ସେବେଠାରୁ ସେ ୟେଲେନାଙ୍କୁ ଆର୍ଥିକ ସହାୟତା କରି ଆସୁଛନ୍ତି। ସେମାନେ ଏକାଠି ୫୫ଟି ଦେଶ ବୁଲିଲେଣି। ବୁଲିବାରେ ବର୍ଷକୁ ପ୍ରାୟ ୩ କୋଟି ଟଙ୍କା ଖର୍ଚ୍ଚ ହୋଇଥାଏ, ପ୍ରେମିକ ଖର୍ଚ୍ଚ କରିଥାନ୍ତି। ୟେଲେନା କହିଛନ୍ତି, ସେ ସବୁବେଳେ ଆରାମଦାୟକ ଜୀବନଯାପନ କରିବାକୁ ଚାହୁଁଥିଲେ।


# Classified Everyday
0674-2580101, 2549949




SALE

Ready to move in flat (2BHK 1400sqft.) within 1k.m. from AIIMS Hospital maingate, Bhubaneswar is available for sale (around Rs.-76lakh). Contact- 9861049958, 6370787844. D-75508

2BHK flat and one gharabari plot sale Pahala Location- 7008492511. D-2031

Duplex sale 57,00,000/- and plot sale near AIIMS Hospital, Bhubaneswar. 9777433701. D-75281

ଜଗଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର-500/-, ନକ୍ସା- SC/ General- sqft.-300/-, 9348232008. D-75279

Commercial plot, facing to NH Road Nakhara to Niali NH 10000sqft., 3sides road, residential cum commercial plot 3250sft., Residential plot in a Brahmin Complex 5700sft., Residential plot near Petal English Medium School 650/- sft. with boundarywall at Brahmanjharilo, Cuttack, 11 K.M. to BBSR. Personal plots, No builders. 7809525452. D-75081

Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 7008459987. D-75272

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919




Full Body massage by experience therapist @999 only- 9078484455 (Bhubaneswar). D-1928

Ashirvaad Salon and SPA get good massage for your health tha best therapy. 7077181074. D-75080

Relax, refresh your body, mind by expert therapist. Contact- 8338800330. D-75175

Newly healthcare benefited SPA experience therapist in Bhubaneswar. Contact- 9938843929. D-75177

Spa Kerala body Massage best Therapist @699/- Bhubaneswar. Kajal- 9337672475. D-1999

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75081




କାର ୱାସିଂ ସର୍ଭିସିଂ, ଭୁବନେଶ୍ୱର, ଯୋଗାଯୋଗ- 9777097322. D-2000

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## AFFIDAVIT

I, Laxmidhar Sankhua alias Harihar Sankhua(41yrs), S/o-Gangadhar Sankhua, Vill-Kunkipada, P.O-Aliha, P.S-Simulia, Dist.-Balasore. I have an LIC Policy bearing No.-585932933, where my name is Laxmidhar Sankhua. But in my Bank Passbook my name is Harihar Sankhua. I declare that Laxmidhar Sankhua @ alias Harihar Sankhua is same and one person. D-2030

Affidavit before Executive Magistrate, Dhenkanal, I Gitanjali Barik solemnly declared that after my marriage to Ashis Ranjan Satapathy, my name has changed from Gitanjali Barik, D/o- Pramod Kumar Barik of Khamarsahi Dakhinakali Road, Dhenkanal to Gitanjali Satapathy. Gitanjali Barik and Gitanjali Satapathy is one and same person. Henceforth from now I shall be known as Gitanjali Satapathy, W/o. Ashis Ranjan Satapathy, Village-Rameswarpur, PS-Town, District- Dhenkanal for all purposes. D-75411

## ମନେ ପଡ଼ନ୍ତି

ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ଏଆଦିତ୍ୟ ରଞ୍ଜନ ମାର୍ଥା
ଖୁଦୁପୁର, ଜଟଣୀ, ଖୋର୍ଦ୍ଧା
ଆବିର୍ଭାବ- ୦୮।୦୬।୨୦୦୨
ତିରୋଧାନ- ୨୭।୧୧।୨୦୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଆମ ସମସ୍ତଙ୍କ ପ୍ରିୟ ଆଦିତ୍ୟ (ବଣ୍ଟି) ଆମଠାରୁ ଚାଲି ଯିବାର ବର୍ଷଟିଏ ବିତିଗଲାଣି। ସେ ଯେଉଁଠି ବି ଥାଉ ଭଲରେ ଥାଉ। ଶୋକସନ୍ତପ୍ତ: ମାଆ: ବର୍ଷା, ପିତା- ମନୋରଞ୍ଜନ, ସାନଭାଇ: ଆଦ୍ୟାଂଶୁ, ବଡ଼ମାଆ: ଲିସା, ବଡ଼ବାପା: ଦୀପ୍ତିରଞ୍ଜନ, ସାନଭଉଣୀ: ପାପାଲି, ଜେଜେବାପା: ଜଣ୍ଡେଶ୍ୱର, ବନ୍ଧୁ ଓ ପରିବାରବର୍ଗ ।
ଧ-୨୦୨୪

ଏକାଦଶାହ ଉପଲକ୍ଷେ



ସ୍ୱ ସୁଲୋଚନା ରାଉତ
ଆବିର୍ଭାବ: ୧୯୩୧ ମସିହା
ତିରୋଧାନ: ୦୬.୧୨.୨୦୨୩
ଗୋବିନ୍ଦପୁର, ଡିଙ୍କିଆ, କୁଜଙ୍ଗ, ଜି- ଜଗତସିଂହପୁର
ବୋଉ! ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ।
ତୁମ ପାଦେ କୋଟି କୋଟି ପ୍ରଣତି
ପୁତ୍ର: ରବୀନ୍ଦ୍ର, ସୁରେନ୍ଦ୍ର, ଯତୀନ୍ଦ୍ର, ରାଜେନ୍ଦ୍ର ଓ ଶୋକାକୁଳ ପରିବାରବର୍ଗ
ଧ-୨୦୨୮

ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅହମଦାବାଦରେ ଚାଲିଥିବା ପ୍ରୋ-କବାଡ଼ି ଲିଗ୍‌ରେ ଶୁକ୍ରବାର ହରିୟାଣା ଷ୍ଟିଲର୍ସ ଓ ପୁନେରି ପଲଟନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। ଏଥିରେ ହରିୟାଣା ଷ୍ଟିଲର୍ସ ୪୪-୩୯ ପଏଣ୍ଟରେ ବିଜୟୀ ହୋଇଥିଲା।

# ବାଂଲାଦେଶ-ୟୁଏଇ ଫାଇନାଲ

**୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ**

**ଭାରତ, ପାକିସ୍ତାନ ପରାସ୍ତ**

ଦୁବାଇ, ୧୫।୧୨(ପି.ଟି.)

ଏସିସି ୧୯ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ବାଂଲାଦେଶ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟରେ ହେବ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଅରିଫୁଲ୍ ଇସ୍‌ଲାମଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ଏବଂ ପରେ ବାମହାତୀ ପେସ୍ ବୋଲର ମାରୁଫ ମ୍ରିଧାଙ୍କ ଚମତ୍କାର ବୋଲିଂ ଯୋଗୁ ବାଂଲାଦେଶ ୪ ଉଇକେଟରେ ଭାରତକୁ ପରାସ୍ତ କରିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪୨.୪ ଓଭରରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଦୁଇ ଖେଳାଳି ମୁଶିର ଖାନ୍ (୫୦) ଓ ମୁରୁଗାନ ଅଭିଷେକ(୬୨) ଅର୍ଦ୍ଧଶତକ ହାସଲ କରିଥିଲେ। ମାରୁଫ ୪୧ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରି ଭାରତର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ବାଂଲାଦେଶ ଇନିଂସରେ ମଧ୍ୟ ଅସ୍ଥିରତା ଦେଖା ଦେଇଥିଲା। ତେବେ ଦଳ ୪୨.୫ ଓଭରରେ ୬ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଇସ୍‌ଲାମ ୯୦ ବଲରୁ ୯୪ରନର ଆକ୍ରମଣାତ୍ମକ ଇନିଂସ ଖେଳିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ :** ୪୨.୪ ଓଭରରେ ୧୮୮/ଅଲଆଉଟ(ମୁରୁଗାନ ଅଭିଷେକ-୬୨, ମୁସିର ଖାନ୍-୫୦; ମାରୁଫ୍ ମ୍ରିଦା-୪/୪୧, ଶେଖ୍ ଜୀବନ-୨/୨୯)।

**ବାଂଲାଦେଶ:** ୪୨.୫ ଓଭରରେ ୧୮୯/୬ (ଅରିଫୁଲ ଇସ୍‌ଲାମ-୯୪, ଅହରାର ଅମିସ-୪୪; ନଓ୍ୱନ ତିୱାରୀ-୩/୩୫)।

## ପାକିସ୍ତାନ ପରାସ୍ତ

ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ପାକିସ୍ତାନ ବିପକ୍ଷରେ ୟୁଏଇ ୧୧ ରନରେ ଚମକପ୍ରଦ ବିଜୟ ହାସଲ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ୟୁଏଇ ୧୯୩ ରନରେ ଅଲଆଉଟ ହୋଇଯାଇଥିଲା। ଅଧିନାୟକ ଆୟାନ ଖାନ୍ ୫୫ରନ (୫୭ବଲ୍) ଏବଂ ଓପନର ଆର୍ଯ୍ୟାଂଶ ଶର୍ମା ୪୬ (୭୦ବଲ୍) ରନ କରିଥିଲେ। ୟୁଏଇ ୩ ବଲ୍ ବାକିଥାଇ ପାକିସ୍ତାନକୁ ୧୮୨ରନରେ ଅଲଆଉଟ କରିଦେଇଥିଲା।

**ସଂକ୍ଷିପ୍ତ ସ୍କୋର**

ୟୁଏଇ: ୪୭.୫ ଓଭରରେ ୧୯୩/ଅଲଆଉଟ ( ଆୟାନ ଖାନ୍-୫୫, ଆର୍ଯ୍ୟାଂଶ ଶର୍ମା-୪୬, ଇଥାନ ଡି'ସୋଜା-୩୭ ; ଉବେଦ୍ ଶାହା-୪/୪୪)।

ପାକିସ୍ତାନ: ୪୯.୩ ଓଭରରେ୧୮୨/ଅଲଆଉଟ (ସାଦ୍ ବେଗ୍-୫୦, ଆଜାନ ଆୱାଇସ୍-୪୧ ; ଆଇମାନ ଅହମଦ-୨/୧୮, ହାର୍ଦ୍ଦିକ ପାଇ-୨/୩୫)।

# ଜାତୀୟ ଜୁନିୟର୍ ବାଳିକା ହ୍ୟାଣ୍ଡବଲ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୧୫।୧୨

(ତପନ ସ୍ୱାଇଁ)

ଚଳିତ ମାସ ୧୬ରୁ ୨୦ ପର୍ଯ୍ୟନ୍ତ ୪୬ ତମ ଜାତୀୟ ଜୁନିୟର ବାଳିକା ହ୍ୟାଣ୍ଡବଲ ପ୍ରତିଯୋଗିତା ବାରାଣସୀଠାରେ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ ପାଇଁ ମନୋନୀତ ଓଡ଼ିଶାର ୧୮ ଜଣିଆ ଦଳ ଶୁକ୍ରବାର ସେଠାକୁ ଯାତ୍ରା କରିଛି। ଓଡ଼ିଶା ଦଳର ଖେଳାଳିମାନେ ହେଲେ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ଶୁଭଶ୍ରୀ ସେଠୀ, ସୁନୀତା ମହନ୍ତ, ସ୍ୱପ୍ନେଶ୍ୱରୀ ଦାସ, ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ, ପୂଜା ବେହେରା, ସୁଭଦ୍ରା ନାୟକ, ଅଙ୍କିତା ପଣ୍ଡା, କଲ୍ୟାଣୀ ରାଉଳ, ସୁଚିତ୍ରା ମହାପାତ୍ର, ଲକିରାଣୀ ବେହେରା, ଶୁଭସ୍ମିତା ଦାସ, ପୂଜା ଲୁହୁରା, ଜି ଜ୍ୟୋତି ପାତ୍ରୋ, ସ୍ୱାଗତିକା ପାତ୍ରୋ, ଅଙ୍କିତା ପଟ୍ଟନାୟକ, ମିଲୁ ବେହେରା ଓ ସନ୍ଧ୍ୟାରାଣୀ ରାଉତରାଏ। ମ୍ୟାନେଜର ଭାବେ ରଞ୍ଜିତା ଦାଶ ଓ କୋଚ ରାହିଲ ଖାଁ ଦଳ ସହ ବାରାଣସୀ ଯାତ୍ରା କରିଛନ୍ତି। ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ସଂଘ ସମ୍ପାଦକ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ ଓ କୋଷାଧ୍ୟକ୍ଷ ସିତେନ୍ଦ୍ରନାଥ ଦାସ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ଜାତୀୟ ଜୁନିୟର ବାଳିକା ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ।

**ପ୍ରଥମ ଟେଷ୍ଟ**

# ଅଷ୍ଟ୍ରେଲିଆ ୪୮୭, ପାକିସ୍ତାନ ୧୩୨/୨

ପର୍ଥ, ୧୬।୧୨

ଏଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୮୭ ରନ ସ୍କୋର କରିଛି। ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ପାକିସ୍ତାନ ୨ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଛି। ଅବଦୁଲ ଶଫିକ ୪୨ ଓ ଅଧିନାୟକ ଶାନ ମାସୁଦ ୩୦ ରନକରି ଆଉଟ ହୋଇଥିବାବେଳେ ଇମାମ-ଉଲ-ହକ୍ ୩୮ ଓ ଖୁରାମ ଶାହାଜାଦ ୭ ରନରେ ଅପରାଜିତ ରହିଛନ୍ତି। ଫଳରେ ୭ ଉଇକେଟ ଥାଇ ପାକିସ୍ତାନ ଆହୁରି ୩୫୫ ରନ ପଛରେ ରହିଛି। ପ୍ରଥମ ଦିବସର ଅସମାପ୍ତ ସ୍କୋର ୩୪୬/୫ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ୪୮୭ ରନର ବୃହତ୍ ସ୍କୋର କରିଥିଲା। ମିଚେଲ ମାର୍ଶ ୯୦ ଓ ଆଲେକ୍ସ କାରେ ୩୪ ରନ କରିଥିବାବେଳେ ଅତିରିକ୍ତ ଭାବେ ପାକିସ୍ତାନ ବୋଲରମାନେ ୪୧ ରନ ବ୍ୟୟ କରିଥିଲେ। ପ୍ରଥମ ଦିବସରେ ଅଷ୍ଟ୍ରେଲିଆ ଓପନର ଡେଭିଡ ୱାର୍ନର ୧୬୪ ରନର ଦର୍ଶନୀୟ ଇନିଂସ ଖେଳିଥିଲେ। ପାକିସ୍ତାନ ବୋଲରଙ୍କ ମଧ୍ୟରେ ଅମିର ଜମାଲ ୬ ଉଇକେଟ ସଫଳତା ପାଇଥିବାବେଳେ ଖୁରାମ ଶାହାଜାଦ ୨ଟି ଏବଂ ଶାହିନ ଶାହା ଆଫ୍ରିଦି ଓ ଫହିମ ଅଶ୍ରଫ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

# ରତପର୍ଣ୍ଣା-ଶ୍ୱେତପର୍ଣ୍ଣା କ୍ୱାର୍ଟରରେ ପରାସ୍ତ

**ଆଜି ସେମିଫାଇନାଲ**

କଟକ,୧୫।୧୨

(ସୁପ୍ରିୟା ପ୍ରିୟଦର୍ଶିନୀ)

ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ବିଡବ୍ଲ୍ୟୁଏଫ ଟୁର୍ ସୁପର-୧୦୦ ଓଡ଼ିଶା ମାଷ୍ଟର୍ସ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ରାଉଣ୍ଡରେ ନିରାସ କରିଛନ୍ତି ଓଡିଶାର ଦୁଇ ଭଉଣି ରତପର୍ଣ୍ଣା ଏବଂ ଶ୍ୱେତପର୍ଣ୍ଣା ପଣ୍ଡା। ମହିଳା ଡବଲ୍ସ କ୍ୱାର୍ଟର ଫାଇନାଲରେ ଏହି ଯୋଡ଼ି ଇଣ୍ଡୋନେସିଆର ଜେସିତା ପୁତ୍ରୀ ଏବଂ ଫେବି ସେତିଆନିଙ୍ଗ୍ରୁମଙ୍କ ଠାରୁ ହାରି ଯାଇଛନ୍ତି। କୋର୍ଟ-୨ରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ପ୍ରଥମ ସେଟ୍‌ରେ ଇଣ୍ଡୋନେସିଆକୁ ବିଜୟ ମିଳିଥିଲା। ଜେସିତା ଓ ଫେବି ପ୍ରଥମ ସେଟ୍‌କୁ ୨୧-୯ ଗେମ୍‌ରେ ଜିତିଥିଲେ। ଦ୍ୱିତୀୟ ସେଟ୍‌ରେ ମଧ୍ୟ ଦୁହେଁ ୨୧-୧୫ରେ ଜିତିଥିଲେ। ୩୫ମିନିଟ ଧରି ଚାଲିଥିବା ଏହି ମ୍ୟାଚ୍‌ରେ ଜେସିତା ଓ ଫେବି ୩ଟି ଗେମ୍ ପଏଣ୍ଟ ମଧ୍ୟ ହାତେଇଥିଲେ।

ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଗତ ସଂସ୍କରଣର ଚାମ୍ପିୟନ ତଥା ୨୩ବର୍ଷୀୟ ଭାରତୀୟ ଖେଳାଳି କିରନ ଜର୍ଜଙ୍କ ସମେତ ଆୟୁଷ ସେଟ୍ଟୀ, ସତୀଶ କୁମାର ଓ ଇଣ୍ଡୋନେସିଆର ଆଲୱି ଫରହାନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ ମଧ୍ୟ ଗତ ସଂସ୍କରଣର ଚାମ୍ପିଅନ ଉନ୍ନତି ହୁଡା ଅନ୍ୟତମ ଭାରତୀୟ ପ୍ରତିଯୋଗୀ ଅନୁପମା ଉପାଧ୍ୟାୟଙ୍କୁ ୨-୧ ସେଟ୍‌ରେ ହରାଇ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ହଂକଂର ଲୋ ସିନ ୟାନ ହାପି, ଜାପାନର ନୋଜୋମି ଓକୁହାରା ଓ ଡେନମାର୍କର ଲାଇନ କ୍ରିଷ୍ଟୋଫରସେନ ବିଜୟୀ ପଏଣ୍ଟ ପାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମିକ୍ସଡ ଡବଲ୍ସ ଇଭେଣ୍ଟରେ ଭାରତର ସୁମିତ ରେଡ୍ଡୀ ଓ ସିକି ରେଡ୍ଡୀ, ଧ୍ରୁବ କପିଳା ଓ ତନିଷା କ୍ରାଷ୍ଟୋ, ଇଣ୍ଡୋନେସିଆର ଆଦନାନ ମୌଲାନା ଓ ନୀତା ଭାଓଲିନା, ସିଙ୍ଗାପୁରର ହି ୟଙ୍ଗ କାଇ ଓ ତାନ ୱି ହାନ୍, ମହିଳା ଡବଲ୍ସରେ ଭାରତର ତନୀଷା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନ୍ନାପା, ଇଣ୍ଡୋନେସିଆର ସୋଫି ଅଲ୍ ମୁସୀରା ଓ ସିତି ସାରହା, ଆରିଲ ନାବିଲା ଓ ଅଗ୍ନିୟା ଶ୍ରୀ ରାହାୟୁ, ପୁରୁଷ ଡବଲ୍ସରେ ଭାରତର ସାଇ ପ୍ରତୀକ ଓ କ୍ରୀଷ୍ଣା ପ୍ରସାଦ, ଇଣ୍ଡୋନେସିଆର କାୟୋ ହୁଟୁମୋ ଓ କ୍ରୀଷ୍ଟାଫର ଡେଭିଡ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ ଟୁର୍ ସୁପର-୧୦୦ ଚଳିତ ସଂସ୍କରଣର ସମସ୍ତ ନକଆଉଟ୍ ପର୍ଯ୍ୟାୟର ମ୍ୟାଚ୍ ଶୁକ୍ରବାର ଖେଳାଯାଇଥିଲା। ଶନିବାର ସମସ୍ତ ସେମିଫାଇନାଲ ଅନୁଷ୍ଠିତ ହେବ। ରବିବାର ଫାଇନାଲ ସହିତ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବ।



ଶଟ୍ ଖେଳିବା ଅବସରରେ ଉନ୍ନତି ହୁଡା।

# ରାଜେଶ ସଭାପତି, ନିଲେନ ସମ୍ପାଦକ

**ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ନିର୍ବାଚନ**

ଭୁବନେଶ୍ୱର, ୧୫।୧୨

(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ (୨୦୨୩-୨୭) ପ୍ରକ୍ରିୟା କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଜେଶ ପ୍ରଭାକର ପାଟିଲ ଓ ସମ୍ପାଦକ ନିଲେନ କୁମାରଙ୍କ ସମେତ ସମସ୍ତ ପ୍ରାର୍ଥୀ ନିର୍ବିବାଦରେ ନିର୍ବାଚିତ ହୋଇଛନ୍ତି। ସୁପ୍ରିମକୋର୍ଟ ଆଡଭୋକେଟ ଚନ୍ଦ୍ରକାନ୍ତ ନାୟକ ପ୍ରିଜାଇଡିଂ ଅଫିସର ଏବଂ ଓଡ଼ିଶା ହାଇକୋର୍ଟ ଆଡ୍‌ଭୋକେଟ ଅନନ୍ତ ନାରାୟଣ ପଟ୍ଟନାୟକ ରିଟର୍ନିଂ ଅଫିସର ଦାୟିତ୍ୱ ନିର୍ବାହ କରିଥିଲେ। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ପର୍ଯ୍ୟବେକ୍ଷକ କେ. ପ୍ରଭାକର ରାଓ, ରାଜ୍ୟ କ୍ରୀଡ଼ା ବିଭାଗର ଓଏସ୍‌ଡି ସନାତନ ସାହୁଙ୍କ ଉପସ୍ଥିତିରେ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଆଗାମୀ ୪ ବର୍ଷ ପାଇଁ ନିର୍ବାଚିତ ଅନ୍ୟ ପଦାଧିକାରୀମାନେ ହେଲେ କାର୍ଯ୍ୟକାରୀ ସଭାପତି ମିହିର କୁମାର ରାୟ, ୪ ଉପ ସଭାପତି ଗଗନେନ୍ଦୁ ଦାଶ, ପ୍ରଦୀପ କୁମାର ପଟ୍ଟନାୟକ, କାର୍ତ୍ତିକ ଚନ୍ଦ୍ର ଦାସ ଓ ସୁରେଶ ଚନ୍ଦ୍ର ପଣ୍ଡା, ୨ ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର କୁମାର ଚୌଧୁରୀ ଓ ଜୟ ପ୍ରକାଶ ସିଂ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ମହାନ୍ତି ଏବଂ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦାସ।

# ଫିଡେ ଟ୍ରେନର ସେମିନାର ଉଦ୍‌ଘାଟିତ

ଭୁବନେଶ୍ୱର, ୧୫।୧୨

(ତପନ ସ୍ୱାଇଁ)

ବିଶ୍ୱ ଚେସ୍ ଫେଡେରେଶନ(ଫିଡେ) ପକ୍ଷରୁ ଶୁକ୍ରବାର କିଟ୍ ପରିସରରେ ଟ୍ରେନର ସେମିନାର ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ ଚେସ୍ ମାଷ୍ଟର ଏବଂ ସିନିୟର ଫିଡେ ଟ୍ରେନର ଶେଖର ଚନ୍ଦ୍ର ସାହୁ ଏବଂ ଅନ୍ତର୍ଜାତୀୟ ଚେସ୍ ମାଷ୍ଟର ଏବଂ ଫିଡେ୍ ସିନିୟର ଟ୍ରେନର ଅକ୍ଷତ କାମ୍ପାରିଆ, କିଟ୍ ଏବଂ କିସ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ସଭାପତି ଜି. ସି. ମହାପାତ୍ର ଏବଂ ସର୍ବଭାରତୀୟ ଚେସ୍ ଫେଡେରେଶନ ଯୁଗ୍ମ ସଚିବ ରଞ୍ଜନ ମହାନ୍ତି ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଭାରତର ବିଭିନ୍ନ ସ୍ଥାନରୁ ଆସିଥିବା ୪୦ରୁ ଊର୍ଦ୍ଧ୍ୱ ଟ୍ରେନରଙ୍କୁ ଏହି ସେମିନାରରେ ଟ୍ରେନିଂ ଦିଆଯିବ। ଏହି କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବ। ଅଧିବେଶନ ଶେଷରେ ଫିଡେ ପକ୍ଷରୁ ଟ୍ରେନରଙ୍କ ଏକ ପରୀକ୍ଷା କରାଯିବାର କାର୍ଯ୍ୟକ୍ରମ ରହିଛି।




ଫିଡେ ଟ୍ରେନର ସେମିନାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

# ନେପାଳ ବିପକ୍ଷରେ ଭାରତ ୪-୧ରେ ସିରିଜ ବିଜୟୀ

ଭୁବନେଶ୍ୱର, ୧୫।୧୨

(ତପନ ସ୍ୱାଇଁ)

ମୁମ୍ବାଇରେ ଅନୁଷ୍ଠିତ ନେପାଳ ବିପକ୍ଷ ଦୃଷ୍ଟିବାଧିତ ଦ୍ୱିପାକ୍ଷିକ ଟି୨୦ ମହିଳା କ୍ରିକେଟ ସିରିଜକୁ ଭାରତ ୪-୧ରେ ଜିତିଛି। ଶୁକ୍ରବାର ଅନୁଷ୍ଠିତ ୫ମ ତଥା ଅନ୍ତିମ ମ୍ୟାଚରେ ଭାରତ ୮ ଉଇକେଟରେ ନେପାଳକୁ ପରାସ୍ତ କରିଛି। ବିନିତା ପୁନ୍‌ଙ୍କ ଅର୍ଦ୍ଧଶତକ ସହାୟତାରେ ନେପାଳ ୨୦ ଓଭରରେ ୬ ଉଇକେଟ ହରାଇ ୧୫୩ ରନ କରିଥିଲା। ଭାରତ ପକ୍ଷରୁ ସିମୁ ଦାସ ୨ଟି ଓ କାବ୍ୟା ଏନ୍.ଆର. ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଭାରତ ସିମୁ ଦାସଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ୧୭.୫ ଓଭରରେ ମାତ୍ର ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଓଡ଼ିଶାର ଫୁଲ ସୋରେନ ୧୩ ରନକରି ରନ୍‌ଆଉଟ ହୋଇଥିଲେ। ବି-୧ ବର୍ଗରେ ସିମୁ ଦାସ, ବି-୨ରେ ମୀନାକ୍ଷୀ ଚୌଧାରୀ, ବି-୩ରେ ବିନିତା ପୁନ୍, ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଏ ସମସ୍ତ ଖେଳାଳିଙ୍କୁ ଟ୍ରଫି ସହ ୧୦,୦୦୦ ଟଙ୍କା ଲେଖାଏ ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ସିରିଜ ବିଜୟୀ ଭାରତକୁ ଟ୍ରଫି ସହ ୧ ଲକ୍ଷ ଟଙ୍କା ଏବଂ ନେପାଳକୁ ୬୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା।

# ନୀତା ଏକାଡେମୀ, କିଟ୍-କିସ୍ ବିଜୟୀ

ଭୁବନେଶ୍ୱର, ୧୫।୧୨ (ତପନ ସ୍ୱାଇଁ)

ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ନନ୍ଦ କିଶୋର ମେମୋରିଆଲ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଅନ୍ତିମ ପର୍ଯ୍ୟାୟ ୨ଟି ଲିଗ୍ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦିବସର ପ୍ରଥମ ମ୍ୟାଚରେ ନୀତା ଫୁଟବଲ ଏକାଡେମୀ ୩-୨ ଗୋଲରେ ନନ୍ଦ କିଶୋର ଫୁଟବଲ କ୍ଲବକୁ ପରାସ୍ତ କରିଛି। ପରାଜିତ ଦଳର ସଞ୍ଜନା ମୁଣ୍ଡା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ କିଟ୍ ଓ କିସ୍ ୯-୦ ଗୋଲରେ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନକୁ ହରାଇ ଦେଇଛି। ବିଜୟୀ ଦଳର ସୀମାରାଣୀ ଦେହୁରୀଙ୍କୁ ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ରମେଶ ମଲିକ, ଗୀତାଞ୍ଜଳି ଖୁଣ୍ଟିଆ, ରଞ୍ଜିତା ମହାନ୍ତି, ସହଦେବ ରାଉତ, ମହମ୍ମଦ ସହିଦ ଜବାର ପ୍ରମୁଖ ଉପସ୍ଥିତ ଥିଲେ।

# ହାତ ନଥାଇ ଫାଇନାଲରେ ତୀରନ୍ଦାଜ ଶୀତଲ

**ଖେଲୋ ଇଣ୍ଡିଆ ପାରାଗେମ୍ସ**

ନୂଆଦିଲ୍ଲୀ, ୧୫।୧୨ (ପି.ଟି.)

ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଚାଲିଥିବା ଉଦ୍‌ଘାଟନୀ ଖେଲୋ ଇଣ୍ଡିଆ ପାରା ଗେମ୍ସରେ ହାତ ନ ଥିବା ତୀରନ୍ଦାଜ ଶିତଲ ଦେବୀ ଶୁକ୍ରବାର ଥିଲେ ଆକର୍ଷଣର କେନ୍ଦ୍ର ବିନ୍ଦୁ। ସେ ମହିଳା କମ୍ପାଉଣ୍ଡ ବିଭାଗରେ ସ୍ୱର୍ଣ୍ଣ ପଦକ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ୧୬ବର୍ଷୀୟା ଏହି ଏସିଆନ ପାରା ଗେମ୍ସ ଚାମ୍ପିୟନ ୬୯୬ ପଏଣ୍ଟ ସ୍କୋର କରି ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଜମ୍ମୁ କଶ୍ମୀରରୁ ପ୍ରତିନିଧିତ୍ୱ କରୁଥିବା ଶିତଲ ବିଗତ କିଛି ମାସ ହେଲା ଚହଳ ସୃଷ୍ଟି କରିଛନ୍ତି। ହାଙ୍ଗ୍‌ଝୋଠାରେ ଅନୁଷ୍ଠିତ ତାଙ୍କ ପ୍ରଥମ ପଦାର୍ପଣରେ ସେ ଦୁଇଟି ପଦକ ଜିତିପାରିଛନ୍ତି। ପରେ ସେ ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ପାରା ଏସିଆନ ଗେମ୍ସରେ ପଦକ ଜିତିଥିଲେ। ଉତ୍ତର ପ୍ରଦେଶର ଜ୍ୟୋତି ବାଲାୟନ ଶିତଲଙ୍କଠାରୁ ୧୦ ପଏଣ୍ଟ କମ୍ ୬୮୬ ପଏଣ୍ଟ ଅର୍ଜନ କରି ଅନ୍ୟତମ ପ୍ରତିଯୋଗୀ ଭାବେ ଫାଇନାଲରେ ପ୍ରବେଶ କରିଛନ୍ତି। ହରିୟାଣାର ସିରିତା ଓ ଦିଲ୍ଲୀର ତନିଷ୍କା ଶନିବାର ବ୍ରୋଞ୍ଜ ପଦକ ପାଇଁ ମୁକାବିଲା କରିବେ।



ଡ. ରାଜେନ୍ଦ୍ର କୁମାର ତ୍ରିପାଠୀ

# ସ୍ମରଣେ ସୁଦର୍ଶନ

**ହେ** ପରମାତ୍ମା ପିତାମହ, ଗୁରୁ ଆଚାର୍ଯ୍ୟ ମହୋଦୟ! ଓଡ଼ିଶାର ସମଗ୍ର ଅଗ୍ରଗାମୀ ସାହିତ୍ୟ ଅନୁଷ୍ଠାନଗୁଡ଼ିକୁ ଅସମୟରେ ଅନ୍ଧକାରମୟ କରି ଆଜିର ତିଥିରେ ଠିକ୍ ଏକବର୍ଷ ତଳେ ସହାସ୍ୟ ବଦନରେ, ବୀର ଦର୍ପରେ ଆପଣ ମହାଲୋକର ଯାତ୍ରୀଟିଏ ହୋଇଗଲେ। ଚାଲିଯିବାଟା ଯଦିଓ ଧ୍ରୁବ ସତ୍ୟ ଥିଲା, କିନ୍ତୁ ହଜାର ହଜାର ଅଗଣିତ ଆଚାର୍ଯ୍ୟପ୍ରେମୀ ପାଠିକାପାଠକ ସେ ସତ୍ୟକୁ ମାନିବା ପାଇଁ ନାରାଜ ଥିଲେ । ଆପଣଙ୍କ ଅବର୍ତ୍ତମାନକୁ ସେମାନେ ସହ୍ୟ କରିନପାରି ପିତୃହୀନ ସନ୍ତାନ ପରି ଅହରହ ବିଳପି ଉଠିଥିଲେ । କିଏବା ସେମାନଙ୍କୁ ସାନ୍ତ୍ୱନା ଦେବ ? ଭଲ ମନ୍ଦ ପଚାରିବ ? ଆପଣ ଆପଣଙ୍କ ଅନନ୍ତ ଜ୍ଞାନ ଭଣ୍ଡାରରୁ ଯତ୍‌କିଞ୍ଚିତ୍ ପ୍ରଦାନ କରି ଓଡ଼ିଆ ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି।

## ପ୍ରଥମ ବାର୍ଷିକୀ ଶ୍ରାଦ୍ଧ-ଶ୍ରଦ୍ଧାଞ୍ଜଳି



ସୁଦର୍ଶନ ଆଚାର୍ଯ୍ୟ
୧୯୩୯-୨୦୨୨

ଆପଣଙ୍କ ଜନ୍ମବୃତ୍ତାନ୍ତକୁ ନେଇ ରହିଛି ଏକ ସରସ ସୁନ୍ଦର ଲୋକକଥା। ଦିନେ ଜରଡ଼ାର ମହନ୍ତ ମହାରାଜ ପରାଙ୍କୁଶ ଦାଶଙ୍କୁ ସ୍ୱପ୍ନାଦେଶ ହେଲା ଯେ, ପଣ୍ଡିତ ଆଚାର୍ଯ୍ୟେ ଆଞ୍ଜନେୟ ଉପାସନା କଲେ ସନ୍ତାନ ଲାଭ କରିପାରିବେ । ତେଣୁ ମହନ୍ତ ମହାରାଜଙ୍କ ପରାମର୍ଶକ୍ରମେ ପଣ୍ଡିତ ପିତା ଯତିରାଜାଚାର୍ଯ୍ୟ ସ୍ୱଗୃହରେ 'ପୌଷ୍ଟିକ' ଯଜ୍ଞର ଆୟୋଜନ କରି ସ୍ୱପ୍ନଫଳକୁ ପ୍ରାପ୍ତ ହେଲେ । ମଞ୍ଜୁଷାର ରାଜା ବାସୁଦେବ ରାଜମଣି ଓ ତାହାଙ୍କ ପୁତ୍ର ଶ୍ରୀନିବାସ ରାଜମଣିଙ୍କ ରାଜସଭା ମଣ୍ଡନ କରି କବି ଓ ପଣ୍ଡିତ ଭାବେ ପିତା ଯତିରାଜ ନିୟୋଜିତ ଥିବା ସମୟରେ ମାଘ ଶୁକ୍ଳ ସପ୍ତମୀ ତିଥିଯୁକ୍ତ ୧୯୩୯ ମସିହା ଜାନୁୟାରୀ ୨୮ ତାରିଖର ଏକ ପବିତ୍ର ବାସରେ ଆପଣଙ୍କ ଜନ୍ମ । ଜନ୍ମ ମାତ୍ରେ ଆପଣଙ୍କ ଗୌର କାନ୍ତି, ସୁବର୍ଣ୍ଣ ବର୍ଣ୍ଣ ସଦୃଶ କଳେବର ଅବଲୋକନ ପୂର୍ବକ ଆହ୍ଲାଦ ମୁଖମଣ୍ଡଳକୁ ଦେଖି ନାଁ ରହିଲା ସୁଦର୍ଶନ।

ସୁଦର୍ଶନଙ୍କ ବାଲ୍ୟଶିକ୍ଷା ନିମିତ୍ତ ପିତା ସୁବର୍ଣ୍ଣପୁରକୁ ବାଛିବା ସଂଗେ ସଂଗେ ସ୍ୱପାଣ୍ଡିତ୍ୟ ବଳରେ ପୁତ୍ରକୁ ସଂସ୍କୃତର ନାନା ଶାସ୍ତ୍ରଜ୍ଞାନ ପ୍ରଦାନ କରିଥିଲେ । ଫଳରେ ଆପଣ ସ୍ୱଳ୍ପ ବୟସରୁ ସଂସ୍କୃତ ବ୍ୟାକରଣ, ବହୁ କୋଷଗ୍ରନ୍ଥ, କାବ୍ୟ, ପୁରାଣ ଆଦିକୁ ସହଜ ଭାବେ ଆୟତ୍ତ କରିଥିଲେ । ୧୯୫୪ ମସିହାରେ ନୂଆପଡ଼ା ଉଚ୍ଚ ବିଦ୍ୟାଳୟ, ଗଂଜାମରୁ କୃତିତ୍ୱର ସହ ମାଟ୍ରିକ୍ୟୁଲେଶନ୍ ସମାପ୍ତ କରିବା ପରେ ଉଚ୍ଚଶିକ୍ଷା ନିମନ୍ତେ ବ୍ରହ୍ମପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଖଲ୍ଲିକୋଟ ମହାବିଦ୍ୟାଳୟକୁ ମନୋନୀତ କରି ୧୯୫୮ ମସିହାରେ ଗଣିତ ଓ ଓଡ଼ିଆ ଇଚ୍ଛାଧୀନ ବିଷୟ ରଖି ସ୍ନାତକ ଶିକ୍ଷା ସମାପ୍ତ କରିଥିଲେ। ୧୯୬୦ ମସିହାରେ ରେଭେନ୍‌ଶା ମହାବିଦ୍ୟାଳୟରୁ ଓଡ଼ିଆରେ ସ୍ନାତକୋତ୍ତର ଡିଗ୍ରୀରେ ଦ୍ୱିତୀୟ ଶ୍ରେଣୀରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ତୁଳସୀ ଦୁଇପତ୍ରରୁ ବାସିବା ସଦୃଶ ଆପଣଙ୍କର ଜ୍ଞାନର ଗଭୀରତାକୁ କୋଣାର୍କ, ଝଙ୍କାର, ନିର୍ଭୀକ ଆଦି ପତ୍ରପତ୍ରିକାମାନେ କଳନା କରି ସ୍ୱରଚିତ ପ୍ରବନ୍ଧଗୁଡ଼ିକୁ ନିଜ ପତ୍ରିକାରେ ସ୍ଥାନିତ କରି ନିଜକୁ ଧନ୍ୟ ମନେକରିଥିଲେ। ଆପଣ ଯେ କେବଳ ଓଡ଼ିଆ ଭାଷାରେ ପ୍ରବୀଣ ଥିଲେ ତାହା ନୁହ; ହିନ୍ଦୀ, ବଙ୍ଗଳା, ସଂସ୍କୃତ, ପ୍ରାକୃତ, ଇଂରାଜୀ, ତେଲୁଗୁ ସାହିତ୍ୟର ମଧ୍ୟ ଆପଣ ଥିଲେ ବିଶାରଦ। ଗଂଜାମବାସୀଏ ଆପଣଙ୍କୁ ବହୁ ଭାଷାଭାଷୀର ଚଳନ୍ତି ଅଭିଧାନ ବୋଲି ଧରିନେଇଥିଲେ । ତେଣୁ ସେମାନେ ବାଟେ-ଘାଟେ, ହାଟେ-ବଜାରେ ଅବା ନଈତୁଠେ ଯେଉଁଠି ଯେତେବେଳେ ଆପଣଙ୍କ ଭେଟ ପାଉଥିଲେ, ସେମାନଙ୍କ ଅଜ୍ଞାତ ଜିଜ୍ଞାସାକୁ ବୁଝିନେଇ ନିଜ ଅଜ୍ଞାନତାକୁ ଆଲୋକିତ କରୁଥିଲେ।

ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ପ୍ରଥମେ କିଛିଦିନ ପାଇଁ ଆପଣ ଶିକ୍ଷକତାକୁ ଆପଣେଇଥିଲେ। ପରବର୍ତ୍ତୀ ସମୟରେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଜିଲାର ସରକାରୀ କଳା ମହାବିଦ୍ୟାଳୟ, ଶ୍ରୀକାକୁଲମ୍‌ରେ ଓଡ଼ିଆ ଅଧ୍ୟାପକ ଭାବେ ୧୯୬୦ ମସିହାରେ ନିଯୁକ୍ତ ହୋଇଥିଲେ। ନିଯୁକ୍ତି ପରେ ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ପିଲାଙ୍କୁ ଓଡ଼ିଆ ଭାଷାର ଅସ୍ମିତାକୁ ଚିହ୍ନାଇବା ନିମନ୍ତେ ଆପଣଙ୍କ ଚେଷ୍ଟା କିଛି କମ୍ ନଥିଲା । ମାତ୍ର ଦୁଇବର୍ଷ ସେଠି ଓଡ଼ିଆ ଅଧ୍ୟାପକର କାର୍ଯ୍ୟ ବହନ କରିଥିଲେ ସୁଦ୍ଧା ପ୍ରଣୟୀର ପ୍ରଥମ ଚୁମ୍ବନ ଅଭୁଲା ରହିଲା ପରି ସେଠାକାର ଓଡ଼ିଆଙ୍କ ଦୁର୍ଦ୍ଦଶାର ଚିତ୍ରକୁ ସ୍ମୃତିପଟରେ ସାଇତି ରଖିଥିଲେ। ଦୀର୍ଘ ୪୪ ବର୍ଷ ଅତିକ୍ରାନ୍ତ ପରେ ଆପଣଙ୍କ ଆଶୀର୍ବାଦର ଫଳସ୍ୱରୂପ ୨୦୦୬ ମସିହାରେ ଏ ଲେଖକ ସେ କାର୍ଯ୍ୟ ବହନ କରିବା ପାଇଁ ଦାୟିତ୍ୱ ମୁଣ୍ଡାଇଲା ବେଳେ ଆପଣଙ୍କ ନିର୍ଦ୍ଦେଶ ଥିଲା-''ରାଜେନ୍ଦ୍ର! ଭଂଜଭୂମି, ସମ୍ରାଟ୍‌କବିଙ୍କ ମହାବିଦ୍ୟାଳୟରୁ ତୁମେ ଆସିଛ। ଓଡ଼ିଶା ଛାତ୍ରଙ୍କ ଭଳି ଦୃଷ୍ଟି ନେଇ ସେଠାକାର ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ପିଲାଙ୍କୁ ଦେଖିବ ନାହିଁ।'' ଆପଣଙ୍କର ସେ ନିର୍ଦ୍ଦେଶକୁ ଗୁରୁମନ୍ତ୍ର ମଣି ଗ୍ରହଣ କରିଛି ଏବଂ କରିବି ମଧ୍ୟ । ଆପଣଙ୍କର ଏ ଦୁଇପଦ କଥାରୁ ମୋର ଜ୍ଞାନୋଦୟ ହେଲା ଯେ, ସାର୍ ଆନ୍ଧ୍ର ଛାଡ଼ିବାର ଦୀର୍ଘଦିନ ଅତିବାହିତ ହୋଇଥିଲେ ସୁଦ୍ଧା ସେ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ମୋହ ତାଙ୍କୁ ଆଜି ପର୍ଯ୍ୟନ୍ତ ଆଚ୍ଛନ୍ନ କରି ରଖିଛି । ରଖିବା ମଧ୍ୟ ସ୍ୱାଭାବିକ । କାରଣ ଜନ୍ମମାଟି (ମଞ୍ଜୁଷା)କୁ କିଏ କ'ଣ କେବେ ଭୁଲେ!









ଆନ୍ଧ୍ରରୁ ଫେରନ୍ତା ମନ ନେଇ ନୂତନ କର୍ମଭୂମି ବ୍ରହ୍ମପୁରର ଖଲ୍ଲିକୋଟ କଲେଜକୁ ବାଛିଥିଲେ ସୁଦ୍ଧା ଆତ୍ମାକୁ କିନ୍ତୁ ଆନ୍ଧ୍ରରେ ବନ୍ଧକ ରଖି ଆସିଥିଲେ ଆପଣ । ତେଣୁ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଓଡ଼ିଆ ବୋର୍ଡ଼ ଅଫ୍ ଷ୍ଟଡିଜ୍‌ର ଚେୟାରମ୍ୟାନ୍ ଭାବରେ ଦୀର୍ଘ ବର୍ଷ ଆପଣଙ୍କୁ ବସାଇବା ସହ ପ୍ରଶ୍ନପତ୍ର ପ୍ରସ୍ତୁତିରେ ନିୟୋଜିତ କରାଇ ସୁଧମୂଳ ହାସଲ କରୁଥିଲା । ୧୯୬୯ରୁ ୧୯୯୯ ମସିହା ପର୍ଯ୍ୟନ୍ତ ଓଡ଼ିଆ ବିଭାଗ ଭଂଜବିହାର, ବ୍ରହ୍ମପୁରରେ ଅଧ୍ୟାପକ, ପ୍ରାଧ୍ୟାପକ, ପ୍ରଫେସର ଭାବେ କାର୍ଯ୍ୟଭାର ଗ୍ରହଣ କରି ବିଭାଗ ତଥା ବିଶ୍ୱବିଦ୍ୟାଳୟର ଗୌରବକୁ ଜାତୀୟ, ଅନ୍ତର୍ଜାତିକ ସ୍ତରରେ ଶୀର୍ଷାରୋହଣ କରାଇବାରେ ଆପଣଙ୍କ ସଫଳତାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଶିକ୍ଷାଦୀକ୍ଷା ବ୍ୟତୀତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସେଣ୍ଟର୍ ଫର୍ ରିଜିଓନାଲ୍ ଷ୍ଟଡିଜ୍ ୱିଥ୍ ସ୍ପେଶାଲ୍ ରେଫେରେନ୍ସ ଟୁ ଉପେନ୍ଦ୍ର ଭଂଜ କାର୍ଯ୍ୟାଳୟର ନିର୍ଦ୍ଦେଶକ ଭାବେ କର୍ମମୟ ଜୀବନର ଅବସର ପର୍ଯ୍ୟନ୍ତ କାର୍ଯ୍ୟଭାର ଗ୍ରହଣ କରି ବହୁ ପ୍ରାଚୀନ ତାଳପତ୍ର ପୋଥି ସଂଗ୍ରହ ଓ ସଂପାଦନ କରିବା ସହ ପ୍ରାଚୀନ ପତ୍ରପତ୍ରିକାଗୁଡ଼ିକର ରକ୍ଷଣାବେକ୍ଷଣ ସାଙ୍ଗକୁ ଊନବିଂଶ ଓ ଆଦ୍ୟ ବିଂଶ ଶତାବ୍ଦୀର ବିରଳ ପୁସ୍ତକଗୁଡ଼ିକୁ ସଂଗ୍ରହ କରି ଓଡ଼ିଆ ସମାଲୋଚନା ସାହିତ୍ୟକୁ ନବସୂର୍ଯ୍ୟ ଦେଖାଇବାରେ ଆପଣଙ୍କ ଭୂମିକା କିଛି କମ୍ ନଥିଲା।

ସାହିତ୍ୟ ଓ ସାହିତ୍ୟିକ, ସ୍ରଷ୍ଟା ଓ ସୃଷ୍ଟି, ଓଡ଼ିଆ କାବ୍ୟ କୌଶଳ, ଓଡ଼ିଶାର ଅସ୍ମିତା ସନ୍ଧାନ ଓ ଉପେନ୍ଦ୍ର ଭଂଜ କାବ୍ୟାଲୋଚନା, ଶବଦ ସାଗର ତୀରେ ଆଦି ସମାଲୋଚନା ପୁସ୍ତକର ଆପଣ ସ୍ରଷ୍ଟା। ଆପଣଙ୍କ ଦ୍ୱାରା ସଂପାଦିତ ହୋଇଥିବା ପୁସ୍ତକର ମୁଖବନ୍ଧଗୁଡ଼ିକ ପାଠ କଲେ ଜଣାଯାଏ ଯେ ସାହିତ୍ୟର କେଉଁ ବିଭାଗଟି ଆଉ ଅନାଲୋଚିତ ହୋଇ ରହିଗଲା! ପ୍ରାଚୀନ ସାହିତ୍ୟ ଓ ସମାଲୋଚକ ମାନେ ଆପଣଙ୍କୁ ହିଁ ବୁଝାଉଥିଲା। ହେ ଯୋଗଜନ୍ମା ବିଦଗ୍ଧ ସ୍ରଷ୍ଟା! ସେଦିନ ପରା ଆମ ଯୁଗସ୍ରଷ୍ଟାଙ୍କୁ ଦମ୍ଭୋକ୍ତିରେ ଦୃଢ଼ତାର ସହ ଘୋଷଣା କରିଥିଲେ- ''ରାଧାନାଥଙ୍କର କେବେହେଲେ ଓଡ଼ିଆ ପ୍ରତି ବା ଓଡ଼ିଶା ପ୍ରତି ମମତା ନଥିଲା ।'' (ସାହିତ୍ୟ ଚର୍ଚ୍ଚା ପତ୍ରିକା, ସେପ୍ଟେମ୍ବର ୨୦୨୨) ଉତ୍କଳରେ ଏହିପରି ନିର୍ଭୀକ ସାହସୀ ଯୋଦ୍ଧା ସମାଲୋଚକ ସାହିତ୍ୟରେ କେତେଜଣ ଅଛନ୍ତି? ସେଇଥିପାଇଁ ହିଁ ଆପଣ ଆଚାର୍ଯ୍ୟ ସୁଦର୍ଶନ । 'ପତିଭକ୍ତା ପୁରାଣ ଓ କବି ଦୀନବନ୍ଧୁ' ପ୍ରଥମ ସମାଲୋଚନା ପ୍ରବନ୍ଧକୁ ଆମ 'କୋଣାର୍କ' ପତ୍ରିକା ୧୯୫୮ ମସିହା ଡିସେମ୍ବରରେ ପ୍ରକାଶ କରି ସମାଲୋଚନା ସାହିତ୍ୟରେ ଆପଣଙ୍କ ଅଙ୍କୁରୋଦ୍‌ଗମ କରାଇଥିଲା । ସେ କାଳରୁ ଏ କାଳ ଅର୍ଥାତ୍ ଜୀବନର ଶେଷ ପାହାଚର ଅନ୍ତିମ ସମାଲୋଚନା ଗ୍ରନ୍ଥ 'ଶବଦ ସାଗର ତୀରେ (ଉପେନ୍ଦ୍ର ଭଞ୍ଜ: ସ୍ରଷ୍ଟା ଓ ସୃଷ୍ଟି)' ୨୦୨୧ ମସିହା ପର୍ଯ୍ୟନ୍ତ ଧାରାବାହିକ ସମାଲୋଚନା, ପୋଥି ସଂପାଦନା, ଜୀର୍ଣ୍ଣ ତାଳପତ୍ର ପୋଥିକୁ ନୂତନ ସଂକଳନର ସୌନ୍ଦର୍ଯ୍ୟବୋଧ ପ୍ରଦାନ କିମ୍ବା ନାନା ବିଲୁପ୍ତ ସ୍ରଷ୍ଟାଙ୍କ ରଚନାର ଗ୍ରନ୍ଥାବଳୀ ସଂପାଦନା କାର୍ଯ୍ୟକୁ ବ୍ରତ ରୂପେ ପାଳନ କରି ଅହରହ ସାହିତ୍ୟ ଭଣ୍ଡାରକୁ ଅପୂର୍ବ ମହାର୍ଘତା ପ୍ରଦାନ କରିଛନ୍ତି ଆପଣ । ଅନୁବାଦରେ ଉପେନ୍ଦ୍ର ଭଞ୍ଜ,ଉପେନ୍ଦ୍ର ଦୃଷ୍ଟିରେ କାବ୍ୟ ଦୋଷ, ପାଠକୀୟ ପ୍ରତିକ୍ରିୟା ଓ ଉପେନ୍ଦ୍ର କାବ୍ୟଶିଳ୍ପର ରୂପଗତ ବିବର୍ତ୍ତନ,ଉପେନ୍ଦ୍ର ସାହିତ୍ୟରେ ନେତ୍ର ବର୍ଣ୍ଣନାର ବୈଶିଷ୍ଟ୍ୟ, ଭଞ୍ଜ ସାହିତ୍ୟରେ ସୌନ୍ଦର୍ଯ୍ୟବୋଧ,ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ଉତ୍କଳୀୟ ଅଭିନୟ ଶିଳ୍ପ କୌଶଳ, ଭଂଜୀୟ କାବ୍ୟ ସୃଷ୍ଟିରେ କବିମାନସ, ଘେନ ନୈଷଧ ପରାୟେ, ଭଂଜ ସାହିତ୍ୟରେ ଜୀବନର ଜୟଗାନ, ଶୋଭାବତୀ, ଦଶପୋଇ, ଉପେନ୍ଦ୍ର କାବ୍ୟର ଆଦି ସମୀକ୍ଷକ, ଇନ୍ଦ୍ରଧନୁ ଓ ଭଂଜ ସାହିତ୍ୟ ସମାଲୋଚନା, 'ଇନ୍ଦ୍ରଧନୁ': ଊନବିଂଶ ଶତକର ଏକ ଚର୍ଚ୍ଚିତ ପତ୍ରିକା ପ୍ରଭୃତି ଆପଣଙ୍କର ଅମର କୃତି।

ଆପଣ କହିଥିଲେ- ''ଅଧିକନ୍ତୁ ଅଣଭାରତୀୟ ଭାଷାରେ ଉପେନ୍ଦ୍ର ଭଂଜଙ୍କ କାବ୍ୟକୃତିକୁ ଅନୁବାଦ କରିବା ପାଇଁ ଗଲାବେଳେ ଅନୁବାଦକ ଯେଉଁ ସବୁ ଅସୁବିଧାର ସମ୍ମୁଖୀନ ହୁଏ, ସେଗୁଡ଼ିକ ମଧ୍ୟରୁ ପ୍ରଥମ ହେଉଛି ସାଂଗୀତିକତା । ଏହା ହେଉଛି ତାଙ୍କ କାବ୍ୟର ପ୍ରାଣ । ଅର୍ଥଭେଦି ନ ପାରିଲେ ସୁଦ୍ଧା ସେଗୁଡ଼ିକୁ ଗାଇବାରେ ଆନନ୍ଦ ଅଛି । × × × । ଅନ୍ୟ ଭାଷାରେ ଏହି ସାଂଗୀତିକତାକୁ ଧରି ରଖିବା ସମ୍ଭବ ନୁହେଁ । ସେହିପରି ଛନ୍ଦଭେଦରେ ଅର୍ଥଭେଦ, ଆଦ୍ୟରୁ ଗୋଟିଏ ଗୋଟିଏ ବର୍ଣ୍ଣର ଲୋପରେ ତିନୋଟି ଋତୁର ବର୍ଣ୍ଣନା, ଅବନା-ଓଷ୍ଠ୍ୟ-ନିରୋଷ୍ଠ୍ୟ- ଏକାକ୍ଷର-ବିଲୋମ ପଦଗୁଡ଼ିକୁ ଅନୁବାଦ କରିବା କେବଳ କଷ୍ଟସାଧ୍ୟ ନୁହେଁ ଦୁଃସାଧ୍ୟ ମଧ୍ୟ। ଦ୍ୱୈର୍ଥ, ଚତୁରାର୍ଥ, ନବାର୍ଥ ପଦର ଭାଷାନ୍ତର କରିବା ଅଣଭାରତୀୟ ଭାଷାରେ ସମ୍ଭବ ନୁହେ ।'' (ଶବଦ ସାଗର ତୀରେ, ପୃଷ୍ଠା-୭, ୨୦୨୧) ଗ୍ରନ୍ଥର ଅନ୍ୟାନ୍ୟ ପ୍ରବନ୍ଧଗୁଡ଼ିକ ନିଜସ୍ୱ ଗୁଣରେ ଗରୀୟାନ୍। କ୍ଷୁଦ୍ର ହେଲେ ସୁଦ୍ଧା ଭଂଜ ସାହିତ୍ୟର ସିନ୍ଧୁକୁ ନୀହାର ବିନ୍ଦୁରେ ଧରି ରଖି ଇନ୍ଦ୍ରଧନୁର ସପ୍ତରଙ୍ଗରେ ଆପଣ ଜାଜ୍ୱଲ୍ୟମାନ ହୋଇଛନ୍ତି । ସେଗୁଡ଼ିକର ଔଜ୍ଜ୍ୱଲ୍ୟ ନିରୂପଣ ଭିନ୍ନ ଏକ ପର୍ଯ୍ୟାୟକୁ ଅପେକ୍ଷା ରଖେ।

## ପୁସ୍ତକ ପରିଚୟ

### ଶଙ୍ଖନାଭି





**କବି:** ହରିହର ମିଶ୍ର
**ପ୍ରକାଶକ:** ବନଫୁଲ, ଭୁବନେଶ୍ୱର-୧୦
**ଦ୍ୱିତୀୟ ପ୍ରକାଶ:** ୨୦୨୩
**ମୂଲ୍ୟ:** ଟ.୧୫୦/-

ମୋଟ ୪୦ଟି କବିତା ସ୍ଥାନିତ ଆଲୋଚ୍ୟ କବିତାଗ୍ରନ୍ଥରେ। ଗତ ଶତାବ୍ଦୀର ଷାଠିଏ ଦଶକରେ, ୧୯୬୩ରେ 'ଶଙ୍ଖନାଭି' କବିତାଟି ଲେଖିଥିଲେ କବି ହରିହର ମିଶ୍ର ଓ ପୁରୀରେ ଅନୁଷ୍ଠିତ ପ୍ରଥମ ଯୁବ ଲେଖକ ସମ୍ମିଳନୀରେ ୧୯୬୪ରେ ଏହା ପଠିତ ହୋଇ ଆଧୁନିକ ଓଡ଼ିଆ କବିତାରେ କବିଙ୍କର ପ୍ରଥମ ଉଲ୍ଲେଖନୀୟ ସ୍ୱାକ୍ଷର ଦରଜ କରିଥିଲା। ଭୌତିକ ଓ ଆଧିଭୌତିକ ଜୀବନ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ଓ ଜାଗତିକ ବନ୍ଧନରୁ ଅଣଜାଗତିକ ବିମୁକ୍ତି ଆଡ଼କୁ ମାନବର ଯେଉଁ ଆସ୍ପୃହା, ତାହା ଏହି କବିତାଟିର ମୂଳସ୍ୱର। କେତୋଟି ପଙ୍କ୍ତି ଏହିପରି: ୧. ''ମୁଁ ଏକ ମରୁ ଓଟ ବେକ ଟେକି ଦେଖୁଅଛି ଦୃଶ୍ୟ/ ଆଦର୍ଶର କୁଜ ରଖି ପିଠି ପରେ/ ସେମିତିକା ବୁଲୁଅଛି ଖାଲି/ ତା' ଉପରେ ମଖମଲି ସୌଦାଗରୀ ଖଣ୍ଡେ ଖାଲି ଆକାଶର ବସ୍ତ୍ର'' (ପୃ: ୦୭), ୨. ''ହେ ପ୍ରଭୁ ବିଚ୍ଛିନ୍ନ ହେଲି କେମିତି ମୁଁ/ ଧର୍ମ ଆଉ ତୁମଠାରୁ କହ/ କହ ମତେ ଏଠାରେ ମୁଁ ଏକାଏକା ବଞ୍ଚିବା ବୃତ୍ତାନ୍ତ।'' (ପୃ: ୧୦), ୩. ''ମୁଁ ଏକ ଉତ୍ତପ୍ତ ଅନ୍ଧାର/ ମୁଁ ଝରିଛି ଟୋପାଟୋପା ସ୍ତନରୁ ତାରାର।'' (ପୃ: ୧୫)। ଗ୍ରନ୍ଥର ଅନ୍ୟ କବିତାଗୁଡ଼ିକରେ କବି ଭାବ ଓ ଭାଷାରେ ଯେଉଁ ନବୀନତା ଆଣିଛନ୍ତି, ତାହା କେବଳ କବିତାଗୁଡ଼ିକର ରଚନାକାଳ ନୁହେଁ, ଏବର ଓ ଆଗାମୀ ସମୟର ପାଠିକାପାଠକଙ୍କୁ ସୃଜନର ଅଭିନବତାରେ ଆଚ୍ଛନ୍ନ କରି ରଖେ। 'କୁହୁଡ଼ି ଟ୍ରକ୍ ଡାଇଭର ଆଖିରେ', 'ରାତିର ପ୍ରାର୍ଥନା', 'ଶଙ୍ଖଚୂଳ', 'ବିଶ୍ୱାବସୁର ଗାଁ', 'ରାକ୍ଷସର ପ୍ରତ୍ୟାଖ୍ୟାନ ପରେ', 'ଏକ ଛୋଟ ଦସ୍ତଖତ', 'ଭୋର ପକ୍ଷୀ ଓ ସେମାନଙ୍କୁ', 'ପାହାଡ଼' ଓ 'ସ୍ୱାମୀ ଜୟନ୍ତ ମିଶ୍ର' ଆଦି କବିତା ତାହାର ପ୍ରମାଣ। 'କେଉଁ ବିଧବାର ପରିତ୍ୟକ୍ତ ଶାଢ଼ି ଭଳି ଶୁଖୁଛି ବର୍ଷା x x x ପାହାଡ଼ ଉପରେ' ('ପାହାଡ଼': ପୃ: ୮୬) ଭଳି ଧାଡ଼ି ସଂଶୟ ଓ ବିସ୍ମୟର ଯୁଗପତ୍ ଯେଉଁ ଆନନ୍ଦ ଆଣେ, ପାଠକର ମନରେ, ତାହା ଭାରତୀୟ କବିତାରେ ଅଲିଭା ପରିଚୟ ହୁଏ କବିଙ୍କର।

### ପାଟଳିପୁତ୍ରର ସାମ୍ରାଜ୍ଞୀ





**ମୂଳହିନ୍ଦୀ:** ଶରଦ ପଗାରେ
**ଓଡ଼ିଆ ରୂପାନ୍ତର:** କନକ ମଞ୍ଜରୀ ସାହୁ
**ପ୍ରକାଶକ:** ଆଦିତ୍ୟ ଭାରତ, ସିଡିଏ, କଟକ-୧୪
**ପ୍ରଥମ ପ୍ରକାଶ:** ୨୦୨୩
**ମୂଲ୍ୟ:** ଟ. ୭୫୦/-

୬୮୮ ପୃଷ୍ଠା ବିଶିଷ୍ଟ ଏହି ବିଶାଳକାୟ ଉପନ୍ୟାସଟି ଇତିହାସ ଓ କଳ୍ପନାର ଅଭୂତପୂର୍ବ ସମବାୟରେ ପରିକଳ୍ପିତ। ମୌର୍ଯ୍ୟ ସମ୍ରାଟ୍ ବିନ୍ଦୁସାରଙ୍କୁ ଜଣେ ସାଧାରଣ ଗରିବ ବ୍ରାହ୍ମଣ ଉପହାର ସ୍ୱରୂପ ପ୍ରଦାନ କରିଥିଲେ ନିଜର ରୂପସୀ କନ୍ୟା ଧର୍ମାଙ୍କୁ। କିନ୍ତୁ ଘଟଣାଚକ୍ରରେ ନାନା ଉତ୍ଥାନ ପତନ ଦେଇ ପରିଶେଷରେ ସମ୍ରାଟ୍ ଅଶୋକଙ୍କର ମାତା ଭାବେ ପ୍ରତିଷ୍ଠା ପାଇଥିଲେ ଧର୍ମା ଏବଂ ଧର୍ମାଙ୍କ ସୁଶିକ୍ଷା ଅଶୋକଙ୍କୁ ମୌର୍ଯ୍ୟ ବଂଶର ଶ୍ରେଷ୍ଠତମ ସମ୍ରାଟ୍‌ରେ ପରିଣତ କରିଥିଲା। ଭାରତ-ଇତିହାସର ଏହି ଦରଲିଭା କାହାଣୀକୁ ନାନା ସୂତ୍ରରୁ ଉଦ୍ଧାର କରି ଓ ଏଥିରେ ନିଜସ୍ୱ ପରିକଳ୍ପନା ମିଶାଇ ଶରଦ ପଗାରେ ଲେଖିଛନ୍ତି। ତାଙ୍କର ଅନ୍ୟତମ ଶ୍ରେଷ୍ଠ ଐତିହାସିକ ଉପନ୍ୟାସ 'ପାଟଳିପୁତ୍ରର ସାମ୍ରାଜ୍ଞୀ': ଯାହା ୨୦୨୦ରେ ତାଙ୍କୁ ମର୍ଯ୍ୟାଦାଜନକ 'ବ୍ୟାସ ସମ୍ମାନ'ରେ ସମ୍ମାନିତ କରିଛି। ଅନୁବାଦିକା କନକ ମଞ୍ଜରୀ ନିଜର ସମସ୍ତ ନିଷ୍ଠା ଦେଇ ମୂଳ ହିନ୍ଦୀରୁ ଏହାର ଓଡ଼ିଆ ରୂପାନ୍ତର କରିଛନ୍ତି। ଅନୁବାଦକାଳୀନ ନିଜର ଅନୁଭୂତି ବ୍ୟକ୍ତ କରି ସେ କହିଛନ୍ତି: ''ଅନୁବାଦ କଲାବେଳେ ମୁଁ ସବୁ କିଛି ଭୁଲି ପୁସ୍ତକ ଭିତରେ ଏମିତି ମଗ୍ନ ହୋଇଯାଉଥିଲି ଯେ ଯେମିତି ସେଇ ରାଜବଂଶର ମୁଁ ଜଣେ ଚରିତ୍ର x x ସେଇ ପ୍ରାସାଦ ଭିତରେ ମୁଁ ଯେମିତି ଚଳପ୍ରଚଳ ହେଉଛି'' (ଅନୁବାଦିକାଙ୍କ କଲମରୁ)। ଅନୁବାଦର ଭାଷା ମୂଳକୃତି ପ୍ରତି ଆଶାନୁରୂପ ବିଶ୍ୱସ୍ତ। ଅନୁବାଦକର ଅହଂରେ ଯେପରି ଅନେକ ଅନୁବାଦ ମୂଳ ଭାଷା ପ୍ରତି ବେପରୁଆ ହୋଇଥାଏ, ଏ ଗ୍ରନ୍ଥ ସେଥିରୁ ମୁକ୍ତ। ବହିଟିର ପାଠକୀୟ ଆଦୃତି ନିଃସଂଶୟ।

## କାଳକାଳକୁ

''ପୁରୁଷ ହେଉ ବା ନାରୀ ହେଉ, ଗୋଟେ ଭଲ ଉପନ୍ୟାସରୁ ଯଦି ଆନନ୍ଦ ପାଉନାହିଁ; ତେବେ ସେ ବରଦାସ୍ତ ନ କଲା ଭଳି ମୂର୍ଖ ।''
-ଜେନ୍ ଅଷ୍ଟେନ୍



ଜେନ୍ ଅଷ୍ଟେନ୍‌ଙ୍କ ଜନ୍ମ ଇଂଲଣ୍ଡରେ ୧୬ ଡିସେମ୍ବର ୧୭୭୫ରେ ଓ ପରଲୋକ ୧୮ ଜୁଲାଇ ୧୮୧୭ରେ। ବହୁ ଧ୍ରୁପଦୀ ଉପନ୍ୟାସର ସ୍ରଷ୍ଟା ଏହି ଲେଖିକାଙ୍କର କେତୋଟି ଚର୍ଚ୍ଚିତ ଗ୍ରନ୍ଥ ହେଉଛି- 'ସେନ୍ସ ଆଣ୍ଡ୍ ସେନ୍ସିବିଲିଟି' (୧୮୧୧), 'ଏମ୍ମା' (୧୮୧୬) ଓ 'ପ୍ରାଇଡ୍ ଆଣ୍ଡ୍ ପ୍ରିଜୁଡିସ୍' (୧୮୧୩)। ସାମାଜିକ ଓ ଆର୍ଥିକ ନିରାପତ୍ତା ପାଇଁ ନାରୀ ଉପାୟହୀନ ଭାବେ ପୁରୁଷଙ୍କ ଉପରେ ନିର୍ଭରଶୀଳ ହେବା ଭଳି ପ୍ରସଙ୍ଗ ଅଷ୍ଟେନ୍‌ଙ୍କ ଉପନ୍ୟାସରେ ଜୀବନ୍ତ ମାଧୁରୀ ନେଇ ଉଭା ଥାଏ। ଶାଣିତ ଶ୍ଳେଷ ତାଙ୍କ ପ୍ରତିଟି ଲେଖାର ଗର୍ଭଗୃହରେ ସଂଚିତ ଥାଇ ପାଠିକାପାଠକଙ୍କୁ ଡୋର ଲଗାଇ ଟାଣୁଥାଏ। ଜେନ୍ କହନ୍ତି, ''ନୃତ୍ୟକୁ ଭଲପାଇବା ମାନେ ପ୍ରେମରେ ପଡ଼ିବା।''

## କବିତା

### ତମେ
ମଧୁସୂଦନ ଦାଶ

**ତ**ମ
ଅଭିମାନ
ଆଷାଢ଼ର
ଅଭିଆଡ଼ୀ
ମେଘ
ବରଷିବ
ବରଷିବ
ହୋଇ
ବରଷେ
ନାହିଁ

ତମ
ଲାଜ
ଚଇତର
ଚୋରା
ଚଇତାଳି
ଛୁଇଁବ
ଛୁଇଁବ
ବୋଲି
ବସେ ମୁଁ
ଚାହିଁ।

-୯୪୩୭୩୩୨୪୯୮

### ଅଧା କାହାଣୀ
ସନ୍ୟାସୀ ନାୟକ

**କା**ହାଣୀରେ ସତ୍ୟତା ନାହିଁ
ବୋଲି
ତୁମେ କହି ପାରିଲନି,
କବିତାରେ ଆବେଗ ଲେଖିବା
ମୁଁ ରୋକି ପାରିଲିନି।

କେତେବେଳେ କ'ଣ ଲେଖିଦିଏ
ମୁଁ ଭୁଲିଯାଏ,
ତୁମେ ଭୁଲି ନାହଁ ବୋଲି
ମୋ କବିତା ବଞ୍ଚିଥାଏ।

ଶବ୍ଦର ଭରସାରେ
ମୁଁ ଈଶ୍ୱର ସାଜିଥାଏ,
ପାଠକ ସାଜି
ମୋ ଭିତରେ ତୁମେ,
ତୁମକୁ ଖୋଜୁଥାଏ।

ଲୁହ ଦେଖିଲେ
ଏତେ କଷ୍ଟ ଲାଗେ,
ତାକୁ ବାନ୍ଧିପକାଏ ଶବ୍ଦରେ,
ତୁମେ ପଢ଼ିଦେଲ ବୋଲି
ରହିଗଲି ତୁମ ହୃଦୟରେ।

କୁଟାକାଠି ଗୋଟାଇ
ଘରଟେ କରିବା ଭାରି କଷ୍ଟ,
ରାତିରେ ନ ଶୋଇ
ଶବ୍ଦ ଯୋଗାଡ଼ି
କବିତା ଗଢ଼ିବା କେତେ କଷ୍ଟ!

ଆବେଗକୁ
ଭାଗ କରିବାକୁ ହେଲେ
ଲୁହ ନୁହେଁ ଶବ୍ଦ ଦରକାର,
ଶବ୍ଦ ହିଁ କହେ
ସଂସ୍କୃତି ଆଉ ଇତିହାସର କଥା,
କେବେ ସ୍ୱାଧୀନତା ଆଣିଦିଏ
କେବେ ପ୍ରେମରେ ଦେଇଥାଏ ବ୍ୟଥା।

ଏ ପୃଥିବୀରେ
ବଞ୍ଚିବାଟା ଯଦି ସିଦ୍ଧ ସତ୍ୟ,
ଭଲପାଇବା ସହ କିଛି ଶବ୍ଦ ଦିଅ,
ମୁଁ ମାତାଲ ହେବି,
ଆବେଗ ଫଟାଇ
ବୁହାଇବି ଲୁହର ସୁଅ,
ମୁଁ ଏବେ ପ୍ରେମିକ କି ପ୍ରତାରକ
ତୁମେ ଏବେ କୁହ ?
ଅଧା କାହାଣୀ ଲୋଡ଼େ
ଲହୁ ଆଉ ଲୁହ।

ମୋ: ୯୪୩୭୩୫୨୫୬୦

### ଅଦୃଷ୍ଟ
**ମୂଳ ରଚନା:** ମ୍ୟାଥ୍ୟୁ ଆର୍ନୋଲ୍ଡ
**ମର୍ମାନୁବାଦ:** ଡ. ସୂଚନା ପାଢ଼ୀ

**ଅ**ଦୃଶ୍ୟ ରେଖା ସେ ତ
ଗୋପନ ଅଦେଖା
ଅଭାଗା ପରାଣ
କଳବଳ ଛିନ୍ନବିଚ୍ଛିନ୍ନ
ନାହିଁ ସୀମାରେଖା
ଯା'ର ପରିଧି ବି ନାହିଁ
ପାଇନି ପ୍ରେମ ପରଶ
ମୃତ୍ୟୁ ଦେଲା ଛୁଇଁ।

ଭାଗ୍ୟ ଉପହାସ ସିନା
ଅସହ୍ୟ ବେଦନା
ଜୀବନ ଶୁଷ୍କ
ତୁମ କୃପା ବିନା
ତୁମ ସାଥେ ଅଛି
ଯଦି ମୋ ହୃଦୟ
କାହିଁକି ଝରିଯାଏ
ଧାର ଧାର ଲୁହ ?
କୁହ କୁହ କୁହ।

ମୋ: ୯୪୩୮୬୦୪୮୬୫

### ମନରେ ତୋଳିଛ ଘର
ନିରଞ୍ଜନ ସାହୁ

**ଯେ**ଦିନ ପହିଲେ ମନ୍ଦିର ବେଢ଼ାରେ
ଭେଟିଲି ପ୍ରଥମ ଥର
ସେହିଦିନଠାରୁ ମୋହରି ମନରେ
କରିଥିଲ ତୁମେ ଘର।

ତୁମକୁ ନେଇକି ରଙ୍ଗିନ ସପନ
ଦେଖିଥିଲି ମୁହିଁ କେତେ
ଯେତେ କହିଲେ ବି ଆଉ ରହିଯିବ
ସ୍ୱପ୍ନ ଦେଖିଥିଲି ଏତେ
ମନ ଉଡ଼ିଥିଲା ଜହ୍ନ ରାଇଜରେ
ଡେଇଁଥିଲି ସମୁଦର।

ସେ ସପନ ସିନା ସତ ହେଲାନାହିଁ
ବିହି ହେଲା ଯେବେ ବାମ
ପୂରଣ ହେଲାନି ଅଭିଳାଷ ମୋର
ଭୁଲିନାହିଁ ତୁମ ନାମ
ତୁମେ ସିନା ମୋତେ ପର କରିଦେଲ
ମୁଁ କରି ପାରିନି ପର।

ମୋ: ୯୯୩୮୭୪୧୫୮୩

## ଗଳ୍ପ

# ବର୍ଷାର ପ୍ରଶ୍ନ

ଭୁବନେଶ୍ୱରୀ ପଣ୍ଡା



**ବ**ର୍ଷା ଆମ ଘରେ ବର୍ଷେ ପାଖାପାଖି ହେବ କାମ କଲାଣି। ତେବେ ଆଜି ତା' ପ୍ରଶ୍ନ ଶୁଣି ମତେ ଝଟକା ଲଗିଲା। ସେ କାମ ସାରି ଯିବା ପରେ ମୁଁ ଭାବି ଚାଲିଛି, 'କାହିଁକି ବର୍ଷା ମତେ ଏମିତି ପଚାରିଲା' ? ଆଗରୁ ୨ ଥର ବି ପଚାରିଛି। କାହିଁକି ବର୍ଷା ମନରେ ଏସବୁ ପ୍ରଶ୍ନ ଆସୁଛି ?

ମୁଁ ଅନ୍ୟମନସ୍କ ଭାବେ ବସି ଝରକା ବାହାରକୁ ଚାହିଁଛି। ଉପର ମହଲା ବେଡ୍‌ରୁମ୍‌ରୁ ଆସି ମୋ' ପାଖରେ ପହଞ୍ଚିଗଲେଣି ସମ୍ପଦ। 'କ'ଣ ପୂରା ଭାବନା ରାଇଜରେ ଭୋଳ। ଆମ ଆଡ଼େ ନଜର ନାହିଁ' ବୋଲି କହିବା ପରେ ମୁଁ ସମ୍ପଦଙ୍କୁ ବୁଲି ଦେଖିଲି।

ସକାଳୁ ସକାଳୁ କୋଉ ଉପନ୍ୟାସର ଚିତ୍ର ଚରିତ୍ରଗୁଡ଼ିକ ମୋ' ପ୍ରେମିକା ପତ୍ନୀଙ୍କୁ ଅନ୍ୟମନସ୍କ କରିଦେଇଛନ୍ତି ଯେ ସେ ଚା' କପେ ବି ଏଯାଏଁ ଦେଲେନି ବୋଲି କହିଲେ ସମ୍ପଦ। ମୁଁ କହିଲି, ନା ମ, ଏଇ ବର୍ଷା କଥା ଭାବୁଥିଲି।ତା'ର ପୁଣି କ'ଣ ଅସୁବିଧା ହେଲା ? ସମ୍ପଦ ପଚାରିଲେ।

'ନା, ବର୍ଷା ମୋତେ ଗୋଟିଏ କଥା ପଚାରିଲା। ମୁଁ ତ ତାକୁ ଉତ୍ତର ଦେଇନି। ତା' ପ୍ରଶ୍ନରେ ମୁଁ ତାକୁ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁଲି। କିନ୍ତୁ ସେ ମତେ କାହିଁକି ପ୍ରଶ୍ନଟି ପଚାରିଲା ସେଇ କଥା ଭାବୁଛି ସେତବେଳୁ' ବୋଲି କହିଲି।

ବର୍ଷା ଏମିତି କ'ଣ ପଚାରିଦେଲା କି ତୁମକୁ, ସମ୍ପଦ କହିଲେ। ''ବୁଝିଲ ତୁମେ ସବୁବେଳେ ରାତି ୨ଟା ପାଖାପାଖି ଅଫିସରୁ ଘରକୁ ଫେରିଲ। ବର୍ଷା ସକାଳ ୭ଟାରୁ କାମ କରିବାକୁ ଆସୁଛି ନା। ତେଣୁ ମତେ ତଳେ ଡାଇନିଂରେ ବସି ଚା' ପିଇବାର ନହେଲେ ଖବରକାଗଜ ପଢ଼ିବାର ଦେଖେ ସିଏ। ଆଉ ଉପର ବେଡ୍‌ରୁମ୍ ଓଳେଇଲା ବେଳେ ତମକୁ ଘୁଙ୍ଗୁଡ଼ି ମାରିବାର ଦେଖିଛି ସିଏ। ଆମକୁ କେବେ ସେ ଏକାଠି ବସି ଗପସପ କରୁଥିବାର କି ଥଟ୍ଟାମଜା ହେବାର ଦେଖିନି ବର୍ଷା। ତେଣୁ 'ବାବୁ କ'ଣ ସବୁବେଳେ ଡେରିରେ ଉଠନ୍ତି କି' ବୋଲି ପଚାରିଦେଲା ସେ। ମୁଁ ତାକୁ ପ୍ରଶ୍ନ କଲି କାହିଁକି ଏମିତି ପଚାରୁଛୁ। ସେ କିଛି ନକହି ଚୁପ୍ ରହିଲା।''

ବୁଝିଲ ଡ୍ରଇଂରୁମ୍‌ରେ ଲାଗିଥିବା ଆମ ବାହାଘର ଫଟୋକୁ ଦେଖି ଥରେ ମୋତେ ପଚାରିଥିଲା, 'ମାଆ ବେକରେ ଏତେଗୁଡ଼ା ଯୋଉ ପକେଇଛ ସବୁ କ'ଣ ସୁନା ?'

ମୁଁ ହଁ କହିଲି। 'ତାହାଲେ ଏବେ କୁଆଡ଼େ କେମିତି ବାହାଘରିଆ, ବ୍ରତଘରିଆ ଭୋଜିଭାତ ଗଲେ ଧଳା ପ୍ଲାଷ୍ଟିକ ମାଳି କାହିଁକି ପକଉଛ' ବୋଲି ପ୍ରଶ୍ନ କଲା ବର୍ଷା।ବୁଝିଲ ତୁମେ ଗତ ଥର ହାଇଦ୍ରାବାଦରୁ ଯୋଉ ଡବଲ ଲେୟାରବାଲା ପର୍ଲ ନେକ୍‌ଲେସ୍ ଆଣିଥିଲ ତାକୁ ପ୍ଲାଷ୍ଟିକ ମାଳି କହିଲା ବର୍ଷା।

ଗତ ମାସରେ ବର୍ଷା ତା' ଝିଅର ଜନ୍ମଦିନ କରିଥିଲା। ରାତିରେ ଅଫିସ କାରଣରୁ ତୁମେ ତ ଆସିପାରିଲନି। ମୁଁ ଏକୁଟିଆ ଗଲି। ମତେ ଦେଖି ବର୍ଷା ପଚାରିଲା, 'ବାବୁ କାହିଁକି ଆସିଲେନି' ? ମୁଁ ହସିଦେଇ କହିଲି, 'ସିଏ ତ ହେଲେ ଜଣେ ଆସିଲା।'ମୋ' କଥାକୁ ଅଧାରେ ଅଟକେଇ ସମ୍ପଦ କହିଲେ, 'ବର୍ଷାର ସ୍ୱାମୀ ଗୋପାଳ ମଦ ପିଇକି ଆସି ଚେତା ବୁଡ଼ିଲା ଭଳି ଶୋଉଛି। ଦେଢ଼ ଦିନ ଶୋଇବା ପରେ ଉଠୁଛି। ନିଶା ପାଣି ପାଇଁ ସ୍ତ୍ରୀ ପଇସା ନଦେଲେ ତାକୁ ଅମାନୁଷିକ ଭଳି ମାଡ଼ ମାରୁଛି। ମଦ ପିଇବ ବୋଲି ବାହାଘର ବେଳେ ବର୍ଷା ଆଣିଥିବା ସୁନା କାନଫୁଲ, ମୁଦି, ଚେନ୍ ସବୁ ବିକି ଦେଇଛି ଗୋପାଳ। ତୁମକୁ ଆସି ଦୁଃଖ ଜଣେଇଲେ ତୁମେ ତମ ପାରୁପର୍ଯ୍ୟନ୍ତ ତାକୁ ସାହାଯ୍ୟ କରୁଛ। କେତେବେଳେ ଜଳଖିଆ ଖାଇବାକୁ ଦଉଛ ତ ଆଉ କେତେବେଳେ ତା' ପୁଅ ପାଇଁ ସ୍ୱେଟର କିଣିକି ଦଉଛ।

ବର୍ଷା ଯେଉଁ ପୁରୁଷ ପାଖେ ଚଳୁଛି, ତାକୁ ଯେମିତି ଦେଖୁଛି ସମସ୍ତଙ୍କୁ ସେମିତି ଭାବିବ ସେ। ମନସ୍ତତ୍ତ୍ୱରେ ପିଜି କରିଥିବା ସଂପଦ କହିଲେ, 'ଉଇ ପରସିଭ ଦ ୱାର୍ଲ୍ଡ ଆଜ୍ ଉଇ ଆର୍।' ମାନେ ଆମେ ଯେମିତି ଦୁନିଆକୁ ଦେଖୁ ଆମେ ସେମିତି ବୋଲି ଭାବୁ। ତେଣୁ ବର୍ଷା ଯଦି ଭାବୁଛି ମୁଁ ମାଲ୍ ଟିକିଏ ମାରିଦେଇ ଶୋଉଛି, ତମର ସୁନା ହାର ନାହିଁ ବୋଲି ତୁମେ ପ୍ଲାଷ୍ଟିକ ମାଳି ପକଉଛ, ମୁଁ ତୁମକୁ କୁଆଡ଼େ ସାଙ୍ଗରେ ନେଉନି, ତା'ହାଲେ ତା' ଭାବନା ତା' ଭିତରେ ରହିବାକୁ ଦିଅ।

ମୋ: ୬୩୭୧୬୫୨୨୨୪

# ଅଲ୍ ନ୍ୟୁ କିଆ ସୋନେଟ୍‌ର ଅନାବରଣ

ଭୁବନେଶ୍ୱର,୧୫।୧୨(ଅଭୟ ଦାଶ)




ଅନ୍ତଃରାଷ୍ଟ୍ରୀୟ ଅଟୋମୋବାଇଲ କମ୍ପାନୀ କିଆ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ ନ୍ୟୁ କିଆ ସୋନେଟ୍‌ର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏପରିକି କମ୍ପାନୀର ଦ୍ୱିତୀୟ ସର୍ବଶ୍ରେଷ୍ଠ ଉଦ୍ଭାବନ ସୋନେଟ୍‌ର ନୂତନ ଅବତାରକୁ ଭାରତ ବଜାରରେ ବିକ୍ରୟ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୧୦ଟି ସ୍ୱୟଂଚାଳିତ ବୈଶିଷ୍ଟ୍ୟ ସହ ଉକ୍ତ ମଡେଲ ଆଡାସ୍‌ରେ ସୁସଜ୍ଜିତ ହୋଇଛି। ଯେଉଁଥିରେ ଫ୍ରଣ୍ଟ କୋଲିଜନ୍ ଆଭୋଏଡାନ୍ସ୍ ଆସିଷ୍ଟ (ଏଫସିଏ), ଲିଡିଙ୍ଗ୍ ଭେହିକିଲ୍ ଡିପାର୍ଚର ଆଲର୍ଟ ଏବଂ ଲେନ୍ ଫଲୋଇଙ୍ଗ୍ ଆସିଷ୍ଟ ଆଦି ଅନ୍ତର୍ଭୁକ୍ତ ରହିଛି। ସେହିଭଳି ୧୫ ହାଇ-ସେଫ୍ଟି ବୈଶିଷ୍ଟ୍ୟ ସହିତ ବର୍ତ୍ତମାନ ସୋନେଟ୍‌ରେ ୨୫ରୁ ଅଧିକ ସୁରକ୍ଷା ବୈଶିଷ୍ଟ୍ୟତା ସାମିଲ ରହିଛି। ଏ ସମ୍ପର୍କରେ କିଆ ଇଣ୍ଡିଆର ଏମ୍‌ଡି ତଥା ସିଇଓ ଟାଏ-ଜିନ୍ ପାର୍କ କହିଛନ୍ତି, ଦି ନ୍ୟୁ ସୋନେଟର ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣାକରି ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷ କରି କିଆ ସେଲ୍‌ଟୋସ୍ ପରେ ଆମର ସଫଳ ଭାରତ ଯାତ୍ରାରେ ସୋନେଟ୍ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି, ଏପରିକି ଅବିଶ୍ୱାସନୀୟ ବୈଶିଷ୍ଟତା ଏବଂ ଡିଜାଇନ ସହ ଭାରତରେ ଏହାର ବିକ୍ରୟ ଶୁଭାରମ୍ଭ ହୋଇଯାଇଛି। ସେହିଭଳି ଏହି ମଡେଲ ସୀମା ଅତିକ୍ରମକରି ବର୍ତ୍ତମାନ ୧୦୦ରୁ ଅଧିକ ଦେଶକୁ ରପ୍ତାନି ହେଉଛି, ଯେଉଁଠାରେ ଆମେ ୩.୬୮ ଲକ୍ଷ ଗ୍ରାହକ ପାଇ ଗର୍ବିତ ହୋଇଛୁ। ନୂଆ ସୋନେଟ୍ ମାଧ୍ୟମରେ ଆମର ଉଦ୍ଦେଶ୍ୟ ହେଉଛି ଏହାର ପ୍ରିମିୟମ୍ ବୈଶିଷ୍ଟ୍ୟଗୁଡ଼ିକୁ ମୂଲ୍ୟ ଚାଳିତ ମାଲିକାନା ଅଭିଜ୍ଞତା ସହ ନିରବଚ୍ଛିନ୍ନ ଭାବେ ଏକତ୍ର କରିବା ତା' ସହିତ ସର୍ବନିମ୍ନ ରକ୍ଷଣାବେକ୍ଷଣ ଖର୍ଚ୍ଚ ଏବଂ ଅଧିକ ପୁନଃ ବିକ୍ରୟ ମୂଲ୍ୟ ସୁନିଶ୍ଚିତ କରିବା। ଉଲ୍ଲେଖଯୋଗ୍ୟ, ନ୍ୟୁ ସୋନେଟ୍‌ରେ ଏକମାତ୍ର କମ୍ପାକ୍ଟ ଏସୟୁଭି ସାମିଲ ରହିଛି, ଯାହାକି ୧୫ଟି ଷ୍ଟାଣ୍ଡାର୍ଡ୍ ସୁରକ୍ଷା ବୈଶିଷ୍ଟ୍ୟତାରେ ସୁସଜ୍ଜିତ ସହ ଏକ ଷ୍ଟାଣ୍ଡାର୍ଡ ଭାବେ ୬-ଏୟାରବ୍ୟାଗକୁ ଅନ୍ତର୍ଭୁକ୍ତ କରିଛି।

## ଶେୟାର ବଜାରରେ ଉତ୍ସାହ

ଭୁବନେଶ୍ୱର,୧୫।୧୨

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୯୭୦ (୯୬୯.୫୫) ପଏଣ୍ଟ ବଢି ୭୧,୪୮୪ (୭୧,୪୮୩.୭୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୨୭୪ (୨୭୩.୯୫) ପଏଣ୍ଟ ବୃଦ୍ଧି ଘଟି ୨୧,୪୫୭ (୨୧,୪୫୬.୬୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ସିବିଆଇ ପକ୍ଷରୁ ୧୦୦ କୋଟିର ଋଣ ମଞ୍ଜୁର




ଭୁବନେଶ୍ୱର,୧୫।୧୨

ସେଣ୍ଟ୍ରାଲ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ(ସିବିଆଇ)ର ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ନିକଟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଗ୍ରାହକଙ୍କୁ ପ୍ରାୟ ୧୦୦କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ,ସିବିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିବେକ ୱାହି ନିକଟରେ ୩ ଦିନିଆ ଭୁବନେଶ୍ୱର ଗସ୍ତରେ ଆସି ଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗ ଦେଇଥିଲେ। ସେହିଭଳି ଭୁବନେଶ୍ୱରର ପଟିଆସ୍ଥିତ ଓ-ହବ୍‌ଠାରେ ଏକ ମେଗା କ୍ରେଡିଟ୍ କ୍ୟାମ୍ପ ଓ ଗ୍ରାହକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଯେଉଁଥିରେ ଭୁବନେଶ୍ୱର କ୍ଷେତ୍ରର ବିଭିନ୍ନ ବର୍ଗର ଗ୍ରାହକଙ୍କୁ ପ୍ରାୟ ୧୦୦ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ସେହିପରି ୱାହି ଏକ ଟାଉନ୍ ହଲ୍ ସଭାରେ ଯୋଗଦେଇ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ଉଭୟ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରି ଗ୍ରାହକମାନଙ୍କର ଆବଶ୍ୟକତା ଅନୁଯାୟୀ ସର୍ବୋତ୍କୃଷ୍ଟ ସେବା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ କୋଲକାତା ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ମୁଖ୍ୟ ଅଜୟ କୁମାର ସିଂ ଏବଂ ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଅନାଦି ବିଶ୍ୱାସଙ୍କ ସମେତ ବହୁ ବରିଷ୍ଠ ବ୍ୟାଙ୍କ ଅଧିକାରୀ ଓ ଅନ୍ୟମାନେ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଅଜନ୍ତା ଫୁଟ୍‌କେୟାରର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



ଭୁବନେଶ୍ୱର,୧୫।୧୨

ଦେଶର ଅଗ୍ରଣୀ ଫୁଟ୍‌କେୟାର ବ୍ରାଣ୍ଡ 'ଅଜନ୍ତା'ର ସ୍ୱତନ୍ତ୍ର ଖୁଚୁରା ଚେନ୍ 'ଅଜନ୍ତା ଫୁଟ୍‌କେୟାର'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଭୁବନେଶ୍ୱରର ଅଶୋକନଗର ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ବ୍ରାଣ୍ଡର ପ୍ରଥମ ଫ୍ଲାଗ୍‌ଶିପ ଷ୍ଟୋରରେ ସମସ୍ତ ରେଞ୍ଜର ବ୍ରାଇଡାଲ ବ୍ୟାଗ୍, ଭେନିଟି ବ୍ୟାଗ୍ ଭଳି ଆସେସୋରିଜ ମଧ୍ୟ ଉପଲବ୍ଧ ରହିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଅଭିନେତ୍ରୀ ଏଲିନା ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଜନ୍ତା ସୁଜ୍‌ର ଏମ୍‌ଡି ସୌମି ବଣିକଙ୍କ ସମେତ ଆଉଟଲେଟର ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତି ଥିଲେ। ବିଶେଷକରି ୮୦୦ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢି ଉଠିଥିବା ଉକ୍ତ ଷ୍ଟୋରରେ ଷ୍ଟାଇଲ ଏବଂ ଆରାମଦାୟକ ବର୍ଗର ସୁଜ୍ ଉପଲବ୍ଧ। ସେହିଭଳି ସମସ୍ତଙ୍କର ପସନ୍ଦ ଏବଂ ପକେଟକୁ ସୁହାଇଲା ଭଳି ଜୋତା, ସାଣ୍ଡାଲ ଏବଂ ସ୍ଲିପରର ବ୍ୟାପକ ସମ୍ଭାର ଉକ୍ତ ଷ୍ଟୋରରେ ଉପଲବ୍ଧ ରହିଛି।

ଏ ସମ୍ପର୍କରେ ଅଜନ୍ତା ଫୁଟ୍‌କେୟାରର ପରିଚାଳନା ନିର୍ଦ୍ଦେଶକ ସୌମି ବଣିକ କହିଛନ୍ତି, ଫ୍ଲାଗ୍‌ଶିପ ଷ୍ଟୋରର ଶୁଭାରମ୍ଭ ସହିତ ଭୁବନେଶ୍ୱର(ଓଡ଼ିଶା)ରେ ବ୍ରାଣ୍ଡ ବଜାର ପ୍ରବେଶ ସମ୍ପର୍କରେ ଘୋଷଣାକରି ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଭାରତରେ ଏହା ଆମର ୧୫୧ ତମ ଷ୍ଟୋର ହୋଇଥିବାବେଳେ ୬୭ ବର୍ଷର ପରମ୍ପରା ମଧ୍ୟରେ ବଜାଇ ରଖିଥିବା ଅଜନ୍ତା ଫୁଟ କେୟାର ନୂତନତ୍ୱ ଏବଂ ବିଶ୍ୱାସର ଶକ୍ତି ଉପରେ ବିଶ୍ୱାସ କରିଥାଏ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଜିଓର 'ଜିଓଟିଭି ପ୍ରିମିୟମ ପ୍ଲାନ୍ସ' ଉନ୍ମୋଚିତ

ଭୁବନେଶ୍ୱର,୧୫।୧୨

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ପକ୍ଷରୁ 'ଜିଓଟିଭି ପ୍ରିମିୟମ ପ୍ଲାନ୍ସ'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି ନୂଆ ବର୍ଷ ପୂର୍ବରୁ ଜିଓ ତା'ର ଗ୍ରାହକଙ୍କ ପାଇଁ ମନୋରଞ୍ଜନର ବ୍ୟାପକ ସମ୍ଭାର ଆଣିଦେଇଛି। ଏପରିକି ଜିଓ ଟିଭି ପ୍ରିମିୟମ ପ୍ଲାନ୍ସ ନାମରେ ମାଗଣା ଓଟିଟି ଆପ୍ ସବ୍‌ସ୍କ୍ରିପଶନ ସହ କମ୍ପାନୀ ୩ ନୂଆ ମୋବାଇଲ ପ୍ଲାନ୍‌ର ଶୁଭାରମ୍ଭ ମଧ୍ୟ କରିଛି। ଉକ୍ତ ପ୍ଲାନ୍‌ଗୁଡିକ ଜରିଆରେ ଗ୍ରାହକ ଜିଓସିନେମା ପ୍ରିମିୟମ, ଡିଜନି ପ୍ଲସ୍ ହଟ୍‌ଷ୍ଟାର, ଜିଓ, ସୋନି-ଲିଭ ଭଳି ଜାତୀୟସ୍ତରର ଓଟିଟି ଏବଂ ପ୍ରାଇମ ଭିଡିଓ (ମୋବାଇଲ), ଲାୟନ୍ସଗେଟ୍ ପ୍ଲେ, ଡିସ୍‌କଭରି ପ୍ଲସ୍, ଡକୁ-ବେ ଭଳି ଅନ୍ତର୍ଜାତୀୟ ଓଟିଟି ସବ୍‌ସ୍କ୍ରିପଶନ ସହ ସନ୍ ନେକ୍ସଟ, ହୋଇଚୋଇ, ପ୍ଲାନେଟ୍ ମରାଠୀ, ଚୌପାଲ, ଏପିକଅନ୍ ଓ କଞ୍ଚାଲଙ୍କା ଭଳି ଲୋକପ୍ରିୟ ଆଞ୍ଚଳିକ ଓଟିଟି ଆପ୍ ସମେତ ପ୍ରାୟ ୧୪ଟି ଓଟିଟି ଆପ୍ ସବ୍‌ସ୍କ୍ରିପଶନ୍ ବିନା କୌଣସି ଅତିରିକ୍ତ ମୂଲ୍ୟରେ ପାଇପାରିବେ ବୋଲି ଜିଓ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଓଟିଟି ଆପ୍ ଜରିଆରେ ଜାତୀୟ, ଅନ୍ତର୍ଜାତୀୟ ଓ ଆଞ୍ଚଳିକ ଭାଷାର ବିଷୟବସ୍ତୁ ଦେଖିବାକୁ ମିଳିବ। ଉକ୍ତ ପ୍ଲାନ୍ ସହ ଯୋଡ଼ିହୋଇଥିବା ତଥା ମାଗଣାରେ ଉପଲବ୍ଧ ହେଉଥିବା ଓଟିଟି ଆପ୍‌ଗୁଡ଼ିକର ସବ୍‌ସ୍କ୍ରିପଶନ ମୂଲ୍ୟ ପ୍ରାୟ ୧୦୦୦ ଟଙ୍କା ରହିଛି।

# ବଜାରରେ 'ହୋଣ୍ଡା ସିବି ୩୫୦'



ଭୁବନେଶ୍ୱର,୧୫।୧୨

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ହୋଣ୍ଡା ସିବି ୩୫୦'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି ହୋଣ୍ଡାର ପ୍ରିମିୟମ ବାଇକ ୟୁନିଟ୍ 'ହୋଣ୍ଡା ବିଗ୍ ୱିଙ୍ଗ୍' ଜରିଆରେ ବିକ୍ରୟ କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଏଚ୍.ଏମ୍.ଏସ୍.ଆଇ ର ସ୍ୱୀକୃତିପ୍ରାପ୍ତ ଡିଲର ଗୁଗ୍‌ନାନି ମୋଟର୍ସର ହୋଣ୍ଡା ବିଗ୍ ୱିଙ୍ଗ ଭୁବନେଶ୍ୱର ନର୍ଥ ପଟିଆ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏଚ୍‌ଏମ୍‌ଏସ୍‌ଆଇ ପ୍ରିମିୟମ୍ ମୋଟର ସାଇକେଲ ବିଜ୍‌ନେସ୍ ମାର୍କେଟିଂ-କଷ୍ଟମର ଏନ୍‌ଗେଜ୍‌ମେଣ୍ଟର ବିକାଶ ରାହେଜା ଏବଂ ରୋହିତ ଯାଦବଙ୍କ ସମେତ ସ୍ନେହାଶିଷ ପାଣିଗ୍ରାହୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଗୁଗ୍‌ନାନି ମୋଟର୍ସ (ହୋଣ୍ଡା ବିଗ୍ ୱିଙ୍ଗ,ଭୁବନେଶ୍ୱର ନର୍ଥ) ର ପରିଚାଳନା ଅଂଶୀଦାର ୟସ୍‌ନୀତ୍ ଗୁଗ୍‌ନାନି କହିଥିଲେ, ଆମେ ହୋଣ୍ଡା ସିବି ୩୫୦କୁ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାହକମାନେ ବର୍ତ୍ତମାନ ଏହି ନୂତନ ବାଇକର ବୁକିଂ ଆରମ୍ଭ କରିପାରିବେ ବୋଲି ଗୁଗ୍‌ନାନି ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ବିଶେଷ କରି ୩୫୦ ସିସି ଇଞ୍ଜିନ ବିଶିଷ୍ଟ ଏହି ବାଇକ୍ ୨୦.୭୮ ବିପିଏଚ୍‌ର ପାୱାର ସୃଷ୍ଟି କରିଥାଏ। ଉକ୍ତ ବାଇକରେ ହୋଣ୍ଡା ସ୍ମାର୍ଟ ଫୋନ୍ ଭଏସ୍ କଣ୍ଟ୍ରୋଲ ସିଷ୍ଟମ (ଏଚ୍‌ଏସ୍‌ଭିସିଏସ୍) ର ସମସ୍ତ ସୁବିଧା ଉପଲବ୍ଧ। ସେହିଭଳି ଫନ୍ ବାଇକିଂର ଆନନ୍ଦ ଦେଉଥିବା ଏହି ବାଇକ ୫ଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ ଥିବାବେଳେ ଏଥିରେ ୧୦ ବର୍ଷର ୱାରେଣ୍ଟି ମଧ୍ୟ ସାମିଲ ରହିଛି।

ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଦିବସ, ଇଂରାଜୀ ନବବର୍ଷ ଓ ପବିତ୍ର ମକର ସଂକ୍ରାନ୍ତି ଅବସରରେ ଭୋଗରାଇ ନିର୍ବାଚନ ମଣ୍ଡଳୀ ସାହାବାଜିପୁର ପଞ୍ଚାୟତର ସମସ୍ତ ୱାର୍ଡ ସଦସ୍ୟା / ସଦସ୍ୟ, ଜନପ୍ରତିନିଧି, ଗୁରୁଜନମାନଙ୍କୁ ଜଣାଉଛି ସଭକ୍ତି ପ୍ରଣାମ।
ସାନ ଓ ସାଥୀମାନଙ୍କୁ ଜଣାଉଛି ମୋ ହୃଦୟର ଗଭୀରତମ ପ୍ରଦେଶରୁ ସ୍ନେହଭରା ଆନ୍ତରିକ ଶୁଭେଚ୍ଛା । ଆସନ୍ତୁ, ସଭିଏ ମିଳିମିଶି ପଞ୍ଚାୟତର ଉନ୍ନତି, ପ୍ରଗତି ରଥକୁ ଆଗେଇନେବା। ନବବର୍ଷ ଆପଣଙ୍କର ମଙ୍ଗଳମୟ ହେଉ, ବାବା ଚନ୍ଦନେଶ୍ୱର, ବାବା ଭୂଷଣ୍ଡେଶ୍ୱର ଓ ମା' ବାଶୁଳୀଙ୍କଠାରେ ମୋର ପ୍ରାର୍ଥନା ।



ଶ୍ରୀ ଅରୁଣ କୁମାର ଗିରି
ବିଜେଡିର ବରିଷ୍ଠ ନେତା ତଥା ସରପଞ୍ଚ, ସାହାବାଜିପୁର, ଭୋଗରାଇ

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ରରେ ପାଠକ, ପାଠିକା ଓ ଜନସାଧାରଣଙ୍କୁ ଶୁଭେଚ୍ଛା।
ଦୀପ୍ତିମୟୀ ମୁଣ୍ଡ
ଜିଆର୍‌ଏସ୍, ବୋରିଗାଁ ପଞ୍ଚାୟତ, ଡାବୁଗାଁ ବ୍ଲକ୍

ଅଭିନନ୍ଦନ
ମାନ୍ୟତା ପାଉଛି ପୁରୁଷ ଚାଷୀ
କେବଳ ହଳଟେ କରି,
ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଖଟୁଛୁ
ମୁଣ୍ଡ ଝାଳ ତୁଣ୍ଡେ ମାରି ।।
ଜନସାଧାରଣ ଅଧିକାରୀଗଣ
ସଭିଏଁ ଜାଗ୍ରତ ହୁଅ,
ମହିଳାମାନଙ୍କ ଅଧିକାର ପାଇଁ
ଚାଷୀର ମାନ୍ୟତା ଦିଅ ।



ଶୁଭେଚ୍ଛା ସହ
ଏକତା, କୋରାପୁଟ

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଧରିତ୍ରୀର ସମସ୍ତ ପାଠିକା ପାଠକ, ପରିବାରବର୍ଗ ଓ କୋରାପୁଟ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
କୋରାପୁଟ ଜନ ଶିକ୍ଷଣ ସଂସ୍ଥାନ (ଜେଏସଏସ) କୋରାପୁଟ

ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଦିବସ, ଇଂରାଜୀ ନବବର୍ଷ ଓ ପବିତ୍ର ମକର ସଂକ୍ରାନ୍ତି ଅବସରରେ ଭୋଗରାଇ ନିର୍ବାଚନ ମଣ୍ଡଳୀର ସମସ୍ତ ଗୁରୁଜନ, ସମିତି ସଦସ୍ୟା / ସଦସ୍ୟ, ସରପଞ୍ଚ, ଜିଲ୍ଲା ପରିଷଦ ସଦସ୍ୟା / ସଦସ୍ୟ ଓ ସାଥୀମାନଙ୍କୁ ଜଣାଉଛି ସଭକ୍ତି ପ୍ରଣିପାତ, ଶ୍ରଦ୍ଧା ଓ ସଂଗ୍ରାମୀ ଅଭିନନ୍ଦନ । ଆସନ୍ତୁ, ସଭିଏ ମିଳିମିଶି ଭୋଗରାଇ ବ୍ଲକ୍‌କୁ ଓଡ଼ିଶାର ଶ୍ରେଷ୍ଠ, ବିକଶିତ ବ୍ଲକ୍‌ଭାବେ ଗଢ଼ିତୋଳିବା ।



ଶ୍ରୀ ପ୍ରବୀର କୁମାର ଗିରି
ବିଜେଡି ଜିଲ୍ଲା ଉପସଭାପତି
ତଥା ପଞ୍ଚାୟତ ସମିତି ଅଧ୍ୟକ୍ଷ, ଭୋଗରାଇ,
ବାଲେଶ୍ୱର

ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଦିବସ, ଇଂରାଜୀ ନବବର୍ଷ ଓ ପବିତ୍ର ମକର ସଂକ୍ରାନ୍ତି ଅବସରରେ ଭୋଗରାଇ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ମୋର ହୃଦୟର ଗଭୀରତମ ପ୍ରଦେଶରୁ ଜଣାଉଛି ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ । ଆସନ୍ତୁ ସଭିଏ ମିଳିମିଶି ଭୋଗରାଇକୁ ଓଡ଼ିଶାର ଏକନମ୍ବର ଆଦର୍ଶ ନିର୍ବାଚନ ମଣ୍ଡଳୀଭାବେ ଗଢ଼ିତୋଳିବା।
ଆପଣଙ୍କର ସେବକ



ଶ୍ରୀ ଅନନ୍ତ ଦାସ
ପୂର୍ବତନ ମନ୍ତ୍ରୀ,
ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା
ଭୋଗରାଇ ବିଧାୟକ

ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ, ଇଂରାଜୀ ନବବର୍ଷ ଓ ପବିତ୍ର ମକର ସଂକ୍ରାନ୍ତି ଅବସରରେ ଭୋଗରାଇ ନିର୍ବାଚନ ମଣ୍ଡଳୀର ସମସ୍ତ ଗୁରୁଜନ, ଲଘୁଜନ, ଜନପ୍ରତିନିଧି, ବିଭିନ୍ନ ଅନୁଷ୍ଠାନର ରୂପକାର ଓ ସାଥୀମାନଙ୍କୁ ଜଣାଉଛି ମୋ ହୃଦୟର ସଭକ୍ତି ପ୍ରଣାମ, ଶୁଭେଚ୍ଛା ଓ ଅଭିନନ୍ଦନ । ଆଗାମୀ ଇଂରାଜୀ ନବବର୍ଷ ଆପଣଙ୍କ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ, ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ।



ଶ୍ରୀ ଅସୀତ କୁମାର ଚନ୍ଦ
ସମାଜସେବୀ ତଥା ଅବସରପ୍ରାପ୍ତ ମହାପ୍ରବନ୍ଧକ, ୟୁକୋ ବ୍ୟାଙ୍କ

ଅଭିନନ୍ଦନ




ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ଧରିତ୍ରୀ ପରିବାରର ମଙ୍ଗଳ କାମନା କରୁଛି । ଏଥିସହ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା/ଅଧ୍ୟାପକ, କର୍ମଚାରୀ, ଅଞ୍ଚଳର ସମସ୍ତ ଛାତ୍ରାଭିଭାବକ ଓ ଶିକ୍ଷାନୁଷ୍ଠାନପ୍ରେମୀ ଜନସାଧାରଣଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛି । ରସୁଲପୁର ବ୍ଲକ ଅଞ୍ଚଳର କୃଷିପ୍ରଧାନ ଗ୍ରାମାଞ୍ଚଳର ଏକ ଅଗ୍ରଣୀ କଲେଜ ଭାବରେ ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗୌରବ ବଢ଼ାଇବା ପାଇଁ ପ୍ରୟାସ ଜାରି ରହିଛି । କଲେଜକୁ ରାଜ୍ୟରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ଗଢିତୋଳିବା ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ସହଯୋଗର ହାତ ବଢ଼ାଇବାକୁ ନିବେଦନ କରୁଛି ।



ପ୍ରଶାନ୍ତ କୁମାର ଘଡ଼ାଇ
ଅଧ୍ୟକ୍ଷ, ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ରସୁଲପୁର ବ୍ଲକ, ଜିଲ୍ଲା-ଯାଜପୁର

# ଇଂଲଣ୍ଡ ବିପକ୍ଷରେ ବିଜୟ ଆଶାରେ ଭାରତ

**ନଭି ମୁମ୍ବାଇ, ୧୫।୧୨**

ଦୀପ୍ତି ଶର୍ମାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ (ଅର୍ଦ୍ଧଶତକ ଏବଂ ୫ ଉଇକେଟ) ବଳରେ ଭାରତ ଘରୋଇ ମାଟିରେ ଇଂଲଣ୍ଡ ବିପକ୍ଷରେ ପ୍ରଥମ ମହିଳା ଟେଷ୍ଟ ଜିତିବା ସମ୍ଭାବନା ସୃଷ୍ଟି କରିଛି। ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟରେ ଭାରତ ଦ୍ୱିତୀୟ ଦିବସ ଖେଳ ଶେଷସୁଦ୍ଧା ୪୭୮ ରନରେ ଅଗ୍ରଣୀଲାଭ କରିଛି, ଯାହାକି

**ମହିଳା କ୍ରିକେଟ ଟେଷ୍ଟ**

- ଦୀପ୍ତି ଶର୍ମାଙ୍କୁ ୫ ଉଇକେଟ ସଫଳତା
- ଦ୍ୱିତୀୟ ଦିବସରେ ୧୯ ଉଇକେଟର ପତନ


ଦୀପ୍ତି ଶର୍ମା (ବାମ)ଙ୍କୁ ସାଥି ଖେଳାଳିଙ୍କ ବଧେଇ।

ମହିଳା କ୍ରିକେଟରେ ଏକ ରେକର୍ଡ। ଭାରତର ପ୍ରଥମ ଇନିଂସରେ ୧୧୩ ବଲ୍‌ରୁ ଧୈର୍ଯ୍ୟପୂର୍ଣ୍ଣ ୬୭ ରନ ସ୍କୋର କରିଥିବା ଦୀପ୍ତି ପରେ ଇଂଲଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ୫.୩-୪-୭-୫ ସ୍ପେଲ୍ ଯୋଗୁ ଇଂଲଣ୍ଡ ମାତ୍ର ୧୩୬ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଦ୍ୱିତୀୟ ଦିବସର ଷ୍ଟମ୍ପ ଅପସାରଣ ବେଳକୁ ଭାରତ ଦ୍ୱିତୀୟ ଇନିଂସରେ ୬ ଉଇକେଟ ହରାଇ ୧୮୬ ରନ କରିଛି। ଫଳରେ ୪ ଉଇକେଟ ସୁରକ୍ଷିତ ଥାଇ ଭାରତ ବୃହତ୍ ଅଗ୍ରଣୀ ନେଇଛି। ଦ୍ୱିତୀୟ ଦିବସରେ ମୋଟ ୧୯ ଉଇକେଟର ପତନ ଘଟିଛି। ଏହା ମଧ୍ୟରୁ କେବଳ ସ୍ପିନରମାନେ ୧୫ଟି ଉଇକେଟ ନେଇଛନ୍ତି। ମହିଳା ଟେଷ୍ଟ କ୍ରିକେଟରେ ପୂର୍ବରୁ କେବେ ୪୭୮ ରନ ଚେଜ୍ ହେବାର ରେକର୍ଡ ନାହିଁ। ତେଣୁ ଭାରତ ବିଜୟୀ ହେବା ସହ ସିରିଜ ଜିତିବା ସମ୍ଭାବନା ଉଜ୍ଜ୍ୱଳ ହୋଇଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୪୧୦/୭ରୁ ଖେଳ ଆରମ୍ଭ କରିଥିବା ଭାରତ ଆଉ ୧୮ ରନକରି ୪୨୮ରେ ଅଲ୍‌ଆଉଟ ହୋଇଥିଲା। ଇଂଲଣ୍ଡ ପକ୍ଷରୁ ଲୌରେନ ବେଲ୍ ଓ ସୋଫି ଏକ୍‌ଲେଷ୍ଟୋନ ୩ଟି ଲେଖାଏ ଉଇକେଟ ନେଇଥିଲେ। ଇଂଲଣ୍ଡ ମହିଳା ବ୍ୟାଟରମାନେ କିନ୍ତୁ ଭାରତୀୟ ବୋଲରଙ୍କୁ ଠିକ୍‌ଭାବେ ସାମ୍ନା କରିପାରି ନ ଥିଲେ। କେବଳ ନାଟ୍-ସ୍କିଭର ବ୍ରଣ୍ଟ (୫୯ ରନ)ଙ୍କୁ ବାଦ୍‌ଦେଲେ ଅନ୍ୟ କେହି ୨୦ ରନ ମଧ୍ୟ ସ୍ପର୍ଶ କରିପାରି ନ ଥିଲେ। ଡାନି ୱାଟ ଦ୍ୱିତୀୟ ସର୍ବାଧିକ ୧୯ ରନ କରିଥିଲେ। ଇଂଲଣ୍ଡ ଇନିଂସରେ ସବୁଠାରୁ ବଡ଼ କ୍ଷତି ଘଟାଇଥିଲେ ଦୀପ୍ତି। ସେ ୫.୩ ଓଭର ବୋଲିଂ କରି ୪ଟି ମେଡେନ ନେବା ସହ ମାତ୍ର ୭ ରନ ଦେଇ ୫ ଉଇକେଟ ସଫଳତା ପାଇଥିଲେ। ସ୍ନେହ ରାଣାଙ୍କୁ ୨ଟି ଏବଂ ରେଣୁକା ସିଂ ଓ ପୂଜା ବସ୍ତ୍ରକାରଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା। ଭାରତ ଫଲୋଅନ ନ ଡାକି ଦ୍ୱିତୀୟ ଇନିଂସ ବ୍ୟାଟିଂ କରିଥିଲା। ଦୁଇ ଓପନର ସ୍ମୃତି ମନ୍ଧାନା (୨୬) ଓ ଶେଫାଳି ବର୍ମା (୩୩) ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ୟାସ୍ତିକା ଭାଟିଆ (୯) ଫେଲ୍ ମାରିଥିଲେ ହେଁ ଜେମିମା ରୋଡ୍ରିଗ୍ସେଜଙ୍କ ୨୭ ଓ ଅଧିନାୟିକା ହରମନପ୍ରୀତ କୌରଙ୍କ ଅପରାଜିତ ୪୪ ରନ ବଳରେ ଭାରତ ସ୍ଥିତିକୁ ମଜଭୁତ କରିଛି। ଦ୍ୱିତୀୟ ଇନିଂସରେ ଦୀପ୍ତି ୨୦ ରନ କରିଥିଲେ। ଇଂଲଣ୍ଡ ପକ୍ଷରୁ ଚାର୍ଲି ଡିନ୍ ୪ଟି ଓ ସୋଫି ଏକଲେଷ୍ଟୋନ ୨ଟି ଉଇକେଟ ନେଇଥିଲେ।

- ୪୭୮ ରନ ମହିଳା ଟେଷ୍ଟ କ୍ରିକେଟରେ ସର୍ବାଧିକ ଟାର୍ଗେଟ। ମହିଳା କ୍ରିକେଟରେ ଏ ପର୍ଯ୍ୟନ୍ତ ଶ୍ରୀଲଙ୍କା ୧୯୯୮ରେ କଲମ୍ବୋରେ ପାକିସ୍ତାନ ବିପକ୍ଷରେ ସର୍ବାଧିକ ୪୧୦ ରନ ଟାର୍ଗେଟ ଦେଇଥିବାର ରେକର୍ଡ ବହନ କରୁଛି।
- ମହିଳା ଟେଷ୍ଟରେ ବର୍ତ୍ତମାନ ସୁଦ୍ଧା ଚତୁର୍ଥ ଇନିଂସରେ ୧୯୮ ରନ ସଫଳତାର ସହ ଚେଜ୍ ହୋଇପାରିଛି। ୨୦୧୧ରେ ସିଡ୍‌ନୀଠାରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ଏହି ଚେଜ୍ କରିଥିଲା।
- ମହିଳା ଟେଷ୍ଟରେ ଚତୁର୍ଥ ଇନିଂସରେ ସର୍ବାଧିକ ସ୍କୋର ହେଉଛି ୧୪୫/୯। ଜାନୁୟାରୀ ୨୦୨୨ରେ କାନବେରାଠାରେ ଏକମାତ୍ର ଆଶେସ ଟେଷ୍ଟରେ ଇଂଲଣ୍ଡ ଏହି ସ୍କୋର କରିଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୪୨୮। ଇଂଲଣ୍ଡ ପ୍ରଥମ ଇନିଂସ: ୧୩୬/ଅଲ୍‌ଆଉଟ (ନାଟ୍ ସ୍କିଭର ବ୍ରଣ୍ଟ-୫୯, ଦୀପ୍ତି ଶର୍ମା-୫/୭, ସ୍ନେହ ରାଣା-୨/୨୫, ରେଣୁକା ସିଂ-୧/୩୨, ପୂଜା ବସ୍ତ୍ରକାର-୧/୩୯)। ଭାରତ ଦ୍ୱିତୀୟ ଇନିଂସ: ୧୮୬/୬ (ହରମନପ୍ରୀତ କୌର-୪୪*, ଶେଫାଳି ବର୍ମା-୩୩, ଚାର୍ଲି ଡିନ୍-୪/୬୮, ସୋଫି ଏକଲେଷ୍ଟୋନ-୨/୭୬)।

# ହାର୍ଦ୍ଦିକ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ

**ନୂଆଦିଲ୍ଲୀ, ୧୫।୧୨ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୪ ସିଜନ ପାଇଁ ରୋହିତ ଶର୍ମାଙ୍କ ସ୍ଥାନରେ ଶୁକ୍ରବାର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ମନୋନୀତ କରାଯାଇଛି। ଫଳରେ ରୋହିତଙ୍କର ଏହା ଶେଷ ଆଇପିଏଲ୍ ସିଜନ ହେବ କି ସେ ନେଇ ପ୍ରଶ୍ନ ଉଠିଛି। ରୋହିତ ସବୁବେଳେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରତି ତାଙ୍କର ଆନୁଗତ୍ୟ ପ୍ରକାଶ କରି ଆସିଛନ୍ତି। ସେ ୧୧ଟି ସଂସ୍କରଣରେ ମୁମ୍ବାଇ ଦଳର ଅଧିନାୟକ ଦାୟିତ୍ୱ ତୁଲାଇଛନ୍ତି। ତାଙ୍କ ନେତୃତ୍ୱରେ ଦଳ ୫ଥର ଟାଇଟଲ ଜିତିପାରିଛି। ୨୦୨୫ରେ ମେଗା ନିଲାମି ହେବ। ବର୍ତ୍ତମାନ ସ୍ପଷ୍ଟ ହୋଇଯାଇଛି ଯେ, ରୋହିତ ଆଉ ମୁମ୍ବାଇ ଇଣ୍ଡିଆନର ସ୍କିମ୍‌ରେ ନାହାନ୍ତି। ସାଧାରଣ ଯୁକ୍ତି ହେଲା ସିଜନ ୨୦୨୫ରେ ମୁମ୍ବାଇ ଇଣ୍ଡିଆନ୍ସ ହାର୍ଦ୍ଦିକ ପାଣ୍ଡ୍ୟା, ସୂର୍ଯ୍ୟକୁମାର ଯାଦବ ଓ ଯଶପ୍ରୀତ ବୁମ୍‌ରାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ରିଟେନ କରିବ। ଅନ୍ୟ ଏକ ସ୍ଥାନ ବିଦେଶୀ ଖେଳାଳିଙ୍କ ପାଇଁ ଉଦ୍ଦିଷ୍ଟ। ତେବେ ଯଦି ଆଇପିଏଲ ୨୦୨୪ରେ ତାଙ୍କ ପ୍ରଦର୍ଶନ ଜବରଦସ୍ତ ରୁହେ ଏବଂ ଆଗାମି ଟି୨୦ ବିଶ୍ୱକପ୍‌ରେ ତାଙ୍କ ପ୍ରଦର୍ଶନ ସନ୍ତୋଷଜନକ ରୁହେ ତେବେ କ'ଣ ଅବା ହୋଇପାରେ ତାହା ଏକ ପ୍ରଶ୍ନ। ଆଗକୁ କୌତୂହଳର ସମୟ ଆସୁଛି। ଟି୨୦ ବିଶ୍ୱକପ୍ ୨୦୨୨ରେ ଅଧିକାଂଶ ମ୍ୟାଚରେ ଭାରତର କାମଚଳା ନେତୃତ୍ୱ ନେଇଛନ୍ତି ହାର୍ଦ୍ଦିକ। ତାଙ୍କୁ ଭାରତୀୟ ଟି୨୦ ଦଳର ଅଧିନାୟକ ପଦ ଅର୍ପଣ କରାଯାଉଛି କି ନା ତାହା ଉପରେ ସମସ୍ତଙ୍କ ନଜର ରହିବ। ରୋହିତ ବହୁବାର କହି ଆସିଛନ୍ତି ସେ ମୁମ୍ବାଇ


ହାର୍ଦ୍ଦିକ ପାଣ୍ଡ୍ୟା

ଇଣ୍ଡିଆନ୍ସ ବ୍ୟତୀତ ଅନ୍ୟ କୌଣସି ଫ୍ରାଞ୍ଚାଇଜ ତରଫରୁ ଖେଳିବାକୁ ପସନ୍ଦ କରିବେ ନାହିଁ। ସେ ତାଙ୍କ ମନୋବୃତ୍ତିରେ ଯଦି ପରିବର୍ତ୍ତନ କରନ୍ତି ତେବେ ତାଙ୍କୁ ହୁଏତ ଉତ୍ତର ଭାରତର ଏକ ଫ୍ରାଞ୍ଚାଇଜ୍ ତରଫରୁ ଏକ ବ୍ଲାଙ୍କ୍ ଚେକ୍ ସହ ମେଣ୍ଟର ସହିତ ଅଧିନାୟକ ପଦକ ଅଫର ମିଳିପାରେ। ଗତ ୩ଟି ଆଇପିଏଲ୍ ସିଜନ ଉପରେ ନଜର ପକାଇଲେ ଦେଖାଯାଇଛି ୨୦୨୧ରେ ହାର୍ଦ୍ଦିକ ସମ୍ପୂର୍ଣ୍ଣ ଫିଟ୍ ନ ଥିଲେ। ଯଶପ୍ରୀତ ବୁମ୍‌ରା ବ୍ୟାକ୍ ଇଞ୍ଜୁରୀ ସହିତ ସଂଘର୍ଷ କରିଛନ୍ତି। ବହୁ ଅର୍ଥ ବିନିମୟରେ ଜୋଫ୍ରା ଆର୍ଚରଙ୍କୁ ଆଣାଯାଇଥିଲେ ମଧ୍ୟ ତାଙ୍କଠାରୁ ଆଶାନୁରୂପ ଫଳ ମିଳିପାରି ନାହିଁ। ରୋହିତ ଯଦି ମୁହଁ ନ ଖୋଲନ୍ତି ତେବେ ଦଳର ଏହି କିମ୍ବଦନ୍ତୀ ଖେଳାଳିଙ୍କୁ ଫ୍ରାଞ୍ଚାଇଜ୍ କାହିଁକି ଅଧିନାୟକ ପଦବୀରୁ ହଟାଇଲା ତାହା କହିବା କଠିନ ବ୍ୟାପାର। ଅଧିନାୟକ ପଦବୀରୁ ଓହରିଯିବା ଲାଗି ରୋହିତଙ୍କୁ କାହିଁକି ଏକ ସୁଯୋଗ ଦିଆ ନ ଗଲା ବୋଲି ଅନେକଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି। କେତେକଙ୍କ ମତରେ ରୋହିତଙ୍କୁ ଚାପ ମୁକ୍ତ କରିବା ଲାଗି ହାର୍ଦ୍ଦିକଙ୍କୁ ଅଧିନାୟକ କରାଯାଇଛି। ବର୍ତ୍ତମାନ ସେ ଦଳର ଜଣେ 'ହିଟ୍‌ମ୍ୟାନ'ରୂପେ ଖେଳିବେ।

# ମେସିଙ୍କ ୬ ଜର୍ସି ୭.୮ ନିୟୁତ ଡଲାରରେ ନିଲାମ

**ନ୍ୟୁୟର୍କ, ୧୫।୧୨(ଏପି)**

ଫୁଟ୍‌ବଲ ସୁପରଷ୍ଟାର ଲିଓନେଲ ମେସି ଗତବର୍ଷ ବିଶ୍ୱକପ୍‌ରେ ବ୍ୟବହାର କରିଥିବା ୬ଟି ଜର୍ସି ୭.୮ ନିୟୁତ ଆମେରିକୀୟ ଡଲାରରେ ବିକ୍ରି ହୋଇଥିବା ନିଲାମକାରୀ ସଂସ୍ଥା ସୋଥ୍‌ବାଏ ପକ୍ଷରୁ ଘୋଷଣା କରାଯାଇଛି। ୨୦୨୨ ଫିଫା ବିଶ୍ୱକପ୍ କାତାରରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ ୩-୩ରେ ଡ୍ର' ରହିବା ପରେ ପେନାଲ୍ଟି ଶୁଟ୍‌ଆଉଟରେ ଆର୍ଜେଣ୍ଟିନା ଫ୍ରାନ୍ସକୁ ହରାଇ ତୃତୀୟଥର ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚରେ ଆର୍ଜେଣ୍ଟିନା ସ୍କୋର କରିଥିବା ୩ଟି ଗୋଲ୍ ମଧ୍ୟରୁ ଦୁଇଟି ମେସି କରିଥିଲେ। ନିଲାମ ପାଇଁ ନ୍ୟୁୟର୍କସ୍ଥିତ ସୋଥବାଏର ମୁଖ୍ୟ କାର୍ଯ୍ୟାଳୟରେ ଗୁରୁବାର ପର୍ଯ୍ୟନ୍ତ ଦୁଇ ସପ୍ତାହ ଧରି ମେସିଙ୍କ ଜର୍ସିଗୁଡ଼ିକ ଡିସ୍‌ପ୍ଲେ କରାଯାଇଥିଲା। କ୍ରେତାଙ୍କ ପରିଚୟ ଦିଆଯାଇ ନାହିଁ। ଏଥିରୁ ଲବ୍ଧଅର୍ଥ ବିରଳ ରୋଗରେ ପୀଡ଼ିତ ଶିଶୁମାନଙ୍କ ଚିକିତ୍ସା କ୍ଷେତ୍ରରେ ସହାୟତା କରୁଥିବା ୟୁନିକାସ ପ୍ରୋଜେକ୍ଟକୁ ଦାନ କରାଯିବ।

# ମହିଳା ଫୁଟ୍‌ବଲ: ସ୍ପେନ୍ ନଂ.୧

**ଜୁରିଚ୍, ୧୫।୧୨(ଏପି):** ମହିଳା ଫୁଟ୍‌ବଲ ଫିଫା ର୍‍ୟାଙ୍କିଙ୍ଗ ତାଲିକା ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ବିଶ୍ୱକପ୍ ବିଜୟୀ ସ୍ପେନ୍ ନମ୍ବର ୱାନ ସ୍ଥାନକୁ ଉନ୍ନୀତ ହୋଇଛି। ୟୁଫା(ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ୍ସ) ନେଶନ୍ସ ଲିଗ୍ ସେମିଫାଇନାଲରେ ପ୍ରବେଶ କରିବା ପରେ ସ୍ପେନର ଏହି ଅଗ୍ରଗତି ଘଟିଛି। ଏହି ଦେଶ ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍‌ଏ), ଫ୍ରାନ୍ସ ଓ ବିଶ୍ୱକପ୍ ଫାଇନାଲିଷ୍ଟ ଇଂଲଣ୍ଡକୁ ପଛରେ ପକାଇ ପ୍ରଥମ ଥର ନମ୍ବର-୧ ହୋଇଛି। ସ୍ୱିଡେନ ଚତୁର୍ଥ ସ୍ଥାନକୁ ଖସି ପଞ୍ଚମରେ ରହିଛି। ଇଣ୍ଟରନ୍ୟାଶନାଲ ଫେଡେରେଶନ ଅଫ୍ ଆସୋସିଏଶନ ଫୁଟ୍‌ବଲ କହିଛି, ୨୦୦୩ରେ ମହିଳା ର୍‍ୟାଙ୍କିଙ୍ଗ ପ୍ରଚଳନ ହେବାପରଠାରୁ ୟୁଏସ୍‌ଏ, ଜର୍ମାନୀ ଓ ସ୍ୱିଡେନ ପରେ ସ୍ପେନ୍ ଚତୁର୍ଥ ରାଷ୍ଟ୍ର ଭାବେ ନମ୍ବର ୱାନ ହୋଇପାରିଛି। ଆସନ୍ତା ଫେବୃୟାରୀରେ ଫ୍ରାନ୍ସ, ଜର୍ମାନୀ ଓ ନେଦରଲାଣ୍ଡ୍ସ ସହିତ ନେଶନ୍ସ ମିନି ଟୁର୍ଣ୍ଣାମେଣ୍ଟ ଖେଳିବ ସ୍ପେନ୍।




# ବିଜୟ ସହ ଓଡ଼ିଶା ଏଫ୍‌ସିର ଅଭିଯାନ

**ଭୁବନେଶ୍ୱର, ୧୫।୧୨**
**(ତପନ ସ୍ୱାଇଁ)**

**ଇଣ୍ଡିଆନ ଓମେନ୍ସ ଲିଗ୍**

ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)-୨୦୨୩ରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି ଓଡ଼ିଶା ଏଫ୍‌ସି। ସ୍ଥାନୀୟ କ୍ୟାପିଟାଲ ଫୁଟବଲ ଆରେନାରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଏଫ୍‌ସି ୪-୦ ଗୋଲରେ ସ୍ପୋର୍ଟ୍ସ ଓଡ଼ିଶାକୁ ହରାଇ ଦେଇଛି। ସିଜନରେ ନିଜର ପ୍ରଥମ ମ୍ୟାଚରେ ବିଜୟ ସହ ଓଏଫ୍‌ସି ୩ ପଏଣ୍ଟ ହାସଲ କରିଛି। ଅନ୍ୟପକ୍ଷରେ ସ୍ପୋର୍ଟ୍ସ ଓଡ଼ିଶା ୨ ମ୍ୟାଚ ଖେଳି କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ନିଜର ପ୍ରଥମ ମ୍ୟାଚରେ ଏହି ଦଳ ୦-୨ରେ ଇଷ୍ଟବେଙ୍ଗଲ ଏଫ୍‌ସି ନିକଟରୁ ପରାସ୍ତ ହୋଇଥିଲା।

ଓଡ଼ିଶା ଏଫ୍‌ସି ପୂରା ମ୍ୟାଚରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଏହି ଦଳର ଖେଳାଳିଙ୍କ ଅଭିଜ୍ଞତା ହାଗରେ ସ୍ପୋର୍ଟ୍ସ ଓଡ଼ିଶାର ଯୁବ ଖେଳାଳିଙ୍କ ପ୍ରଦର୍ଶନ ଫିକା ରହିଥିଲା। ଅଧିନାୟିକା ମନୀଷା ପାନ୍ନା ମ୍ୟାଚର ୯ମ ମିନିଟରେ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା ଦଳକୁ ୧-୦ରେ ଅଗ୍ରଣୀ ରଖିଥିଲେ। ଏକ କର୍ନର କିକ୍‌କୁ ସେ ହେଡ୍ ଜରିଆରେ ଗୋଲରେ ପରିଣତ କରିଥିଲେ। ପ୍ରଥମାର୍ଦ୍ଧର ଅବଶିଷ୍ଟ ସମୟରେ ସ୍ପୋର୍ଟ୍ସ ଓଡ଼ିଶା ଖେଳାଳି କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଅଭିଜ୍ଞତାର ଉପଯୋଗ କରିଥିଲା ଓଡ଼ିଶା ଏଫ୍‌ସି। ୫୬ତମ ମିନିଟରେ ଆଉ ଏକ କର୍ନରରୁ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ଦେଇଥିଲେ ୱିନ୍ ଥିନ୍‌ଗି ଟୁନ୍। ଏହାର ୧ ମିନିଟ ପରେ ସେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ଓଡ଼ିଶା ଏଫ୍‌ସିର ବିଜୟ ଏକପ୍ରକାର ନିଶ୍ଚିତ କରି ଦେଇଥିଲେ। ୮୭ତମ ମିନିଟରେ ବିଜୟୀ ଦଳ ପକ୍ଷରୁ ମାଳତୀ ମୁଣ୍ଡା ୪ର୍ଥ ଗୋଲଟି ଦେଇଥିଲେ। ଓଡ଼ିଶା ଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ ୨୦ ତାରିଖରେ ଗୋକୁଲମ୍ କେରଳକୁ ଭେଟିବ। କଳିଙ୍ଗ ଷ୍ଟାଡିୟମରେ ଏହି ମ୍ୟାଚ ଅନୁଷ୍ଠିତ ହେବ। ସ୍ପୋର୍ଟ୍ସ ଓଡ଼ିଶା ୨୧ ତାରିଖରେ ବେଙ୍ଗାଲୁରୁଠାରେ କିକ୍‌ଷ୍ଟାର୍ଟ ଏଫ୍‌ସି ସହ ମୁକାବିଲା କରିବ।


ଭୁବନେଶ୍ୱର କ୍ୟାପିଟାଲ ଫୁଟବଲ ଆରେନାରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଓ ସ୍ପୋର୍ଟ୍ସ ଓଡ଼ିଶା ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ବିକାଶ ନାୟକ)

## ଜୋକୋଭିଚ୍, ସାବାଲେଙ୍କାଙ୍କୁ ଆଇଟିଏଫ୍ ବିଶ୍ୱ ଚାମ୍ପିୟନ ଆୱାର୍ଡ

**ଲଣ୍ଡନ, ୧୫।୧୨(ଏପି):** ନୋଭାକ ଜୋକୋଭିଚ୍ ଓ ଆରିନା ସାବାଲେଙ୍କା ୨୦୨୩ର ଇଣ୍ଟରନ୍ୟାଶନାଲ ଟେନିସ ଫେଡେରେଶନ(ଆଇଟିଏଫ୍) ବିଶ୍ୱ ଚାମ୍ପିୟନ ପୁରସ୍କାର ଲାଭ କରିଛନ୍ତି। ଏହି ସିଜନରେ ସମସ୍ତ ୪ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟରେ ଏକମାତ୍ର ଖେଳାଳି ଭାବେ ସେମାନେ ସେମିଫାଇନାଲରେ ପ୍ରବେଶ କରିପାରିଛନ୍ତି। ନିକଟରେ ବର୍ଷ ଶେଷ ଏଟିପି ର୍‍ୟାଙ୍କିଙ୍ଗ ତାଲିକାରେ ରେକର୍ଡ ୮ମ ଥର ପାଇଁ ନମ୍ବର ୧ ହୋଇଥିବା ଜୋକୋଭିଚ୍ ଅଷ୍ଟ୍ରେଲିଆନ ଓପନ, ଫ୍ରେଞ୍ଚ ଓପନ ଓ ୟୁଏସ୍ ଓପନ ଜିତିବା ପରେ ତାଙ୍କ ଗ୍ରାଣ୍ଡସ୍ଲାମ ଟାଇଟଲ ସଂଖ୍ୟା ୨୪ରେ ପହଞ୍ଚିଛି। ଜଣେ ପୁରୁଷ ଟେନିସ ଖେଳାଳି ହିସାବରେ ସର୍ବାଧିକ ଗ୍ରାଣ୍ଡସ୍ଲାମ ଜିତିବାର ରେକର୍ଡ ତାଙ୍କ ନାମରେ ରହିଛି। ୱିମ୍ବଲଡନରେ ସେ ରନରଅପ୍ ହୋଇଥିଲେ। ପୁରୁଷ ଟୁର୍‌ରେ ୭ ଟାଇଟଲ ସହ ସେ ଅଗ୍ରଣୀ ରହିଛନ୍ତି। ଜୋକୋଭିଚଙ୍କର ଏହା ହେଉଛି ୮ମ ଆଇଟିଏଫ୍ ୱାର୍ଲ୍ଡ ଚାମ୍ପିୟନ ଆୱାର୍ଡ, ଯାହାକି ଏକ ରେକର୍ଡ। ଅନ୍ୟପକ୍ଷରେ ସାବାଲେଙ୍କା ପ୍ରଥମ ଥର ଏହି ପୁରସ୍କାର ପାଇଛନ୍ତି। ଅଷ୍ଟ୍ରେଲିଆନ ଓପନରେ ସେ ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ୟୁଏସ୍ ଓପନରେ ସେ ରନର ଅପ୍ ହୋଇଥିବା ବେଳେ ଫ୍ରେଞ୍ଚ ଓପନ ଓ ୱିମ୍ବଲଡନରେ ସେ ରନରଅପ୍ ହୋଇଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ